

କିଏ ସମ୍ଭାଳିବେ ଭାରତର ବ୍ୟାଟିଂ ? ପୃଷ୍ଠା ୬


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17


# ସଂଚାର
THE SANCHAR








Vol. 34 | ISSUE 86 | ଭାଗ ୩୪ | ସଂଖ୍ୟା ୮୬ | Bhubaneswar | Wednesday 18 June 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୧୮ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ବଲାଙ୍ଗୀରରେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ଚାଷୀଙ୍କୁ ମିଳିଛି ପରିଶ୍ରମର ମୂଲ୍ୟ ଓ ସମ୍ମାନ

## ଡବଲ୍ ମନ୍ତ୍ରୀପଦ ସହ ତ୍ରିପଲ ଇଞ୍ଜିନ ସରକାର



**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆଜି ବଲାଙ୍ଗୀରଠାରେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ ଆୟୋଜିତ ହୋଇଥିବା ବେଳେ ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ରାଜ୍ୟରେ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ସରକାର ସମସ୍ତ ପ୍ରକାର ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ସାହାଯ୍ୟ ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ। ନିର୍ବାଚନ ସମୟରେ ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କୁ ସେମାନଙ୍କ କଠୋର ପରିଶ୍ରମର ପ୍ରକୃତ ମୂଲ୍ୟ ପ୍ରଦାନ କରିବାର ଆମର ଏକ ପ୍ରମୁଖ ପ୍ରତିଶ୍ରୁତି ଥିବା ବେଳେ ପ୍ରଥମ ବର୍ଷରେ ହିଁ ଆମେ ଏହାକୁ ପୂରଣ କରିଛୁ। ବଲାଙ୍ଗୀର ଜିଲ୍ଲାରୁ ଦୁଇ ଜଣ ମନ୍ତ୍ରୀ ଓଡ଼ିଶା ସରକାରରେ ପ୍ରତିନିଧିତ୍ୱ କରୁଛନ୍ତି। ତେଣୁ ଏବେ ଏଠାରେ ଡବଲ ନୁହେଁ, ବରଂ ତ୍ରିପଲ ଇଞ୍ଜିନ ସରକାର ଚାଲିଛି। ତେଣୁ ଜିଲ୍ଲାର ବିକାଶ ବି ତିନିଗୁଣ ବେଗରେ ଚାଲୁଛି ଓ ଏହି ପ୍ରକ୍ରିୟା ଆଗାମୀ ଦିନରେ ମଧ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ସେ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଆଜି ଦେଶ ଅନନ୍ୟ କୃଷି ପ୍ରଣାଳୀ ପାଇଁ ସାରା ବିଶ୍ୱରେ ପ୍ରଶଂସିତ ହେଉଥିବା ବେଳେ ଆମ ରାଜ୍ୟର ପ୍ରାୟ ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗିକ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ ଅଛନ୍ତି। ଗତ ମାସ ସୁଦ୍ଧା ୭୮ ହଜାର ୬୮୧ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଇଥିବା ବେଳେ ସେ ବାବଦରେ ଡିବିଟି ମାଧ୍ୟମରେ ୪୫୯.୬୮ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର କୃଷକ ସମାଜକୁ ଯଥେଷ୍ଟ ସମ୍ମାନ ଦେଇଆସିଛନ୍ତି। ସେମାନଙ୍କୁ ଅନ୍ନଦାତା ସମ୍ବୋଧନ ମଧ କରିଆସିଛନ୍ତି। ସମସ୍ତଙ୍କୁ କୃଷି କ୍ଷେତ୍ରରେ ନିଜ ନିଜର ଅବଦାନ ଦେଇ କୃଷିକୁ ଦେଶର ମୁଖ୍ୟ ଆଧାର କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ରାଜ୍ୟରେ କୃଷିର ବିକାଶ ପାଇଁ ଅଧିକରୁ ଅଧିକ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ। ଆମ ସରକାରର ୫ ବର୍ଷ ମଧରେ ୧୫ ଲକ୍ଷ ହେକ୍ଟର ଅଣଜଳସେଚିତ ଜମିକୁ ଜଳସେଚନ ଯୋଗାଇ ଦେବାର ଲକ୍ଷ୍ୟ ରହିଛି। ଆମ ସରକାର ବିଭିନ୍ନ ଚାଷୀ କଲ୍ୟାଣକାରୀ ପଦକ୍ଷେପ ନେଇ କୃଷକଙ୍କ ଆୟ ବୃଦ୍ଧି ସହ ରାଜ୍ୟରେ କୃଷି ବିକାଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଗତ ୨୯ରୁ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ପୁରୀର ସାକ୍ଷୀଗୋପାଳଠାରୁ ଆରମ୍ଭ ହୋଇଥିବା 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ବିକଶିତ କୃଷି ସଂକଳ୍ପ ➪ପୃଷ୍ଠା-୬

ରାଜଧାନୀରେ ଚାଞ୍ଚଲ୍ୟ

# ମଦ ନେଲା ମୁଣ୍ଡ

## ବିଷାକ୍ତ ମଦ ମୃତ୍ୟୁ ଅଭିଯୋଗ

## ଲାଇସେନ୍ସପ୍ରାପ୍ତ ଦୋକାନ ସିଲ



**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ରାଜଧାନୀରେ ମଦମୃତ୍ୟୁ ଅଭିଯୋଗ। ଅପମିଶ୍ରିତ ମଦ ପିଇ ୨ ଜଣ ଯୁବକଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଏହି ଖବର ଜଣାପଡିବା ପରେ ସମ୍ପୃକ୍ତ ମଦ ଦୋକାନକୁ ସ୍ଥାନୀୟ ବାସିନ୍ଦା ଘେରାଉ କରିଥିଲେ। ଅବକାରୀ ବିଭାଗର ଅଧିକାରୀମାନେ ସେଠାରେ ପହଞ୍ଚି ସମ୍ପୃକ୍ତ ମଦ ଦୋକାନକୁ ସିଲ୍ କରିବା ସହ ଘଟଣାର ତନାଘନା ଆରମ୍ଭ କରିଛନ୍ତି। ୫ ଦିନ ପୂର୍ବରୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ଆଜି ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି। ଉଭୟଙ୍କର ମୃତ୍ୟୁର କାରଣ ବିଷାକ୍ତ ମଦ ବୋଲି କୁହାଯାଉଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି।

କଟକ-ପୁରୀ ରୋଡର ଷ୍ଟେସନ ବଜାର ନିକଟରେ ଥିବା ସମ୍ପୃକ୍ତ ବିଦେଶୀ ମଦ ଦୋକାନକୁ ଅବକାରୀ ବିଭାଗ ସିଲ କରିଦେଇଛି। ମଦର ନମୁନା ପରୀକ୍ଷା ପାଇଁ ପଠାଇଛି। ଏଥିସହ ଆଉ ୩ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଅଭିଯୋଗ ହୋଇଛି। ମୃତ ଯୁବକଦ୍ୱୟ ହେଉଛନ୍ତି ଲକ୍ଷ୍ମୀସାଗର ➪ପୃଷ୍ଠା-୬

# ନିଦ ଭାଙ୍ଗିଦେଲା ହଇଜା



## ଖାଦ୍ୟ ସୁରକ୍ଷା ଯାଞ୍ଚ ଅଧିକାରୀଙ୍କ ଧାଁଧପଡ଼

## ମିଡିଆକୁ ଆଗୁଆ ଖବର ଦେଇ ଚଢ଼ାଉ

**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଦେଖାଦେଇଥିବା ହଇଜା ଏବେ ଖାଦ୍ୟ ସୁରକ୍ଷା ଯାଞ୍ଚ ଅଧିକାରୀମାନଙ୍କ ନିଦ ଭାଙ୍ଗି ଦେଇଛି। ସହରଠୁ ଗାଁ ପର୍ଯ୍ୟନ୍ତ ସବୁଆଡେ ଚଢ଼ାଉ କରୁଛନ୍ତି। ତେବେ ସହରାଞ୍ଚଳରେ ଗଣମାଧ୍ୟମକୁ ଆଗୁଆ ଖବର ଦେଇ ଯେଭଳି ଚଢ଼ାଉ ଚାଲିଛି, ସେଥିରୁ ସୁଫଳ ମିଳିବା ଆଶା କମ୍, ବରଂ ପ୍ରଚାର ବେଶୀ ବୋଲି ଆଲୋଚନା ହେଉଛି। ରାଜ୍ୟରେ ଖାଦ୍ୟ ଓ ପାନୀୟ ଆଦିର ମାନ ପରୀକ୍ଷା ଦାୟିତ୍ୱ ହେଉଛି ଖାଦ୍ୟ ସୁରକ୍ଷା ଯାଞ୍ଚ ଅଧିକାରୀମାନଙ୍କର। ଏଥିପାଇଁ ରାଜ୍ୟରେ ୬୦ରୁ ଅଧିକ ଖାଦ୍ୟ ସୁରକ୍ଷା ଅଧିକାରୀ ନିୟୋଜିତ ହୋଇଛନ୍ତି। ପୂର୍ବରୁ ଏମାନଙ୍କ ଉପସ୍ଥିତି ଜାଣିପାରୁନଥିବା ସାଧାରଣ ଲୋକେ ଏବେ କିନ୍ତୁ ଏମାନଙ୍କ ଧାଁଧପଡ଼ ଦେଖୁଛନ୍ତି। ରାଜ୍ୟର ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ହଇଜା ଡେଇଁବା ପରେ ଏବେ ଖାଦ୍ୟ ସୁରକ୍ଷା ଯାଞ୍ଚ ଅଧିକାରୀମାନେ ବିଭିନ୍ନ ହୋଟେଲ, ଖାଇବା ଦୋକାନ, ପାଣି ପାଉଚ୍ କାରଖାନା ଆଦିରେ ଦଳବଳ ସହ ଚଢ଼ାଉ କରୁଛନ୍ତି।

ଖୋଦ୍ ରାଜଧାନୀରେ ୬ ଜଣ ଖାଦ୍ୟ ସୁରକ୍ଷା ଯାଞ୍ଚ ଅଧିକାରୀ ଅଛନ୍ତି। ଏମାନେ କାଁଭାଁ ଖାଦ୍ୟ ଯାଞ୍ଚ କରନ୍ତି। ହୋଟେଲ, ରେଷ୍ଟୁରାଣ୍ଟ, ରାସ୍ତାକଡ଼ ଖାଇବା ଦୋକାନ ଆଦିରେ ଏମାନଙ୍କର ଉପସ୍ଥିତି କେହି ➪ପୃଷ୍ଠା-୬

ଚିନ୍ତା ବଢ଼ାଉଛି ଭିବ୍ରିଓ କଲେରା ବୀଜାଣୁ

# ସବୁ ଜିଲ୍ଲାକୁ ହାଇଆଲର୍ଟ

## ବ୍ୟାପକ ହୋଇଛି ସଚେତନତା କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୭।୬ (ସଂଚାର ବ୍ୟୁରୋ):** ରାଜ୍ୟରେ ହଇଜା ସଂକ୍ରମଣ ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ମାଡ଼ି ଚାଲିଥିଲା ବେଳେ ଆଜି ସରକାର ସବୁ ଜିଲ୍ଲାକୁ ହାଇଆଲର୍ଟ ଜାରି କରିଛନ୍ତି। ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଆବଶ୍ୟକ ସଂଖ୍ୟକ ଔଷଧ, ଶଯ୍ୟା ଓ ଅନ୍ୟାନ୍ୟ ଜରୁରୀ ଉପକରଣ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ପରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱସ୍ଥି ଏସ୍ ସୂଚନା ଦେଇଛନ୍ତି।

ସମ୍ପ୍ରତି ରାଜ୍ୟର ଯାଜପୁର ସମେତ ୫ଟି ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ଏହାକୁ ରୋକିବା ଦିଗରେ ସରକାରଙ୍କ ପକ୍ଷରୁ ଯାବତୀୟ ପଦକ୍ଷେପ ନିଆଯାଉଛି। ଏହି କ୍ରମରେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯାଜପୁର, କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳ ଜିଲ୍ଲାରେ ଦେଖାଦେଇଥିବା ଡାଇରିଆ ସ୍ଥିତି ଓ ଏହାର ପ୍ରତିକାରାତ୍ମକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ସ୍ଥାନୀୟ ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ଉପରୋକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ମଧ ଆଭାସୀ ମାଧ୍ୟମରେ ଯୋଗଦେଇ ➪ପୃଷ୍ଠା-୬



# କିଟ୍ ଉପରେ ନାହିଁ ସରକାରୀ କର୍ତ୍ତୃତ୍ୱ

**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ନାହିଁ କିଟ ଇଣ୍ଟରନ୍ୟାସନାଲ। ଏଭଳି ଚିନ୍ତା କରିବାକୁ ଆମେ ଏଇଥିପାଇଁ ବାଧ ହେଉଛୁ ଯେ କିଟର କାର୍ଯ୍ୟକଳାପକୁ ଦେଖିଲେ ଲାଗୁଛି ଏହା ସରକାରୀ ନିୟମ ବାହାରେ। ଖରାଛୁଟି ପରେ ରାଜ୍ୟର ସବୁ ସ୍କୁଲ ୨୦ ତାରିଖରୁ ଖୋଲିବାକୁ ରାଜ୍ୟ

## ସରକାରୀ ନିର୍ଦ୍ଦେଶକୁ କିଟ ଇଣ୍ଟରନ୍ୟାସନାଲର ଫୁ'

## ସବୁ ସ୍କୁଲ ୨୦ରେ ଖୋଲିବ, କିଟର ଭିନ୍ନ ନିୟମ

ସରକାର ନିର୍ଦ୍ଦେଶ ଦେଲେ। ହେଲେ କିଟ ଇଣ୍ଟରନ୍ୟାସନାଲ ଏହାକୁ ମାନିବାକୁ ନାରାଜ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ବାଦ୍ କିଟ୍ ଇଣ୍ଟରନ୍ୟାସନାଲ ଆସନ୍ତା ୨୦ ତାରିଖ ପରିବର୍ତ୍ତେ ଆସନ୍ତାକାଲି ଅର୍ଥାତ୍ ୧୮ ତାରିଖରେ ଖୋଲାଯିବ।

ପୂର୍ବ ସରକାରରେ ଯେମିତି ପ୍ରଭାବଶାଳୀ ଥିଲେ କିଟ ପ୍ରତିଷ୍ଠାତା ତଥା ସନ୍ୟାସୀ-ପ୍ରୋ ଅଚ୍ୟୁତ ସାମନ୍ତ, ବର୍ତ୍ତମାନର ବିଜେପି ସରକାରରେ ବି ତାଙ୍କର ପ୍ରଭାବ ଅକ୍ଷୁଣ୍ଣ ରହିଛି। କାରଣ ଏହି ବିଶ୍ୱବିଦ୍ୟାଳୟରେ ଦୁଇ ➪ପୃଷ୍ଠା-୬

ସୀମାନ୍ତରେ ମାତିଲେ ଲାଲ୍ ବାହିନୀ

## ୩ ଜଣଙ୍କୁ ହତ୍ୟା ୧୨ ଜଣଙ୍କୁ ଅପହରଣ

**ମାଲକାନଗିରି,୧୭।୬(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ନକ୍ସଲମାନେ ଆଜି ତାଣ୍ଡବ ରଚିଛନ୍ତି। ଲାଲ୍ ବାହିନୀର ସଦସ୍ୟମାନେ ୩ ଜଣଙ୍କୁ ହତ୍ୟା କରିଥିବା ବେଳେ ୧୨ ଜଣଙ୍କୁ ଅପହରଣ କରିନେଇଛନ୍ତି। ଏହାଛଡ଼ା ସେମାନେ ବିଜାପୁରର ପେଡ୍ଡାକୋର୍ମା ଗ୍ରାମର ୭ ଜଣ ବାସିନ୍ଦାଙ୍କୁ ମାଡ଼ ମାରି ଆହତ କରିଥିବା ମଧ ଜଣାପଡ଼ିଛି। ମୃତକଙ୍କ ମଧରେ ଜନୈକ ଆତ୍ମସମର୍ପଣ କରିଥିବା ଶୀର୍ଷ ନକ୍ସଲ ନେତାଙ୍କ ପରିବାରର ୩ ଜଣ ଅଛନ୍ତି। ସେମାନେ ହେଲେ ଝିଙ୍ଗୁ ମୋଡ଼ିୟମ୍, ସୋମା ମୋଡ଼ିୟମ୍ ଓ ଅନିଲ ମାଡଭି। ସେମାନେ ଦୀନେଶ ମୋଡ଼ିୟମ୍‌ଙ୍କ ପରିବାରର ସଦସ୍ୟ ବୋଲି ଜଣାପଡ଼ିଛି। ସେହିପରି ନକ୍ସଲମାନେ ୧୨ ଜଣ ଗ୍ରାମବାସୀଙ୍କୁ ଅପହରଣ କରିନେଇଛନ୍ତି। ନକ୍ସଲ ନେତା ଭେଲା ଓ ତାଙ୍କ ଦଳର ସଦସ୍ୟମାନେ ଆଜି ସନ୍ଧ୍ୟାରେ ଏହିସବୁ କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଏନେଇ ପୁଲିସ୍ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି।

ସମୁଦ୍ର କୂଳର ସୈତାନ୍

# କ୍ରାଇମ୍‌ବ୍ରାଞ୍ଚ୍‌କୁ ତଦନ୍ତ ଦାୟିତ୍ୱ



## ଅପରାଧ ରେଡ୍ ଫ୍ଲାଗ୍‌ରେ ସାମିଲ୍


**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ନିଜର ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଯାଇଥିବାବେଳେ ଗଣଦୁଷ୍କର୍ମର ଶିକାର ହୋଇଥିଲେ ଯୁବତୀ। ଏହି ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଆଜି ଏହି ମାମଲାରେ ସ୍ଥାନୀୟ ପୁଲିସ୍ ୧୦ ଜଣଙ୍କୁ ଗିରଫ କରିଛି। ଗତକାଲି ୭ ଜଣଙ୍କୁ ପଚରାଉଚରା କରାଯାଉଥିବା ବେଳେ ଆଜି ଆଉ ୩ ଜଣଙ୍କୁ ଗିରଫ କରାଯିବା ଫଳରେ ମୋଟ ଗିରଫଦାରୀ ସଂଖ୍ୟା ୧୦ରେ ପହଞ୍ଚିଛି। ଅଭିଯୁକ୍ତମାନେ ବାହାର ରାଜ୍ୟକୁ ଫେରାର ହୋଇଯିବା ସକାଶେ ଉଦ୍ୟମ କରୁଥିବା ସମୟରେ ସେମାନଙ୍କୁ ପୁଲିସ କାବୁ କରିବାରେ ସକ୍ଷମ ହୋଇଛି। ଅନ୍ୟପକ୍ଷରେ ଏହି ମାମଲାକୁ ରାଜ୍ୟ ସରକାର ଅତି ଗମ୍ଭୀରତାର ସହ ନେଇଛନ୍ତି। ମାମଲାଟିକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରାଯିବା ସହ ଏହାର ତଦନ୍ତ ଦାୟିତ୍ୱ କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଛି। କ୍ରାଇମ୍ ବ୍ରାଞ୍ଚର ମହିଳା ଓ ଶିଶୁ ଶାଖା ଆଇଜି ସାଇନି ଏସ. ଏହାର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଦାୟିତ୍ୱ ପାଇବା ପରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିବା ଜଣାପଡ଼ିଛି।

ଘଟଣାର ୨୪ ଘଣ୍ଟା ଭିତରେ ୩ଟି ଟିମ୍ ଗଠନ କରି ପୁଲିସ ୬ ଜଣ ଯୁବକ ଓ ୪ ଜଣ ନାବାଳକ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେପଟେ ଘଟଣାରେ ନିଜ ଆଡୁ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜାତୀୟ ମହିଳା କମିଶନ୍। ଗୋପାଳପୁର ଭଳି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀରେ ଏଭଳି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ମାମଲାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ହେଉଛି ପୁରୁଷୋତ୍ତମପୁରର ପ୍ରମୋଦ ନାୟକ। ତା' ନାଁରେ ପୂର୍ବରୁ ମଧ ୨ଟି ମାମଲା ରହିଛି। ଏହାଛଡ଼ା ଅନ୍ୟ ଦୁଇ ଦୁଷ୍କର୍ମକାରୀ ହେଲେ ବାବୁରାମ ଦଳାଇ ଓ କୁନାଲ ପ୍ରଧାନ। ୨୦ ବର୍ଷୀୟ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାର ଘନଘନ ତଦନ୍ତ ପରେ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପରୋକ୍ତ ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି। ସେ କହିଛନ୍ତି ଯେ ଦୁର୍ବୃତ୍ତମାନେ ଜଘନ୍ୟ ➪ପୃଷ୍ଠା-୬

## ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ: ମୁଖ୍ୟମନ୍ତ୍ରୀ



ଗୋପାଳପୁରରେ ଘଟିଥିବା ଗଣଦୁଷ୍କର୍ମ ଘଟଣାରେ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏପରି ଏକ ଅଭାବନୀୟ ଘଟଣାକୁ ଦୃଢ଼ ନିନ୍ଦା କରିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଭଳି ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ମାନବତା ➪ପୃଷ୍ଠା-୬



### କାନ ଡେରିଥା

ଯାତ୍ରା ଭିତରେ ଯାତରା ଚାଲିଛି
ଦରଶ କେ ଖାଲି ଭୋକୁଆ
ରାସଲିଲା ସେଠି ପ୍ରବଳ ଚାଲିଛି
ସବୁ ଯେ ଲାଗନ୍ତି କାତୁଆ !
ଦେଖିବା ଲୋକଟା ମହୁଆ...
ଆମ ପଇସାରେ ପାଲା କରୁଛନ୍ତି
ତମେ ଦେଖି ଦେଖି ହାଲିଆ।

■ ଦେବାଶିଷ

# ଯୁବ, ଛାତ୍ରଙ୍କୁ 'ନାମ' ଦେଇଛି ବିଜେଡି



## ପରାଜୟ ପରେ ଜାଗରଣ ସମାବେଶ

## ବୁଢ଼ା ନେତାଙ୍କ ହାତରେ ଟୋକାଙ୍କ ଭାଗ୍ୟ

**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ଶାସନ କ୍ଷମତାରେ ଥିବା ସମୟରେ ଯୁବ ଓ ଛାତ୍ର ସମସ୍ତଙ୍କୁ ନାମ ଦେଇଥିବା ବିଜେଡି ଏବେ ଇଜ୍ଜତ ବଞ୍ଚାଇବା ପାଇଁ ପୁରୀରେ ଯୁବ ଛାତ୍ର ସମ୍ମିଳନୀ ଆୟୋଜନ କରିଛି। ତେବେ ଏହି ସମାବେଶରେ ଯୋଗଦେବାକୁ ଯୁବ କିମ୍ବା ଛାତ୍ର କେହି ହେଲେ ଆଗ୍ରହୀ ଥିବା ଲକ୍ଷ୍ୟ କରାଯାଉନାହିଁ। କାରଣ କ୍ଷମତାରେ ଥିବା ବେଳେ ବିଜେଡି ଯୁବକଙ୍କୁ ଆବଶ୍ୟକ ନିଯୁକ୍ତି ଦେଲାନାହିଁ କି ଛାତ୍ରଙ୍କୁ ନେତା ହେବାକୁ ବାଟ ଛାଡିଲା ନାହିଁ। ବିଜେଡିର ସବୁଠାରୁ ବଳ ଥିଲେ ଯୁବ ଓ ଛାତ୍ର। ଯୁବକମାନେ ଭାବିଥିଲେ ସେମାନଙ୍କ ପାଇଁ ବିଜେଡି ନିଯୁକ୍ତିର ବାଟ ଖୋଲିବ। ତେଣୁ ଚାକିରି ପାଇଁ ଲାଗିପଡ଼ିଥିଲେ। ହେଲେ ବିଜେଡି ଶାସନ କାଳରେ ଓଡ଼ିଶା ଲୋକସେବା ଆୟୋଗ ଓ ଓଡ଼ିଶା ଷ୍ଟାଫ ସିଲେକ୍ସନର ଦୁର୍ନୀତି ସବୁ ରେକର୍ଡକୁ ଅତିକ୍ରମ କରିଗଲା। ମେଧାବୀମାନେ ଚାକିରି ଖଣ୍ଡିଏ ପାଇଁ ଚାହିଁଥିବା ବେଳେ ତାଙ୍କଠାରୁ କମ୍ ନମ୍ବର ରଖିଥିବା ପିଲା ରାତାରାତି ବାଜି ମାରିନେଲେ। ଏହାକୁ ନେଇ ମାଲିମକଦମାଠାରୁ ଆରମ୍ଭ କରି ଆନ୍ଦୋଳନ ସବୁକିଛି ହେଲା। ସେତେବେଳେ ବିଜେଡି ନେତାମାନେ ଏଭଳି ଅଭିଯୋଗକୁ ବାଏଁ ବାଏଁ ଉଡ଼ାଇଦେଉଥିଲେ। ବିଭିନ୍ନ ନିଯୁକ୍ତି ପରୀକ୍ଷା ପାଇଁ ରାଜ୍ୟ ବାହାରର ସଂସ୍ଥାଙ୍କୁ ଦାୟିତ୍ୱ ଦେଲେ। ➪ପୃଷ୍ଠା-୬

# ଗାଁକୁ ଯିବ ରାଜସ୍ୱ ସେବା



## କମିବ ଜମି କିସମ

## ଆସିବ 'ମୋ ପଞ୍ଚାୟତ ମୋ ତହସିଲ୍'

**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ଏଣିକି ତୃଣମୂଳ ସ୍ତରକୁ ଯିବେ ରାଜସ୍ୱ ଅଧିକାରୀ ଏବଂ ଜମିଜମା ସମସ୍ୟାର ସମାଧାନ ଅନ ଦି ସ୍ପଟ ହେବ। ଏଭଳି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ସେହିଭଳି କମିବ ଜମି କିସମ। ବ୍ରିଟିଶ ଅମଳର ଜମି କିସମକୁ କମାଇ ସରକାର ୨୭ଟି କିସମରେ ସୀମିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଖୁବଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବାକୁ ଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। 'ମୋ ପଞ୍ଚାୟତ ମୋ ତହସିଲ' ନାମରେ ସରକାର ଆଣୁଛନ୍ତି ନୂଆ ବ୍ୟବସ୍ଥା। ମାସରେ ଦୁଇ ଦିନ ପଞ୍ଚାୟତକୁ ଯିବେ ରାଜସ୍ୱ ଅଧିକାରୀ। ତହସିଲଦାର, ଅତିରିକ୍ତ ତହସିଲଦାର ପଞ୍ଚାୟତକୁ ଯିବେ। ରାଜସ୍ୱ ଅଫିସରେ ଲୋକଙ୍କ ଜମିଜମା ସମସ୍ୟାର ଅନ୍‌ସ୍ପଟ୍ ସମାଧାନ ହେବ। ତହସିଲ ଅଫିସ ନ ଆସି ଘରେ ବସି ଲୋକେ ପାଇବେ ସବୁ ସୁବିଧା। ଏଥିପାଇଁ ମୋବାଇଲ୍‌ରେ ୧୮ଟି ରାଜସ୍ୱ ସୁବିଧା ମିଳିବ। ଲୋକଙ୍କ ପାଖକୁ ଯିବ ରାଜସ୍ୱ ସେବା। ତଇଳା, ପାଳ, ଘରବାରି, ବଗାୟତ ଭଳି ରାଜ୍ୟରେ ୭ହଜାର ଜମି କିସମ ପ୍ରଚଳନ ରହିଛି। ଜମିର ଏଭଳି ➪ପୃଷ୍ଠା-୬



## ବିଶ୍ୱ ରକ୍ତଦାତା ଦିବସରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସମ୍ମାନିତ

**କେନ୍ଦ୍ରାପଡ଼ା, ୧୭।୬ (ସଂଚାର ବ୍ୟୁରୋ):** ବିଶ୍ୱ ରକ୍ତଦାତା ଦିବସ ଅବସରରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହବିଦ୍ୟାଳୟ ଓ ଚିକିତ୍ସାଳୟ, କଟକ ଅନ୍ତର୍ଗତ ରକ୍ତ ସଞ୍ଚାରଣ ବିଭାଗ ଓ ରକ୍ତ ଭଣ୍ଡାର ପକ୍ଷରୁ "ବିଶ୍ୱ ରକ୍ତଦାତା ଦିବସ" ଉତ୍ସବ ଉତ୍ସାହର ସହିତ ହେରିଟେଜ୍ ଅଡିଟୋରିୟମରେ ପାଳନ କରାଯାଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଙ୍କୁ ସମ୍ମାନୀତ କରାଯାଇଛି। ନିରନ୍ତର ଭାବ ରେ କଟକ ରକ୍ତ ଭଣ୍ଡାର ସହ କେନ୍ଦ୍ରାପଡ଼ା ଓ ଭୁବନେଶ୍ୱର କୁ ସହଯୋଗ ପାଇଁ ଏହି ସମ୍ମାନ ମିଳିଛି। ଏହି କାର୍ଯ୍ୟକ୍ରମ ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଶ୍ରୀଯୁକ୍ତ ଦମନ ମହାନ୍ତି ଓ କଟକ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ମକର ବେହେରା ଏହି ଏହି ସମ୍ମାନ ଗ୍ରହଣ କରିଥିଲେ। ଏହା ପରେ କଟକ ମେଡ଼ିକାଲ ରେ ଏକ ରକ୍ତଦାନ ସଚେତନ ରାଲି ପରିଭ୍ରମଣ କରିଥିଲା।

**'ସଂଚାର' ପ୍ରଭାବ**

## ଚନ୍ଦନଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା ଟଙ୍କା



**ମହାକାଳପଡ଼ା, ୧୭।୬ (ସଂଚାର ବ୍ୟୁରୋ):** ୮୦% ଦିବ୍ୟାଙ୍ଗ ଚନ୍ଦନ ପାଇଟାଳଙ୍କୁ ଆଜି ବର୍ଦ୍ଧିତ ଭତ୍ତା ଟଙ୍କା ପ୍ରଦାନ କରାଯାଇଛି। ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମର ଚନ୍ଦନ ପାଇଟାଳଙ୍କ ଘର। ଚନ୍ଦନ ୮୦% ଦିବ୍ୟାଙ୍ଗ ହୋଇଥିବା ବେଳେ ତାଙ୍କୁ ସରକାରଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ମିଳୁ ନଥିଲା। ଏନେଇ ଦୈନିକ ଖବରକାଗଜ ସଂଚାର ରେ ଖବର ପ୍ରକାଶ ପାଇଥିଲା। ରାଜ୍ୟ ଅନୁମୋଦନ ପରେ ଚନ୍ଦନଙ୍କୁ ବର୍ଦ୍ଧିତ ଭତ୍ତା ଟଙ୍କା ମିଳିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ଆଜି ତାଙ୍କୁ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ପ୍ରଦାନ କରାଯାଇଛି।

## ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ ପକ୍ଷରୁ ବୀମା ପ୍ରଦାନ




**କେନ୍ଦ୍ରାପଡ଼ା, ୧୭।୬ (ସଂଚାର ବ୍ୟୁରୋ):** ଭାରତୀୟ ଡାକସେବା ପକ୍ଷରୁ ଖୋଲାଯାଇଥିବା ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ କେନ୍ଦ୍ରାପଡା ଶାଖା ପକ୍ଷରୁ ଜନୈକ ଦୂର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଦୂର୍ଘଟଣା ବୀମା ରାଶି ବାବଦକୁ ଏକଲକ୍ଷ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ପୌରାଞ୍ଚଳ ଅଧିନ ଚକଡାବାରଙ୍ଗ ଗ୍ରାମର ଅଧିବାସୀ ଭାବଗ୍ରାହୀ ପତି ଏହି ଅର୍ଥ କେନ୍ଦ୍ରାପଡା ମୁଖ୍ୟ ଡାକଘରସ୍ଥିତ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ ଶାଖାରୁ ଗ୍ରହଣ କରିଛନ୍ତି। କେନ୍ଦ୍ରାପଡା ଡାକ ମଣ୍ଡଳର ଅଧୀକ୍ଷକ ରଞ୍ଜନ କୁମାର ସାହୁ ଏହି ଅର୍ଥ ଶ୍ରୀ ପତିଙ୍କୁ ପ୍ରଦାନ କରିଥିବା ବେଳେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କର ଶାଖା ପରିଚାଳକ ଦୂର୍ଗାମାଧବ ପରିଡା ଓ ଟାଟା ଏଆଇଜି ବୀମା କମ୍ପାନୀର ଦେବଶ୍ରୀ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ପତି ଏକ ଦୂର୍ଘଟଣାର ଶିକାର ହୋଇ କଟକସ୍ଥିତ ଏକ ଘରୋଇ ଚିକିତ୍ସ୍ୟାଳୟରେ ଚିକିତ୍ସିତ ହୋଇଥିଲେ । ସେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ କେନ୍ଦ୍ରାପଡା ଶାଖାରେ ଦୂର୍ଘଟଣା ବୀମା ବାବଦକୁ ବାର୍ଷିକ ୬୯୯ଟଙ୍କା ପୈଠ କରୁଥିଲେ । ଏହି ଅବସରରେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କର ଶାଖା ପରିଚାଳକ ଶ୍ରୀ ପରିଡା କହିଛନ୍ତି ଯେ ୧୮ବର୍ଷରୁ ୬୫ବର୍ଷ ବୟସର ବ୍ୟକ୍ତି ବାର୍ଷିକ ୩୩୯ଟଙ୍କା ଦେଇ ୫ଲକ୍ଷ ଟଙ୍କା ଓ ବାର୍ଷିକ ୬୯୯ଟଙ୍କା ଦେଇ ୧୦ଲକ୍ଷ ଟଙ୍କାର ବୀମା ନିକଟସ୍ଥ ଡାକଘରେ କରିପାରିବେ ।

## ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ରଥଯାତ୍ରାର ସିଧା ପ୍ରସାରଣ ପାଇଁ ଦାବି

**କେନ୍ଦ୍ରାପଡ଼ା, ୧୭।୬ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ତୁଳସୀ କ୍ଷେତ୍ରର ଆରାଧ୍ୟ ଶ୍ରୀ ଶ୍ରୀ ସିଦ୍ଧ ବଳଦେବ ଜୀଉଙ୍କ ପବିତ୍ର ରଥ ଯାତ୍ରାର ସିଧା ପ୍ରସାରଣ ପାଇଁ ପ୍ରାର୍ଥନା ଚାନେଲ୍ ଓ ଓଟିଭିର ସମ୍ପାଦକଙ୍କୁ ନିବେଦନ କରିଛନ୍ତି ସେବାୟତ ଜ୍ୟୋତି ରଞ୍ଜନ ପତ୍ରୀ ଏହା ସହ ସେ ଏଥି ପାଇଁ କେନ୍ଦ୍ରାପଡାର ସଂସାଦଙ୍କ ହସ୍ତକ୍ଷେପ ମଧ ଲୋଡିଛନ୍ତି। ସେ କହିଛନ୍ତି ଯେ ବିଶ୍ୱ ବିଖ୍ୟାତ ତୁଳସୀ କ୍ଷେତ୍ରର ପବିତ୍ର ରଥ ଯାତ୍ରାରେ ଅନେକ ଶ୍ରଦ୍ଧାଳୁ ସାମିଲ ହୋଇଥାନ୍ତି ଏହି ପବିତ୍ର ଯାତ୍ରା ସମଗ୍ର ଓଡ଼ିଶାର ଭକ୍ତମାନଙ୍କ ପାଇଁ ବିଶାଳ ସାଂସ୍କୃତିକ ଏବଂ ଆଧାତ୍ମିକ କୁ ଗୁରୁତ୍ୱ ରଖେ। ପ୍ରାର୍ଥନା ଏବଂ ଓଟିଭି ଚ୍ୟାନେଲରେ ସିଧା ପ୍ରସାରଣ ଦ୍ୱାରା ଅନେକ ଭକ୍ତଙ୍କୁ ସେମାନଙ୍କ ଘରୁ ଏହି ପବିତ୍ର ଉତ୍ସବ ଦେଖିବା ଏବଂ ଏଥିରେ ଅଂଶଗ୍ରହଣ କରିବାର ସୁଯୋଗ ଦେବା ସହ କେନ୍ଦ୍ରାପଡ଼ାର ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବ।

**କିଡ଼ନୀ ରୋଗର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ**

# ରୋଜଗାରିଆ ପୁଅର ସୁସ୍ଥତା ପାଇଁ ଆକୁଳ ନିବେଦନ



**ଆଳି, ୧୭।୬ (ସଂଚାର ବ୍ୟୁରୋ):** ଆଳି ବ୍ଲକ୍ କଳସପୁର ଗ୍ରାମର ଶତ୍ରୁଘ୍ନ ପାଣ୍ଡବଙ୍କ ରୋଜଗାରିଆ ପୁଅ ସତ୍ୟଜିତ ପାଣ୍ଡବ ବୟସ ୪୩ ଏବେ କିଡ଼ିନି ରୋଗରେ ପୀଡିତ। ସତ୍ୟଜିତ ପାଣ୍ଡବ ସୁଦୂର ଚେନ୍ନାଇ ସହର ରେ ଦୀର୍ଘ ବର୍ଷ ଧରି ଏକ ବେସରକାରୀ ଘରୋଇ ସଂସ୍ଥାରେ ଚାକିରୀ କରି ଦୁଖେ କଷ୍ଟେ ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ଚେନ୍ନାଇରେ ଥିବା ସମୟରେ ଆଜକୁ ଦୁଇ ମାସ ତଳେ ହଠାତ ସତ୍ୟଜିତଙ୍କୁ ଥଣ୍ଡା ଜ୍ୱର ସହିତ ଛାତିରେ ଯନ୍ତ୍ରଣା ଅନୁଭବ କରି ସେଠାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ସେବନ କରିଥିଲେ। ଚେନ୍ନାଇ ସହରରେ ଡାକ୍ତରଙ୍କୁ ଦେଖାଇ ବାରମ୍ବାର ଔଷଧ ସେବନ କରିବାରେ ତାଙ୍କ ଶରୀର ସୁସ୍ଥ ହୋଇନଥିଲା। କିଛିଦିନ ପୂର୍ବେ ସତ୍ୟଜିତ ବାଧ ହୋଇ ନିଜ ଗାଁକୁ ଫେରି ଚିକିତ୍ସା ପାଇଁ କଟକର ଏସସିବି ମେଡିକାଲରେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ଡାକ୍ତର ଚିକିତ୍ସା କରିବା ପରେ ସତ୍ୟଜିତଙ୍କ କିଡ଼ନୀ ଦୁଇଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ନେଇ କହିବା ସହ ତାଙ୍କୁ ବଂଚେଇ ରଖିବାକୁ ହେଲେ ତାଙ୍କ ଶରୀରରେ ନୂତନ କିଡ଼ନୀ ପ୍ରତିରୋପଣ କରିବାକୁ ପରାମର୍ଶ ଦେଇଥିଲେ। ସତ୍ୟଜିତଙ୍କ ନୂତନ କିଡ଼ନୀ ପ୍ରତିରୋପଣ ପାଇଁ ପାଖାପାଖି ୩୦ରୁ ୪୦ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଡାକ୍ତରଙ୍କଠୁ ଶୁଣିବା ପରେ ତାଙ୍କ ପରିବାର ଏକ ପ୍ରକାର ଅଦିନିଆ ଦୁଃଖର କଳା ବାଦଲ ଘୋଟିଆସିଛି।

ଏକମାତ୍ର ରୋଜଗାରୀଆ ପୁଅର ଏମିତି ଅବସ୍ଥା ଦେଖି ଚିନ୍ତାରେ ପୁରା ପରିବାର। ଘରେ ଯାହା ସୁନାରୂପା ଟଙ୍କା ପଇସା ଥିଲା ଆଜି ପର୍ଯ୍ୟନ୍ତ ତାଙ୍କ ଚିକିତ୍ସାରେ ଖର୍ଚ୍ଚ ସରିଛି। ସ୍ୱାସ୍ଥ୍ୟ କାର୍ଡରେ ଯାହା ଅର୍ଥରାଶି ଥିଲା ସେଥିରୁ ମଧ ଅଧା ସରି ଆସିଲାଣି। ତେଣୁ ନିଜର ରୋଜଗାରିଆ ପୁଅକୁ ବଞ୍ଚାଇବା ପାଇଁ ବୃଦ୍ଧ ବାପା ମାଆଙ୍କ ସହିତ ନିଜ ସ୍ୱାମୀଙ୍କ ଜୀବନ ବଞ୍ଚାଇବାକୁ ସତ୍ୟଜିତଙ୍କ ଧର୍ମପତ୍ନୀ ସରକାରଙ୍କ ସମେତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାଙ୍ଗସାଥି, ଆତ୍ମୀୟ ସ୍ୱଜନ ଓ ସହୃଦୟ ବ୍ୟକ୍ତିବିଶେଷଙ୍କୁ ଆକୁଳ ନିବେଦନ କରିଛନ୍ତି। ଯଦି କୌଣସି ସହୃଦୟ ବ୍ୟକ୍ତିବିଶେଷ ସତ୍ୟଜିତ ପାଣ୍ଡବଙ୍କ ଚିକିତ୍ସା ପାଇଁ ନିଜ ସାମର୍ଥ୍ୟ ଅନୁଯାୟୀ କିଛି ସହାୟତା କରିବାକୁ ଚାହୁଥିଲେ ସତ୍ୟଜିତ ପାଣ୍ଡବ ଙ୍କ ଆକାଉଣ୍ଟ ନମ୍ବର - **30670377061**, IFSC code -**SBIN0008094** ତାଙ୍କ ଫୋନ ପେ ନମ୍ବର **9042590107** ଉକ୍ତ ନମ୍ବର ମାଧମରେ ସହାୟତା କରିବା ସହିତ ଯୋଗାଯୋଗ ମଧ କରିପାରିବେ। ଆପଣଙ୍କର ଏହି ଛୋଟିଆ ସାହାଯ୍ୟ ଗୋଟିଏ ଅସହାୟ ପରିବାର ମୁହଁରେ ହସ ଫୁଟେଇ ପାରିବ।



## ନିଟ୍ ସଫଳତା ପାଇଥିବା ଜ୍ୟୋତିରଞ୍ଜନଙ୍କୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍‌ର ସମ୍ବର୍ଦ୍ଧନା

**ମହାକାଳପଡ଼ା, ୧୭।୬ (ସଂଚାର ବ୍ୟୁରୋ):** ଚଳିତବର୍ଷ ସର୍ବ ଭାରତୀୟ ମେଡିକାଲ୍ ପ୍ରବେଶିକା ପରୀକ୍ଷା-୨୦୨୫(ନିଟ୍) ରେ ୧୫,୯୩୦ ରାଙ୍କ୍ ରଖି ମହାକାଳପଡ଼ା ବ୍ଲକ ପାଇଁ ଗୌରବ ଆଣିଥିବା ଜ୍ୟୋତିରଞ୍ଜନ ସାମଲଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରୁପ୍‌ର ସଦସ୍ୟମାନେ ମାନେ ଜ୍ୟୋତିରଞ୍ଜନଙ୍କ ଘରେ ପହଞ୍ଚି ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହିତ ମିଠା ଖୁଆଇ ଶୁଭେଚ୍ଛା ଜଣାଇଛନ୍ତି। ମହାକାଳପଡ଼ା ମାଟି ପାଇଁ ଗୌରବ ଆଣିଥିବାରୁ ବାପା ମାଆଙ୍କୁ ମଧ ଧନ୍ୟବାଦ ଜଣାଇଥିଲେ ଗ୍ରୁପ୍ ର ସଦସ୍ୟମାନେ। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ୟୁଥ୍ ଗ୍ରୁପର ଉପସଭାପତି ବିଭୂତି ରାଉତ, ପ୍ରତାପ ରଞ୍ଜନ ତ୍ରିପାଠୀ, ପ୍ରକାଶ ସୂତାର, ହିମାଂଶୁ ଶେଖର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଝାଡ଼ାବାନ୍ତିରୁ ନିର୍ବାଚନ ମଣ୍ଡଳୀବାସୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପାଟକୁରା ବିଧାୟକଙ୍କ ତତ୍ପରତା



**ଡେରାବିଶ, ୧୭।୬ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଆରମ୍ଭ ହୋଇଥିବା ଝାଡ଼ାବାନ୍ତି ଏବେ ୭ଟି ଜିଲ୍ଲାକୁ ବ୍ୟପି ସାରିଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ନିର୍ବାଚନ ମଣ୍ଡଳୀ ଡେରାବିଶ ବ୍ଲକ ଅନ୍ତର୍ଗତ ଏଣ୍ଡର ଗ୍ରାମପଞ୍ଚାୟତ ଶ୍ୟାମସୁନ୍ଦରପୁର ଗଉତୁଣିପୋଖରୀ ଗ୍ରାମର ୬୯ବର୍ଷୀୟ ବୃଦ୍ଧା ସଜନି ମଲ୍ଲିକ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହୋଇ ଗତ ଶନିବାର ଦିନ ମୃତ୍ୟବରଣ କରିଥିଲେ ଅପରପକ୍ଷରେ ବର୍ତ୍ତମାନ ସୁଦ୍ଧା ୬ଜଣରୁ ଉର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କେନ୍ଦ୍ରାପଡା ଜିଲ୍ଲା ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ରହିଛନ୍ତି। ତେବେ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ପ୍ରଥମ କରି ପାଟକୁରା ନିର୍ବାଚନ ମଣ୍ଡଳୀରେ ଏଭଳି ଘଟଣାକୁ ନେଇ ପାଟକୁରାର ଯୁବ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ମଧରେ ତତ୍ପରତା ପାଇଥିବା ବେଳେ ଆଜି ଅପରାହ୍ନରେ ପାଟକୁରା ବିଧାୟକ ଶ୍ରୀ ମହାପାତ୍ରଙ୍କ ଅଧକ୍ଷତାରେ ଡେରାବିଶ ବ୍ଲକ ଚାଟରାଚୋକଡ଼ା ଗ୍ରାମପଞ୍ଚାମୟତ କଲ୍ୟାଣ ମଣ୍ଡପ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତେବେ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ପ୍ରଥମ କରି ପାଟକୁରା ନିର୍ବାଚନ ମଣ୍ଡଳୀରେ ଏଭଳି ଘଟଣାକୁ ନେଇ ବିଧାୟକ ଶ୍ରୀ ମହାପାତ୍ର ଦୁଃଖ ପ୍ରକାଶ କରିଛନ୍ତି।

ବିଧାୟକ ତାଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟକୁରା,ସଭ୍ରପୁରା,ତେଣ୍ଡାକୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ବୁଲି ସ୍ଥିତି ଅନୁଧାନ କରିବା ସହ ସ୍ୱାସ୍ଥ୍ୟ ବିଭାଗିୟ ଅଧିକାରୀ ମାନଙ୍କୁ ଲୋକ ମାନଙ୍କ ସେବାରେ ନିୟୋଜିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି। ଏହା ସହିତ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗ୍ରାମ୍ୟ ପାନୀୟ ଜଳ ବିଭାଗିୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇ ଗାଁ ଗାଁରେ ସୁଧତାକୁ ଦୃଷ୍ଟିରେ ରଖାଯାଇ ବ୍ଲିଚିଙ୍ଗ ପାଉଡର ଚିଞ୍ଚନ କରାଯାଇ ନଳକୂପ ମାନଙ୍କୁ ବିଶୋଧନ କରାଯାଉଛି। ଏହା ସହିତ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ ବିଧାୟକ ଅନୁରୋଧ କରିଥିଲେ। ଏଥିରେ ଅନ୍ୟାମାନଙ୍କ ମଧରେ ସରପଞ୍ଚ ନମିତା ରାଉତ, ଗୋପିନାଥ ଖଟୁଆ, ସୁରେନ୍ଦ୍ର ମଲ୍ଲିକ, ଅରକ୍ଷିତ କାଣ୍ଡି, କାଶୀନାଥ କାଣ୍ଡି,ସମିତି ସଭ୍ୟ ନିରଞ୍ଜନ କର,ପ୍ରାକ୍ତନ ସରପଞ୍ଚ ଯୋଗଦାନନ୍ଦ ମହାନ୍ତି, ଜୟନ୍ତୀ ଶତପଥୀ, ମନୋରଞ୍ଜନ ଉପାଧ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜୁଲୁକିପଡ଼ାରେ ରଜ ମହୋତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ



**ନିଶ୍ଚିନ୍ତକୋଇଲି, ୧୭।୬ (ସଂଚାର ବ୍ୟୁରୋ):** ଜୁଲୁକିପଡ଼ା ମା' ବାଗେଶ୍ୱରୀଙ୍କ ପୀଠରେ ମହାଲକ୍ଷ୍ମୀ ଯୁବ ପରିଷଦ ଓ ଓଡିଶା ଆକୁଆ କେୟାର ଚାରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗରେ ମୋ ଗାଁ ମୋ ସମ୍ମାନ ଅଭିଯାନ ମାଧମରେ ରଜ ମହୋତ୍ସବ ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଅଞ୍ଚଳର ବିଭିନ୍ନ କାର୍ଯ୍ୟରେ ପାରଦର୍ଶୀତା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତ କୁମାର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଧାପକ ସୁଧୀର କୁମାର ଦାସ ଯୋଗଦେଇ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ରଜପର୍ବ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ଅଂଚଳର ଚଳିତ ବର୍ଷ ମାଟ୍ରିକ ଓ +୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଓ ସମାଜସେବା ରେ ଅଗ୍ରଣୀ ବ୍ୟକ୍ତି ବେଶେଷଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପେକ୍ଷିରେ 'ଆମ ଗାଁ ଆମ ସମ୍ମାନ' ୟୁଟ୍ୟୁବ ଚାନେଲ ଉଦଘାଟିତ ହୋଇଥିଲା। ମା ' ବାଗେଶ୍ୱରୀଙ୍କ ପୀଠ ପ୍ରାଙ୍ଗଣରେ ରଜ ଦୋଳି, ମ୍ୟୁଜିକ ଚେୟାର ଦାଣ୍ଡିଆ ନୃତ୍ୟ ପ୍ରତିଯୋଗିତା ସହ ନୃତ୍ୟ ଗୀତ, କବାଡି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କୃତ କରାଯାଇଥିଲା।

## ଆଳି କଂଗ୍ରେସର ସମ୍ବର୍ଦ୍ଧନା ସଭା




**ଆଳି, ୧୭।୬ (ସଂଚାର ବ୍ୟୁରୋ):** ଆଳି ନିର୍ବାଚନ ମଣ୍ଡଳୀର ଗୋବିନ୍ଦପୁର ପଡିଆ ପରିସରରେ କଂଗ୍ରେସର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ସୂଚନା ଅନୁସାରେ ଆଳି ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମା ପ୍ରଦେଶ କଂଗ୍ରେସ କମିଟି (ପିସିସି )ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି । ସେହିଭଳି ଆଳି ବ୍ଲକ ଅନ୍ତର୍ଗତ ମଧୁବନ ଗ୍ରାମର ଇଞ୍ଜିନିୟରିଙ୍ଗ ଛାତ୍ର ଦିବ୍ୟରଞ୍ଜନ ରାଉତ କେନ୍ଦ୍ରାପଡ଼ା ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି । ଆଳିରୁ ଦୁଇ ଜଣ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥିବାରୁ ଆଜି ଆଳି ନିର୍ବାଚନ ମଣ୍ଡଳୀ କଂଗ୍ରେସ ତରଫରୁ ଅପରାହ୍ନ ୪ ଘଟିକା ସମୟରେ ଆଳି ନିଆଳ ଠାରୁ ଏକ ବିଶାଳ ବାଇକ ରାଲି ରେ ଗୋବିନ୍ଦପୁର ହାଇସ୍କୁଲ ସାମ୍ନା ପଡିଆକୁ ପାଛୋଟି ଆଣିଥିଲେ । ଆଜିର ଗୋବିନ୍ଦପୁର ହାଇସ୍କୁଲ ସାମ୍ନା ପଡିଆ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଓଡିଶା ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, କେନ୍ଦ୍ରାପଡ଼ା କଂଗ୍ରେସ ସାଂସଦ ପାର୍ଥ ସିଦ୍ଧାର୍ଥ ସ୍ୱରୂପ ଦାଶଙ୍କ ସହ ୬୩ ପଞ୍ଚାୟତର କଂଗ୍ରେସର ମୁଖିଆ ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ରାଜକନିକା ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା ରାକେଶ ଦାସ, ଲକ୍ଷ୍ମୀପ୍ରିୟା ନାୟକ, ବାବୁରାମ ଜେନା, ସର୍ବେଶ୍ୱର ସାମଲ ପ୍ରମୁଖଙ୍କ ସହ ପ୍ରତିକୂଳ ପାଗ ସତ୍ୱେ କଂଗ୍ରେସର ହଜାର ହଜାର ସମର୍ଥକଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଡା ଦେବସ୍ମିତା ଓ ଦିବ୍ୟରଞ୍ଜନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା

## ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିରରେ 'ରଜ ମଉଜ' ପାଳିତ



**ପଟ୍ଟାମୁଣ୍ଡାଇ, ୧୭।୬ (ସଂଚାର ବ୍ୟୁରୋ):** ଓଡ଼ିଶାର ସର୍ବବୃହତ ପଂଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର)ର ରଙ୍ଗାରଙ୍ଗ୍ ସାଂସ୍କୃତିକ ବିଚିତ୍ରା "ରଜମଉଜ" ଅତ୍ୟନ୍ତ ଆନନ୍ଦ ଉଲ୍ଲାସର ସହିତ ରଜ ସଂକ୍ରାନ୍ତି ରବିବାର ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନସିପୁର-ବଡ଼ମୂଳବସନ୍ତ ସ୍ଥିତ ଗୋପାଳ ଦାଶ ସ୍ମାରକୀ ଭବନରେ ପରିବେଷିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୁରୁଶ୍ରୀ ସୁଶାନ୍ତ ପାଣିଙ୍କ ପୌରୋହିତ୍ୟରେ ଆୟୋଜିତ "ରଜମଉଜ"କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଗୁରୁଶ୍ରୀ ସମୀରଞ୍ଜନ ଦାସ ଓ ଗୁରୁଶ୍ରୀ ରମେଶ କୁମାର ଦେ ଯୋଗଦେଇଥିଲେ। ଏହି ରଜ ମଉଜ ଉପଲକ୍ଷେ ଗଣକବି ଗୋପାଳ ଦାଶଙ୍କ ରଚିତ "ଗୋପାଳ ସଙ୍ଗୀତ", ବୃନ୍ଦଗାନ ରଥଯାତ୍ରା ଓ ମାଟିମମତା, ଶାସ୍ତ୍ରୀୟ ଓଡ଼ିଶୀ ମଙ୍ଗଳାଚରଣ ପଂଚଦେବ, ବଟୁନୃତ୍ୟ,ପରିବେଷଣ କରାଯାଇଥିଲା। ଅଭିନୟରେ ସଜ କଞ୍ଚ ନୟନା, ସମ୍ବଲପୁରୀ ନୃତ୍ୟ, ତାଳବାଦ୍ୟ ତ୍ରିତାଲ୍ ସହିତ ନୃତ୍ୟରୂପକ "ରଜ ମଉଜ" ଥିଲା ସାଂସ୍କୃତିକ କାର୍ଯ୍ୟକ୍ରମର ଆକର୍ଷଣ ଓ କେନ୍ଦ୍ରବିନ୍ଦୁ। ଏହି କାର୍ଯ୍ୟକ୍ରମକୁ ସାଇ ସ୍ୱରାଜ ଶତପଥୀ, ସ୍ମୃତିପ୍ରିୟା ପ୍ରଧାନ, ବୈଶାଖୀ ରାଉତ, ସମ୍ପୂର୍ଣ୍ଣଇନ୍ଦୁ ପାଣି, ବିଶ୍ୱମୋହିନୀ ଦାସ, ରୀତା ସେଠୀ, ଧ୍ରୁବଚରଣ ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ଶତାଧିକ ଆକାଶବାଣୀ/ ଦୂରଦର୍ଶନ ସ୍ୱୀକୃତିପ୍ରାପ୍ତ ପଂଚକଳା ଶିଳ୍ପୀ ପରିବେଷଣ କରିଥିଲେ ।

## ଅବକାରୀ ବିଭାଗ ପକ୍ଷରୁ 'ନିଶା ନୁହେଁ ଜୀବନ ସଚେତନତା' କାର୍ଯ୍ୟକ୍ରମ



**କେନ୍ଦ୍ରାପଡ଼ା, ୧୭।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ବ୍ଲକରେ ବାଲକାଟି ପଂଚାୟତ ସମିତି ସଭା ଗୃହରେ 'ଆମ ସଂକଳ୍ପ ନିଶା ନୁହେଁ ଜୀବନ' ଶୀର୍ଷକ ଏକ ସଚେତନତା କାର୍ମଶାଳା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ତରଫରୁ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କର୍ମଶାଳାରେ କେନ୍ଦ୍ରାପଡ଼ା ଅବକାରୀ ଥାନାର ଭାରପ୍ରାପ୍ତ ନିରିକ୍ଷକ ପଦ୍ମଲୋଚାନ ନାୟକ ଯୋଗ ଦେଇ ନିଶା ଯୋଗୁ ସମାଜରେ ବହୁବିଧ ସମସ୍ୟା ଓ ବିଶୁଙ୍ଖଳା ଉପୁଜିବା ସହ ସୁନାର ସଂସାର ଛାରଖାର ହୋଇ ସାମାଜିକ ବ୍ୟବସ୍ତା ବିଶୁଙ୍ଖଳା ଉପୁଜୁଛି ଏବଂ ସମାଜରେ ବହୁ ପ୍ରକାର ନିଶା ଅଛି । ସବୁ ନିଶା ଅପେକ୍ଷା ମଦ, ଗଞ୍ଜେଇ,ସିଗାରେଟେ,ବିଡି ନିଶାରୁ ମୁକ୍ତ ପାଇବା ଲାଗି ପରିବାରରୁ ଶିକ୍ଷାନୁଷ୍ଟାନ ପର୍ଯ୍ୟନ୍ତ କାଉଁସିଲିଂ ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ମେ ୩୧ ଠାରୁ ଆରମ୍ଭ ହୋଇ ଆସୁଅଛି । ସଭାରେ ସରପଞ୍ଚ ଝୁନାରାଣୀ ବିଶ୍ୱାଳ, ଧନେଶ୍ୱର ରାଉତ, ଲକ୍ଷ୍ମୀପ୍ରିୟା ଜେନା,ଶ୍ରୀକାନ୍ତ ବରଜ, ହରିଶ୍ଚନ୍ଦ୍ର ବେହେରା ଓ ଅନ୍ୟ କମିଟି ସଦସ୍ୟ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

**ମରଣଯନ୍ତା ପାଲଟିଛି ମିର୍ଜାପୁର ପାଟନାଳି ପୋଲ**

# ତୁରନ୍ତ ବାଡ଼ା ନିର୍ମାଣ ଦାବି



**ସାଲେପୁର, ୧୭।୬ (ସଂଚାର ବ୍ୟୁରୋ):** ପାଟନାଳି ଉପରେ ନିର୍ମାଣ ହୋଇଥିବା ପୋଲରେ ବାଡ଼ା ନଥିବାରୁ ବିଭିନ୍ନ ସମୟରେ ଏହି ପୋଲରୁ ତଳକୁ ଖସିପଡ଼ି ବହୁ ଲୋକ ଦୁର୍ଘଟଣାଗସ୍ତ ହେଉଥିବା ବେଳେ ୨ଜଣ ମଧ ମୃତ୍ୟୁବରଣ କରିଛନ୍ତି। ଏହି ପୋଲରୁ ଖସି ମୃତ୍ୟୁବରଣ କରିବା ଘଟଣାର ଇତି ମଧରେ ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ପ୍ରଶାସନ ଏହି ପୋଲରେ ଅଦ୍ୟାବଧି ବାଡ଼ା ନିର୍ମାଣ କରିନଥିବାରୁ ପୋଲଟି ବିପଦ ସଂକୁଳ ଅବସ୍ଥାରେ ରହିଅଛି।

ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତର ମା'ତାରିଣୀ ଛକ ନିକଟରେ ପାଟନାଳି ଉପରେ ହୋଇଥିବା ପୋଲଟି ଏବେ ବିପଦ ସଂକୁଳ ଅବସ୍ଥାରେ ରହିଛି। ପୋଲଟି ଅଣଓସାରିଆ ହୋଇଥିବା ବେଳେ ପୋଲର ଉଭୟ ପାର୍ଶ୍ୱରେ ବାଡ଼ା ନଥିବାରୁ ବହୁ ସମୟରେ ଅନ୍ଧାର ରାତିରେ ପଥଚାରୀମାନେ ଜାଣିନପାରି ଏହି ପୋଲରୁ ଖସି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଗତବର୍ଷ ଏହି ପୋଲରୁ ଖସିପଡ଼ି ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ନୂର୍ତ୍ତାଙ୍ଗ ଅଞ୍ଚଳର ଦାମୋଦର ଦାସ ଓ ପ୍ରଦୀପ୍ତ ସାମଲ ମୃତ୍ୟୁବରଣ କରିଥିଲେ। ଉକ୍ତ ସମୟରେ ସ୍ଥାନୀୟ ଅଞ୍ଚଳବାସୀ ଏହି ପୋଲରେ ବାଡ଼ା ନିର୍ମାଣ କରିବାପାଇଁ ଦାବି କରିଥିଲା ବେଳେ ଏହି ପୋଲରେ ତୁରନ୍ତ ବାଡ଼ା ନିର୍ମାଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ଇତିମଧରେ ୧ବର୍ଷ ବିତିଯାଇଥିଲେ ମଧ ଏହି ପୋଲର ଉଭୟ ପାର୍ଶ୍ୱରେ ବାଡ଼ା ନିର୍ମାଣ କରାଯାଇନଥିବାରୁ ପୋଲଟି ବିପଦ ସଂକୁଳ ଅବସ୍ଥାରେ ରହିବା ସହ ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି।

ଯଦି ପ୍ରଶାସନ ତୁରନ୍ତ ଏହି ପୋଲର ଉଭୟ ପାର୍ଶ୍ୱରେ ବାଡ଼ା ନିର୍ମାଣ ନକରନ୍ତି, ତେବେ ଆଗାମୀ ଦିନରେ ଏହି ପୋଲରୁ ଖସି ବହୁ ଧନଜୀବନ ହାନି ହେବାର ଆଶଙ୍କା ରହିଛି। ତେଣୁ ଏହି ପୋଲରେ ତୁରନ୍ତ ବାଡ଼ା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ, କଟକ ଜିଲ୍ଲାପାଳଙ୍କ ଠାରେ ସମାଜସେବୀ ଶିବଚରଣ ଜେନା ଦାବି କରିଛନ୍ତି।

## ସୋସିଆଲ ୱେଲଫେୟାର ଫାଉଣ୍ଡେସନ ପକ୍ଷରୁ ଝିଅ ବିବାହ ପାଇଁ ଆର୍ଥିକ ରାଶି ସହାୟତା ପ୍ରଦାନ

**ନିଶ୍ଚିନ୍ତକୋଇଲି, ୧୭।୬ (ସଂଚାର ବ୍ୟୁରୋ):** ବାବୁଜଙ୍ଗ ଗ୍ରାମପଞ୍ଚାୟତ ସ୍ଥିତ ଦୁଲୁପୁର ଗ୍ରାମର ରବି ସେଠୀଙ୍କ ପୁଅ ବିଜୟ କୁମାର ସେଠୀଙ୍କ ଝିଅ ବିବାହ ପାଇଁ ସୋସିଆଲ ୱେଲଫେୟାର ଫାଉଣ୍ଡେସନ ବାବୁଜଙ୍ଗର ସଦସ୍ୟମାନେ ତାଙ୍କ ବାସଭବନରେ ପହଞ୍ଚି ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥିରେ ସଙ୍ଗଠନର ଉପସଭାପତି ଆଲମ ଅଲ୍ଲୀ ଖାନ୍, ସମ୍ପାଦକ ଇଜାଜ ଖାନ୍, ସାବିର ଅଲ୍ଲୀ ଖାନ୍, ଅବଦୁଲ ଖତିଫ୍, ମୁସ୍ତକ ଖାନ୍, ଜାବିର ଖାନ୍, ଜାହିଦ୍ ଖାନ୍, ଜାଭେଦ ଖାନ୍, ସୋହେବ ଖାନ୍ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଭଳି ମହତ କାର୍ଯ୍ୟ ପାଇଁ ସୋସିଆଲ ୱେଲଫେୟାର ଫାଉଣ୍ଡେସନକୁ ବିଭିନ୍ନ ମହଲରୁ ପ୍ରଶଂସିତ କରାଯାଇଛି।



## ବିରୋଧୀ ଦଳ ନେତାଙ୍କୁ ଭେଟିଲେ ପୁରୀ ଛତିଶା ନିଯୋଗ ସେବାୟତ

# ରଥଯାତ୍ରା ପାଇଁ ଦେଲେ ନିମନ୍ତ୍ରଣ



**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ପୁରୀ ଛତିଶା ନିଯୋଗ ସେବାୟତ ମାନଙ୍କର ଏକ ପ୍ରିତିନିଧି ଦଳ ଆଜି ସନ୍ଧ୍ୟାରେ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ ବାସଭବନ ନବୀନ ନିବାସରେ ଭେଟିଛନ୍ତି। ଏହି ସାକ୍ଷାତ ସମୟରେ ସେମାନେ ଶ୍ରୀମନ୍ଦିରର ତଥା ପୁରୀ ସହରର ବିକାଶ ପାଇଁ ନବୀନ ପଟ୍ଟନାୟକ ସରକାର ସମୟରେ ହୋଇଥିବା ବିଭିନ୍ନ କାର୍ଯ୍ୟ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇବା ସହ ଆଗାମୀ ରଥଯାତ୍ରା ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି। ଏହି ଅବସରରେ ଆସନ୍ତା ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପାଳନ କରିବା ସକାଶେ ଶ୍ରୀ ପଟ୍ଟନାୟକ ସେବାୟତମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସାକ୍ଷାତ ସମୟରେ ସାଂସଦ ଶୁଭାଶୀଷ ଖୁଣ୍ଟିଆ ମଧ୍ୟ ଉପସ୍ଥିତ ଥିଲେ। ସେବାୟତଙ୍କ ମଧ୍ୟରେ ସାଇନା ଖୁଣ୍ଟିଆ, ଗୌରହରି ପ୍ରଧାନ, ଲୋକନାଥ ମହାସୁଆର, ରବିଶଙ୍କର ପଢିଆରୀ, କାଶୀନାଥ ମହାସୁଆର, ଦାମୋଦର ପ୍ରତିହାରୀ, ହରିଆ ସୁଆର, ଅସିତ୍ ମେକାପ, କୃଷ୍ଣଚନ୍ଦ୍ର ଗୋଚ୍ଛିକାର ଓ ଜମେଶ୍ୱର ମହାନ୍ତି ପ୍ରମୁଖ ଥିଲେ।

## ବିକଶିତ ଖୋର୍ଦ୍ଧା ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା

# ତ୍ୱରିତ ବିକାଶ ପାଇଁ ପ୍ରତି ବର୍ଗର ସହଯୋଗ ଜରୁରୀ

**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ସମାଜର ପ୍ରତ୍ୟେକ ବର୍ଗଙ୍କ ସହଯୋଗ ଓ ପରାମର୍ଶରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ଏଥିନିମନ୍ତେ ପ୍ରତ୍ୟେକଙ୍କ ମତାମତକୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ସ୍ତରରେ ପ୍ରତ୍ୟେକ ବର୍ଗର ମତାମତକୁ ବିଚାରକୁ ନିଆଯାଇ ପ୍ରଶାସନିକ ସ୍ତରରେ ସହଯୋଗ ଜାରି ରଖିବାକୁ ହେବ। ଏହା ଦ୍ୱାରା ଓଡ଼ିଶା ଭିଜନ ୨୦୩୬ ଏବଂ ୨୦୪୭ ହାସଲ କରିବାରେ ସହାୟକ ହେବ ବୋଲି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଅନୁଷ୍ଠିତ ବିକଶିତ ଖୋର୍ଦ୍ଧା ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତ ଦେଇଛନ୍ତି ମନ୍ତ୍ରୀ ଶ୍ରୀ ହରିଚନ୍ଦନ। ସେ କହିଛନ୍ତି ଯେ ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ଦୃଷ୍ଟିରୁ ଖୋର୍ଦ୍ଧା ଜିଲ୍ଲାର ସ୍ୱତନ୍ତ୍ରତା ରହିଛି। ଏହାକୁ ପାଥେୟ କରି ଭବିଷ୍ୟତ ପିଢ଼ି ପାଇଁ ନୂତନ ପରିକଳ୍ପନାର ଆବଶ୍ୟକତା ରହିଛି। ପରିବେଶ ସୁରକ୍ଷା, ବୈଜ୍ଞାନିକ ଜ୍ଞାନକୌଶଳର ଉପଯୋଗ, ଶିଳ୍ପ ଅଭିବୃଦ୍ଧି ଏବଂ ଜୈବିକ କୃଷିକୁ ପ୍ରାଧାନ୍ୟ ଦିଆଯିବ। ଏହାଛଡ଼ା ପ୍ରତ୍ୟେକ ଯୋଜନା ସମ୍ପର୍କରେ ସମ୍ପୃକ୍ତ ହିତାଧିକାରୀ ଭଲ ଭାବେ ଅବଗତ ହୋଇପାରିଲେ ଅଭିବୃଦ୍ଧି ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ସେହିଭଳି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓଡ଼ିଶା ଭିଜନ ଲକ୍ଷ୍ୟ ହାସଲ ପାଇଁ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଭାବେ ଜିଲ୍ଲାକୁ ପ୍ରଗତିର ଶିଖରରେ ପହଞ୍ଚାଇବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିବା ସହ ତୃଣମୂଳ ସ୍ତରରେ ବିକାଶର ସୁଫଳ ପହଞ୍ଚାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ଓଡ଼ିଶା ଭିଜନରେ ଖୋର୍ଦ୍ଧା



ଜିଲ୍ଲାର ଭାଗୀଦାରିତା ଉପରେ ମତ ବ୍ୟକ୍ତ କରିବା ସହ ସମସ୍ତଙ୍କ ପାଇଁ ସମାନ ସୁବିଧା ଉପଲବ୍ଧ କରାଇବା ସହ ସହଯୋଗୀ ବିକାଶ ବର୍ତ୍ତମାନର ନିତାନ୍ତ ଆବଶ୍ୟକ ବୋଲି ଉଲ୍ଲେଖ କରିଛନ୍ତି।

କର୍ମଶାଳାରେ ପ୍ରଥମ ପର୍ଯ୍ୟାୟ ଆଲୋଚନାଚକ୍ରରେ ଶିକ୍ଷା, ଦକ୍ଷତା ବିକାଶ ଶିକ୍ଷା ଓ ଜୀବିକାକୁ ନେଇ ଗୋଷ୍ଠୀ ସଶକ୍ତିକରଣ ଉପରେ ଆଲୋଚନା ହୋଇଛି। ଏଥିରେ ସିଓ୍ୱାଇଏସ୍‌ଡି ଅଧ୍ୟକ୍ଷ ଜଗଦାନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଏନ୍‌ସିଆର୍‌ଟିର ପୂର୍ବତନ ପ୍ରଫେସର ପ୍ରଫେସର ପିକେ ଦାସ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଅନୁପ ଦାସ ଯୋଗଦେଇ ନିଜର ମତାମତ ଦେଇଛନ୍ତି। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ନବସୃଜନ, ଶିଳ୍ପ ଓ ପର୍ଯ୍ୟଟନ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଓପିଏସିର ପୂର୍ବତନ ଅଧ୍ୟକ୍ଷ ବ୍ରିଗେଡିଅର ଡ. ଏଲ୍‌ସି ପଟ୍ଟନାୟକ ଅଧ୍ୟକ୍ଷତା କରିଥିବାବେଳେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ଏପି ଦାସ, ଭାରତୀୟ ପର୍ଯ୍ୟଟନ ଓ ଭ୍ରମଣ ପରିଚାଳନା ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସୀତାକାନ୍ତ ମିଶ୍ର ଯୋଗଦେଇ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଛନ୍ତି। ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ମଧ୍ୟ ଯୋଗ ଦେଇଥିଲେ। ଆହୁରି ଖୋର୍ଦ୍ଧାର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଧନ୍ୟବାଦ ଦେଇଥିଲେ। ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ଜିଲ୍ଲାସ୍ତରୀୟ ଅଧିକାରୀ ସହଯୋଗ କରିଥିବା ବେଳେ ବୁଦ୍ଧିଜୀବୀ, ବିଭିନ୍ନ ବେସରକାରୀ ସଂସ୍ଥାର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସମସ୍ୟା ଉତ୍କଟ

## ସମାଧାନ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ



**ଯାଜପୁର,୧୭।୬(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଧର୍ମଶାଳାରେ ଝାଡାବାନ୍ତି ବ୍ୟାପୁଥିବା ବେଳେ ଏଠାରେ ଡାକ୍ତର ସମସ୍ୟା ଅତ୍ୟନ୍ତ ଉତ୍କଟ ହୋଇପଡ଼ିଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୨ଟି ଡାକ୍ତର ପଦବୀ ଥିବା ବେଳେ ଏବେ ମାତ୍ର ୭ ଜଣ ଡାକ୍ତର ଏଠାରେ କାର୍ଯ୍ୟରତ ଅଛନ୍ତି। ସେହିପରି ଧର୍ମଶାଳା ଅଧୀନରେ ଥିବା ୧୦ଟି ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ମଧ୍ୟରୁ ଆରୁହା, ହରିଦାସପୁର ଓ ଗଡମଧୁପୁରରେ ଜଣେ ବି ଡାକ୍ତର ନାହାନ୍ତି। ଏନେଇ ଯୁବନେତା ସତୀଶ ବିଶ୍ୱାଳ ଆଜି ଧର୍ମଶାଳା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସମସ୍ୟା ଅନୁଭବ କରିବା ସହ ଏ ଦିଗରେ ପଦକ୍ଷେପ ନେବା ସକାଶେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇଥିବା ଚିଠିରେ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଛନ୍ତି ଯେ ଚିକିତ୍ସା ସେବା ପ୍ରଦାନ କ୍ଷେତ୍ରରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁନାମ ରହିଛି। ସମ୍ପ୍ରତି ଝାଡାବାନ୍ତିର ମୁକାବିଲା ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରର ଡାକ୍ତରଙ୍କୁ ଏଠାରେ ନିୟୋଜିତ କରାଯାଇଛି। କିନ୍ତୁ ବାସ୍ତବରେ ଏଠାରେ ଡାକ୍ତରଙ୍କର ଘୋର ଅଭାବ ରହିଛି, ଯାହାକି ସ୍ୱାସ୍ଥ୍ୟସେବା ପରିଚାଳନା କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି କରୁଛି। ଏଠାରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ବିଶେଷଜ୍ଞଙ୍କ ପଦବୀ ଅନ୍ୟ କୌଣସି ବିଭାଗରେ ବିଶେଷଜ୍ଞ ନାହାନ୍ତି। ସେହିପରି ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଷେଷଜ୍ଞ ଥିଲେ ମଧ୍ୟ ପରୀକ୍ଷାନିରୀକ୍ଷା ପାଇଁ ଅଲଟ୍ରା ସାଉଣ୍ଡ ମେସିନ ନାହିଁ। ପ୍ରତି ମାସ ୯ ତାରିଖରେ ମାତୃତ୍ୱ ଦିବସ ପାଳିତ ହେଉଥିଲେ ହେଁ ଏଠାରେ ଗର୍ଭବତୀଙ୍କ ସମସ୍ୟାର ସମାଧାନ ପାଇଁ ଅଲଟ୍ରାସାଉଣ୍ଡ ପାଇଁ ଟୋକନ ଦିଆଯାଉଛି। ସେମାନେ ଏହି ଟୋକନ ଦେଖାଇ ବେସରକାରୀ ଭାବେ ଅଲଟ୍ରାସାଉଣ୍ଡ କରିବାକୁ ବାଧ୍ୟ ହେଉଛନ୍ତି। କିନ୍ତୁ ଏହା ସେମାନଙ୍କ ସମସ୍ୟା ଦୂର କରିପାରୁନାହିଁ। ତେଣୁ ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଲ୍‌ଟ୍ରା ସାଉଣ୍ଡ୍ ମେସିନ୍ ଯୋଗାଇଦେବା ସକ୍‌ାଶେ ଶ୍ରୀ ବିଶ୍ୱାଳ ଦାବି କରିଛନ୍ତି। ସେହିପରି ଏଠାରେ ଏକ୍ସ-ରେ' ଥିଲେ ମଧ୍ୟ ଅପରେଟର୍‌ଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଇଦିଆଯାଇଛି। ତେଣୁ ଏ ଦିଗରେ ପଦକ୍ଷେପ ନେବା ସକାଶେ ସେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ଶ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଓ ଅନ୍ୟାନ୍ୟ ଡାକ୍ତରଙ୍କ ସହ ସ୍ୱାସ୍ଥ୍ୟସେବା ସଂକ୍ରାନ୍ତରେ ଆଲୋଚନା କରିଛନ୍ତି।

# ଶ୍ୱଶୁର ଘର ଗାଁରେ ଜ୍ୱାଇଁର ଆତ୍ମହତ୍ୟା!

● ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ



**ଭଦ୍ରକ,୧୭।୬(ସଂଚାର ବ୍ୟୁରୋ):** ଶ୍ୱଶୁର ଘର ଗାଁରେ ଜ୍ୱାଇଁର ଆତ୍ମହତ୍ୟା। ବେକରେ ରଶି ଲଗାଇ ଝୁଲି ପଡ଼ିଲା ଜ୍ୱାଇଁ। ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆମ୍ବରୋଳି ପଞ୍ଚାୟତର ତଳାଙ୍ଗ ଗାଁରେ। ମୃତକ ହେଲେ ଯାଜପୁର ଜିଲ୍ଲା ବଡ଼ଚଣା ଥାନା ପଟୁଣିଆ ପଂଚାୟତ ଜେମାଦେଇପୁର ଗାଁର ସଞ୍ଜୟ କୁମାର ବଳଙ୍କ ପୁଅ ସଂଗ୍ରାମ ବଳ। ସେପଟେ ସଂଗ୍ରାମଙ୍କ ପରିବାର ଲୋକେ କିନ୍ତୁ ଆଣିଛନ୍ତି ହତ୍ୟା ଅଭିଯୋଗ । ଏନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ପରେ ଘଟଣାର ତଦନ୍ତ ଆରମ୍ଭ କରିଛି ପୋଲିସ। ସୂଚନା ଅନୁଯାୟୀ, ସଂଗ୍ରାମ ତିନି ମାସ ତଳେ ତଳାଙ୍ଗ ଗାଁର ଚିତ୍ରସେନ ନାୟକଙ୍କ ଝିଅ ଯଶୋଦା ନାୟକଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଯଶୋଦାଙ୍କ ପରିବାର ଲୋକେ ସଂଗ୍ରାମଙ୍କ ଘରେ ପହଞ୍ଚି ନିଜ ଝିଅକୁ ଲୁଚାଇ ନେଇ ପଳାଇ ଆସିଥିଲେ। ପରେ ନିଜ ସ୍ତ୍ରୀକୁ ନେବାକୁ ଆସି ଭଦ୍ରକରେ ପହଞ୍ଚିଥିଲେ ସଂଗ୍ରାମ। ମାତ୍ର ଯଶୋଦା ନାଫେରିବାରୁ ନିଜ ସ୍ତ୍ରୀକୁ ବୁଝାଇ ସୁଝାଇ ନେବାକୁ ଗତ ଦେଢ଼ ମାସ ହେବ ସଂଗ୍ରାମ ତଳାଙ୍ଗରେ ରହିଆସୁଥିଲେ ବୋଲି ଅଭିଯୋଗ କରିଛନ୍ତି ସଂଗ୍ରାମଙ୍କ ପରିବାରଲୋକେ। ଏପରିକି ଏନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଗତ ୩୦ ତାରିଖରେ ଏକ ବୁଝାମଣା ହୋଇଥିଲା। ହେଲେ ଏସବୁ ଭିତରେ ମଙ୍ଗଳବାର ଗାଁର ଏକ ଗଛରେ ସଂଗ୍ରାମଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହେବା ସମସ୍ତଙ୍କୁ ଚକିତ କରିଛି। ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚିବା ତଦନ୍ତ ଆରମ୍ଭ କରିଛି।



ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ବିଧାନ ଓ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ସମ୍ପର୍କରେ ବ୍ରହ୍ମପୁର ଏସପିଙ୍କ ସହ ଆଲୋଚନା କରୁଛନ୍ତି ଗଞ୍ଜାମ ଜିଲ୍ଲା ବିଜେଡିର ପ୍ରମୁଖ କର୍ମକର୍ତ୍ତା।

# ପ୍ରେମିକ ସହ ଫେରାର ବେଳେ ଧରାପଡିଲେ ନାବାଳିକା

**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ସୋମବାର ଏକ ହାଇଡ୍ରାମା ଦେଖିବାକୁ ମିଳିଛି। ପ୍ରେମିକା ସହ ଫେରାର ବେଳେ ଜଣେ ନାବାଳିକାଙ୍କୁ କାବୁ କରିଛନ୍ତି ତାଙ୍କ ବାପା ଓ ମା'। ମିଳିଥିବା ସୂଚନା ଅନୁଯାୟୀ, ମଞ୍ଚେଶ୍ୱର ଅଞ୍ଚଳର ସମ୍ପୃକ୍ତ ନାବାଳିକା ଜଣକ ତାଙ୍କ ପୁରୁଷବନ୍ଧୁଙ୍କ ସହ ବାଇକରେ ଘର ଛାଡି ଚାଲିଯାଉଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ମଞ୍ଚେଶ୍ୱର ଓଭରବ୍ରିଜ୍ ନିକଟରେ ନାବାଳିକାଙ୍କ ବାପା ଓ ମା' ସେମାନଙ୍କୁ ଅଟକାଇଥିଲେ। ଫଳରେ ସେଠାରେ ୩୦ ମିନିଟ୍ ଧରି ହାଇଡ୍ରାମା ଚାଲିଥିଲା। ପୋଲିସ ପହଞ୍ଚି ଯୁବକ ଜଣକୁ ଥାନାକୁ ନେଇଥିଲା। ତେବେ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟ ଆପୋସ ସମାଧାନ ହେବା ସହ ଘରକୁ ଯାଇଥିବା ସୂଚନା ମିଳିଛି।

# ଡାକ୍ତର ଉପେନ୍ଦ୍ର ନାୟକଙ୍କୁ ନୃସିଂହ ସାହିତ୍ୟ ସମ୍ମାନ



**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ନିର୍ମଳା ଟ୍ରଷ୍ଟ ଅଧ୍ୟକ୍ଷତାରେ ଆଜି ଅଧ୍ୟକ୍ଷ ନୃସିଂହ ଚରଣ ଧୀରଙ୍କ ସଭାପତିତ୍ୱରେ 'ନିର୍ମଳା' ସାହିତ୍ୟ ପତ୍ରିକାର ତୃତୀୟ ସଂଖ୍ୟା ଓ 'ଅସମ୍ପୂର୍ଣ୍ଣ ସୂର୍ଯ୍ୟୋଦୟ'ର ଲୋକର୍ପଣ ଉତ୍ସବ ସ୍ଥାନୀୟ ଲୋହିଆ ଏକାଡେମୀରେ ଅନୁଷ୍ଠିତ ହୋଇଯାଇଛି। ବେଦପାଠ ଓ ମା' ଉପରେ ଏକ ହୃଦୟସ୍ପର୍ଶୀ ସମବେତ କଣ୍ଠ ସଙ୍ଗୀତ ଗାନ ପରେ 'ନିର୍ମଳା' ପତ୍ରିକାର ମୁଖ୍ୟ ସମ୍ପାଦକ ଡାକ୍ତର ପ୍ରିୟବ୍ରତ ଧୀର ସ୍ୱାଗତ ଅଭିଭାଷଣ ଦେବା ପରେ ସମ୍ପାଦକ ଡ. ଦିବାକର ମାନସିଂହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ 'ନିର୍ମଳା' ସାହିତ୍ୟ ପତ୍ରିକା ଓ ଡ. ଦିବାକର ମାନସିଂହଙ୍କ ରଚିତ ଉପନ୍ୟାସ 'ଅସମ୍ପୂର୍ଣ୍ଣ ସୂର୍ଯ୍ୟୋଦୟ'ର ଲୋକାର୍ପଣ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ରବିନାରାୟଣ ସେନାପତି, ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧ୍ୟ ଯୋଗଦେଇଥିଲେ। ଉତ୍ସବରେ ମର୍ଯ୍ୟାଦାଜନକ ନୃସିଂହ ସାହିତ୍ୟ ସମ୍ମାନ ବିଶିଷ୍ଟ ଲେଖକ, ପ୍ରାବନ୍ଧିକ ଡାକ୍ତର ଉପେନ୍ଦ୍ର ପ୍ରସାଦ ନାୟକଙ୍କୁ ନୃସିଂହ ଚରଣ ଧୀର ପ୍ରଦାନ କରିଥିଲେ। ଉତ୍ସବରେ ବିଶିଷ୍ଟ ସାହିତ୍ୟିକ, କଥାକାର ଓ ସ୍ତମ୍ଭକାରମାନେ ଯୋଗଦେଇଥିଲେ। ଶେଷରେ ଅଧ୍ୟାପକ ବୃନ୍ଦାବନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଅନ୍ୟ ଏକ କାର୍ଯ୍ୟକ୍ରମରେ ସ୍ୱର୍ଗତା ନିର୍ମଳା ଧୀରଙ୍କର ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିଚାରଣ, ନୟାପଲ୍ଲୀସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣସ୍ଥିତ ନିର୍ମଳା ପୀଠରେ ବିଶୁଦ୍ଧ ପାନୀୟ ଜଳ ମେସିନ୍ ଉଦ୍‌ଘାଟିତ ହୋଇଛି।


## ନୂତନ ଅପରାଧିକ ଆଇନ୍ ସମ୍ପର୍କିତ କର୍ମଶାଳା

# ସଠିକ୍ ଉପଯୋଗ ପାଇଁ ଡିଜିଙ୍କ ଆହ୍ୱାନ



**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ପୁଲିସ ଭବନଠାରେ ପ୍ରମୁଖ ବରିଷ୍ଠ ଅଧିକାରୀଙ୍କ ନିମନ୍ତେ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେ଼ମୀ ତରଫରୁ 'ନୂତନ ଅପରାଧିକ ଆଇନ' ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାକୁ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଆନୁଷ୍ଠାନିକ ଭାବେ ଉଦଘାଟନ କରି ୩ଟି ନୂତନ ଆଇନର ମୌଳିକ ଉପାଦାନ ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ କେନ୍ଦ୍ରୀୟ ତଦନ୍ତ ସଂସ୍ଥାନ (ସିବିଆଇ)ର ପୂର୍ବତନ ସ୍ୱତନ୍ତ୍ର ନିର୍ଦ୍ଦେଶକ ଧରମ ଚାନ୍ଦ ଜୈନ ଓ ସିବିଆଇର ପ୍ରସିକ୍ୟୁସନ୍ ନିର୍ଦ୍ଦେଶିକା ପଦ୍ମିନୀ ସିଂହ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ର ବିଭିନ୍ନ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଆଗାମୀ ଦିନରେ ପରିବର୍ତ୍ତିତ ନୂତନ ଆଇନର କାର୍ଯ୍ୟକାରିତା ଓ ତୃଣମୂଳ ସ୍ତରରେ ଏହାର ସଠିକ ଉପଯୋଗ ହେବା କ୍ଷେତ୍ରରେ ବରିଷ୍ଠ ପୁଲିସ ଅଧିକାରୀମାନେ ଗୁରୁଦାୟିତ୍ୱ ତୁଲାଇବେ ବୋଲି ଡିଜିପି ଆଶା ବ୍ୟକ୍ତ କରିଛନ୍ତି। ଆଇନ ବ୍ୟବସ୍ଥାକୁ ବଜାୟ ରଖିବା ସହ ପ୍ରତ୍ୟେକ ନାଗରିକଙ୍କ ଅଧିକାର ଓ ମର୍ଯ୍ୟାଦାକୁ ସୁରକ୍ଷା ଦେବା ପାଇଁ ବଦ୍ଧପରିକର ହୋଇ କାର୍ଯ୍ୟ କରିବାକୁ ଡିଜିପି ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଦୃଢ଼ ଇଚ୍ଛାଶକ୍ତି ଏବଂ ବୃତ୍ତିଗତ ଦକ୍ଷତାର ସହ ଏହି ଆଇନଗତ ସଂସ୍କାର ଭାରତର ନ୍ୟାୟିକ ବ୍ୟବସ୍ଥାରେ ଏକ ମାଇଲଖୁଣ୍ଟ ଭାବେ ପରିଗଣିତ ହେବ ଓ ନ୍ୟାୟ ବ୍ୟବସ୍ଥାରେ ଜନସାଧାରଣଙ୍କ ବିଶ୍ୱାସକୁ ଆହୁରି ମଜବୁତ କରି ଗଢି ତୋଳିବାକୁ ଡିଜିପି ଆହ୍ୱାନ ଦେଇଛନ୍ତି।

## ଜର୍ମାନୀ ଗଲା ନୂଆପଡ଼ା ଆମ୍ବ



**ନୂଆପଡ଼ା,୧୭।୬ (ମକାରୁ ବେମାଲ):** ନୂଆପଡ଼ା ଜିଲାର ସୁସ୍ୱାଦୁ ଆମ୍ରପଲ୍ଲୀ ଆମ୍ବ ସୋମବାର ସୁଦୁର ଜର୍ମାନୀ ଅଭିମୁଖେ ପଠାଯାଇଛି। ଜିଲା ଉଦ୍ୟାନ କୃଷି ବିଭାଗଙ୍କ ସହଯୋଗିତାରେ ବୋଡେନ ବ୍ଲକ ଡୁର୍କାମୁଣ୍ଡା ଗାଁର ମା' ଠାକୁରାଣୀ ଉତ୍ପାଦକ ଗୋଷ୍ଠୀ ଏହି ଆମ୍ବ ଉତ୍ପାଦନ କରିଛନ୍ତି। ପ୍ରଥମ ଥର ଟିଟିଲାଗଡ଼ ରେଳଷ୍ଟେଶନ ଯିବାକୁ ଥିବା ୧୧ କୁଇଣ୍ଟାଲ ଆମ୍ରପଲ୍ଲୀ ଆମ୍ବ ବହନ କରୁଥିବା ଗାଡିକୁ ଜିଲାପାଳ ମଧୁସୂଦନ ଦାଶ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହା କୋଲକାତା ଦେଇ ଜର୍ମାନୀ ରପ୍ତାନୀ ହେବ।

# କଳିଙ୍ଗ ବିହାରରେ ଚାରା ରୋପଣ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ବିହାରର ଶ୍ରୀ ଜଗନ୍ନାଥ ବାଟିକାରେ ଆଜି ଏକ ଚାରାରୋପଣ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଛି। ପୂର୍ବତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଶତାଧିକ ବଉଳ ଗଛ, ଆମ୍ବ ଗଛ, ନଡ଼ିଆ ଗଛ ଆଦି ରୋପଣ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ବୃକ୍ଷ ଆମର ସମ୍ପଦ, ବୃକ୍ଷ ବଞ୍ଚିଲେ ଆମେ ବଂଚିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ଏ ଦିଗରେ ସମସ୍ତେ ଯତ୍ନବାନ ହେବା ଉଚିତ ଓ ବହୁ ପରିମାଣରେ ଚାରା ରୋପଣ ପାଇଁ ସମସ୍ତେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏହି ବାଟିକାରୁ ଗତ ୩ ବର୍ଷ ଧରି ପୁରୀ ଶ୍ରୀମନ୍ଦିରକୁ ନିୟମିତ ଭାବେ କଦଳୀ, ଆମ୍ବ, ପଣସ ଆଦି ମହାପ୍ରଭୁଙ୍କ ସେବା ପାଇଁ ପଠାଯାଉଛି। ଆଜିର କାର୍ଯ୍ୟକ୍ରରେ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର, ଦେବେନ୍ଦ୍ର ପ୍ରସାଦ ଧଳ, ଗିରିଜା ଶଙ୍କର ମିଶ୍ର, ତ୍ରିବିକ୍ରମ ପ୍ରଧାନ, ଧୋବେଇ ସାହୁ, ସୌମ୍ୟ ନାରାୟଣ ପାଣିଗ୍ରାହୀ, ହେମନ୍ତ କୁମାର ପାଢ଼ୀ, ଶ୍ରୀକାନ୍ତ ମହାପାତ୍ର, ରମାକାନ୍ତ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଡାକ୍ତର ମହାପାତ୍ରଙ୍କୁ ଅଶ୍ୱିନୀ କୁମାର ସମ୍ମାନ, ହେମନ୍ତ କୁମାର ପାଢ଼ୀଙ୍କୁ ବଉଳ ସମ୍ମାନ, ହିମାଂଶୁ ଶେଖର ପଟ୍ଟନାୟକଙ୍କୁ ଅଗସ୍ତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ସମୁଦ୍ର ଆଁରେ ଆର୍ଯ୍ୟପଲ୍ଲୀ



**ଛତ୍ରପୁର,୧୭।୬(ସଂଚାର ବ୍ୟୁରୋ):** ଜଳବାୟୁ ପରିବର୍ତ୍ତନ ଯୋଗୁ ଦିନକୁ ଦିନ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି। ଦୈନିକ ଜଳପତନ ବୃଦ୍ଧି ହେବା ସହ ସମୁଦ୍ରର ଉଚ୍ଚ ଜୁଆର ସ୍ଥଳଭାଗକୁ ମାଡିଆସୁଥିବାରୁ ଗଞ୍ଜାମ ଜିଲାର ଅନେକ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳବାସୀ ତଥା ସମୁଦ୍ରକୂଳିଆ ପରିବାର ଭୟଭୀତ ହୋଇପଡିବା ସହ ନାନା ଆଶଙ୍କାରେ ରହିଛନ୍ତି। ଜିଲା ସଦର ମହକୁମା ଛତ୍ରପୁର ବ୍ଲକ ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ଗ୍ରାମରେ ସମୁଦ୍ର ଧୀରେଧୀରେ ସ୍ଥଳଭାଗ ଆଡ଼କୁ ମାଡ଼ିଆସୁଥିବା ଲକ୍ଷ୍ୟ କରାଯାଉଛି। ଆର୍ଯ୍ୟପଲ୍ଲୀ ଗାଁ ନିକଟରେ ସମୁଦ୍ର କୂଳ ଲଙ୍ଘୁଥିବାରୁ ପଞ୍ଚାୟତବାସୀ ଭୟଭୀତ ହୋଇପଡିଛନ୍ତି। ସମୁଦ୍ର ଅଶାନ୍ତ ରହିବା ସହ ଉଚ୍ଚ ଜୁଆର ମାଡ଼ି ଆସିବାରୁ ସାନ ଆର୍ଯ୍ୟପଲ୍ଲୀ ସମୁଦ୍ର ନିକଟରେ ଥିବା ୨ ଟି ମନ୍ଦିର ଭାଙ୍ଗି ସମୁଦ୍ରରେ ଲୀନ ହୋଇଯାଇଛି। ଏପରିକି ଗତ ୩ ବର୍ଷ ମଧ୍ୟରେ ସମୁଦ୍ର ୨ କିଲୋମିଟର ଦୂରତା କୂଳ ଲଙ୍ଘିଥିବା ବେଳେ ଆଗାମୀ ଦିନରେ ସମୁଦ୍ରକୂଳରେ ସମ୍ପୂର୍ଣ୍ଣ ଗ୍ରାମଟି ଲୀନ ହୋଇଯିବ ବୋଲି ମତ୍ସ୍ୟଜୀବିମାନେ ଆଲୋଚନା କହିଛନ୍ତି। ଏହି ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ପଞ୍ଚାୟତବାସୀ କହିବା ମୁତାବକ ପୂର୍ବରୁ ସମୁଦ୍ର ଗ୍ରାମ ଠାରୁ ୨ କି.ମି ଦୂରରେ ଥିବା ବେଳେ ଏବେ ସମୁଦ୍ର କ୍ରମେ ଗ୍ରାମର ନିକଟବର୍ତ୍ତୀ ହେବାରେ ଲାଗିଛି। ଗ୍ରାମ ଠାରୁ ଏବେ ସମୁଦ୍ର ଆଉ ମାତ୍ର ୩୦ ମିଟର ଦୂରରେ ରହିଛି। ଏଣୁ ଗ୍ରାମକୁ ସୁରକ୍ଷା ପ୍ରଦାନ କରିବା ଲାଗି ଗାର୍ଡ ଓ୍ୱେଲ ନିର୍ମାଣ କରିବାକୁ ଦାବି ହୋଇଛି।

# ସୂତାକଳ ବନ୍ଦ, ଦାଦନରେ ଯାଉଛନ୍ତି କାରିଗର



**ଭୁବନେଶ୍ୱର,୧୭।୬:** ଗତ ୨୫ବର୍ଷ ଭିତରେ ଓଡିଶାରେ ଗୋଟିଏ ହେଲେ ସୂତାକଳ କିମ୍ବା ଲୁଗାକଳ ବସାଯାଇନଥିବାବେଳେ ଏ କ୍ଷେତ୍ରରେ କାମ କରୁଥିବା ରାଜ୍ୟର କୁଶଳୀ କାରିଗର ଓ ଶ୍ରମିକମାନଙ୍କୁ ଅନ୍ୟ ରାଜ୍ୟରେ ଦାଦନ ଶ୍ରମିକ ଭାବେ ଖଟାଇ ସେଠାକାର ଅର୍ଥନୀତି ସୁଦୃଢ ହେଉଛି । ଅଥଚ ଓଡିଶାପାଇଁ ବାର୍ଷିକ ପ୍ରାୟ ୫୦ହଜାର କୋଟି ଟଙ୍କାର କପଡା ଦରକାର ବୋଲି କୁହାଯାଉଥିବାବେଳେ ଏଠାରେ ଏବେ ବର୍ଷକୁ ହଜାରେ କୋଟି ଟଙ୍କାର ହସ୍ତତନ୍ତ ସାମଗ୍ରୀ ବି ଉତ୍ପାଦିତ ହୋଇପାରୁନାହିଁ ।

ସରକାରୀ ଓ ବେସରକାରୀ ଉଦ୍ୟମରେ ଓଡିଶାରେ ୧୩ଟି ସୂତାକଳ ଓ ୧୩ଟି କଳତନ୍ତ ବୟନଶିଳ୍ପ ପ୍ରତିଷ୍ଠା କରାଯାଇଥିଲା । ଏ ସମସ୍ତ ସୂତାକଳ ଓ ଲୁଗାକଳ ବର୍ଷ ବର୍ଷ ଧରି ବନ୍ଦହୋଇ ପଡିଛି । ସରକାରଙ୍କ ଦ୍ୱାରା ପରିଚାଳିତ ଚୌଦ୍ୱାରର ଓଟିଏମ୍ ଓ ଝାରସୁଗୁଡାର ବିଟିଏମ୍ ଦୀର୍ଘବର୍ଷ ଧରି ଅଚଳହୋଇ ପଡିଛି। ସେହିଭଳି ବରଗଡର ଓଡିଶା ବୁଣାକାର ସମବାୟ ସୂତାକଳ, ଢେଙ୍କାନାଳ ଜିଲ୍ଲାର କଳିଙ୍ଗ ବୁଣାକାର ସମବାୟ ସୂତାକଳ, ବାଲେଶ୍ୱର ଜିଲ୍ଲାର ଗୋପୀନାଥ ବୁଣାକାର ସମବାୟ ସୂତାକଳ, ଜଗତ୍‌ସିଂହପୁର ଜିଲ୍ଲାର ଶ୍ରୀସାରଳା ବୁଣାକାର ସମବାୟ ସୂତାକାଳ, କଟକ ଜିଲ୍ଲାର ଶ୍ରୀଜଗନ୍ନାଥ ବୁଣାକାର ସମବାୟ ସୂତାକଳ ଓ ଖୋର୍ଦ୍ଧା ଜିଲ୍ଲାର ଉତ୍କଳ ବୁଣାକାର ସମବାୟ ସୂତାକଳ ଅଚଳ ଅବସ୍ଥାରେ ପଡିଛି ।

ଅନ୍ୟ ପକ୍ଷରେ ସୁନ୍ଦରଗଡ, ବାରିପଦା, ଆସିକା, ସୋନପୁର ଓ ରାଇରଙ୍ଗପୁରରେ ଥିବା ଘରୋଇ ସୂତାକଳଗୁଡିକ ବି ବନ୍ଦହୋଇ ପଡିଛି । ଏହାଛଡା କେନ୍ଦ୍ରାପଡା, ମୟୁରଭଞ୍ଜ, ଖୋରଧା, ଗଞ୍ଜାମ, କଟକ, ଜଗତ୍‌ସିଂହପୁର, ବରଗଡ, ଢେଙ୍କାନାଳ, ସୁନ୍ଦରଗଡ, କଳାହାଣ୍ଡି ଆଦି ଜିଲ୍ଲାରେ ଥିବା ୧୩ଟି କଳତନ୍ତ ସମବାୟ ସମିତି ମଧ୍ୟ ସମ୍ପୂର୍ଣ୍ଣ ଅଚଳ।

ଓଡିଶାର ଅବିଭକ୍ତ କଳାହାଣ୍ଡି, ଫୁଲବାଣୀ ଓ କୋରାପୁଟ ଆଦି ଜିଲ୍ଲାରେ ଉନ୍ନତ କିସମର କପା ଉତ୍ପାଦନ ହୋଇଥାଏ। ରାଜ୍ୟରେ ସୂତାକଳଗୁଡିକ କାର୍ଯ୍ୟକ୍ଷମ ଥିବାବେଳେ କପାଚାଷୀମାନେ ବେଶ୍ ଲାଭବାନ୍ ହେଉଥିଲେ। ଏହାକୁ ପ୍ରମୁଖ ଅର୍ଥକରୀ ଫସଲ ଭାବେ ଗ୍ରହଣକରି ନିଆଯାଉଥିଲା। ତେବେ ସୂତାକଳଗୁଡିକ ବନ୍ଦ ହୋଇଯିବାପରେ ରାଜ୍ୟ ଭିତରେ ଆଉ କପାର ଚାହିଦା ନାହିଁ। ତେଣୁ ଯେଉଁ ଚାଷୀମାନେ ଋଣ କରି କପାଚାଷ କରୁଛନ୍ତି ସେମାନେ ଉତ୍ପାଦିତ କପାକୁ ଉଚିତ୍ ମୂଲ୍ୟରେ ଠିକଣା ସମୟରେ ବିକ୍ରି କରିବା କଷ୍ଟସାଧ୍ୟ ହୋଇପଡୁଛି। ଏହାର ଫାଇଦା ନେଇ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ନାମମାତ୍ର ଦରରେ ଓଡିଶାରୁ ଟ୍ରକ ଟ୍ରକ କପା ନିଜ ରାଜ୍ୟର ସୂତାକଳଗୁଡିକ ପାଇଁ ବୋହି ନେଉଥିବାବେଳେ କପାର ଅଭାବି ବିକ୍ରିକୁ ନିୟନ୍ତ୍ରଣ କରାଯାଇପାରୁନାହିଁ।

ଓଡିଶାରେ କଳତନ୍ତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଥିବା ବେଳେ କେବଳ ହସ୍ତତନ୍ତ ଉପରେ ନିର୍ଭର କରିବାକୁ ପଡୁଛି। ତେବେ ହସ୍ତତନ୍ତର ଡିଜାଇନ୍ ନକଲ କରି ଅନ୍ୟ ରାଜ୍ୟର କଳତନ୍ତ ବ୍ୟବସାୟୀମାନେ ସମ୍ବଲପୁରୀ ସମେତ ଅନ୍ୟ ଓଡିଶୀ ହସ୍ତତନ୍ତ ବସ୍ତ୍ର ଉତ୍ପାଦନ କରୁଥିବାରୁ ଓଡିଶାର ହସ୍ତତନ୍ତ ସାମଗ୍ରୀ ଏହି ନକଲି ସାମଗ୍ରୀ ସହ ପ୍ରତିଯୋଗିତା କରିପାରୁନାହିଁ। ହାଟବଜାରରେ ଏହି ନକଲି ସାମଗ୍ରୀ ହାଉଜାଉ ହେଉଥିବା ବେଳେ ତାହାକୁ ନିୟନ୍ତ୍ରଣ କରାଯାଉନଥିବାରୁ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ଥିବା ପ୍ରାୟ ୧ ଲକ୍ଷ ୫ ହଜାର ବୁଣାକାର ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ଏବେ ଓଡ଼ିଶାରେ ବର୍ଷକୁ ଯେତେ ହସ୍ତତନ୍ତ ସାମଗ୍ରୀ ଉତ୍ପାଦିତ ହେଉଛି ସେଥିରୁ ବିଦେଶକୁ ଖୁବ୍ କମ୍ ରପ୍ତାନି ହେଉଛି। ଭାରତରୁ ବିଦେଶକୁ ଯେତେ ହସ୍ତତନ୍ତ ସାମଗ୍ରୀ ରପ୍ତାନି ହେଉଛି ସେଥିରେ ଓଡିଶାର ଅବଦାନ ୩ ପ୍ରତିଶତ ନୁହେଁ ବୋଲି ବୁଣାକାରମାନେ କହୁଛନ୍ତି। ଓଡିଶାରେ ସୂତାକଳ, କଳତନ୍ତ ବୁଡି ଯାଇଥିବା ବେଳେ ହସ୍ତତନ୍ତ ଜୀବନ ବଞ୍ଚାଇବାକୁ ଉଦ୍ୟମ କରୁଛି। ଅଧିକନ୍ତୁ କାମ ଧନ୍ଦା ନ ପାଇ ବହୁ ଶିଳ୍ପୀ ଅନ୍ୟ ରାଜ୍ୟକୁ ପଳାଇବାକୁ ବାଧ୍ୟ ହେଉଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ବୁଧବାର ୧୮ ଜୁନ ୨୦୨୫, ଭୁବନେଶ୍ୱର
Wednesday 18 June 2025, Bhubaneswar

# ସମାଧାନର ସୁବର୍ଣ୍ଣ ସୁଯୋଗ

କିଛି ମାସ ତଳେ ଛତିଶଗଡ଼ର ଜଳସମ୍ପଦ ମନ୍ତ୍ରୀ କହଥିଲେ ଯେ, ମହାନଦୀ ବିବାଦର ସମାଧାନରେ ଟ୍ରିପଲ ଇଞ୍ଜିନ ସଫଳ ହେବ। ତାଙ୍କ କହିବାର ଅର୍ଥ ହେଲା ଉଭୟ ରାଜ୍ୟ ଓଡ଼ିଶା ଏବଂ ଛତିଶଗଡ଼ରେ ଏବେ ବିଜେପି ସରକାର। କେନ୍ଦ୍ରରେ ମଧ ବିଜେପି ସରକାର। ତେଣୁ ଗୋଟିଏ ଦଳ ତିନି ପକ୍ଷରେ ରହିଛି। ସେ ଦୃଷ୍ଟିରୁ ମହାନଦୀ ଜଳ ବିବାଦର ସମାଧାନ ପନ୍ଥା ବାହାରିବା ସହଜ। ଛତିଶଗଡ଼ ଜଳସମ୍ପଦ ମନ୍ତ୍ରୀଙ୍କ କଥାର ଯଥାର୍ଥତା ରହିଛି। ଯଦିଓ ମହାନଦୀ ବିବାଦ ସହିତ ଦଳୀୟ ରାଜନୀତିରକୋ÷ଣସି ସମ୍ପର୍କ ନାହିଁ, ଏବଂ ଦୁଇ ରାଜ୍ୟର ସରକାର ଏଥିରେ ସମ୍ପୃକ୍ତ , ସେଭଳି ପରିସ୍ଥିତିରେ ଟ୍ରିପଲ ଇଞ୍ଜିନ କଥା କହିବା ଅନୁଚିତ। କିନ୍ତୁ ବାସ୍ତବତା ହେଲା ରାଜନୈତିକ ଉଦ୍ୟମ ଏବଂ ଇଚ୍ଛାଶକ୍ତି ଦ୍ୱାରା ହିଁ ଏହି ବିବାଦର ସମାଧାନ ହୋଇପାରିବ। ଟ୍ରିପଲ ଇଞ୍ଜିନ ଲାଗିବାର ବର୍ଷେ ପୂରଣ ହେଲାଣି। ମହାନଦୀ ସମସ୍ୟାର ସମାଧାନ ପାଇଁ ଏତିକି ସମୟ ଯଥେଷ୍ଟ। କିନ୍ତୁ ଏ ଯାବତ ଏ ଦିଗରେ କିଛି ପଦକ୍ଷେପ ନିଆଯାଇନାହିଁ କିମ୍ବା ଆନ୍ତରିକ ଉଦ୍ୟମ ମଧ ହୋଇନାହିଁ। ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଛି। କିନ୍ତୁ ଏହି ସମୟ ମଧରେ ମହାନଦତୀ ବିବାଦର ସମାଧାନ ସମ୍ଭବ ହେଲା ଭଳି ଲାଗୁ ନାହିଁ। ଯଦି ଏହି ସମୟ ମଧରେ ବିବାଦର ସମାଧାନ ନହୁଏ ତେବେ ଏହାର କାର୍ଯ୍ୟକାଳ ଆହୁରି ବଢ଼ିବା ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଯେତେବେଳେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଗଠନ ପ୍ରସ୍ତାବ ରଖିଥିଲେ ସେତେବେଳେ ଅନେକ ଏହାକୁ ନାପସନ୍ଦ କରିଥିଲେ। ଛତିଶଗଡ଼ ସରକାର ଟ୍ରିବ୍ୟୁନାଲ ଗଠନ ସପକ୍ଷରେ ନଥିଲେ। ଓଡ଼ିଶାର ମଧ ଅନେକ ଏହାକୁ ନାପସନ୍ଦ କରିଥିଲେ। କାରଣ ହେଲା ଭାରତରେ ନ୍ୟାୟିକ ପ୍ରକ୍ରିୟା ଏକ ବିଳମ୍ବିତ ପ୍ରକ୍ରିୟା ବୋଲି ସମସ୍ତେ ଜାଣନ୍ତି। ଟ୍ରିବ୍ୟୁନାଲ ଗଠନ ହେବାକୁ ଅନେକ ଦିନ ଲାଗିଗଲା। ଟ୍ରିବ୍ୟୁନାଲ ମାମଲାର ଫଇସଲା କରିବାକୁ ଅନେକ ଦିନ ଲାଗିଯିବ। ତେଣୁ ଏହି ପ୍ରକ୍ରିୟାରେ ତତ୍କାଳ ସଫଳତା ବା ନ୍ୟାୟ ମିଳିବାର ସମ୍ଭାବନା କ୍ଷୀଣ। ଆପୋଷ ଆଲୋଚନା ଏବଂ ଦ୍ୱିପାକ୍ଷିକ ସହମତି ଭିତ୍ତିରେ ସମସ୍ୟାର ସମାଧାନ ସପକ୍ଷରେ ଅନେକ ମତ ରଖିଥିଲେ। ଯେଉଁମାନେ ଟ୍ରିବ୍ୟୁନାଲ ଗଠନକୁ ବିରୋଧ କରି ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା ବୋଲି କହିଥିଲେ, ସେମାନଙ୍କ ମତ ଏବେ ସତ ବୋଲି ଜଣାପଡୁଛି। ଅତୀତରେ କାବେରୀ ଜଳ ବିବାଦର ସମାଧାନ ଲାଗି ଏଭଳି ଉପାୟ ଅବଲମ୍ବନ ହୋଇଥିଲା। କିନ୍ତୁ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ବିବାଦର ଅୟମାରମ୍ଭ ହୋଇଥିଲା ସେତେବେଳେ ଯେତେବେଳେ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଅଟକାଇଲେ ଏବଂ ଓଡ଼ିଶାରେ ଜଳସଙ୍କଟ ସୃଷ୍ଟି ହେଲା। ମହାନଦୀର ଉତ୍ପତ୍ତି ଛତିଶଗଡ଼ରେ ହୋଇଛି। ସେଠାରେ ଅନେକ ଛୋଟ ଛୋଟ ଉପନଦୀ ମଧ ମହାନଦୀରେ ମିଶିଛି। ଛତିଶଗଡ଼ ସରକାର ଏହି ଜଳର ଉଭୟ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ଉପଯୋଗ ଲାଗି ମହାନଦୀ ଓ ଏହାର ଉପନଦୀ ଗୁଡ଼ିକରେ ୧୦ରୁ ଅଧିକ ଛୋଟ ବଡ଼ ବ୍ୟାରେଜ ନିର୍ମାଣ କରିଛନ୍ତି। ଏହିସବୁ ବ୍ୟାରେଜ ନିର୍ମାଣ ଦ୍ୱାରା ସେଠାରେ ପ୍ରଚୁର ଜଳ ସଞ୍ଚିତ ହୋଇ ରହୁଛି। ଏହାକୁ ସେଠାରେ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ବିନିଯୋଗ କରାଯାଉଛି। ଫଳରେ ଛତିଶଗଡ଼ର ଆର୍ôଥକ ବିକାଶ ସମ୍ଭବ ହୋଇପାରୁଛି। କିନ୍ତୁ ଓଡ଼ିଶା ଏହା ଦ୍ୱାରା ଗୁରୁତର ପ୍ରଭାବିତ ହୋଇଛି। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ତଳମୁଣ୍ଡକୁ ଜଳ ପ୍ରବାହ କମିଛି। ଛତିଶଗଡ଼ ସୀମା ଭିତରେ କଲମା ବ୍ୟାରେଜରେ ଜଳ ଉଚ୍ଛୁଳୁଥିବା ବେଳେ ଓଡ଼ିଶା ସୀମା ଭିତରେ ମହାନଦୀ ଶୁଖିଲା ପଡ଼ିଛି। ଅନେକ ସ୍ଥାନରେ ମହାନଦୀ ଶଯ୍ୟା ଏବେ ମରୁଭୂମି ଭଳି ଲାଗୁଛି। ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହା ଉପରେ ରାଜ୍ୟର ଅଧା ଅଞ୍ଚଳ ନିର୍ଭର କରନ୍ତି। କୃଷି ଏବଂ ଶିଳ୍ପ ସହିତ ବହୁ ମତ୍ସ୍ୟଜୀବୀ ଏହା ଉପରେ ନିର୍ଭର କରି ଚଳନ୍ତି। ମହାନଦୀ ପାର୍ଶ୍ୱବର୍ତ୍ତୀ ଲୋକଙ୍କ ପାନୀୟ ଜଳର ମୁଖ୍ୟ ଉତ୍ସ ହେଲା ମହାନଦୀ। ଏବେ ମହାନଦୀ କୂଳରେ ବାସ କରୁଥିବା ଲୋକଙ୍କୁ ପାଣି ପାଇଁ ଡହଳ ବିକଳ ହେବାକୁ ପଡୁଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିଯିବା ଫଳରେ ଉଭୟ ବିଦ୍ୟୁତ ଉତ୍ପାଦନ ଏବଂ କୃଷି କ୍ଷେତ୍ରକୁ ଜଳସେଚନ ଗୁରୁତର ପ୍ରଭାବିତ ହୋଇଛି। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ମଧ ଜଳସଙ୍କଟ ଦେଖାଦେଇଛି। ମହାନଦୀ ତ୍ରିକୋଣଭୂମି ଆରମ୍ଭ ହୋଇଛି ମୁଣ୍ଡଳୀରୁ। ସେଠାରୁ ମହାଦୀର ବିଭିନ୍ନ ଶାଖା ପ୍ରଶାଖା ବାହାରି ଉପକୂଳ ଅଞ୍ଚଳରେ ଜାଲଭଳି ବିଛାଇ ହୋଇ ରହିଛି। କଟକ ଜିଲ୍ଲା ନରାଜ ଏବଂ ଯୋବ୍ରାରେ ନିର୍ମିତ ଆନିକଟରେ ଜଳାଭାବ ଦେଖା ଦେଇଛି। ଯୋବ୍ରାରୁ ପାରାଦ୍ୱୀପରେ ପ୍ରତିଷ୍ଠିତ ଆଇଓସିଏଲ ପ୍ଲାଣ୍ଟକୁ ଜଳଯୋଗାଣ ହେଉଛି। ଫଳରେ ଯୋବ୍ରାରେ ପାଣି ଅଭାବ ଦେଖିବାକୁ ମିଳୁଛି। କିଛି ବର୍ଷ ତଳେ ଯେତେବେଳେ ଆଇଓସିଏଲ ଯୋବ୍ରାରୁ ପାଣି ନେବ ବୋଲି ପ୍ରସ୍ତାବ ଆସିଥିଲା ସେତେବେଳେ ଏହାକୁ ବିରୋଧ କରାଯାଇଥିଲା ଏବଂ ଆଇଇସିଏଲ ମହାନଦୀ ମୁହାଣରେ ନିଜସ୍ୱ ଜଳଭଣ୍ଡାର ନିର୍ମାଣ କରୁ ବୋଲି ଅନେକ ମତବ୍ୟକ୍ତ କରିଥିଲେ। ବର୍ଷା ଦିନେ ମହାନଦୀରେ ଆସୁଥିବା ବନ୍ୟାଜଳକୁ ସେଠାରେ ସଞ୍ଚୟ କରାଯାଇ ଏହାକୁ ଶିଳ୍ପ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। କିନ୍ତୁ ଆଇଓସିଏଲ ଏହାକୁ କାର୍ଯ୍ୟକାରୀ କଲାନାହିଁ। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିର ଅଭାବ ହେତୁ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ମହାନଦୀ ଜଳ ବିବାଦ ଆରମ୍ଭରୁ ଛତିଶଗଡ଼ କହିଆସୁଛି ଯେ, ମହାନଦୀ ଉପରମୁଣ୍ଡରେ ନିଜ ଭୌ÷ଗଳିକ ସୀମା ଭିତରେ ଏହା ବ୍ୟାରେଜ ନିର୍ମାଣ କରିଛି। ଓଡ଼ିଶା ସରକାର ମଧ ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ନିଜ ଆବଶ୍ୟକତା ପୂରଣ ନିମନ୍ତେ ଜଳସଞ୍ଚୟ କରିପାରିବେ। ଛତିଶଗଡ଼ ସରକାରଙ୍କ ଏହି ଯୁକ୍ତି ଅନେକାଂଶରେ ଯଥାର୍ଥ। ବର୍ଷା ଦିନେ ମହାନଦୀରେ ପ୍ରବାହିତ ହେଉଥିବା ବିପୁଳ ଜଳରାଶି ସମୁଦ୍ରକୁ ଚାଲିଯାଉଛି। ଓଡ଼ିଶା ସରକାର ଯେବେଠାରୁ ଛତିଶଗଡ଼ ସହ ମହାନଦୀ ଜଳବିବାଦରେ ଲିପ୍ତ ହେଲେଣି ସେବେଠାରୁ ଯୋଜନା କରିଥିଲେ ତଳମୁଣ୍ଡରେ ଅନେକ ବ୍ୟାରେଜ ନିର୍ମାଣ ହୋଇସାରନ୍ତାଣି। ଛତିଶଗଡ଼ ସରକାର ବିଭିନ୍ନ ଶିଳ୍ପ ସଂସ୍ଥାରୁ ଆଗୁଆ ଟଙ୍କା ଆଣି ଏହିସବୁ ବ୍ୟାରେଜ ନିର୍ମାଣ କରିଛନ୍ତି। ଓଡ଼ିଶା ସରକାର ମଧ ଏହା କରିପାରନ୍ତେ। ପ୍ରତିବର୍ଷ ବଜେଟରେ ଏଥିଲାଗି କିଛି ଅର୍ଥ ବରାଦ କରାଗଲେ ୧୦ ବର୍ଷରେ ସ୍ଥିତି ବଦଳିଯାଇପାରନ୍ତା। ଟ୍ରିବ୍ୟୁନାଲରେ ମାମଲା ଚାଲୁ। କିନ୍ତୁ ଏହାକୁ ଭରସା କରି ସମୟ ନଷ୍ଟ କରାଯିବା ଅନୁଚିତ। ପ୍ରତିବର୍ଷ ଏହି ପ୍ରସଙ୍ଗ ନେଇ ବିଧାନସଭାରେ ହଟ୍ଟଗୋଳ ହେଉଛି। ରାଜନୈତିକ କାଦୁଅ ଫିଙ୍ଗାରେ ସବୁ ଦଳ ବ୍ୟସ୍ତ। କିନ୍ତୁ ସମସ୍ୟାର ସମାଧାନ ଲାଗି କାହାର ଆନ୍ତରିକତା ନାହିଁ। ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ବ୍ୟାରେଜ ନିର୍ମାଣ ନିମନ୍ତେ ଜଙ୍ଗଲ ବା ଚାଷ ଜମି ବୁଡ଼ାଇବାର ଆବଶ୍ୟକତା ନାହିଁ। ନଦୀ ଶଯ୍ୟା ଭିତରେ ଏହା ନିର୍ମିତ ହୋଇପାରିବ। କେବଳ ଏହି ଗୋଟିଏ ଯୋଜନା ଉପରେ ରାଜ୍ୟ ସରକାର ମନୋନିବେଶ କଲେ ଓଡ଼ିଶାର ଭାଗ୍ୟ ବଦଳିଯାଇପାରନ୍ତା। ଏବେ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ବିଜେପି କ୍ଷମତାସୀନ ଅଛି। ତେଣୁ ବିବାଦର ସମାଧାନ ପାଇଁ ଏବେ ସୁବର୍ଣ୍ଣ ସୁଯୋଗ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହାକୁ ଏକ ମିଶନ ଭାବେ ବିବେଚନା କରନ୍ତୁ। ଏବେ ଯଦି ମହାନଦୀ ବିବାଦର ସମାଧାନ ପନ୍ଥା ନିର୍ଦ୍ଧାରିତ ହୋଇପାରିବ ନାହିଁ, ତେବେ ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ଏହା ସମ୍ଭବ ହେବ ନାହିଁ। ଏଥିପାଇଁ ଆବ୍ୟାକତା ରହିଛି କେବଳ ଦୃଢ଼ ଇଚ୍ଛାଶକ୍ତିର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହା ଚାହିଁଲେ ହାର ସମାଧାନ ରାସ୍ତା ଶୀର୍ଘ ବାହାରିପାରିବ। ଏଥିପାଇଁ ଓଡ଼ିଶା ସରକାର ନିଜ ଆଡ଼ୁ ଉଦ୍ୟମ କରିବା ଉଚିତ। ମହାନଦୀ ଉପରେ କେବଳ ଓଡ଼ିଶା ବା ଛତିଶଗଡ଼ର ଅଧିକାର ନାହିଁ। ଏହା ଏକ ଜାତୀୟ ସମ୍ପତ୍ତି। ତେଣୁ ଏହାର ସୁରକ୍ଷା ଏବଂ ମହାନଦୀ ଜଳର ସଦୁପଯୋଗ ରାଷ୍ଟ୍ରୀୟ ହିତରେ ଲାଗିବା ଉଚିତ। ଏହାକୁ ଅଣଦେଖା କରାଯିବା ଅନୁଚିତ। ମହାନଦୀ କଳି ଯେତେ ଶୀଘ୍ର ତୁଟିବ ତାହା ସେତେ ମଙ୍ଗଳକର ଏବଂ ସହଜ ହେବ। କଳି ବେଶୀ ପୁରୁଣା ହେଲେ ଅଧିକ ଜଟିଳ ହେବ। ଜଟିଳ ରୋଗର ଚିକିତ୍ସା ସହଜ ନୁହେଁ ଏବଂ ଏହା ବ୍ୟୟ ସାପେକ୍ଷ। ଏଥିପାଇଁ ସର୍ଜରୀର ଆବଶ୍ୟକତା ପଡ଼ିପାରେ। ସେ ପର୍ଯ୍ୟନ୍ତ ନଯାଇ ରୋଗକୁ ସଠିକ ଏବଂ ସହଜ ଉପାୟରେ ନିଦାନ କରାଯାଇପାରେ।

# ଶ୍ରୀଜଗନ୍ନାଥ ସଂସ୍କୃତିରେ ରଥ ଓ ପଥର କିମ୍ବଦନ୍ତୀ




ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଶ୍ରୀଜଗନ୍ନାଥ ସଂସ୍କୃତିର ଶିଳ୍ପସାର ସଂଗ୍ରହ ପୋଥିରେ ୨ୟ ଖଣ୍ଡରେ ରଥର ମୂଳରୁ ଚୂଳ ପର୍ଯ୍ୟନ୍ତ ମୋଟ ୨୭ ଭାଗ କରାଯାଇଛି। ପ୍ରତ୍ୟେକ ଭାଗକୁ ଚଉଠା ଓ ଚଉଠା ଦେଢ଼ ଭାଗକୁ ଅଙ୍ଗୁଳ ବା କଳା କୁହାଯାଏ। ରଥର ତଳ ଚକଡାର ଦୈର୍ଘ୍ୟ ୨୭ ଚଉଠା। ଏହି ଚକଡାକୁ ୯ ଭାଗ କରି ୧୦ ଧାରଣା ପକାଯାଏ। ପ୍ରଥମ ୬ ଧାରଣାର ଲମ୍ବ ୨୭ ଚଉଠା, ୨ୟ ଧାରଣାର ଲମ୍ବ ୨୧ ଚଉଠା ଓ ୩ୟ ଧାରଣାର ଲମ୍ବ ୧୫ ଚଉଠା। ମୁହାଣର ଲମ୍ବ ୧୫ ଚଉଠା,କୁଡୁକାର ଲମ୍ବ ଧାରଣ ମହଲାକୁ ୩ ଚଉଠା, ଏପରି ଚାରି କୋଣରେ ୮ କୁଡୁକା ଦେବ। ବଡ଼ ଦୁଇ ଅଖ ଲମ୍ବ ୩୦ ଚଉଠା, ଛୋଟ ଦୁଇ ଅଖ ଲମ୍ବ ୨୪ ଚଉଠା। ଏହି ଏକ ଚଉଠାକୁ ୧୨ ଭାଗ କରାଯାଏ। ୧୭ ଚଉଠ ୮ ଅଙ୍ଗୁଳରେ ବଡ଼ ଅଖ ଦୁଇ ଗୋଟି ପୁଡା ଡାଇ ହାଣିବ। ଗୁଳିର ଉଚ୍ଚ ୫ ଚଉଠ ୮ ଅଙ୍ଗୁଳ ଗୁଳି ବହଳ ଛାଡି ଛାଡି ଅଖରେ କାନ କିଳା ବିନ୍ଧ କରିବ । ମୁହାଣକୁ ଗୁଳି ନିଶ୍ୱାସ ୮ ଅଙ୍ଗୁଳ ଛାଡି ଧାରଣାରେ ଅଖର କାବିଳା କଣ୍ଟା ବିନ୍ଧ କରିବ । ମୁହାଣ ମଝାଲକୁ ୮ ଚଉଠ ୪ ଅଙ୍ଗୁଳ ଛାଡି ବଡ଼ ଅଖ କାବିଳା ବିନ୍ଧ ଧାରଣାରେ କରିବେ । ୧୦ ବାହି ପ୍ରକାରେ ଗୋଜଫୁଲି କରି ଜଳନ୍ତରିଆ ଖୋଜ ବିନ୍ଧ କରିବ । ଧାରଣା ବାହି ଉପରେ ଜିଆ ୮ ଚଉଠରେ ନାଇକା ବିନ୍ଧ କରିବ। ନାଇକା ପାଖ ଜଳନ୍ତରିଆ ଖିଜ ୪ ଚଉଠ ୧୨ଅଙ୍ଗୁଳ ଉଚ୍ଚ ଖୁସି କରିବ । ଏଥି ଉପରେ ଛନ୍ଦା ପକାଇବ। ଚକଡା ଚାରିପାଖ ଧାରଣାକୁ ଛନ୍ଦାକୁ ଟୀକା କରିବ। ଧାରଣା ଉପରଠାରୁ ଜିଆ ମିଶି ନାଇକା ୧୪ ଚଉଠ ରଖି ଖୁସି କରିବ। ସିଂହାସନର ଉଚ୍ଚ ୧୨ ଅଙ୍ଗୁଳ କରିବ। ଜିଆ ବହଳ ୧୨ ଆଙ୍ଗୁଳ କରିବ। ଓସାର ୧ ଚଉଠା ନାଇକା ଉପରେ ୮ଚଉଠାଇ ଚଉତାଳ କରିବ।

ପ୍ରଥମେ ଭୂଇଁ ଲଦିବ। ଭୂଇଁ ବହଳ ୫ ଅଙ୍ଗୁଳ ଫୁଲିଠାରୁ ଭୂଇଁ ଅଁଳା, ୨ ଚଉଠ ୪ ଅଙ୍ଗୁଳ। ଭୂଇଁ ମଝାଲ ସୂତାଠାରୁ ୨ ଅଙ୍ଗୁଳ ରଖି ଗୈ ହାଣିବ। ପାଖୁଡା ୩ ଚଉଠ ୪ ଅଙ୍ଗୁଳ, କୋଣ ପାଖୁଡା ୧ ଚଉଠ ୪ ଅଙ୍ଗୁଳ, ଫୁଲିଠାରୁ ୧ ଚଉଠ ଲେଖା ଛାଡି ଦୁଇ ପାଖୁଡା ବସାଇବ। ଏହି ପରି ଚାରିପାଖେ ୧୬ ଗୋଟି ପାଖୁଡା ମାରିବ। ଫୁଲିଠାରୁ ୧ ଚଉଠ ୨ ଅଙ୍ଗୁଳ ଲେଖାରେ ହଂସପାଦି ପକାଇ ୧ ଚଉଠ ଉଚ୍ଚରେ ଚଢ଼େଇ ଖୋଜ ବସାଇବ। ଏଥି ଉପରେ ପାଖୁଡା ହଂସ ପାଦି ମାରିବ। ଚାରି ପାଖେ ହାରାମାଳି ମାରିବ। ଏଥି ଉପରେ ୬ ଚଉଠରେ ବିନ୍ଧ କରି ୮ ଅଙ୍ଗୁଳ ଛାଡି ଓରା ପକାଇବ। ଏହ ପରେ ୨ୟ ଭୂଇଁ, ୨ୟ ପାଖୁଡା ମାରିବ। ଏପରି ଚାରିଦିଗେ ୧୨ ପାଖୁଡା ମାରିବ। ତୃତୀୟ ପୁର ଭୂଇଁ ଚଉତାଳ ୬ ଚଉଠରେ ବସିବ। ପ୍ରଥମେ ପଟଳ ଲମ୍ବ ୮ ଚଉଠ,ରାହା କାଟଣ ଶେଷଠାରୁ ୧୪ ଅଙ୍ଗୁଳ ଉଚ୍ଚ, ୨ୟ ରାହା ମଧ ୧୨ ଅଙ୍ଗୁଳ ଉଚ୍ଚରେ କାଟଣ ହେବ। ଏହି ପରି ଚାରିପାଖି ପଟଳ କରିବ। ପ୍ରଥମ ସାତପୁର ପଟଳ ଉଚ୍ଚ ୨ ଚଉଠ, ସାତପୁରରେ କୋଣ ଓରା ପକାଇ ପଟଳ ଲଦିବ। ପଟଳ ଭୂଇଁ ଉପରଠାରୁ ବଡ଼ ଖୋଜ ମଧ ଚୌତାଳରେ ୨ ଚଉଠ ୧୨ ଅଙ୍ଗୁଳ ରଖି ବସାଇବ। ଏଥି ଉପରେ ପାରାଭାଡି ଭୂଇଁ ୩ ଚଉଠ ୮ଅଙ୍ଗୁଳରେ ଚଉତାଳ କରି ବସାଇବ। ପ୍ରଥମ ସାତପୁର ପଟଳ ଉପରେ ପଟଳ ଭୂଇଁ ଲଦା ହେବ। ୨ୟ ରାହା ୨ ଅଙ୍ଗୁଳ ଲେଖାରେ ପୁରକୁ ପୁର ସାତପୁର କାଟିବ। ୨ୟ ସାତପୁର ପଟଳ ୨ ଚଉଠ କରିବ। ଏଥି ଉପରେ ୧ ଚଉଠ ଉପରେ ମାଙ୍କଡ଼/ଛନ୍ଦା ଦୁଇଗୋଟି ଚଉତାଳ କରି ପକାଇବ। ଦଧିନଉତି ୨ ଚଉଠ ଉଚ୍ଚରେ ମାଙ୍କଡ଼ଛନ୍ଦା ଉପରେ କଳସ ଚକ୍ର ପତାକା ହେବ । କଳଶା ଶିଖାଠାରୁ ପାରାଭାଡି ଭୂଇଁ ତଳ ପର୍ଯ୍ୟନ୍ତ ଦଖିନଉତି ଖୋଜ ହେବ।

ରଥପାଦ ଦେଶରୁ ଶୀର୍ଷଦେଶ ପର୍ଯ୍ୟନ୍ତ ଥିବା ଅଂଶଗୁଡ଼ିକ ମଧରେ ଚକ, ଦଣ୍ଡିଆ,ଅର,ବାଙ୍କି ହଂସପଟା, କଣି, ଶଙ୍ଖଦ୍ୱାର, ଜାଲି, ଗାଈପଟା, ସିଂହାସନ, କନକ ମୁଣ୍ଡେଇ, ଭୂମି, ଷୋଳ ନାହକ, ମଗରଦଣ୍ଡା, ବସନ୍ତ,ଦୁଆରଘୋଡ଼ା, ସାରଥୀ ପୀଢ଼, କୁମ୍ଭପଟି, ରାହୁପଟି, ଆଠ ନାହାକା, ପୀଢ଼, ଋଷିପଟା, ଦଣ୍ଡା, ପାରାଭାଡି, ଖପୁରୀ, ପାଦ, ଓଲଟ, ଶୁଆ,ଦଧିନଉତି, କଣ୍ଟି, ଦଣ୍ଡ, ଚକ୍ର ଓ କେତନ । ଶିଳ୍ପ ଶାସ୍ତ୍ରାନୁଯାୟୀ ରଥର ଅଙ୍ଗ ଗୁଡିକୁ ସାଧାରଣତଃ ୧୩ଟି ମୁଖ୍ୟ ଅଙ୍ଗରେ ବିଭକ୍ତ କରାଯାଇଛି। ଯଥା- (୧) ଚକ୍ରପୀଠ, (୨) ଅରଦଣ୍ଡା,(୩)ଗଗରା,(୪) ମୂଳନାଭ,(୫) ବରାଣ୍ଡି,(୬) ହଂସପଟା, (୭) ରଥଗର୍ଭ,(୮) ପାରାଭାଡି,(୯) କଳସ ପୀଠ, (୧୦) ଦଧିନଉତି, (୧୧) କର୍ଣ୍ଣଅଳା,(୧୨) ଧାତୁ କଳସ ଓ (୧୩) ଆୟୁଧ ଧ୍ୱଜା। ତେବେ ଆସନ୍ତୁ ଜାଣିବା ଏହି ରଥର ପୁଙ୍ଖାନୁପୁଙ୍ଖ ବିଷୟରେ। ନନ୍ଦିଘୋଷ ରଥ - 'ନନ୍ଦିଘୋଷ' ବା 'ଗରୁଡ଼ଧ୍ୱଜ' ବା 'କପିଳଧ୍ୱଜ' ରଥରେ ଜଗନ୍ନାଥଙ୍କ ସହ ମଦନମୋହନ ବିଜେ କରନ୍ତି । ମୋଟ ୭୪୨ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ୬ ଇଞ୍ଚ ଅଟେ । ଏହି ରଥରେ ୧୬ଟି ଚକ (ବିଷ୍ଣୁସିଦ୍ଧ, ବିଭୂତି, ଅଣିମା, ପ୍ରଜ୍ଞା, ଧୀ, ଜ୍ଞାନ, ପ୍ରେମ, ଆଶକ୍ତ, ରତି, କେଳି, ସତ୍ୟ, ସୁସ୍ୱସ୍ତି, ଜାଗୃତି, ତୁରୀୟ, ଆମ, ନିର୍ବାଣ) ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ। ସାରଥିଃ ଦାରୁକ । ରଥର ଦଉଡ଼ିଃ ଶଙ୍ଖଚୂଡ଼ । ପରମ୍ପରା ମୁତାବକ ଧଳାରଙ୍ଗର ଚାରୋଟି ଘୋଡ଼ା (ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ) ସ୍ଥାପନ କରାଯାଏ । ଏହାର ପତାକା ଗରୁଡ଼ ଚିହ୍ନାଙ୍କିତ । ଧ୍ୱଜପମୂର୍ତ୍ତିଃ ପଞ୍ଚମୁଖୀ ହନୁମାନ । ନାଲି ଓ ହଳଦିଆ ରଙ୍ଗର କପଡ଼ାରେ ରଥାବରଣ କରାଯାଏ। ନନ୍ଦିଘୋଷରେ ହରିହର, ପଣ୍ଡୁ ନୃସିଂହ, ଗିରିଧର, ଷଡ଼ଭୁଜ ଚିନ୍ତାମଣି କୃଷ୍ଣ, ଚତୁର୍ଭୁଜ ନାରାୟଣ, ସପ୍ତଫେଣ ସର୍ପରେ ଆସୀନ ମଧୁସୂଦନ ବା ବିଷ୍ଣୁ, ଲକ୍ଷ୍ମଣ, ପଞ୍ଚମୁଖୀ ମହାବୀର ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି ।



ଦର୍ପଦଳନ ରଥ - 'ଦର୍ପଦଳନ' ବା 'ପଦ୍ମଧ୍ୱଜ' ବା 'ଦେବଦଳନ' ରଥରେ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ବିଜେ କରନ୍ତି । ମୋଟ ୭୧୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୪ଫୁଟ ୬ ଇଞ୍ଚ ଅଟେ । ଏହି ରଥରେ ୧୨ଟି ଚକ ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୮ ଇଞ୍ଚ । ସାରଥିଃ ଅର୍ଜୁନ । ରଥର ଦଉଡ଼ିଃ ସ୍ୱର୍ଣ୍ଣଚୂଡ଼ । ଧ୍ୱଜପମୂର୍ତ୍ତିଃ ଜୟଦୁର୍ଗା । ପରମ୍ପରା ମୁତାବକ ନାଲି ଚାରୋଟି ଘୋଡ଼ା (ରୋଚିକା, ମୋଚିକା, ଜିତା, ଅପରାଜିତା) ସ୍ଥାପନ କରାଯାଏ । ନାଲି ଓ କଳା ରଙ୍ଗର କପଡ଼ାରେ ରଥାବରଣ କରାଯାଏ । ଦର୍ପଦଳନରେ ବିମଳା, ମଙ୍ଗଳା, ବାରାହୀ, ଭଦ୍ରକାଳୀ(ଶବରୂଢ଼ା ଚତୁର୍ଭୁଜା), ବନଦୁର୍ଗା ବା କଣ୍ଟକାଢ଼ି, କାତ୍ୟାୟନୀ (ଅଷ୍ଟଭୁଜା ଦୁର୍ଗା), ହରଚଣ୍ଡୀ, ରାମଚଣ୍ଡୀ (ଅଷ୍ଟଭୁଜା ଓ ବାମହାତ କାଣି ଆଙ୍ଗୁଠିକୁ ପାଟିରେ ଚୁଚୁମିଛନ୍ତି), ଅଘୋରା ପାର୍ଶ୍ୱଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି । ଶ୍ରୀଜଗନ୍ନାଥଙ୍କ ରଥର ୧୬ ଚକ ଷୋଳକଳାର, ବଳଭଦ୍ରଙ୍କର ୧୪ ଚକ ଚତୁର୍ଦ୍ଦଶ ମନ୍ୱନ୍ତରର ଓ ସୁଭଦ୍ରାଙ୍କ ୧୨ ଚକ ବାରମାସର ଦୃଷ୍ଟି ଆକର୍ଷଣ କରିଥାଏ । ତିନି ରଥର ଦଧିନଉତି : ହିରଣ୍ୟଗର୍ଭ, ହିରଣ୍ମୟୀ, ଭୁବନକୋଷ । ଏହି ତିନି ଦଧିନଉତି ଉପରେ ମୋଟ ୯ଟି ପିତଳ କଳସ (ନଭ, ଆକାଶ, ବ୍ୟୋମ, ପରା, ଅପରା, ବୈଖାରୀ, ଚନ୍ଦ୍ର, ସୂର୍ଯ୍ୟ, ବିଦ୍ୟୁତ) ସ୍ଥାପନ କରାଯାଏ ।

ତାଳଧ୍ୱଜ ରଥ - ତାଳଧ୍ୱଜ' ବା 'ଲଙ୍ଗଳ ଧ୍ୱଜ' ରଥରେ ବଳଭଦ୍ରଙ୍କ ସହ ରାମକୃଷ୍ଣ ବିଜେ କରନ୍ତି। ମୋଟ ୭୩୧ଖଣ୍ଡ କାଠରେ ତିଆରି ଏହି ରଥର ଉଚ୍ଚତା ୪୫ଫୁଟ ଅଟେ । ଏହି ରଥରେ ୧୪ଟି ଚକ ସଂଯୁକ୍ତ ହୋଇଥାଏ । ପ୍ରତ୍ୟେକ ଚକର ଉଚ୍ଚତା ୬ ଫୁଟ ୬ ଇଞ୍ଚ। ଦଧିନଉତିଃ ହିରଣ୍ମୟୀ। ସାରଥିଃ ମାତଳୀ । ରଥର ଦଉଡ଼ିଃ ବାସୁକୀ । ପରମ୍ପରା ମୁତାବକ କଳା ରଙ୍ଗର ଚାରୋଟି ଘୋଡ଼ା ଘୋଡ଼ା (ତୀବ୍ର, ଘୋର, ଦୀର୍ଘଶ୍ରମ ଏବଂ ସ୍ୱର୍ଣ୍ଣନାଭ) ବା (ସ୍ଥିରା, ଧୃତି, ସ୍ଥିତି ଏବଂ ପ୍ରଜ୍ଞା) ବା (ଶଙ୍ଖ,ସୁଚିତ୍ର, ଅଙ୍ଗଦ ଏବଂ ମେଘନାଦ) ସ୍ଥାପନ କରାଯାଏ। ଧ୍ୱଜପମୂର୍ତ୍ତିଃ ଲକ୍ଷ୍ମୀନୃସିଂହ । ନାଲି ଓ ସବୁଜ ରଙ୍ଗର କପଡ଼ାରେ ରଥାବରଣ କରାଯାଏ । ତାଳଧ୍ୱଜ ରଥରେ ମହାଦେବ, ବାଇଶିଭୁଜ ନୃସିଂହ, ବଳରାମ, ନୃତ୍ୟ ଗଣପତି, ଲକ୍ଷ୍ମଣଙ୍କୁ ବହନ କରିଥିବା ଅଙ୍ଗଦ, ନାଟାମ୍ବର (ବୃଷଭ ଉପରେ ନୃତ୍ୟରତ ଶିବ), କାର୍ତ୍ତିକେଶ୍ୱର, ମଧୁକୈଟବଙ୍କ ସହ ବିଷ୍ଣୁଙ୍କ ଯୁଦ୍ଧ, ଅନନ୍ତବାସୁଦେବ ପାର୍ଶ୍ୱବଦେବ/ଦେବୀ ଭାବେ ଅବସ୍ଥାନ କରିଥାନ୍ତି ।

**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲଃ ୮୨୪୯୫୦୨୭୭୬**

# ରଥଖଳାର ଇଷ୍ଟଦେବୀ ଓ ରକ୍ଷାକର୍ତ୍ତୀ ମା ଚର୍ଚ୍ଚିକା



ସନ୍ତୋଷ କୁମାର ଦାଶ

ପୁରୀ ଶ୍ରୀ କ୍ଷେତ୍ର ର ରାଜ ନଅର ସମ୍ମୁଖ ରେ ପୂଜା ପାଉଛନ୍ତି ମା ଚର୍ଚ୍ଚିକା ଠାକୁରାଣୀ। ମା ହେଉଛନ୍ତି ରଥଖଳା ର ଇଷ୍ଟ ଦେବୀ ଓ ରଥଖଳା ର ରକ୍ଷାକର୍ତ୍ତୀ। ମା ଚର୍ଚ୍ଚିକା ଠାକୁରାଣୀ ଙ୍କ ବାମ ପାର୍ଶ୍ୱରେ ମା ଚଣ୍ଡୀ, ଦକ୍ଷିଣ ପାର୍ଶ୍ୱରେ ମା ଚାମୁଣ୍ଡା ଓ ନିକଟରେ ଶ୍ରୀ ହନୁମାନ ପୂଜା ପାଉଛନ୍ତି। ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥଖଳା ରେ ଶ୍ରୀ ଜୀଉ ମାନଙ୍କର ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶ୍ରୀ ମନ୍ଦିର ସିଂହଦ୍ୱାର ଠାରୁ ଅଳ୍ପ ଦୂରରେ ଦେବୀ ଚର୍ଚ୍ଚିକାଙ୍କ ପାଖରେ ରଥଖଳା ଅବସ୍ଥିତ। ଓଡ଼ିଆ ଙ୍କ ଆରାଧ ଦେବତା ତଥା ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପବିତ୍ର ରଥଯାତ୍ରା ପାଇଁ ତିନୋଟି ରଥ ନିର୍ମାଣ କରାଯାଏ। ଦେବୀ ଚର୍ଚ୍ଚିକା ହେଉଛନ୍ତି ରଥ ନିର୍ମାଣର ଇଷ୍ଟ ଦେବୀ। ଶ୍ରୀନଅର ସମ୍ମୁଖରେ ଏହି ଦେବୀ ବିରାଜିତ। ତେଣୁ ସେହି ସ୍ଥାନରେ ରଥଖଳା କରାଯାଇ ରଥ ନିର୍ମାତା ବିଶ୍ୱକର୍ମା ଓ ସହଯୋଗୀ ମହାରଣା ଙ୍କ ଦ୍ୱାରା କରାଯାଏ ଶ୍ରୀଜୀଉଙ୍କ ରଥ। ଦେବୀ ଚର୍ଚ୍ଚିକାଙ୍କ କରୁଣାରୁ ଶାସ୍ତ୍ରୀୟ ବିଧିରେ ରଥ ନିର୍ମାଣ ସୁରୁଖୁରୁ ରେ ସଂପନ୍ନ ହେଇଥାଏ ବୋଲି ବିଶ୍ୱାସ ରହିଛି । ଅକ୍ଷୟ ତୃତୀୟା ତିଥିରେ ଅକ୍ଷି ପୂଜା ହେବା ପରେ ବିଶ୍ୱକର୍ମା ଓ ତାଙ୍କର ସହଯୋଗୀଗଣ ରଥ ନିର୍ମାଣରେ ପ୍ରବୃତ୍ତ ହୋଇଥାନ୍ତି । ପ୍ରତ୍ୟେକ ରଥ ନିର୍ମାଣର ବିଶେଷ ବିଧି ରହି ଆସିଛି। ବିଶ୍ୱକର୍ମା ମହାରଣା ମାନେ ପୈତୃକ ଗୃହ ରେ ଥିବା ମାପ, ନିର୍ମାଣ ଶୈଳୀ ଅନୁସାରେ ତିନି ରଥ ନିର୍ମାଣ କରିଥାନ୍ତି।ଅକ୍ଷୟ ତୃତୀୟା ରେ ମା ଙ୍କ ମନ୍ଦିର ଆଗରେ ରଥ କାଠ ଅନୁକୂଳ ହୋଇଥାଏ ଓ ଭଉଁରୀ ତିଥିରେ ଚକ ଡେରା ନୀତି କରା ଯାଇଥାଏ। ଅକ୍ଷୟ ତୃତୀୟା ଓ ଭଉଁରୀ ତିଥିରେ ରଥ କୁ ଆଜ୍ଞାମାଳ ବିଜେ ପରେ ସେ ସବୁ ଆଜ୍ଞାମାଳ ଙ୍କୁ ମା ଚର୍ଚ୍ଚିକା ଙ୍କୁ ଅର୍ପଣ କରାଯାଇ ଥାଏ। ବିଶ୍ୱାସ ରହିଛି ମା ଚର୍ଚ୍ଚିକାଙ୍କ ଆଶ୍ରିବାଦ ରୁ ତିନି ରଥ ନିର୍ମାଣ ସୁରୁଖୁରୁ ରେ ସମ୍ପନ୍ନ ହୋଇଥାଏ। ମା ଚର୍ଚ୍ଚିକା ପୁରୀ ଶ୍ରୀ କ୍ଷେତ୍ର ରେ ପୂଜା ପାଉଥିବା ଅଷ୍ଟ ଚଣ୍ଡୀ ଙ୍କ ମଧରୁ ଅନ୍ୟତମ। ଜୟ ମା ଚର୍ଚ୍ଚିକା।।



ତୁଳସୀପୁର। ପୁରୀ।
**ମୋବାଇଲ୍: ୯୪୩୯୩୬୧୮୮୮**

# ଗୁହାରି ଶୁଣ ମଣିମା



ଆଶୁତୋଷ ନାୟକ

ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଅଖିଳବ୍ରହ୍ମାଣ୍ଡ ସ୍ୱାମୀ ସାରା ବିଶ୍ୱବାସୀ ତଥା ଅସଂଖ୍ୟ କୀଟପତଙ୍ଗ,ପଶୁପକ୍ଷୀଙ୍କ ହର୍ତ୍ତାକର୍ତ୍ତା, ଦଇବ ବିଧାତା ମହାପ୍ରଭୁ ଅନାଥର ନାଥ, ଦୀନବନ୍ଧୁ, ଜଗତର ନାଥ ଜଗନ୍ନାଥଙ୍କ ମହିମା ବର୍ଣନା କରିବା ଆମ ପରି ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ। ମହାପ୍ରଭୁ କାଳିଆ ସାଆନ୍ତ ଲୀଳା ଅବର୍ଣ୍ଣନୀୟ। ସେ ନିଜେ ହିଁ ନିଜର ସ୍ରଷ୍ଟା ନା ତାଙ୍କର ଆଦି ଅଛି ନା ତାଙ୍କର ଅନ୍ତ ଅଛି। ମହାପ୍ରଭୁ କେତେବେଳେ କାହା ମାଧମରେ କେଉଁ ରୂପରେ କାହାକୁ ସାହାଯ୍ୟ କରିବେ ଏହା କେବଳ ତାଙ୍କୁ ହିଁ ଜଣା।ତାଙ୍କର ବିନା ଇଙ୍ଗିତରେ ଗଛର ପତ୍ରବି ହଲିନଥାଏ।ସେଥିପାଇଁ ମହାଭାରତ ଯୋଦ୍ଧରେ ଅର୍ଜୁନଙ୍କ ରଥର ସାରଥୀ ସାଜି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମୋହଗ୍ରସ୍ଥ ଅର୍ଜୁନ ବୁଝାଇ କହିଛନ୍ତି "କରି କରାଉ ଥାଏ ମୋହି ମୋ ବିନୁ ଅନ୍ୟ ଗତିନାହିଁ "। ଏହାର ଅର୍ଥ ଏ ବିଶ୍ୱବ୍ରହ୍ମାଣ୍ଡରେ ଆମେ ଯାହାବି କର୍ମ କରିଥାଉ ସେଥିରେ ଭଗବାନଙ୍କ କିଛି ମହତ ଉଦେଶ୍ୟ ରହିଥାଏ। ମନୁଷ୍ୟ ନିଜର କର୍ମ ଅନୁସାରେ ଫଳ ଭୋଗିଥାଏ। ମନୁଷ୍ୟ ନିଜର ଇଛା ଅନୁସାରେ କିଛି ବି କର୍ମ କରିବା ଅସମ୍ଭବ। ମହାପ୍ରଭୁ ଚକାଡୋଳାଙ୍କ କୃପା ବିନା କୌଣସି କାଯ୍ୟ ସଫଳ ହୋଇନଥାଏ।କିନ୍ତୁ ଏକବିଂଶ ଶତାବ୍ଦୀର କିଛି ମନୁଷ୍ୟ ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତି, ମାନ, ପ୍ରତିଷ୍ଠା ଅର୍ଜନ କରି ଅହଂକାରରେ ବଶବର୍ତ୍ତୀ ହୋଇ ଅନ୍ୟାୟ, ଅନୀତି, ଦୁର୍ନୀତିରେ ଲିପ୍ତ ରହେ ଏବଂ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବାରମ୍ବାର ପ୍ରଶ୍ନ ଚିହ୍ନ ଲଗାଇଥାଏ। ନିଜର ଅହମିକା ତଥା ଅହଂକାର ବଶବର୍ତ୍ତୀ ହୋଇ ମନୁଷ୍ୟ ନିଜକୁ ସର୍ବଶକ୍ତିମାନ, ମହାଜ୍ଞାନୀ ମନେକରୁଛି। ଅର୍ଥକୁ ନିଜର ପ୍ରଧାନ ଅସ୍ତ୍ର ଭାବିନେଇଛି ଏବଂ ଅର୍ଥ ବଳରେ ବଳିୟାନ ହୋଇ ଜୀବନରେ ସବୁକିଛି ପାଇଯିବ ଏହା ମନୁଷ୍ୟ ଭାବି ନେଇଛି। ବସ୍ତୁବାଦୀ କଳିଯୁଗର ମନୁଷ୍ୟ ପକ୍ଷେ ସ୍ନେହ, ପ୍ରେମ, ମମତା, ଆବିଳତା, ନମ୍ରତା, ଉଦାରତା, ସରଳତା ପରି ମହନୀୟ ଗୁଣ ଆଶା କରିବା ଶଇତାନର ବେଦ ପାଠ ସଦୃଶ। ସାମାନ୍ୟ ସମ୍ପତ୍ତି ଆଉ କିଛି ଟଙ୍କା ପାଇଁ ନିଜର ଜନ୍ମଦାତା ତଥା ଜନ୍ମଦାତ୍ରୀ ଙ୍କୁ ହତ୍ୟା କରିବାକୁ ମଧ ପଛାଏ ନାହିଁ ଆଜିର ସ୍ୱାର୍ଥପର ମନୁଷ୍ୟ। ବସ୍ତୁବାଦୀ ମନୁଷ୍ୟ ରଙ୍ଗୀନ ଦୁନିଆର ମାୟାଜାଲରେ ଛନ୍ଦି ହୋଇ ନିଜର ତଥା ନିଜ ପରିବାର, ପତ୍ନୀ, ସନ୍ତାନ, ବନ୍ଧୁ, ପରିଜନଙ୍କୁ ନିଜର ମନେକରୁଛି ଏବଂ ଈଶ୍ୱରଙ୍କ ଠାରୁ ଦୁରେଇଯାଉଛି। ଈଶ୍ୱରଙ୍କ ଆରାଧନା କରିବା, ପ୍ରାର୍ଥନା କରିବା, ଆଜିର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ପାଖରେ ସମୟ ନାହିଁକିନ୍ତୁ ମାଦକଦ୍ରବ୍ୟ, ନିଶା ସେବନ କରିବା ପାଇଁ ତା ପାଖରେ ଯଥେଷ୍ଟ ସମୟ ଅଛି। ଆଜିର ସ୍ୱାର୍ଥପର ବସ୍ତୁବାଦୀ ଦୁନିଆରେ ମନୁଷ୍ୟ ନିଜର ବନ୍ଧୁ, ପରିଜନ, ପତ୍ନୀ, ସନ୍ତାନ, ଆତ୍ମୟସୁଜନଙ୍କୁ ନିଜର ପ୍ରାଣଠାରୁ ଅଧିକ ଭଲପାଏ ଏବଂ ସେମାନଙ୍କୁ ଅତି ନିଜର ମନେକରେ। ସେଇମାନେ ବିପଦ ସମୟରେ ହାତଛାଡି ଦିଅନ୍ତି ଯେତେବେଳେ ସେମାନଙ୍କ ସ୍ୱାର୍ଥରେ ବାଧା ଆସେ।ସେମାନେ ହତ୍ୟା କରିବାକୁ ମଧ ପଛାନ୍ତି ନାହିଁ। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି "ସମ୍ପଦ ବେଳେ ସର୍ବେ ଶାଖା ବିପଦେ ନଦିଅନ୍ତି ଦେଖା". "ମିଛ ମାୟା ସଂସାର ଏଠି କେହି ନୁହେଁ କାହାର ଏକା ଚକାଆଖି ନିଜର "।

ଦ୍ୱାପର ଯୁଗ ସମୟରେ ପାଣ୍ଡବମାନେ କୌରବଙ୍କ ଠାରୁ ଜୁଆ ଖେଳରେ ହାରିବା ପରେ କୁରୁସଭା ସ୍ଥଳରେ କୌରବମାନେ ଯେପରି ଦ୍ରୌପଦୀଙ୍କ ବସ୍ତ୍ରହରଣ କଲେ ସେତେବେଳେ ଦ୍ରୌପଦୀ ସମସ୍ତଙ୍କୁ ସହାୟତା ପାଇଁ ଆକୁଳ ନିବେଦନ କଲେ ହେଲେ ଗଙ୍ଗା ପୁତ୍ର ପିତାମହ ଭୀଷ୍ମଙ୍କ ଠାରୁ ଆରମ୍ଭ କରି ଗୁରୁ ଦ୍ରୌଣାଚାର୍ଯ୍ୟ, ପଞ୍ଚପାଣ୍ଡବ, ଦୃତରାଷ୍ଟ୍ର ପ୍ରଯ୍ୟନ୍ତ ସମସ୍ତେ ନିରବ ରହିଲେ କେହି ଜଣେ ହେଲେ ବି ଏ ଅନ୍ୟାୟର ପ୍ରତିବାଦ କଲେନାହିଁ।ସେତେବେଳେ ନିରୁପାୟ ହୋଇ ଦ୍ରୌପଦୀ ସମ୍ପୂର୍ଣ ସମର୍ପିତ ଭାବରେ "ବାସୁଦେବ ଶ୍ରୀକୃଷ୍ଣ ମୋର ଲଜ୍ୟା ନିବାରଣ କରନ୍ତୁ ବୋଲି ଆକୁଳ ନିବେଦନ କଲେ ସେତେବେଳେ ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ଦ୍ରୌପଦୀ ଙ୍କ ଲଜ୍ୟା ନିବାରଣ କଲେ।

ଚାରିଯୁଗରେ ମହାପ୍ରଭୁ କାଳିଆ ସାଆନ୍ତ ମାନବ ସମାଜକୁ ଈଶ୍ୱରୀୟ ବାର୍ତ୍ତା ପ୍ରଦାନ କରିଛନ୍ତି।ଭକ୍ତର ମାନକୁ ସର୍ବାଗ୍ରେ ରଖିବା ପାଇଁ କେତେ ନିନ୍ଦା, ଅପମାନ, ତିରସ୍କାର, ମାଡ଼ ଭି ସହିଛନ୍ତି ପୁଣି କେତେବେଳେ ଅର୍ଜୁନଙ୍କ ରଥରେ ସାରଥୀ ସାଜିଛନ୍ତି, ଶୂଦ୍ର ଜାତିରେ ଜନ୍ମ ହେଇଥିବା ଶବରୀର ଅଇଠା ଖାଇବାରେ କୌଣସି ସଂକୋଚ ପ୍ରକାଶ କରିନାହାନ୍ତି ଏବଂ ବାଲ୍ୟସଖା ସୁଦାମାକୁ ଭେଟ କରିବା ପାଇଁ ରାଜସିଂହାସନ ଛାଡି ନିଜେ ରାଜା ହୋଇ ଖାଲି ପାଦରେ ବିନା ସୈନ୍ୟସାମନ୍ତରେ ଦିନହୀନ ସୁଦାମାଙ୍କ କାଳବିଳମ୍ବ ନକରି ପହଞ୍ଚିଯାଇଥିଲେ ଏବଂ ସେ ଆଣିଥିବା ଖୁଦଭଜା ଅତି ଆନନ୍ଦରେ ସେବନ କରିଥିଲେ।ସେଥିପାଇଁ ଭଗବାନ ସଦାସର୍ବଦା ନିଜର ଭକ୍ତକୁ ଖୁସି କରେଇବା ପାଇଁ ସବୁକିଛି କରନ୍ତି ସେଥିପାଇଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ଅନ୍ୟନାମ କୃପାସିନ୍ଧୁ। ମହାପ୍ରଭୁ କାଳିଆ ସାଆନ୍ତ ଭକ୍ତର ତିରସ୍କାର, ନିନ୍ଦା, ଅପମାନ ସହ୍ୟ କରନ୍ତି କିନ୍ତୁ କାହାରି ଅହମିକା, ଅହଂକାର ସହ୍ୟ କରିପାରନ୍ତି ନାହିଁ।ସେଥିପାଇଁ କୁହାଯାଏ "ଗର୍ବ ଗଞ୍ଜନ୍ତି ନରହରି, ଗର୍ବ ନସହନ୍ତି କାହାରି "। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରାରେ ଅନେକ ସାଧାରଣ ମନୁଷ୍ୟକୁ ଆଚମ୍ବିତ କଲା ପରି ଘଟଣାମାନ ଘଟିବାରେ ଅନେକ ପ୍ରମାଣ ମିଳେ।ଭକ୍ତର ମାନ ରକ୍ଷା ପାଇଁ କେତେବେଳେ ଭଗବାନ ବଳରାମ ଦାସଙ୍କ ବାଲି ରଥରେ ବିଜେ କରିଛନ୍ତି ତ କେତେବେଳେ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ଭକ୍ତ ଜଗନ୍ନାଥ ଦାସଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିଛନ୍ତି ତ ଆଉ କେତେବେଳେ ଭକ୍ତର ଭୋକ ଦୂରପାଇଁ ନିଜକୁ ଅର୍ପିତ ସୁନାଥାଳିର ଦିବ୍ୟଅନ୍ନ ପ୍ରଦାନ କରିଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କ ହାତରୁ ଦୂରରେ ଥାଇ ଏବଂ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ଶ୍ରଦ୍ଧା ପୂର୍ବକ ଗ୍ରହଣ କରିଛନ୍ତି ବଡ଼ଠାକୁର କାଳିଆ ସାଆନ୍ତ ନିଜର ମହାବାହୁ ବଢ଼ାଇ। ଗୀତଗୋବିନ୍ଦ ଶୁଣିବା ପାଇଁ ସୁଦୂର ପଲ୍ଲୀରେ ବାଇଗଣ ତୋଳୁଥିବା ଅବସ୍ଥାରେ ଗୀତଗୋବିନ୍ଦ ବୋଲୁଥିବା ବୁଢ଼ୀର ବାଇଗଣ କିଆରୀରେ ହାଜର ହୋଇଛନ୍ତି।ଇନ୍ଦ୍ରଙ୍କ ପରି ଦେବତାଙ୍କ ଠାରୁ ଆରମ୍ଭ କରି ମହାମୁନି ନାରଦ ପ୍ରଯ୍ୟନ୍ତ ଅନେକଙ୍କ ଅହଂକାରକୁ ଭଙ୍ଗ କରିଛନ୍ତି ମହାପ୍ରଭୁ କାଳିଆ ଠାକୁର।ଗର୍ବୀର ଗର୍ବ ଚୁର୍ଣ୍ଣ ପାଇଁ କେତେବେଳେ ଅଟକି ରହନ୍ତି ସେ ମହାପ୍ରଭୁ ରଥ ଉପରେ।କେତେବେଳେ ଭକ୍ତ ହାତରେ ସ୍ପର୍ଶ ପାଇଁ ମାନ ଭାଙ୍ଗନ୍ତି "ମାନଗୋବିନ୍ଦ "। ମହାପ୍ରଭୁ କାଳିଆ ସାଆନ୍ତଙ୍କ ଲୀଳା ବୁଝିବା ଆମ ପରି ସାଧାରଣ ଆଜ୍ଞାନୀ ମନୁଷ୍ୟ ପାଖେ ଅସମ୍ଭବ। ସେ ଭାବର ନିକଟ, ଅଭାବକୁ ଦୂରାଯିଏ ତାଙ୍କୁ ଯେପରି ଭାବରେ ଆରାଧନା,, ଶ୍ରଦ୍ଧା କରିଛି ସେପରି ତାଙ୍କୁ ପାଇଛି। ଯିଏ ତାଙ୍କୁ ଯେଉଁ ରୂପରେ (ନିଜର ଇଷ୍ଟ ଭାବରେ ଦେଖିବାକୁ ଚାହିଁଛି ସେ ସେହି ରୂପରେ ଦେଖିବାକୁ ପାଇଛି।ସିଏ ପରା ଭାବଗ୍ରାହୀ, କରୁଣାସିନ୍ଧୁ, ଅନାଥ ର ନାଥ ଦୀନବନ୍ଧୁ କାଳିଆ ଠାକୁର ଜଗତ ର ନାଥ ଜଗନ୍ନାଥ। ସାଲବେଗ ଯୁବକ ଅବସ୍ଥାରେ ଏକଦା ଭୀଷଣ ଭାବରେ କ୍ଷତାକ୍ତ ଓ ପୀଡିତ ହୋଇଥିଲେ।ଯେତେ ମେଡ଼ିସିନ ଲଗାଇଲେ ମଧ କ୍ଷତର ଉପଶମ ହେଲାନାହିଁ।ନିଜ ମାଙ୍କ ପରାମର୍ଶ କ୍ରମେ ବୃନ୍ଦାବନ ବିହାରୀ ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା କରି ବ୍ୟାଧିମୁକ୍ତ ହୋଇଥିଲେ। ଶ୍ରୀକୃଷ୍ଣଙ୍କ କରୁଣାରୁ ମୃତ୍ୟୁମୁଖରୁ ରକ୍ଷା ପାଇଥିବାରୁ ନିଜର ସମଗ୍ର ଜୀବନ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ସମର୍ପଣ ପୂର୍ବକ ସନ୍ୟାସୀ ଜୀବନଯାପନ କରିବାକୁ ପ୍ରତିଜ୍ଞା କରିଥିଲେ।ତେଣୁ ସେ ଗାଇ ଉଠିଥିଲେ "ଜୀବନରେ ଥିବି ଯେବେ ଯିବି ବୃନ୍ଦାବନ ଦର୍ଶନ କରିବି ଯାଇ ଶ୍ରୀ ମଧୁସୂଦନ "।

ଏ କଳିଯୁଗରେ ବିଶ୍ୱର ସର୍ବଶେଷ୍ଠ ଜୀବନ୍ତ ଦେବତା ଦାରୁବ୍ରହ୍ମ ଜଗତର ନାଥ ପରମବ୍ରହ୍ମ ବଡ଼ ଠାକୁର ଜଗନ୍ନାଥ। ତାଙ୍କ ଲୀଳା ଅତ୍ୟନ୍ତ ଚମତ୍କାର ଏବଂ ରହସ୍ୟମୟ।ଆମ ପରି ସାଧାରଣ ମନୁଷ୍ୟ ତାଙ୍କ ଲୀଳା କୁ ବୁଝିବା ଅସମ୍ଭବ। ସେ ସୃଷ୍ଟିକର୍ତ୍ତା, ପ୍ରାଣଦାତା, ଏ ଅଖିଳବ୍ରହ୍ମାଣ୍ଡର ରକ୍ଷାକର୍ତ୍ତା, ହର୍ତ୍ତାକର୍ତ୍ତା, ଜଗତର ଜମିଦାର ଆମେ ତାଙ୍କର ପ୍ରଜା। ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା।ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର। ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ। ସେ ଅନାଦି ସେ ଅଶେଷ।ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ। ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ। ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ। ସେ ଅରୂପ ପୁଣି ସ୍ୱରୂପ। ସେ ନିର୍ଗୁଣ ପୁଣି ସଗୁଣ। ବହୁ ରୂପରେ ତାଙ୍କର ପରିକଳ୍ପନା। ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ।ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ। ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ। ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେ। ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ। ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ। ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି। ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ। ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର,ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ,ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି ), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ। ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ।

ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର,ଶିବ ବା ଶୁଭର ସୂଚନା।ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ।କାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି। ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ। ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ। ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ। ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଈଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ। ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚର ଭେଦଭାବ ନଥାଏ। ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ।ସମସ୍ତଙ୍କ ଦୁଃଖ ବୁଝନ୍ତି ସେ। ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ,ନିରାଶୟ, ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ। ଜାତିବର୍ଣ୍ଣ,ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ। ସେହ୍ନ, ପ୍ରେମ, ଭାତୃତ୍ୱ, ବଳିଦାନ,ଭଲପାଇବା, ମାନବିକତା,ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ। ଯେଉଁଠି ସ୍ୱାର୍ଥପର ଅହଂଙ୍କାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା,ଜନ୍ମଦାତ୍ରୀ ମାତା,ବନ୍ଧୁ, ପରିଜନଙ୍କୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ। ନିଜର ମାନ, ଅଭିମାନ, ରାଗ, ହିଂସା, କ୍ରୋଧ, ଘୃଣା ଭାବକୁ ପରିତ୍ୟାଗ କରି "ମଣିଷପଣିଆ "ହିଁ ସର୍ବଶ୍ରେଷ୍ଠ ଏହାକୁ ସମଗ୍ର ମାନବଜାତି ଅନୁଭବ କରିବାର ସମୟ ଆସିଛି।ଏହାକୁ ବୁଝିବାକୁ ହେବ ଯେ ନିୟତିର ନିଷ୍ପତ୍ତି ନିକଟରେ ସମଗ୍ର ମାନବଜାତି ଦୁର୍ବଳ ଏବଂ ଅସହାୟ। ଆମକୁ ନିଜର ଅହଂକାର ପରିତ୍ୟାଗ କରିବାକୁ ପଡିବ। ମହାପ୍ରଭୁ କାଳିଆ ସାଆନ୍ତଙ୍କ ଚରଣଆଶ୍ରିତ ଏବଂ ଏବଂ ନତମସ୍ତକ ହେବାକୁ ପଡିବ। ମହାପ୍ରଭୁ ଅନାଥର ନାଥ କାଳିଆ ସାଆନ୍ତଙ୍କ ବିନା ସମଗ୍ର ମାନବଜାତିର ପରିକଳ୍ପନା କରିବା ଅସମ୍ଭବ ଏହାକୁ ବିଶ୍ୱବ୍ରହ୍ମାଣ୍ଡ ରେ କେହି ଭି ଅସ୍ୱୀକାର କରିପାରିବେ ନାହିଁ।

**ଗୋପାଳପୁର, ବାଲେଶ୍ୱର**
**ମୋବାଇଲଃ ୭୦୨୦୬୧୧୩୦୦**

# ତେହରାନ ଉପରେ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ



## ଇରାନର ସେନା ମୁଖ୍ୟ ଅଲ୍ଲୀ ଶାଦମାମୀ ନିହତ

**ତେହେରାନ, ୧୭।୬:** ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧ ଉଗ୍ର ରୂପ ନେବାରେ ଲାଗିଛି। ଇରାନକୁ ପୁଣି ବଡ଼ ଝଟକା। ଇସ୍ରାଏଲ ଆକ୍ରମଣରେ ଇରାନର ନୂଆ ଆର୍ମି ଚିଫ୍ ନିହତ। ୱାର ଟାଇମ୍ ଚିମିଅଫ୍ ଷ୍ଟାଫ ଅଲ୍ଲୀ ଶାଦମାମୀଙ୍କ ମୃତ୍ୟୁ ହୋଇଥିବା ଦାବି କରିଛି ଆଇଡିଏଫ୍। ଇରାନ ତାଙ୍କୁ ଯୁଦ୍ଧ ସମୟରେ ସେନାର ମୁଖ୍ୟ ଭାବେ ନିଯୁକ୍ତ କରିଥିଲା। ଗତକାଲି ରାତିରେ ତେହେରାନରେ ହୋଇଥିବା ଏୟାରଷ୍ଟ୍ରାଇକରେ ଶାଦମାମୀଙ୍କ ମୃତ୍ୟୁ ହୋଇଥିବା କହିଛି ଇସ୍ରାଏଲ। ଇରାନର ବରିଷ୍ଠ ସାମରିକ ଅଧିକାରୀ ଥିଲେ ଶାଦମାମୀ। ଏହା ସହ ସୁପ୍ରିମ ଲିଡର ଆୟୋତୋଲ୍ଲା ଅଲ୍ଲି ଖାମନେଇଙ୍କ ନିକଟତମ ସାମରିକ ପରାମର୍ଶଦାତା ଥିଲେ।

ଆଇଡିଏଫ ଅନୁଯାୟୀ, ଶାଦମାନୀ ଇରାନୀ ସଶସ୍ତ୍ର ବାହିନୀର ଜରୁରୀକାଳୀନ କମାଣ୍ଡ ଓ ଖାତାମ ଅଲ-ଆନବିୟା ମୁଖ୍ୟାଳୟର କମାଣ୍ଡର ଥିଲେ। ଏହା ପୂର୍ବରୁ ଇସ୍ରାଏଲ ହମଲାରେ ଇରାନ ସେନା ମୁଖ୍ୟ ଏବଂ ରିଭୋଲ୍ୟୁସନାରୀ ଗାର୍ଡର ମୁଖ୍ୟ ହୁସେନ ସଲାମୀଙ୍କ ସହ ସେନା ମୁଖ୍ୟ ଜେନେରାଲ ମହମ୍ମଦ ବାଘେରିଙ୍କ ମୃତ୍ୟୁ ହୋଇଥିଲା। ଇସ୍ରାଏଲର ୨୦୦ ଫାଇଟର ଜେଟ୍ ଆକ୍ରମଣ ରେ ଇରାନ ସେନା ମୁଖ୍ୟ, ରିଭୋଲ୍ୟୁସନାର ଗାର୍ଡ କମାଣ୍ଡର ଓ ଏମର୍ଜେନସୀ କମାଣ୍ଡର ମୁଖ୍ୟ ନିହତ ହୋଇଥିବା କହିଥିଲା ଆଇଡିଏଫ୍। ସେପଟେ ତେହେରାନବାସୀ ସହର ଛାଡ଼ି ଚାଲିଯାଉଛନ୍ତି। ଲୋକେ ଭୟଭୀତ ହୋଇ ସହର ଛାଡୁଥିବା ଦେଖିବାକୁ ମିଳିଛି। ଯେକୌଣସି ମୁହୂର୍ତ୍ତରେ ବଡ଼ ଧରଣର ଆକ୍ରମଣ ଆଶଙ୍କା ଥିବାରୁ ସୁରକ୍ଷିତ ସ୍ଥାନକୁ ଚାଲିଯାଉଛନ୍ତି ଲୋକ। ଭାରତ ନାଗରିକମାନଙ୍କ ପାଇଁ ଏକ ନୂତନ ପରାମର୍ଶ ଜାରି କରିଛି। ଭାରତ ଏହାର ନାଗରିକମାନଙ୍କୁ ତୁରନ୍ତ ତେହେରାନ ଛାଡିବାକୁ କହିଛି। ତେହେରାନରୁ ବାହାରକୁ ଯିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ସେମାନଙ୍କୁ ଭାରତୀୟ ଦୂତାବାସ ସହିତ ଯୋଗାଯୋଗରେ ରହିବା ଏବଂ ସୁରକ୍ଷିତ ସ୍ଥାନରେ ରହିବାକୁ କୁହାଯାଇଛି।

## ସଦ୍ଦାମ ହୁସେନଙ୍କ ଅବସ୍ଥା ଭୋଗିବେ ଖାମେନେଇ: ଇସ୍ରାଏଲ୍



**ତେଲ୍ ଅଭିବ, ୧୭।୬:** ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ଇସ୍ରାଏଲ ଇରାନର ସମସ୍ତ ପରମାଣୁ କେନ୍ଦ୍ର ଧ୍ୱଂସ କରିବାକୁ ପ୍ରତିଜ୍ଞା କରିଛି। ଏହା ସହିତ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନେଇଙ୍କୁ ଶେଷ କରିବାକୁ ପଣ କରିଛି। ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ୍ ଖାମେନେଇଙ୍କୁ ଧମକ ଦେଇଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ ତାଙ୍କ ପରିଣତି ଇରାକର ପୂର୍ବତନ ଏକଛତ୍ରବାଦୀ ସଦ୍ଦାମ ହୁସେନଙ୍କ ପରି ହୋଇପାରେ। ଇସ୍ରାଏଲୀ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, "ଖାମେନେଇଙ୍କୁ ଇରାନର ଲୋକମାନେ ହିଁ ଫାଶି ଦେବେ। ମନେରଖନ୍ତୁ ଇରାନର ପଡ଼ୋଶୀ ଦେଶ ଇରାକରେ ଏକଛତ୍ରବାଦୀଙ୍କ ବିରୁଦ୍ଧରେ କ'ଣ ଘଟିଥିଲା। ତାହା ମଧ୍ୟ ଇସ୍ରାଏଲ ବିରୁଦ୍ଧରେ ଥିଲା।" ଇରାକର ଏକଛତ୍ରବାଦୀ ସଦ୍ଦାମ ହୁସେନଙ୍କ ବିରୁଦ୍ଧରେ ବିଭିନ୍ନ ମାମଲାରେ ହଜାର ହଜାର ଲୋକଙ୍କୁ ହତ୍ୟା କରିବାର ଅଭିଯୋଗ ଥିଲା। ୧୯୮୨ ଜୁଜାଇଲ୍ ହତ୍ୟାକାଣ୍ଡ ଅନ୍ତର୍ଗତ ୧୪୮ ଜଣ ସିଆ ମୁସଲମାନଙ୍କୁ ବିଷାକ୍ତ ଗ୍ୟାସ ମାଧ୍ୟମରେ ହତ୍ୟା କରିବା ପାଇଁ ତାଙ୍କୁ ଫାଶି ଦିଆଯାଇଥିଲା। ୨୦୦୩ ମସିହାରେ ଆମେରିକା ନେତୃତ୍ୱାଧୀନ ମେଣ୍ଟ ଦ୍ୱାରା କ୍ଷମତାରୁ ହଟାଇଯିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ପରେ ତାଙ୍କୁ ଫାଶୀ ଦିଆଯାଇଥିଲା।

## ଇସ୍ରାଏଲ ଆକ୍ରମଣ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି ନାଟାଞ୍ଜ ପରମାଣୁ କେନ୍ଦ୍ର: ଆଇଏଇଏ

**ଭିଏନା, ୧୭।୬:** ଇରାନ-ଇସ୍ରାଏଲ ପରମାଣୁ ଯୁଦ୍ଧ ମଧ୍ୟରେ, ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ମଙ୍ଗଳବାର ଦିନ କହିଛି ଯେ ଇରାନର ନାଟାଞ୍ଜ ପରମାଣୁ କେନ୍ଦ୍ର (ୟୁରାନିୟମ ଏନରିଚମେଣ୍ଟ ସେଣ୍ଟର) ଉପରେ ଇସ୍ରାଏଲୀ ବିମାନ ଆକ୍ରମଣର "ସିଧାସଳଖ ପ୍ରଭାବ" ଏହି ସୁବିଧାର ଭୂତଳ ସେଣ୍ଟ୍ରିଫ୍ୟୁଜ୍ ହଲ୍ ଉପରେ ପଡ଼ିଥିବା ମନେହେଉଛି।

ପ୍ରଥମ ଥର ପାଇଁ ଜାତିସଂଘର ପରମାଣୁ ନୀରିକ୍ଷଣ ସଂସ୍ଥା ଇରାନର ପରମାଣୁ କାର୍ଯ୍ୟକ୍ରମର ଏକ ପ୍ରମୁଖ ପରମାଣୁ ସ୍ଥଳ ନାଟାଞ୍ଜର ଭୂତଳ ଅଂଶ ଉପରେ ଆକ୍ରମଣ ଯୋଗୁଁ ହୋଇଥିବା କ୍ଷତିର ମୂଲ୍ୟାଙ୍କନ କରିଛି। "ଶୁକ୍ରବାର ଆକ୍ରମଣ ପରେ ସଂଗୃହୀତ ହାଇ-ରିଜୋଲ୍ୟୁସନ୍ ସାଟେଲାଇଟ୍ ଚିତ୍ରର ବିଶ୍ଳେଷଣ ଦର୍ଶାଉଛି ଯେ ନାଟାଞ୍ଜର ଭୂତଳ ଏନରିଚମେଣ୍ଟ ହଲ୍ ଏହି ଆକ୍ରମଣ ଦ୍ୱାରା ସିଧାସଳଖ ପ୍ରଭାବିତ ହୋଇଥିଲା," ଏଜେନ୍ସି କହିଛି। ଆଇଏଇଏ ରିପୋର୍ଟ କରିଛି ଯେ ଭୂମି ଉପରେ ନିର୍ମିତ ଏନରିଚମେଣ୍ଟ ହଲ୍ ପୂର୍ବରୁ ନଷ୍ଟ ହୋଇସାରିଛି। ଏହା ବ୍ୟତୀତ, ଇସ୍ରାଏଲୀ ଆକ୍ରମଣରେ ଏହି ସ୍ଥାନକୁ ପରିଚାଳନା କରୁଥିବା ବିଦ୍ୟୁତ କେନ୍ଦ୍ର ମଧ ନଷ୍ଟ ହୋଇଯାଇଛି। ଏହା ଦ୍ୱାରା ତେଜଷ୍କ୍ରିୟ ଓ ରାସାୟନିକ ବିକିରଣ ଓ ପ୍ରଦୂଷଣର ବିପଦ ବଢ଼ିଛନ୍ତି। ଅନ୍ୟପକ୍ଷରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଏକ ବିବୃତ୍ତିରେ ତେହେରାନର ବାସିନ୍ଦାଙ୍କୁ ତେହେରାନ ଛାଡିବାକୁ ସତର୍କ କରାଇଦେଇଛନ୍ତି। ଇରାନ ପରମାଣୁ ଅସ୍ତ୍ର ରଖିପାରିବ ନାହିଁ ବୋଲି ମଧ ସେ ଘୋଷଣା କରିଛନ୍ତି।




## ଇରାନରୁ ଆର୍ମେନିଆ ଦେଇ ଫେରୁଛନ୍ତି ୧୧୦ ଭାରତୀୟ ଛାତ୍ର



ତେହେରାନ/ନୂଆଦିଲ୍ଲୀ,୧୭।୬: ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା (ଇରାନ-ଇସ୍ରାଏଲ ସଂଘର୍ଷ) ପରେ ତେହେରାନର ପରିସ୍ଥିତି କ୍ରମାଗତ ଭାବରେ ଖରାପ ହେଉଛି। ଭାରତୀୟ ଦୂତାବାସ ତେହେରାନରେ ଉପସ୍ଥିତ ଭାରତୀୟ ଛାତ୍ରଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଆରମ୍ଭ କରିଛି। ଏଥର ୧୧୦ ଜଣ ଭାରତୀୟ ଛାତ୍ରଙ୍କୁ ଆର୍ମେନିଆ ଦେଇ ଇରାନରୁ ସ୍ଥାନାନ୍ତର କରାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତି ଜାରି କରି ଏହି ସୂଚନା ପ୍ରଦାନ କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଭାରତୀୟ ଦୂତାବାସ ଇରାନରେ ଉପସ୍ଥିତ ଭାରତୀୟଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛି। ସେମାନଙ୍କୁ ସମସ୍ତ ଆବଶ୍ୟକୀୟ ଜିନିଷ ଯୋଗାଇ ଦିଆଯାଉଛି। ଭାରତୀୟ ଦୂତାବାସ ସହାୟତାରେ କେତେଜଣ ଛାତ୍ରଙ୍କୁ ସୁରକ୍ଷା ପାଇଁ ସ୍ଥାନାନ୍ତର କରାଯାଇଛି। ବାକି ନାଗରିକଙ୍କୁ ପରାମର୍ଶ ଦିଆଯାଇଛି ଯେ ଯେଉଁମାନେ ନିଜସ୍ୱ ସମ୍ବଳ ସହିତ ତେହେରାନ ଛାଡିପାରିବେ, ସେମାନେ ତୁରନ୍ତ ନିରାପଦ ସ୍ଥାନକୁ ଯାଆନ୍ତୁ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତାଙ୍କ ବିବୃତ୍ତିରେ କହିଛି ଯେ କେତେଜଣ ଭାରତୀୟଙ୍କୁ ଇରାନ ସୀମା ପାର କରି ଆର୍ମେନିଆ ନିଆଯାଇଛି। ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଅଧିକ ସୂଚନା ପାଇଁ ଖୁବ ଶୀଘ୍ର ଏକ ପରାମର୍ଶ ଜାରି କରାଯାଇପାରେ। ଜମ୍ମୁ କଶ୍ମୀର ଛାତ୍ର ସଂଘ ଅନୁଯାୟୀ, ପ୍ରାୟ ୧୧୦ ଜଣ ଭାରତୀୟ ଛାତ୍ର ତେହେରାନର ଉର୍ମିଆ ମେଡିକାଲ କଲେଜରେ ପାଠପଢ଼ନ୍ତି। ସେମାନଙ୍କ ମଧ୍ୟରେ ୯୦ ଜଣ କଶ୍ମୀର ଛାତ୍ର ଅଛନ୍ତି। ସମସ୍ତଙ୍କୁ ସୁରକ୍ଷିତ ଭାବରେ ସୀମା ପାର କରି ଆର୍ମେନିଆକୁ ପଠାଯାଇଛି।

## ଗୋଟିଏ ନୁହେଁ ଦୁଇଟି ହତିଆରରେ କରାଯାଇଥିଲା ରାଜାଙ୍କୁ ହତ୍ୟା



**ନୂଆଦିଲ୍ଲୀ,୧୭।୬:** ରାଜା ରଘୁବଂଶୀ ହତ୍ୟା ମାମଲାରେ ବଡ଼ ଖୁଲାସା। ମେଘାଳୟକୁ ହନିମୁନରେ ଯାଇଥିବା ରାଜାଙ୍କ ହତ୍ୟା ପାଇଁ ଗୋଟିଏ ନୁହେଁ, ବଂର ଦୁଇଟି ହତିଆର ବ୍ୟବହାର କରାଯାଇଥିଲା। ଏବେ ଗୋଟିଏ ହତିଆର ଜବତ ହୋଇଛି। ଏବେ ଆଉ ଗୋଟିଏ ଜବତ କରିବାର ବାକି ଅଛି। ଯେଉଁ ଖାଇ ଭିତରକୁ ରାଜାଙ୍କୁ ଫୋପଡା ଯାଇଥିଲା, ତା ଭିତରେ ଦ୍ୱିତୀୟ ହତିଆରଟି ଥିବାର ସନ୍ଦେହ କରାଯାଉଛି। ଏହି କଥାର ମଧ ଖୁଲାସା ହୋଇଛି ଯେ, ରାଜାଙ୍କୁ ହତ୍ୟା ପାଇଁ ତାଙ୍କ ଉପରେ ୩ ଥର ଆକ୍ରମଣ କରାଯାଇଥିଲା। ତିନି ଅଭିଯୁକ୍ତ ଥରେ ଥରେ କରି ଆକ୍ରମଣ କରିଥିଲେ। ଏହାପରେ ସୋନମ ନିଜ ଫୋନ୍ ନଷ୍ଟ କରି ଦେଇଥିଲା। ଏପର୍ଯ୍ୟନ୍ତ ସୋନମର ଫୋନ୍‌କୁ ମଧ ଜବତ କରାଯାଇ ନାହିଁ। ମେଘାଳୟ ପୋଲିସ କହିଛି ସୋନମ ପାର୍କିଂରେ ହିଁ କିଲର୍ସଙ୍କୁ ରାଜା ରଘୁବଂଶୀଙ୍କୁ ହତ୍ୟା କରିବାର ଇଶାରା ଦେଇଥିଲା। ପ୍ରଥମ ଥର ଯେତେବେଳେ ରାଜାଙ୍କ ରକ୍ତ ବାହାରିଥିଲା ସୋନମ ଚିଲାଇବାରେ ଲାଗିଥିଲା। ତିନି ହତ୍ୟାକାରୀ ରାଜାଙ୍କ ମୃତଦେହକୁ ଖାତ ଭିତରକୁ ଫୋପାଡି ଦେଇଥିଲେ। ଲଭ ଟ୍ରାଏଙ୍ଗେଲ ବ୍ୟତୀତ ଆଉ କିଛି ମଧ କାରଣ ହୋଇପାରେ। ତଦନ୍ତ ଜାରି ରହିଛି, କିନ୍ତୁ ଏପର୍ଯ୍ୟନ୍ତ ଯାଞ୍ଚରେ ଲଭ ଟ୍ରାଏଙ୍ଗେଲର ହିଁ ପ୍ରମାଣ ମିଳିଛି। ମେଘାଳୟର ଡିଜିପି ଇଦାଶିଶା ନୋଙ୍ଗ୍ରାଙ୍ଗ କହିଛନ୍ତି ଯେ, ସୋହରାରେ ଇନ୍ଦୋର ବ୍ୟବସାୟୀ ରାଜା ରଘୁବଂଶୀଙ୍କ ହତ୍ୟାର ଯାଞ୍ଚ କରାଯାଉଛି। ତଦନ୍ତକାରୀ ଅଧିକାରୀ ଲଭ ଟ୍ରାଏଙ୍ଗେଲକୁ ଏକମାତ୍ର ଲକ୍ଷ୍ୟ ବୋଲି ଭାବୁଛି। ଅନ୍ୟ ଦିଗକୁ ମଧ ଧାନରେ ରଖି ଯାଞ୍ଚ କରାଯାଉଛି। ଡିଜିପି କହିଛନ୍ତି, ଆମେ ତଦନ୍ତ କରୁଛୁ ଏହି ମାମଲାରେ ଆହୁରି କିଛି ଦିଗ ରହିପାରେ। ଅଳ୍ପ କିଛି ଦିନରେ ସୋନମ କିଭଳି ନିଜ ସ୍ୱାମୀ ପାଇଁ ଏଭଳି ଶତ୍ରୁତା କରିଥିଲା। ଆମ ପାଖରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି।

# ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଉଡ଼ିପାରିଲାନି ଅହମ୍ମଦାବାଦ-ଲଣ୍ଡନ ବିମାନ

## ପ୍ୟାରିସ୍-ଦିଲ୍ଲୀ ଯାତ୍ରା ବି ବାତିଲ୍



ନୂଆଦିଲ୍ଲୀ,୧୭।୬: ପୁଣି ଏୟାର ଇଣ୍ଡିଆ ବିମାନରେ ଦେଖାଦେଇଛି ଯାନ୍ତ୍ରିକ ତ୍ରୁଟି। ବିମାନରେ ସମସ୍ୟା ଦେଖାଦେବା ପରେ ଅହମ୍ମଦାବାଦ-ଲଣ୍ଡନ ଏୟାର ଇଣ୍ଡିଆ ବିମାନ ଉଡ଼ାଣ ବାତିଲ ହୋଇଛି। ଗତ ସପ୍ତାହରେ ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବାର କିଛି ମୁହୂର୍ତ୍ତ ପରେ ଏୟାର୍ ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାପରେ ଆଜି ପ୍ରଥମ ଥର ପାଇଁ ଏହି କମ୍ପାନୀର ଆଉ ଏକ ବିମାନର ଉଡ଼ାଣ ବାତିଲ ହୋଇଛି। ଫଳରେ ପ୍ରାୟ ୨୦୦ ଯାତ୍ରୀ ସେମାନଙ୍କ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା କରିପାରିନାହାନ୍ତି। ମିଳିଥିବା ସୂଚନାନୁଯାୟୀ, ଅହମ୍ମଦାବାଦରୁ ଲଣ୍ଡନ ଯିବାର ଥିଲା ଏୟାର ଇଣ୍ଡିଆର ବିମାନ ଏଆଇ ୧୫୯। କିନ୍ତୁ ସେଥିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଉଡ଼ାଣର କିଛି ସମୟ ପୂର୍ବରୁ ଏହାକୁ ବାତିଲ କରାଯାଇଛି। ପୂର୍ବରୁ ସାନ୍ ଫ୍ରାନ୍ସିସ୍କୋରୁ ମୁମ୍ବାଇ ଯାଉଥିବାବେଳେ ପୁଣି ଜରୁରୀ ଅବତରଣ କରିଛି ଏୟାର ଇଣ୍ଡିଆ ବିମାନ। ପୁଣି ବିମାନରେ ଦେଖାଦେଇଛି ଯାନ୍ତ୍ରିକ ତ୍ରୁଟି। ଆଜି ବିମାନର ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ କୋଲକାତାରେ ଅବତରଣ କରିଛି ବିମାନ। ଫଳରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବିମାନରୁ ଓହ୍ଲାଇ ଦିଆଯାଇଥିଲା। ଏହାଛଡ଼ା ପ୍ୟାରିସ୍‌ରୁ ଦିଲ୍ଲୀ ଆସିବାକୁ ଥିବା ଏୟାର୍ ଇଣ୍ଡିଆର ଆଉ ଏକ ବିମାନ ମଧ ଯାତ୍ରା କରିପାରିନଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖରେ ଅହମ୍ମଦାବାଦରୁ ଲଣ୍ଡନ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୪୧ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ। ଦୁର୍ଘଟଣା ପରେ ଅହମ୍ମଦାବାଦ-ଲଣ୍ଡନ ଏୟାର ଇଣ୍ଡିଆ ବିମାନ ଏଆଇ୧୭୧ର ନାମ ପରିବର୍ତ୍ତନ କରାଯାଇ ଏଆଇ ୧୫୯ ରଖାଯାଇଛି।

## ଡିଜିସିଏର ଗୁରୁତ୍ୱପୂର୍ଣ୍ଣ ବୈଠକ

## ଏୟାର ଇଣ୍ଡିଆ ଅଧିକାରୀଙ୍କୁ ସମନ

ନୂଆଦିଲ୍ଲୀ,୧୭।୬: ବାରମ୍ବାର ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି ନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଜେନେରାଲ (ଡିଜିସିଏ) ପକ୍ଷରୁ ମଙ୍ଗଳବାର ଏକ ବଡ଼ ବୈଠକ ବସିଛି। ବୈଠକରେ ଡିଜି ଫାଜି ଅହମ୍ମଦ କିଦୱାଇ ଅଧକ୍ଷତା କରିଥିଲେ। ବିମାନରେ ଦେଖାଯାଉଥିବା ଯାନ୍ତ୍ରିକ ତ୍ରୁଟି ଏବଂ ସୁରକ୍ଷା ନେଇ ବୈଠକରେ ତନାଘନା କରାଯାଇଛି। ଗତ ସପ୍ତାହରେ ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଡ୍ରିମଲାଇନର ବିମାନ ଏଆଇ୧୭୧ର ଭୟଙ୍କର ଦୁର୍ଘଟଣା ଏବଂ ୨୪୧ଜଣ ଯାତ୍ରୀଙ୍କ ମୃତ୍ୟୁ ଏବଂ ଲଗାତାର କିଛି ଦିନ ହେଲା ଅନ୍ତର୍ଜାତୀୟ ବିମାନ ସେବା କାର୍ଯ୍ୟସୂଚୀରେ ବାଧା ଏବଂ ପରିଚାଳନାଗତ ଅନିୟମିତତା ପରେ ଏହି ବୈଠକ ହୋଇଥିଲା। ବିମାନର ସୁରକ୍ଷା ଚିନ୍ତା ଏବଂ କାର୍ଯ୍ୟକ୍ଷମ ଅନୁପାଳନକୁ ସମାଧାନ କରିବା ବୈଠକର ଲକ୍ଷ୍ୟ ରହିଥିଲା। ଅନ୍ୟପକ୍ଷେ ଏୟାର ଇଣ୍ଡିଆ ଅଧିକାରୀଙ୍କ ସହ ଇଞ୍ଜିନିୟରିଂ ହେଡ୍‌କୁ ଡିଜିସିଏ ପକ୍ଷରୁ ସମନ ଜାରି କରାଯାଇଛି।

## ମଡେଲ୍‌ଙ୍କ ବେକ କାଟି ଫୋପାଡିଦେଲେ

ସୋନେପତ, ୧୭।୬:ହରିୟାଣାର ଉଦୀୟମାନ ମ୍ୟୁଜିକ୍ ଭିଡିଓ ଆର୍ଟିଷ୍ଟ ତଥା ମଡେଲ ଶୀତଲ ଓରଫ ସିମ୍ମୀ ଚୌଧୁରୀ (୨୩)ଙ୍କର ମୃତଦେହ ସୋମବାର ସୋନେପତର ଖରଖୋଦା ଥାନା ଅଞ୍ଚଳରେ ଥିବା ଏକ କେନାଲ ନିକଟରୁ ମିଳିଛି। ୨ ଦିନ ତଳେ ଶୀତଲ ଶୁଟିଂ ପାଇଁ ଘରୁ ବାହାରି ନିଖୋଜ ହୋଇଯାଇଥିଲେ।

### ବୟଫ୍ରେଣ୍ଡଙ୍କ ଉପରେ ବଢୁଛି ସନ୍ଦେହ

ତାଙ୍କ ବେକରେ ଗଭୀର କଟା ଚିହ୍ନ ରହିଛି, ଯେଉଁଥିରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି। ହତ୍ୟା କରାଯିବା ପରେ ତାଙ୍କ ମୃତଦେହକୁ କେନାଲରେ ଫୋପଡ଼ା ଯାଇଥିଲା। ପୋଲିସ ମୃତଦେହ ମିଳିଥିବା କେନାଲର ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଏବଂ ତାଙ୍କ ମୋବାଇଲର ଲୋକେଶନ ଡେଟାକୁ ବ୍ୟବହାର କରି ଘଟଣାର ତଦନ୍ତ ଚଳାଇଛି। ହତ୍ୟାକାଣ୍ଡକୁ ନେଇ ପରିବାର ଲୋକେ ଶୀତଲଙ୍କ ବୟଫ୍ରେଣ୍ଡ ସୁନୀଲଙ୍କୁ ଦୋଷ ଦେଇଛନ୍ତି। ଶୀତଲଙ୍କ ଭଉଣୀ ନେହା କହିଛନ୍ତି, ଶନିବାର ଶୀତଲ ଭିଡିଓ କଲ୍ କରି ସୁନୀଲ ତାଙ୍କୁ ଆକ୍ରମଣ କରିବା ସହ ମାରପିଟ କରିଥିଲେ ବୋଲି କହିଥିଲେ। ପରେ ଶୀତଲଙ୍କ ଫୋନ୍ କଭରେଜ ବାହାରେ ଥିଲା। ପୋଲିସ ସୁନୀଲଙ୍କୁ ଆହତ ଅବସ୍ଥାରେ ପାଇ ହସ୍ପିଟାଲରେ ଭର୍ତ୍ତି କରିଥିଲା।

## ବିଦେଶରେ ଖୋଲା ଖୋଲି ପାକ୍ ଆର୍ମି ଚିଫଙ୍କୁ କରାଗଲା ବେଇଜ୍ଜତ


ୱାଶିଂଟନ,୧୭।୬: 'ପାକିସ୍ତାନୀଙ୍କ ହତ୍ୟାକାରୀ', 'ତୁମକୁ ଲଜ୍ଜା, ଏକଛତ୍ରବାଦୀ', ଏହି ସ୍ଲୋଗାନଗୁଡ଼ିକ ଆମେରିକାରେ ରହୁଥିବା ପାକିସ୍ତାନୀମାନେ ପାକିସ୍ତାନ ସେନା ମୁଖ୍ୟ ଏବଂ ଫିଲ୍ଡ ମାର୍ଶାଲ ଜେନେରାଲ ସୟଦ ଅସୀମ ମୁନିରଙ୍କ ବିରୁଦ୍ଧରେ ଉଠାଇଛନ୍ତି। ରବିବାର (ଜୁନ ୧୫, ୨୦୨୫) ପାଞ୍ଚ ଦିନିଆ ସରକାରୀ ଗସ୍ତରେ ୱାଶିଂଟନ ଡିସିରେ ପହଞ୍ଚିଥିବା ଅସୀମ ମୁନିରଙ୍କ ପାଇଁ ଏହା ଏକ ଅତ୍ୟନ୍ତ ଲଜ୍ଜାଜନକ ପରିସ୍ଥିତି ଥିଲା, ଯେତେବେଳେ ତାଙ୍କ ନିଜ ଦେଶର ଲୋକମାନେ ଖୋଲାଖୋଲି ଭାବରେ ତାଙ୍କୁ ରାସ୍ତାରେ ଜଣେ ଏକଛତ୍ରବାଦୀ ଏବଂ କାପୁରୁଷ ବୋଲି କହୁଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମ X ରେ ଅନେକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ଦାବି କରାଯାଉଛି ଯେ ଆମେରିକାରେ ରହୁଥିବା ପାକିସ୍ତାନୀମାନେ ଅସୀମ ମୁନିରଙ୍କ ହୋଟେଲ ବାହାରେ ପାକିସ୍ତାନ ସେନା ମୁଖ୍ୟଙ୍କ ବିରୁଦ୍ଧରେ ସ୍ଲୋଗାନ ଦେଉଥିବାର ଦେଖାଯାଉଛି। ଭିଡିଓରେ ଦେଖାଯାଉଛି ଯେ ହୋଟେଲ ବାହାରେ ଏକ କାର ଅଟକିଛି ଏବଂ




ଯେତେବେଳେ ଅସୀମ ମୁନିର ହୋଟେଲରୁ ବାହାରକୁ ଆସି କାରରେ ବସିବାକୁ ଯାଉଛନ୍ତି, ତାଙ୍କୁ ଦେଖିବା ମାତ୍ରେ ଭିଡ଼ ଭିତରେ ଚିତ୍କାର ଶୁଭିଲା। ପ୍ରତିବାଦକାରୀମାନେ ହୋଟେଲ ମଧ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ହୋଟେଲ କର୍ମଚାରୀମାନେ ସେମାନଙ୍କୁ ଅଟକାଇ ଦେଇଥିଲେ। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ, ଭିଡ଼ରୁ ଶୁଭୁଛି – 'ଅସିମ ମୁନିର, ତୁମେ ଜଣେ କାପୁରୁଷ', 'ତୁମକୁ ଲଜ୍ଜା, ହତ୍ୟାକାରୀ', 'ତୁମକୁ ଲଜ୍ଜା, ଏକଛତ୍ରବାଦୀ' ଏବଂ 'ଇସଲାମାବାଦର ହତ୍ୟାକାରୀ'। ଭିଡିଓ ବିଷୟରେ ଦାବି କରାଯାଇଥିଲା ଯେ ଅସୀମ ମୁନିରଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଏହି ଲୋକମାନେ ପୂର୍ବତନ ପାକ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଏବଂ ପାକିସ୍ତାନ ତେହରିକ-ଏ-ଇନସାଫ ପାର୍ଟି (ପିଟିଆଇ)ର ସମର୍ଥକ। ଯେତେବେଳେ ଅସୀମ ମୁନିରଙ୍କ ଆମେରିକା ଗସ୍ତ ଘୋଷଣା କରାଯାଇଥିଲା, ସେତେବେଳେ ମଧ ପିଟିଆଇ ସମର୍ଥକମାନେ ୱାଶିଂଟନ ଦୂତାବାସ ବାହାରେ ପ୍ରଦର୍ଶନ କରିଥିଲେ।

## ଛାତି ଥରାଇଲା ଭବିଷ୍ୟବାଣୀ, ଜୁଲାଇ ୫ରେ ଆସିବ ସୁନାମି !

**ନୂଆଦିଲ୍ଲୀ, ୧୭।୬:** ଗତ ଗୁରୁବାର ଅହମଦାବାଦରେ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ସାରା ଦେଶରେ ଭୟର ବାତାବରଣ ରହିଛି। ଲୋକେ ବିମାନରେ ଯାତ୍ରା କରିବାକୁ ଡରୁଥିବା ସାମ୍ନାକୁ ଆସିଛି। ଏହି ଘଟଣା ପରେ ସୋସିଆଲ ମିଡିଆରେ ଦାବି କରାଯାଉଛି ଯେ, ୨୦୨୫ବର୍ଷଟି ଦୂରସ୍ଥାନ ଯାତ୍ରା ପାଇଁ ଅନୁକୂଳ ନୁହେଁ। ଏବର୍ଷ ଅନେକ ବଡ଼ ବଡ଼ ଦୁର୍ଘଟଣା ଦେଖିବ ବିଶ୍ୱ। ଏଭଳି ଅନେକ ଦାବି ମଧ୍ୟରେ ଏକ ଭବିଷ୍ୟବାଣୀ ଶୁଣି ସମସ୍ତଙ୍କ ଛାତିରେ ଛନକା ପଶିଛି। ଜୁଲାଇ ୫ରେ ଭୂକମ୍ପ ହେବା ସହ ସୁନାମି ଆସିବ ବୋଲି ଭବିଷ୍ୟବାଣୀ କରାଯାଇଛି। ଜଣେ ରହସ୍ୟମୟ ଜାପାନୀ ମଙ୍ଗା କଳାକାର ରୟୋ ତାତସୁକି (ଯାହାଙ୍କୁ ସୋସିଆଲ ମିଡିଆରେ 'ନୂତନ ବାବା ବେଙ୍ଗା' ବୋଲି କୁହାଯାଉଛି) ଭବିଷ୍ୟବାଣୀ କରିଛନ୍ତି ଯେ, ଜୁଲାଇ ୫, ୨୦୨୫ରେ ଜାପାନରେ ଏକ ବଡ଼ ସୁନାମି କିମ୍ବା ଭୂମିକମ୍ପ ଆସିପାରେ। ତାଙ୍କର କମିକ୍ ସିରିଜ୍ 'ଦି ଫ୍ୟୁଚର ଆଇ ସ'ରେ ଏହି ଦାବି ସାରା ବିଶ୍ୱରେ, ବିଶେଷକରି



ଜାପାନକୁ ଯାତ୍ରା କରିବାର ଯୋଜନା କରୁଥିବା ଲୋକଙ୍କ ମଧ୍ୟରେ ଚିନ୍ତାର ବାତାବରଣ ସୃଷ୍ଟି କରିଛି। ରୟୋ ତାତସୁକିଙ୍କ ଭବିଷ୍ୟବାଣୀକୁ ଗମ୍ଭୀରତାର ସହ ନିଆଯାଉଛି କାରଣ ସେ ୨୦୧୧ର ବିନାଶକାରୀ ଟୋହୋକୁ ଭୂମିକମ୍ପ ଏବଂ ସୁନାମିର ପୂର୍ବାନୁମାନ କରିଥିଲେ। ସେହି ଦୁଃଖଦ ଘଟଣାରେ ୧୮ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ଫୁକୁସିମା ପରମାଣୁ କେନ୍ଦ୍ରରେ ଏକ ଭୟଙ୍କର ଦୁର୍ଘଟଣା ଘଟିଥିଲା। ଏହା ସହ ସେ ୧୯୯୫ କୋବେ ଭୂମିକମ୍ପ, ୨୦୨୦ରେ କରୋନା ମହାମାରୀ ଓ ଫ୍ରେଡି ମର୍କ୍ୟୁରୀଙ୍କ ମୃତ୍ୟୁର ଭବିଷ୍ୟବାଣୀ କରିଥିଲେ।

ରୟୋଙ୍କ ପୂର୍ବାନୁମାନ ଯୋଗୁଁ, ଜୁଲାଇ ମାସର ଜାପାନକୁ ବିମାନ ବୁକିଂ ୮୩% ହ୍ରାସ ପାଇଛି। ହଂକଂରୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ୫୦% ପର୍ଯ୍ୟନ୍ତ ହ୍ରାସ ପାଉଛି। ଅନେକ ଯାତ୍ରୀ ଏପ୍ରିଲ-ମେ' ଛୁଟି ପାଇଁ କରାଯାଇଥିବା ବୁକିଂକୁ ମଧ ବାତିଲ କରିଛନ୍ତି। ମିଆଗି ପ୍ରଦେଶର ରାଜ୍ୟପାଳ ଯୋଶିହିରୋ ମୁରାଇ କହିଛନ୍ତି, "ଏହି ଭବିଷ୍ୟବାଣୀ ସମ୍ପୂର୍ଣ୍ଣ ଭିତ୍ତିହୀନ। ବୈଜ୍ଞାନିକଙ୍କ ଅନୁଯାୟୀ କୌଣସି ଭୂମିକମ୍ପ କିମ୍ବା ସୁନାମିର ପୂର୍ବାନୁମାନ କରାଯାଇପାରିବ ନାହିଁ। ଲୋକମାନେ ଜାପାନ ଯାତ୍ରା କରିବାକୁ ଦ୍ୱନ୍ଦ୍ୱରେ ପଡ଼ିବା ଏବଂ ଭୟଭୀତ ହେବା ଉଚିତ୍ ନୁହେଁ।"

# ସଚିନ-ଆଣ୍ଡରସନ୍ ଟ୍ରଫି ଉନ୍ମୋଚନ ସ୍ଥଗିତ



**ଲଣ୍ଡନ, ୧୭।୬:** ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଜୁନ୍ ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳା ଦୁଇ ଦେଶର ଦୁଇ ମହାନ ତାରକା ସଚିନ ତେନ୍ଦୁଲକର ଓ ଜେମ୍ସ ଆଣ୍ଡରସନ୍‌ଙ୍କ ନାଁରେ ନାମିତ 'ସଚିନ-ଆଣ୍ଡରସନ୍' ଟ୍ରଫି ପାଇଁ ଖେଳାଯିବ। ନୂଆ କରି ଆରମ୍ଭ ହେଉଥିବା ଏହି ରନିଂ ଟ୍ରଫିର ଉନ୍ମୋଚନ ମହାଆଡ଼ମ୍ବରରେ କରିବାକୁ ଆୟୋଜକ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଯୋଜନା କରିଥିଲା। ତେବେ ଅହମଦାବାଦରେ ହୋଇଥିବା ମର୍ମନ୍ତୁଦ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୫୦ଜଣ ବ୍ରିଟିସ୍ ନାଗରିକଙ୍କ ସହ ୨୭୪ଜଣ ଲୋକ ପ୍ରାଣ ହରାଇବା ପରେ ଏହି ଉତ୍ସବକୁ ସ୍ଥଗିତ କରି ଦିଆଯାଇଛି। ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ଏହି ବିଷୟ ସୂଚନା ଦେବାକୁ ଯାଇ କହିଛନ୍ତି ଯେ 'ସଚିନ-ଆଣ୍ଡରସନ୍ ଟ୍ରଫି' ଚଳିତ ମାସ ୧୪ ତାରିଖରେ ଉନ୍ମୋଚନ ହେବାର ଥିଲା। ତେବେ ଅହମଦାବାଦର ଲୋମହର୍ଷଣକାରୀ ବିମାନ ଦୁର୍ଘଟଣା ପରେ ଏହାକୁ ଆସନ୍ତା କିଛି ଦିନ ପାଇଁ ସ୍ଥଗିତ କରି ଦିଆଯାଇଛି। ତେବେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅନ୍ୟ ଏକ କାରଣ ପାଇଁ ମଧ୍ୟ ଏହି ଟ୍ରଫି ଉନ୍ମୋଚନ ଉତ୍ସବକୁ ଘୁଞ୍ଚାଇ ଦିଆଯାଇଛି। ପ୍ରକୃତ କଥା ହେଲା ଆଇସିସି ଅଧ୍ୟକ୍ଷ ଜୟ ଶାହ ଏବଂ ମାଷ୍ଟର ବ୍ଲାଷ୍ଟର୍ ସଚିନ ତେନ୍ଦୁଲକର ଶୃଙ୍ଖଳା ପୂର୍ବଭଳି ପଟୌଦି ଟ୍ରଫି ନାଁରେ ଖେଳାଯାଉ ବୋଲି ଚାହୁଁଛନ୍ତି। ଭାରତ ଓ ଇଂଲଣ୍ଡ କ୍ରିକେଟ୍ ପ୍ରତି ପଟୌଦି ପରିବାରର ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇ ଏହି ଟ୍ରଫିକୁ ବଜାୟ ରଖିବା ସପକ୍ଷରେ ଉଭୟ ଅଛନ୍ତି। ଏଥିନେଇ ବିସିସିଆଇ ମଧ୍ୟ ଇସିବିକୁ ପତ୍ର ଲେଖି ଟ୍ରଫିର ନାଁ ନ ବଦଳାଇବାକୁ ଅନୁରୋଧ କରିଛି। ଏଭଳି ସ୍ଥିତିରେ ଇସିବି ଏବେ ଦ୍ୱନ୍ଦ୍ୱରେ ରହିଛି। ଏଣୁ ଏହି ସଂଶୟ ଓ ଦ୍ୱନ୍ଦ୍ୱ ଦୂର ହେବା ପରେ ଯାଇ ନୂଆ ଟ୍ରଫି ଉନ୍ମୋଚନ କରିବାକୁ ଚାହୁଁଛି।



## କଳିଙ୍ଗ ବ୍ଲାକ ଟାଇଗର୍ସର ଦ୍ୱିତୀୟ ପରାଜୟ

**ମୁମ୍ବାଇ,୧୭।୬:** ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍)ରେ ସୋମବାର କଳିଙ୍ଗ ବ୍ଲାକ ଟାଇଗର୍ସ ଏକତରଫା ଭାବେ ୧୦-୩୫ ପଏଣ୍ଟରେ ବେଙ୍ଗାଲୁରୁ ବ୍ରେଭହାଟ୍‌ସଠାରୁ ପରାସ୍ତ ହୋଇଛି। ଓଡ଼ିଶା ପାଇଁ ଏଥାନ ଟର୍ନର ଓ ଲୁକାସ ଲାକାମ୍ପ ଗୋଟିଏ ଲେଖାଏ ଟ୍ରାଇ କରିଥିଲେ। ବେଙ୍ଗାଲୁରୁ ପକ୍ଷରୁ ଫିଲିପ ଓ୍ୱକୋରଚ ଦୁଇଟି ଟ୍ରାଇ ସ୍କୋର କରିଥିବା ବେଳେ ଆକୁଲିଆ ରୋକୋଲିସୋଆ, ଲୋଓ୍ୱାନେ ତେବା ଓ ମୋହିତ ଖତ୍ରି ଗୋଟିଏ ଲେଖାଏ ଟ୍ରାଇ କରିଥିଲେ। ଏହା ବ୍ଲାକ ଟାଇଗର୍ସ ଦଳ ପାଇଁ ଲଗାତର ଦ୍ୱିତୀୟ ପରାଜୟ। ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ହାଇଦ୍ରାବାଦ ହିରୋଜଠାରୁ ପରାସ୍ତ ହୋଇଥିଲା। ଆଜି ଦିନର ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନାଇ ବୁଲ୍ସ ୩୧-୧୭ ପଏଣ୍ଟରେ ମୁମ୍ବାଇ ଡ୍ରିମର୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଭାଫୌସେ ମାଲିକୋ ଓ ଜୋସେଭା ଟାଲାକୋଲୋ ଦୁଇଟି ଲେଖାଏ ଏବଂ ଫିଲିପ ସୌଟୁରାଗା ଗୋଟିଏ ସ୍କୋର କରିଥିଲେ। ମୁମ୍ବାଇ ପାଇଁ ଓ୍ୱବେସାୟା ନକୁକୁ, ଜେମ୍ସ ଟର୍ନର ଓ ବ୍ରିଆର ବାରୋନ ଗୋଟିଏ ଲେଖାଏ ଟ୍ରାଇ କରିଥିଲେ। ଲଗାତର ଦ୍ୱିତୀୟ ବିଜୟ ସହ ଚେନ୍ନାଇ ବୁଲ୍ସ ୮ ପଏଣ୍ଟ ସହ ପଏଣ୍ଟ ଟେବୁଲରେ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଖାତା ଖୋଲିପାରିନଥିବା କଳିଙ୍ଗ ବ୍ଲାକ ଟାଇଗର୍ସ ପଏଣ୍ଟ ଟେବୁଲର ସର୍ବନିମ୍ନରେ ରହିଛି।

**ରାଜ୍ୟ ସ୍ତରୀୟ ଖୋଖୋ ପ୍ରିମିୟର ଲିଗ୍**

## ଧମାକା କଲେ ବାଲେଶ୍ୱର ହିରୋସ୍ ଆଉ ତୋଷାଳୀ କୁଇନ୍



ପିପିଲି, ୧୭।୬ (ସଂଚାର ବ୍ୟୁରୋ): ଗାଁଠୁ ସହର ରାଜ୍ୟଠାରୁ ବିଶ୍ୱ ସବୁଠି ଏବେ ଫାଟାଫଟ କ୍ରିକେଟର ଜଲୱା। ଖେଳାଳୀ ନିଲାମ ପରେ ଆରମ୍ଭ ହେଉଛି ଜବରଦସ୍ତ ଫାଇଟ୍। ଏବେ ଖାଲି କ୍ରିକେଟ ନୁହେଁ ପ୍ରଥମ ଥର ପାଇଁ ଖୋଖୋ କୁ ନେଇ ଆରମ୍ଭ ହାଇଛି ପ୍ରିମିୟର ଲିଗ୍। ଏବେ କ୍ରିକେଟ ପରେ ଏବେ ଖୋଖୋର ଜଲୱା। ଖେଳାଳିମାନେ ନିଜର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରୁଛନ୍ତି। ଜଣକୁ ପରେ ଜଣେ ସିନ୍ଥେଟିକ୍ ମ୍ୟାଟ୍ ଉପରେ ନିଜର ଜଲୱା ଦେଖାଉଛନ୍ତି। ବଛା ବଛା ଏବଂ ନିଜ ମନ ପସନ୍ଦର ଖେଳାଳୀକୁ ନେଇ ଟିମ୍ ଗଠନ କରିବା ପରେ ମୈଦାନକୁ ଓହ୍ଲାଇଛନ୍ତି ଉଭୟ ପୁରୁଷ ଏବଂ ମହିଳା ଦଳ। ପୁରୀ ଜିଲ୍ଲା ଡ଼େଲାଙ୍ଗ ବ୍ଲକ ମୁନିଦା ହାଇସ୍କୁଲ ପରିସରରେ ପୁରୁଷ ଏବଂ ମହିଳାଙ୍କୁ ନେଇ ଉଭୟ ବିଭାଗରେ ରାଜ୍ୟ ସ୍ତରୀୟ ଖୋଖୋ ପ୍ରିମିୟର ଲିଗ୍ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ସଂସ୍କୃତି ଓ ପରମ୍ପରା ମହାମିଳନ ଓ ଜାତୀୟ ଗ୍ରାମୀଣ ରଜ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ପୁରୁଷ ବିଭାଗରେ କଟକ ରୟାଲସ, ପୁରୀ ପାନ୍ଥରସ୍, ଗଂଜାମ ଗଜପତି, ବାଲେଶ୍ୱର ହିରୋସ୍ ରହିଥିବାବେଳେ ମହିଳା ବିଭାଗରେ ଶାରଳା ୱାରିଅରର୍ସ, ସୁନ୍ଦରଗଡ଼ ସୋଲଜର, ଧଉଳି ଧମାକା ଏବଂ ତୋଷାଳୀ କୁଇନ।ଜୋରଦାର ଏହି ଫାଟାପଟ ଖୋଖୋ ପ୍ରତିଯୋଗିତାରେ ପୁରୁଷ ବିଭାଗରେ ବାଲେଶ୍ୱର ହିରୋସ୍ ଦଳ ପୁରୀ ପାନ୍ଥରସ୍ କୁ ହରାଇ ବିଜୟୀ ହୋଇଥିବାବେଳେ ମହିଳା ବିଭାଗରେ ସୁନ୍ଦରଗଡ଼ କୁଇନକୁ ହରାଇ ତୋଷାଳୀ କୁଇନ ବିଜୟୀ ହୋଇଥିଲା। ପ୍ରଥମର ଥର ପାଇଁ ଓଡ଼ିଶା ଖୋଖୋ ଆସୋସିଏସନ ପକ୍ଷରୁ ଏଭଳି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏକ ଗ୍ରାମୀଣ ପରିବେଶରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଖେଳାଳିମାନଙ୍କୁ ଚୟନ କରାଯାଇ ଏଠାରେ ଖେଳାଳୀମାନଙ୍କୁ ସେମାନଙ୍କ ଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଖେଳାଳିମାନଙ୍କୁ ଖୋଖୋ ଖେଳ ପ୍ରତି ଆଗ୍ରହ ଓ ସେମାନଙ୍କ ଶରୀର ଗଠନ ଏବଂ ଭବିଷ୍ୟତ ଉଜ୍ଜଳମୟ ହୋଇ ପାରିବ ବୋଲି ଅତିଥି ଭାବରେ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିବାବେଳେ କ୍ରୀଡ଼ା ମନୁଷ୍ୟକୁ ଏକ ସୁସ୍ଥ ବାତାବରଣ ଦେବା ସହିତ ସୁସ୍ଥ ଜୀବନ ଧାରଣ ପାଇଁ ସହାୟକ ହେବ ବୋଲି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କହିଛନ୍ତି। ଶେଷରେ ଚମ୍ପିଆନ ଏବଂ ରନର୍ସଦଳକୁ ଅତିଥିମାନେ ଟ୍ରଫି ସହିତ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଏକ ଗ୍ରାମୀଣ ପରିବେଶରେ ଗୋଟିଏ ପ୍ଲାଟଫର୍ମରେ ଏକାଠି କରାଯାଇ ଏଭଳି ଏକ ପ୍ରତିଯୋଗୀତା ଆୟୋଜନ କରାଯାଇ ଜୋରଦାର ଖେଳ ପ୍ରଦର୍ଶିତ ହୋଇଥିଲା।

# କିଏ ସମ୍ଭାଳିବେ ଭାରତର ବ୍ୟାଟିଂ ଲାଇନ୍ ?



**ଲଣ୍ଡନ୍, ୧୭।୬:** ଶୁକ୍ରବାରଠାରୁ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ଟେଷ୍ଟ୍ ଶୃଙ୍ଖଳା ଖେଳିବ ଭାରତ। ହେଡିଙ୍ଗ୍‌ଲେର ଲିଡ୍‌ସରେ ପ୍ରଥମ ଟେଷ୍ଟ୍ ପାଇଁ ଆଉ ମାତ୍ର ୩ ଦିନ ରହିଛି। ସମସ୍ତଙ୍କ ନଜର ଏବେ ରହିଛି ଭାରତର ନୂଆ ପିଢ଼ି ବ୍ୟାଟ୍‌ରଙ୍କ ଉପରେ। ବିଶେଷ କରି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଭଳି ବିଶ୍ୱ ବିଖ୍ୟାତ ବ୍ୟାଟର୍‌ଙ୍କ ଟେଷ୍ଟ୍ ଅବସର ପରେ କିଏ ଏହି ଗସ୍ତର ଶ୍ରେଷ୍ଠ ଭାରତୀୟ ବ୍ୟାଟର୍ ହେବ, କେଉଁମାନେ ସ୍ଥିର ପ୍ରଦର୍ଶନ ଦେଇପାରିବେ, ଇଂଲଣ୍ଡ ମାଟିରେ ସୁଇଙ୍ଗ୍ ବୋଲିଂକୁ କିଏ ଭଲରେ ମୁକାବିଲା କରିବ, ଭାରତ ସମ୍ପୂର୍ଣ୍ଣ ଶୃଙ୍ଖଳାରେ କିଭଳି ପ୍ରଦର୍ଶନ କରିବ ଆଦିର ଚର୍ଚ୍ଚା ରହିବ। ଆହ୍ୱାନଭରା ପିଚ୍ ଓ ପରିବେଶରେ କିନ୍ତୁ କେଏଲ୍ ରାହୁଲ, ଯଶସ୍ୱୀ ଜୟସ୍ୱାଲ ଓ ନବନିଯୁକ୍ତ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ବିଭିନ୍ନ ଦାୟିତ୍ୱର ବୋଝ ସମ୍ଭାଳିବାକୁ ପଡ଼ିବ। ଭାରତର ଶୀର୍ଷକ୍ରମ ସଫଳତା ଏମାନଙ୍କ ପ୍ରଦର୍ଶନ ଉପରେ ହିଁ ନିର୍ଭର କରିବ।

ଏହି ଗସ୍ତରେ ଭାରତୀୟ ଦଳର ସବୁଠାରୁ ଅଭିଜ୍ଞ ବ୍ୟାଟର୍ ହେଉଛନ୍ତି କେଏଲ୍ ରାହୁଲ୍। ୩୩ ବର୍ଷୀୟ ରାହୁଲ ଇଂଲଣ୍ଡ ବିପକ୍ଷରେ ୧୩ ଟେଷ୍ଟ୍ ଖେଳି ୯୫୫ ରନ୍ ସଂଗ୍ରହ କରିଛନ୍ତି, ଯାହାକି ଅସ୍ଥିର ପ୍ରଦର୍ଶନକୁ ସୂଚାଇଛି। ୨୦୧୮ ଗସ୍ତରେ ଦ ଓଭାଲ୍‌ରେ ଭାରତ ଏକଦା ୧୨୧/୫ରେ ସଂଘର୍ଷ କରୁଥିବା ବେଳେ ରାହୁଲ ଖେଳିଥିବା ୧୪୯ ରନ୍‌ର ପାଳି ଏ ପର୍ଯ୍ୟନ୍ତ ଶ୍ରେଷ୍ଠ ହୋଇ ରହିଛି। ରାହୁଲ କିନ୍ତୁ ସେହି ଗସ୍ତରେ ଅବଶିଷ୍ଟ ୯ ପାଳିରୁ ୧୫୨ ରନ୍ ସଂଗ୍ରହ କରିଥିଲେ। ୨୦୨୧ରେ ବି ଏହାର ସମାନ ପ୍ରତିଫଳନ ଘଟିଥିଲା। ଲର୍ଡସରେ ସେ ୧୨୯ ରନ୍‌ର ଚମତ୍କାର ଶତକ ହାସଲ କରି ଭାରତର ବିଜୟରେ ନାୟକ ସାଜିଥିଲେ। କିନ୍ତୁ ପରବର୍ତ୍ତୀ ପାଳିଗୁଡ଼ିକରେ ଦୁଇ ଅଙ୍କ ବି ଛୁଇଁପାରି ନଥିଲେ। ଇଂଲିସ୍ ପରିବେଶରେ ରାହୁଲ ୩୪.୧୧ ହାରରେ ରନ୍ ସଂଗ୍ରହ କରିଛନ୍ତି। ଭଲ ଆରମ୍ଭ କରୁଥିବା ପାଳିକୁ ବଡ଼ ସ୍କୋର୍‌ରେ ରୂପାନ୍ତର କରିବାକୁ ସଂଘର୍ଷ କରିଛନ୍ତି। ଗୋଟିଏ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲାଣି ଭାରତୀୟ ଦଳ ସହ ଅଭିଜ୍ଞତା ଅର୍ଜନ କରିଥିବାରୁ ଏହି ଶୃଙ୍ଖଳା ରାହୁଲଙ୍କ ପାଇଁ ନିର୍ଣ୍ଣାୟକ ହେବ। ଭାରତର ଶୀର୍ଷ ମଧ୍ୟକ୍ରମକୁ ସମ୍ଭାଳିବାକୁ ସେ ଢେର୍ ପରିପକ୍ୱ ହୋଇଗଲେଣି ନା ସେଭଳି କ୍ୱଚିତ୍ ଗୋଟିଏ ଭଲ ପାଳି ଖେଳି ଅସ୍ଥିରତା ବଜାୟ ରଖିବେ ସମୟ କହିବ। ଭାରତ କିନ୍ତୁ ତାଙ୍କୁ ସବୁଠାରୁ ନିର୍ଭରଯୋଗ୍ୟ ମଧ୍ୟକ୍ରମ ବ୍ୟାଟର୍ ଭାବେ ବିବେଚନା କରୁଛି।

ଅନ୍ୟପକ୍ଷରେ ବଡ଼ ସ୍ୱପ୍ନ ଦେଖିଥିବା ୨୩ ବର୍ଷୀୟ ଯୁବ ବ୍ୟାଟର୍ ଯଶସ୍ୱୀ ଜୟସ୍ୱାଲ ନିର୍ଭୟରେ ଖେଳୁଥିବାରୁ ଟେଷ୍ଟ୍ କ୍ରିକେଟ୍‌କୁ ଧସେଇ ପଶିଛନ୍ତି। ଗତ ଅଷ୍ଟ୍ରେଲିଆ ଗସ୍ତରେ ଖେଳାଯାଇଥିବା ୫ ମ୍ୟାଚ୍ ବର୍ଡର-ଗାଭାସ୍କର ଟ୍ରଫି ଶୃଙ୍ଖଳାରେ ସେ ଭାରତର ଅଗ୍ରଣୀ ରନ୍ ସଂଗ୍ରହକାରୀ ଥିଲେ। ଘରୋଇ ମାଟିରେ ଜୟସ୍ୱାଲଙ୍କ ୧୦ ମ୍ୟାଚ୍ ହାରାହାରି ୬୦.୬୧ ରହିଛି, କିନ୍ତୁ ଏହି ବିଦେଶ ଗସ୍ତ ତାଙ୍କ ପାଇଁ ବଡ଼ ଆହ୍ୱାନର ପରୀକ୍ଷା ନେବାକୁ ଅପେକ୍ଷା କରିଛି। ଅବଶ୍ୟ ଘରଠୁ ବାହାରେ ଖେଳୁଥିବା ବେଳେ ଜୟସ୍ୱାଲଙ୍କ ହାରାହାରି ପ୍ରଶଂସନୀୟ ଭାବେ ୪୪.୧୮ ରହିଛି। କିନ୍ତୁ ଡ୍ୟୁକ୍ସ ବଲ୍‌ର ପ୍ରାରମ୍ଭିକ ସୁଇଙ୍ଗ ଓ ଗତି ଭିତରେ ଇଂଲଣ୍ଡ ସିମର୍‌ଙ୍କ ଲମ୍ବା ସ୍ପେଲ୍ କ୍ଷମତା ତାଙ୍କ ପାଇଁ ଅପୂର୍ବ ପରୀକ୍ଷା ଆଣିବ। ମାର୍ଗଦର୍ଶନ ଦେବାକୁ ବିରାଟ କୋହଲି କି ରୋହିତ ଶର୍ମା ନ ଥିବାରୁ ଜୟସ୍ୱାଲଙ୍କୁ ନିଜ ଆଭିମୁଖ୍ୟକୁ ସ୍ପଷ୍ଟ ରଖି ଖେଳିବାକୁ ପଡ଼ିବ। କିନ୍ତୁ ତାଙ୍କ ରନ୍ ଭୋକିଲା ପ୍ରବୃତ୍ତି ଓ ସାମ୍ପ୍ରତିକ ଫର୍ମ ଏହି ଗସ୍ତର ପ୍ରମୁଖ ଖେଳାଳି ଭାବେ ଉଭା କରାଇବ ବୋଲି ବିଶ୍ୱାସ ହେଉଛି। ଶୁବମନ ଗିଲ୍‌ଙ୍କ ପାଇଁ ଅନେକ ଆହ୍ୱାନ ରହିଛି। ବ୍ୟାଟର୍ ଭାବେ ଭଲ କରିବା ଏବଂ ଅଧିନାୟକ ଭାବେ ନିଜକୁ ପ୍ରମାଣିତ କରିବାର ଯୁଗଳ ଭୂମିକାକୁ ସେ କିଭଳି ତୁଲାଉଛନ୍ତି ସମୟ କହିବ। ମାତ୍ର ୩୨ ଟେଷ୍ଟ୍ ଖେଳିଥିବା ଏହି ୨୫ ବର୍ଷୀୟ ବ୍ୟାଟର୍ ଘରୋଇ ମାଟିରେ ୪୨.୦୩ ହାରରେ ଖେଳୁଥିବା ବେଳେବିଦେଶରେ ନୈରାଶ୍ୟଜନକ ଭାବେ ଏହା ୨୯.୫୦ରେ ରହିଛି। ଇଂଲଣ୍ଡ ମାଟିରେ ସେ ମାତ୍ର ୩ ଟେଷ୍ଟ୍ ଖେଳି ୧୪.୬୬ ହାରରେ ୮୮ ରନ୍ କରିଥିବାରୁ ଚାପରେ ପଡ଼ିବା ଆଶଙ୍କା ରହିଛି। ତାଙ୍କ ନେତୃତ୍ୱରେ ଗସ୍ତ କରୁଥିବା ଯୁବ ଦଳଠାରୁ ବଡ଼ ପ୍ରତ୍ୟାଶା ଥିବାରୁ ନେତୃତ୍ୱର ଅତିରିକ୍ତ ଚାପ ବି ଆସିବ। ଅଧିନାୟକତ୍ୱ ନେବା ଅପେକ୍ଷା ରନ୍ ସଂଗ୍ରହ କରିବା ଗିଲ୍‌ଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେବ। ଗିଲ୍‌ଙ୍କ ଉପରେ ଆସ୍ଥା ପ୍ରକଟ କରି ପୂର୍ବତନ ବ୍ୟାଟର୍ ଚେତେଶ୍ୱର ପୂଜାରା କହିଛନ୍ତି ଗିଲ୍‌ଙ୍କୁ ପ୍ରଥମେ ରନ୍ ସଂଗ୍ରହ କରିବାକୁ ପଡ଼ିବ। ୨୦୧୧ ମସିହା ପରେ ଭାରତ ପ୍ରଥମ ଥର ପାଇଁ ବିରାଟ କୋହଲି କିମ୍ବା ରୋହିତ ଶର୍ମାଙ୍କ ବିନା ଖେଳିବାକୁ ଯାଇଛି। ଭାରତୀୟ ଯୁବ ଖେଳାଳିଙ୍କ ପ୍ରଦର୍ଶନ ବି ଏହି ଶୃଙ୍ଖଳାରୁ ଦଳ ନୂଆ ବିଶ୍ୱ ଟେଷ୍ଟ୍ ଚାମ୍ପିୟନସିପ୍ ଅଭିଯାନକୁ କିଭଳି ଆରମ୍ଭ କରିବ ତାହାର ପ୍ରାରମ୍ଭିକ ସୂଚନା ମିଳିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚାଷୀଙ୍କୁ ମିଳିଛି...

ଅଭିଯାନ କୃଷକଙ୍କ ସାମୂହିକ କଲ୍ୟାଣ ସାଧନ ସହ କୃଷି କ୍ଷେତ୍ରର ରୋଜଗାର ବୃଦ୍ଧି ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଶ୍ରୀ ମାଝୀ କହିଛନ୍ତି।

ସେହିପରି ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କୃଷି ସମ୍ବନ୍ଧୀୟ କାର୍ଯ୍ୟ ପ୍ରଣାଳୀର ବିବରଣୀ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ବିସ୍ମୃତ ଖାଦ୍ୟର ପୁନରୁଦ୍ଧାର ଓ ପୁଷ୍ଟିଶସ୍ୟ ଆଧାରିତ କୃଷି ପ୍ରଣାଳୀ ମାଧ୍ୟମରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ରୋଜଗାରରେ ଉନ୍ନତି ଅଣାଯାଇଛି। ସମ୍ପ୍ରତି ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଣ୍ଡିଆ ଲଡୁ ଦିଆଯାଉଛି। ସିଏମ୍ କିଷାନ୍ ଯୋଜନାରେ ଚାଷୀଙ୍କୁ ୪ ହଜାର ଟଙ୍କାର ସହାୟତା ଦିଆଯାଉଛି। ଏଥିରେ ସହରାଞ୍ଚଳର କୃଷକଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଗତ ଅକ୍ଷୟ ତୃତୀୟାରେ ୨,୩୮୧ ଜଣ ବିଶେଷ ଭାବେ ଅନୁନ୍ନତ (ପିଭିଟିଜି) ଚାଷୀ ଓ ୨୫,୫୩୨ ସହରାଞ୍ଚଳ ଚାଷୀଙ୍କ ସମେତ ମୋଟ ୫୦ ଲକ୍ଷ ୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧,୦୨୫ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି। ସିଏମ୍ କିଷାନ୍ ସହ 'ପିଏମ-ସମ୍ମାନ ନିଧି' ସଂଯୁକ୍ତ ହୋଇ ଚାଷୀମାନଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରୁଛି। ତା'ଛଡ଼ା ଚାଷୀ ପରିବାରକୁ ସଶକ୍ତ କରିବାକୁ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ କୃଷି ବିଦ୍ୟାନିଧି ଯୋଜନାରେ ସନ୍ତାନ-ସନ୍ତତିଙ୍କ ଉଚ୍ଚଶିକ୍ଷା ପାଇଁ ଛାତ୍ରବୃତ୍ତି ସହାୟତା ଦିଆଯାଉଛି। ଅଧିକନ୍ତୁ ବଳଭଦ୍ର ଜୈବିକ ଚାଷ ମିଶନ ଯୋଗେ ରସାୟନମୁକ୍ତ ଜୈବିକ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ଅମୃତ ଅନ୍ନ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ଉତ୍ପାଦିତ ରସାୟନମୁକ୍ତ ଦେଶୀ ବାସ୍ନାଯୁକ୍ତ ଚାଉଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଠଭୋଗରେ ଉପଯୋଗ ହେଉଛି ଓ ଆଗାମୀ ଦିନରେ ଏହା ସମ୍ପୂର୍ଣ୍ଣ ମହାପ୍ରସାଦ ପ୍ରସ୍ତୁତିରେ ବି ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ କୃଷି ଓ କୃଷକର ବିକାଶ ପାଇଁ ଆମ ସରକାର ରାଜ୍ୟ ବଜେଟରେ ଚଳିତ ବର୍ଷ ଅଧିକ ଆର୍ଥିକ ପ୍ରସ୍ତାବ ଦେଇଛନ୍ତି ଏବଂ ଆଗାମୀ ଥର ବଜେଟରେ ମଧ୍ୟ ଅଧିକ ଆର୍ଥିକ ବଜେଟର ପ୍ରାବଧାନ ରଖିଛୁ। ଆଜି ଓଡ଼ିଶା ଭାରତ ବାହାରକୁ ମଧ୍ୟ ଫଳ ରପ୍ତାନି କରିପାରୁଛି, ଯାହାକି ଆମର ଦୃଢ଼ ପ୍ରତିବଦ୍ଧତାର ପରିଚୟ। କିଛି ବର୍ଷ ମଧ୍ୟରେ ବଲାଙ୍ଗୀରଠାରେ ଏଗ୍ରିକଲଚର କଲେଜ ପ୍ରତିଷ୍ଠା ହେବ ଓ ସୋନପୁରଠାରେ ମାଛ ଚାଷୀଙ୍କୁ ଉନ୍ନତ ଜ୍ଞାନ କୌଶଳର ଶିକ୍ଷା ଦେବା ପାଇଁ ଫିସରୀ କଲେଜ ମଧ୍ୟ ପ୍ରତିଷ୍ଠା ଯୋଜନା ରହିଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

### ସବୁ ଜିଲ୍ଲାକୁ...

ନିଜ ନିଜ ଜିଲ୍ଲାର କ୍ଷେତ୍ରସ୍ତରୀୟ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ସଚିବ କହିଥିଲେ ଯେ ଡାଇରିଆ ସ୍ଥିତିର ପୂର୍ଣ୍ଣ ନିୟନ୍ତ୍ରଣ ପାଇଁ ପ୍ରତିରୋଧ, ପରୀକ୍ଷଣ ଓ ପ୍ରତିଷେଧକ ବ୍ୟବସ୍ଥା ସହ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ବେସରକାରୀ ଓ ସରକାରୀ କୂପଗୁଡ଼ିକୁ ନିୟମିତ ଭାବେ ବିଶୋଧନ କରାଯାଉଛି। ରୋଗୀମାନଙ୍କ ସଂଖ୍ୟା ମଧ୍ୟ କ୍ରମଶଃ ହ୍ରାସ ପାଉଛି। ଏବେ ହସ୍ପିଟାଲ୍‌କୁ ଆସୁଥିବା ରୋଗୀଙ୍କଠାରେ ସାମାନ୍ୟ ଲକ୍ଷଣ ରହୁଛି। ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଯୋଗୁଁ ସଂକ୍ରମିତମାନେ ପ୍ରାରମ୍ଭିକ ଅବସ୍ଥାରୁ ହିଁ ଡାକ୍ତରଖାନା ଆସୁଛନ୍ତି, ଯାହା ଡାଇରିଆ ନିୟନ୍ତ୍ରଣ ଦିଗରେ ସହାୟତା କରୁଛି। ବିଭିନ୍ନ ଡାକ୍ତରଖାନାରେ ନୂଆ ଆଡମିଶନ ହାରରେ କ୍ରମାଗତ ହ୍ରାସ ଘଟୁଛି। ତଥ୍ୟ ଅନୁସାରେ ପ୍ରଭାବିତ ୫ଟି ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଆଜି ୪୨୯ ଜଣ ରୋଗୀ ଭର୍ତ୍ତି ହୋଇଥିବା ବେଳେ ୨୮୪ ଜଣ ସୁସ୍ଥ ହୋଇସାରିଛନ୍ତି। ସେହି ଆଜି ସୁଦ୍ଧା ବିଭିନ୍ନ ହସ୍ପିଟାଲ୍‌ରେ ୩୭୦ ଜଣ ଚିକିତ୍ସାଧୀନ ଅଛନ୍ତି। ସୁସ୍ଥ ହୋଇ ଫେରୁଥିବା ସଂକ୍ରମିତମାନଙ୍କୁ ଡାକ୍ତର ଆବଶ୍ୟକ ପରାମର୍ଶ ଦେଉଛନ୍ତି। ପୂର୍ଣ୍ଣ ଆରୋଗ୍ୟ ପରେ ହିଁ ସଂକ୍ରମିତମାନଙ୍କୁ ଡିସଚାର୍ଜ କରାଯାଉଛି। ପରିମଳ ଓ ବିଶୋଧନ କାର୍ଯ୍ୟ ଜାରି ରଖିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାଇକ୍ ଯୋଗେ ମଧ୍ୟ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ବ୍ୟାପକ କରାଯାଇଛି। ଆଗାମୀ ୭ରୁ ୧୦ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରହିବ। ପ୍ରତିଦିନ ରାଜ୍ୟସ୍ତରୀୟ କମିଟି ସ୍ଥିତିର ସମୀକ୍ଷା କରୁଛନ୍ତି। ପ୍ରଭାବିତ ଜିଲ୍ଲାମାନଙ୍କରେ ୨୪ଘଣ୍ଟିଆ ନିୟନ୍ତ୍ରଣ ଓ ପରିଚାଳନା କକ୍ଷ କାର୍ଯ୍ୟ କରୁଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ ବିଭିନ୍ନ ଜିଲ୍ଲା ଗସ୍ତ କରି ଏହା ମହାମାରୀ ନୁହେଁ ବୋଲି କହିସାରିଛନ୍ତି। ଦେଖାଦେଇଥିବା ଡାଇରିଆ ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ସଂକ୍ରମିତ ହୋଇନାହିଁ। ହସ୍ପିଟାଲକୁ ଆସୁଥିବା ରୋଗୀଙ୍କ ଉପଯୁକ୍ତ ଧ୍ୟାନ ରଖାଯିବା ସହ ଉନ୍ନତ ମାନର ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

ସେହିପରି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଜିଲ୍ଲାୱାରୀ ସ୍ଥିତି ସମୀକ୍ଷା କରି କହିଛନ୍ତି ଯେ ବିଭିନ୍ନ ଜିଲ୍ଲାରେ ସଂକ୍ରମଣ ମାତ୍ରା କମୁଥିଲେ ମଧ୍ୟ ସତର୍କତା ସହ ସଚେତନତାମୂଳକ କାର୍ଯ୍ୟକ୍ରମ ଜାରି ରହିବାକୁ ପଡ଼ିବ। ଆଗକୁ ମୌସୁମୀଜନିତ ବର୍ଷାରେ ଜଳ ସଂକ୍ରମଣର ଆଶଙ୍କା ରହିଛି। ଏଥିପାଇଁ ନିୟମିତ ବ୍ୟବଧାନରେ ଜଳ ଉତ୍ସକୁ ବିଶୋଧନ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଏପରି ସଂକ୍ରାମକ ରୋଗ ଯେପରି କାହା ଜୀବନ ନ ନିଏ, ସେଥିପ୍ରତି ଧ୍ୟାନ ଦେବା ସହ ନିରାକରଣ ପାଇଁ ସବୁ ପ୍ରକାର ସତର୍କତା, ସଚେତନତା, ପରୀକ୍ଷା ଓ ଚିକିତ୍ସା ଉପରେ ଶ୍ରୀ ଆହୁଜା ଗୁରୁତ୍ୱାରୋପ କରିଛନ୍ତି।

ସର୍ବାଧିକ ପ୍ରଭାବିତ ଯାଜପୁର ଜିଲ୍ଲାରେ ବିଶୋଧନ କାର୍ଯ୍ୟକ୍ରମ, ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଜାରି ରହିବା ସହ ପଞ୍ଚାୟତ ସ୍ତରରେ ଓ ଗାଁକୁ ଗାଁ ଓ ପଡ଼ା ଗ୍ରାମରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାରକୁ ବ୍ୟାପକ କରାଯାଇଥିବା ଜିଲ୍ଲାପାଳ କହିଥିଲେ। ଆଶା, ଅଙ୍ଗନବାଡ଼ି, ସ୍ୱାସ୍ଥ୍ୟକର୍ମୀମାନେ ମଧ୍ୟ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି। ଜିଲ୍ଲାରେ ଆଜି ୬୪ ଜଣ ସଂକ୍ରମିତ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିବା ବେଳେ ୪୫ ଜଣ ସୁସ୍ଥ ହୋଇଛନ୍ତି। ଆଜି ସୁଦ୍ଧା ଏହି ଜିଲ୍ଲାରେ ୨୧୦ ଜଣ ଚିକିତ୍ସାଧୀନ ଅଛନ୍ତି। ଜିଲ୍ଲାରେ ୪୦ ଲକ୍ଷ ହାଲୋଜେନ ବଟିକା, ୬ ଲକ୍ଷ ଓଆରଏସ୍ ପ୍ୟାକେଟ, ୪୦୦ ପ୍ୟାକେଟ୍ ବ୍ଲିଚିଂ ପାଉଡର ଓ ୩ ଲକ୍ଷ ୪୦ ହଜାର ସଂକ୍ରାମକ ରୋଗ ନିରୋଧକ ଔଷଧ-ଡକ୍ସିସାଇକ୍ଲିନ୍ ବଣ୍ଟନ କରାଯାଇଛି। ଏହାଛଡ଼ା କଟକ, ଭଦ୍ରକ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଡାଇରିଆ ସ୍ଥିତି ସମ୍ପର୍କରେ ଜିଲ୍ଲାପାଳମାନେ ଅବଗତ କରାଇଥିଲେ। ଜଳ ଉତ୍ସ ବିଶୋଧନ କାର୍ଯ୍ୟ, ପ୍ରଚାର ପ୍ରସାର, ପରୀକ୍ଷଣ ଓ ଚିକିତ୍ସା କାର୍ଯ୍ୟକ୍ରମ ବ୍ୟାପକ କରାଯାଇଥିବା କହିଥିଲେ। ସମସ୍ତ ଜିଲ୍ଲାରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କର୍ମଚାରୀମାନେ କୂପ, ନଳକୂପ ବିଶୋଧନ କାର୍ଯ୍ୟ ଆଦି ଜାରି ରଖିଛନ୍ତି। ସମସ୍ତ ଜିଲ୍ଲାରେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ବୈଠକରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଆଜି ସକାଳ ସୁଦ୍ଧା କେନ୍ଦୁଝର ଜିଲ୍ଲାରେ ୮୨, ଯାଜପୁର ଜିଲ୍ଲାରେ ୬୪, କଟକ ଜିଲ୍ଲାରେ ୧୪୫, ଢେଙ୍କାନାଳ ଜିଲ୍ଲାରେ ୬୫ ଓ ଭଦ୍ରକ ଜିଲ୍ଲାରେ ୭୩ ଏହିପରି ସର୍ବମୋଟ ୪୨୯ ଜଣ ଡାଇରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଏହି ରୋଗରେ ଅଦ୍ୟାବଧି ବିଭିନ୍ନ ଜିଲ୍ଲାରେ ମୋଟ ୧୧ ଜଣଙ୍କର ମୃତ୍ୟୁ ଘଟିଛି।

### ଦୃଷ୍ଟାନ୍ତମୂଳକ...

ବିରୋଧରେ ଏକ ଅପରାଧ। ଏହି ଘଟଣାରେ ସମ୍ପୃକ୍ତ କୌଣସି ଅପରାଧୀଙ୍କୁ ଛଡାଯିବ ନାହିଁ ଓ ସେମାନଙ୍କୁ ଆଇନ ଅନୁମୋଦିତ ସବୁଠାରୁ କଠୋର ଦଣ୍ଡବିଧାନ କରାଯିବ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ପୁଲିସକୁ ସମସ୍ତ ସନ୍ଦିଗ୍ଧ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସ୍ଥାନୀୟ ପୁଲିସ ୧୦ ଜଣଙ୍କୁ ଗିରଫ କରିଛି। ଏ ଘଟଣାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମ୍ପୃକ୍ତ ଥିବା ସମସ୍ତ ଅପରାଧୀଙ୍କୁ ଗିରଫ କରାଯାଇ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ମଦ...

ଅଞ୍ଚଳର ସନ୍ତୋଷ ନାୟକ ଓ ବିଶ୍ୱଜିତ ବେହୁରା। ସନ୍ତୋଷଙ୍କ ମୃତ୍ୟୁ ୫ ଦିନ ତଳେ ହୋଇଥିବା ବେଳେ ଆଜି ବିଶ୍ୱଜିତଙ୍କର ମୃତ୍ୟୁ ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସମୟରେ ଆଜି ତାଙ୍କର ମୃତ୍ୟୁ ହୋଇଛି।

କିଛିଦିନ ତଳେ ସେମାନେ ଏକ ଭୋଜିଭାତର ଆୟୋଜନ କରିଥିଲେ। ସେଠାରେ ସମ୍ପୃକ୍ତ ଦୋକାନରୁ ମଦ କିଣି ସେମାନେ ପିଇଥିଲେ। ଆଉ ମଦ ପିଇବା ପରେ ସେମାନଙ୍କ ପେଟ ଓ ଛାତିରେ ଯନ୍ତ୍ରଣା ହୋଇଥିଲା। ପରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଏହି ଘଟଣା ନେଇ ରାଜଧାନୀରେ ଚାଞ୍ଚଲ୍ୟ ଖେଳିଯାଇଛି ଓ ମଦ୍ୟପଙ୍କ ମଧ୍ୟରେ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି।

### ନିଦ ଭାଙ୍ଗିଦେଲା...

ପ୍ରାୟତଃ ଦେଖିନଥାନ୍ତି। ହେଲେ ହଇଜା ପ୍ରକୋପ ନେଇ ସରକାର ୨୫ଟି ଜିଲ୍ଲାକୁ ସତର୍କ କରିବା ପରେ ଏମାନଙ୍କ ନିଦ ଏବେ ଭାଙ୍ଗିଛି। ରାଜଧାନୀର କେତେକ ଅଞ୍ଚଳରେ ଏବେ ବେଶ୍ ତ୍ୱରାନ୍ୱିତ ହୋଇଛି ଚଢ଼ାଉ।

କିନ୍ତୁ ଚଢ଼ାଉରେ ପ୍ରଚାର ବେଶୀ ଦେଖିବାକୁ ମିଳୁଛି। କୌଣସି ସ୍ଥାନକୁ ଚଢାଉ ପାଇଁ ଯିବା ପୂର୍ବରୁ ଅଧିକାରୀମାନେ ଆଗତୁରା ଗଣମାଧ୍ୟମକୁ ଖବର ଦେଉଛନ୍ତି। ଏଥିସହ କ୍ୟାମେରା ପହଞ୍ଚିଲେ ଚଢ଼ାଉ ହେବା ସହ ବାଇଟ୍ ବି ଦିଆହେଉଛି। ବର୍ତ୍ତମାନ ହଇଜା ବ୍ୟାପିଥିବା ଅଞ୍ଚଳରେ ଖାଦ୍ୟ ସୁରକ୍ଷା ଯାଞ୍ଚ ଅଧିକାରୀମାନଙ୍କୁ ଦାୟୀ କରିବାକୁ ମତ ପ୍ରକାଶ ପାଇଲାଣି। କାରଣ ଏମାନଙ୍କ ଯୋଗୁଁ ହିଁ ଅଧିକାଂଶ ସ୍ଥାନରେ ଦୂଷିତ ଖାଦ୍ୟ ଓ ପାଣି ବେପାର କରିବାକୁ ବ୍ୟବସାୟୀମାନେ ସାହସ କରୁଛନ୍ତି। ଜୋରିମାନା ତ ଦୂରର କଥା, ଚଢ଼ାଉ କରିବାକୁ ବି ଏହି ଅଧିକାରୀମାନଙ୍କୁ ବେଳ ମିଳୁନାହିଁ। ତେଣୁ ଯେଉଁସବୁ ଅଞ୍ଚଳରେ ହଇଜା ବ୍ୟାପୁଛି, ସେଠାରେ ନିଯୁକ୍ତ ଖାଦ୍ୟ ସୁରକ୍ଷା ଯାଞ୍ଚ ଅଧିକାରୀମାନେ କେତେ ଚଢ଼ାଉ ଓ ଯାଞ୍ଚ କରି କିପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ତା'ର ବିସ୍ତୃତ ସୂଚନା ପ୍ରକାଶ କରାଗଲେ ହଇଜାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ମତ ପ୍ରକାଶ ପାଉଛି।

### କିଟ୍ ଉପରେ...

ଜଣ ନେପାଳୀ ଛାତ୍ରୀ ଓ ଜଣେ ଛାତ୍ର ଚାପରେ ପଡି ଆତ୍ମହତ୍ୟା କରିବା ସତ୍ତ୍ୱେ ତାଙ୍କ ବିରୋଧରେ ସେପରି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସରକାରୀ ସ୍ତରରେ ଏହି ମାମଲାର ତଦନ୍ତ ବି ହୋଇଛି ଆଉ ସବୁ ପ୍ରକାର ତଦନ୍ତ ଲୋକଦେଖାଣିଆ ବୋଲି ଅଭିଯୋଗ ବି ହେଉଛି। କାହିଁକି ନା ଦୀର୍ଘଦିନ ପରେ ବି ନା ତଦନ୍ତ କମିଟି କାହାକୁ ଦାୟୀ କରିଛନ୍ତି ନା ସରକାର ସେମିତି କିଛି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ତେଣୁ ବିଜେପି ସରକାରକୁ ସନ୍ୟାସୀ-ପ୍ରୋ ନିଜ ପକେଟରେ ପୂରାଇବାରେ ସକ୍ଷମ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଠିକ ସେହିଭଳି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଖରାଛୁଟି ପରେ ଆସନ୍ତା ୨୦ ତାରିଖରୁ ରାଜ୍ୟର ସବୁ ସ୍କୁଲ ଖୋଲିବା ନେଇ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ କିଟ ଇଣ୍ଟରନ୍ୟାସନାଲ ସରକାରୀ ନିର୍ଦ୍ଦେଶକୁ ସାମାନ୍ୟତମ ଖାତିର କରୁନାହିଁ। ସରକାର ୨୦ ତାରିଖରୁ ରାଜ୍ୟର ସବୁ ସ୍କୁଲ ଖୋଲିବ ବୋଲି ବିଜ୍ଞପ୍ତି କଲା ପରେ ଏହି ସ୍କୁଲ୍‌ର ଅଭିଭାବକମାନେ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ତେଣୁ ସେମାନେ ଦ୍ୱନ୍ଦ୍ୱ ଦୂର କରିବା ସକାଶେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। କିନ୍ତୁ ସେପଟୁ ଉତ୍ତର ମିଳିଲା ଯେ ପୂର୍ବ ନିଷ୍ପତ୍ତି ଅନୁଯାୟୀ କିଟ ଇଣ୍ଟରନ୍ୟାସନାଲ ଆସନ୍ତାକାଲି ଅର୍ଥାତ ୧୮ ତାରିଖରେ ଖୋଲିବ ଏବଂ ସକାଳ ୭ଟା ୪୫ରୁ ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ କ୍ଲାସ୍ ଚାଲିବ। ତେବେ ଆସନ୍ତାକାଲି ଯଦି ପୂର୍ବ ନିର୍ଦ୍ଧାରିତ ତାରିଖରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ଖୋଲେ, ତା'ହେଲେ ଏହା ବିରୋଧରେ ସରକାର କ'ଣ ପଦକ୍ଷେପ ନେବେ, ତା' ଉପରେ ସମସ୍ତଙ୍କ ନଜର ରହିବ।

### କ୍ରାଇମବ୍ରାଞ୍ଚକୁ...

କାଣ୍ଡ ଘଟାଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ନାବାଳକଙ୍କୁ ୧୭ ବର୍ଷ ହୋଇଥିବାରୁ ସେମାନଙ୍କୁ ସାବାଳକ ଭାବେ ବିଚାର କରି କଠୋର ଦଣ୍ଡ ଦେବାକୁ ପୁଲିସ୍ ପକ୍ଷରୁ କୋର୍ଟଙ୍କୁ ନିବେଦନ କରାଯିବ। ସୂଚନାଯୋଗ୍ୟ ଯେ ଗତ ରବିବାର ରାତି ପ୍ରାୟ ସାଢ଼େ ୮ଟା ସମୟରେ ଗୋପାଳପୁର ବେଳାଭୂମିର ଏକ ନିଛାଟିଆ ସ୍ଥାନରେ ଏକାଠି ବସିଥିଲେ କଲେଜ ପଢୁଆ ଦୁଇ ଯୁବକଯୁବତୀ। ତେବେ ଏହି ସମୟରେ ସେମାନଙ୍କ ପାଖରେ ଗିରଫ ୧୦ ଦୁର୍ବୃତ୍ତ ପହଞ୍ଚି ପ୍ରଥମେ ଦୁହିଁଙ୍କ ଫଟୋ ଉଠାଇ ଭାଇରାଲ କରିବାର ଭୟ ଦେଖାଇଥିଲେ। ସେମାନଙ୍କ ପାଖରେ ଥିବା ୧୩ ଶହ ଟଙ୍କା ଲୁଟିନେବା ପରେ ସେମାନେ ଅନଲାଇନ୍ ଟ୍ରାଞ୍ଜାକ୍ସନରେ ବି ଟଙ୍କା ନେଇଥିଲେ। ଏତେସବୁ ପରେ ବି ସେମାନଙ୍କ ମନ ଶାନ୍ତ ପଡ଼ିନଥିଲା। ପୁରୁଷ ବନ୍ଧୁଙ୍କୁ ବାନ୍ଧି ଜଣକ ପରେ ଜଣେ ଯୁବତୀଙ୍କ ସହ ଦୁଷ୍କର୍ମ କରିଥିଲେ। ପୀଡ଼ିତା ଯୁବତୀ ଜଣଙ୍କ ଯେତେ କାକୁତିମିନତି ହୋଇଥିଲେ ମଧ୍ୟ ସେମାନଙ୍କ ମନ ତରଳିନଥିଲା। ଘଟଣା ବାବଦରେ ଗୋପାଳପୁର ଥାନାରେ ଅଭିଯୋଗ କରାଯିବା ପରେ ତୁରନ୍ତ ୩ଟି ଟିମ୍ ଗଠନ କରି ପୁଲିସ୍ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ଉଦବେଗ ପ୍ରକାଶ କରିଛି ଜାତୀୟ ମହିଳା କମିଶନ। ନିଜ ଆଡୁ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନ୍। ଏଥିସହ ୩ ଦିନ ଭିତରେ ରିପୋର୍ଟ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ପୀଡ଼ିତାଙ୍କୁ ନିର୍ଦ୍ଧାରିତ ସମୟରେ ନ୍ୟାୟ ପ୍ରଦାନ ସହ ମାଗଣା ଚିକିତ୍ସା ଓ ମାନସିକ ସହଯୋଗ ପାଇଁ ବି ନିର୍ଦ୍ଦେଶ ଦିଆଯାଇଛି।

### ଯୁବ, ଛାତ୍ରଙ୍କୁ...

କୋଟି କୋଟି ଟଙ୍କା ନେଇ ନିଯୁକ୍ତି ପରୀକ୍ଷା କରାଇଥିବା ସଂସ୍ଥାର ଖାତା ଖତିଆନା କିଛି ବି ମିଳିନଥିଲା। ଅନେକ ପରୀକ୍ଷାର୍ଥୀ ମୁଣ୍ଡରେ ହାତଦେଇ ବସିଲେ। ପରୀକ୍ଷା ବାତିଲ ହେଲା। ଲକ୍ଷ ଲକ୍ଷ ଯୁବକଙ୍କ ନିଯୁକ୍ତି ସ୍ୱପ୍ନ ଧୂଳିସାତ ହୋଇଗଲା। ସେହିଭଳି ଛାତ୍ରମାନଙ୍କୁ ରାଜନୀତିରେ ପ୍ରବେଶ ନ କରାଇ ଦେବା ପାଇଁ ବିଜେଡି ସରକାର ସୁଚିନ୍ତିତ ଯୋଜନା କରିଥିଲେ। ଛାତ୍ର ସଂସଦ ନିର୍ବାଚନରେ ତାଲା ପକାଇଦେଲେ। ମହାବିଦ୍ୟାଳୟ କିମ୍ବା ବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ହେଲାନାହିଁ। କାରଣ ବିଜେଡି ଭଲଭାବେ ଜାଣିଥିଲା, ଯଦି ଛାତ୍ରନେତା ସୃଷ୍ଟି ହେବେ, ତା'ହେଲେ ଆଗାମୀ ଦିନରେ ସରକାରକୁ ସେମାନେ ବିଭିନ୍ନ ପ୍ରଶ୍ନ ପଚାରି ଘାଇଲା କରିବେ। ତେଣୁ ମୂଳୁ ମାଇଲେ ଯିବ ସରି... ନ୍ୟାୟରେ ବିଭିନ୍ନ ଆଳ ଦେଖାଇ ଛାତ୍ର ସଂସଦ ନିର୍ବାଚନକୁ ବିଜେଡି ସରକାର ଟାଳିଦେଲେ। ମହାବିଦ୍ୟାଳୟରେ ପାଠ ଅପେକ୍ଷା ଭୋଟ ପାଇଁ ନାଚଗୀତକୁ ଅଧିକ ଗୁରୁତ୍ୱ ଦେବା ସହ ଏ ବାବଦରେ କୋଟି କୋଟି ଟଙ୍କା ଉଡ଼ାଇଦେଲେ। ସେହିଭଳି ଶିକ୍ଷାନୁଷ୍ଠାନରେ ଶିକ୍ଷକ ନିଯୁକ୍ତି କଲେନାହିଁ। ଯାହାର ଫଳ ଏବକାର ସରକାର ଭୋଗୁଛନ୍ତି। ଲୋକଙ୍କ ନଜର ହଟାଇବା ପାଇଁ ଶିକ୍ଷକ ନିଯୁକ୍ତି ଆଇନ୍ ବଦଳାଇବାକୁ ବି ପଛାଇଲେ ନାହିଁ। ଦଳ ଭିତରେ ଥିବା ଯୁବ ଓ ଛାତ୍ରଙ୍କୁ ବି ବାଟ ଛଡାଗଲା ନାହିଁ। ଏହାର ଫଳସ୍ୱରୂପ ଦଳରେ ଦୀର୍ଘଦିନ ହେଲା ବିଜେଡି ଛାତ୍ର ଶାଖା ଓ ଯୁବ ଶାଖାର ମୁଖିଆ ନିଯୁକ୍ତି ହୋଇପାରୁନାହିଁ। ଦଳରେ ହାଫ୍‌ସେଞ୍ଚୁରି ମାରିସାରିଥିବା ନେତାମାନେ ନିଜକୁ ଯୁବ ବୋଲି ଦର୍ଶାଇ ଅନ୍ୟମାନଙ୍କ ବାଟ ଓଗାଳିବାରେ ଲାଗିଛନ୍ତି। ହାତରୁ ଯୁବ ଓ ଛାତ୍ର ଖସିଯାଉଥିବା ଦେଖି ଏବେ ବିଜେପି ବାଟ ଓଗାଳିବା ପାଇଁ ଆୟୋଜନ ହୋଇଛି ଜନଜାଗରଣ ସମାବେଶ। ହେଲେ ଯେତେବେଳେ ଏହି ଦୁଇ ବର୍ଗଙ୍କୁ ଜଗାଇବା କଥା ସେତେବେଳେ ତାହା କଲେ ନାହିଁ, ଏବେ କେବଳ ସରକାରଙ୍କ ବାଟ ଓଗାଳିବା ପାଇଁ ବିଜେଡି ଯେଭଳି ଭାବେ ଯୁବ ଓ ଛାତ୍ରଙ୍କୁ ମୋହରା କରିବାରେ ଲାଗିଛି, ତାହା ଦଳ ପାଇଁ ଆଗାମୀ ଦିନରେ ବୁମେରାଂ ହେବ ବୋଲି କୁହାଗଲାଣି।

### ଗାଁକୁ ଯିବ...

କିସମକୁ ନେଇ ସାଧାରଣ ଲୋକ ଦ୍ୱନ୍ଦ୍ୱରେ ପଡୁଛନ୍ତି। ତେବେ ବ୍ରିଟିଶ ଅମଳରୁ ଚାଲି ଆସିଥିବା ଆଇନରେ ସଂସ୍କାର ଆଣିବେ ସରକାର। ରାଜସ୍ୱ ବିଭାଗ ୭ ହଜାର ଜମି କିସମକୁ କମାଇ ୨୭ ଟି କିସମରେ ସୀମିତ ରଖିବେ। ସେହିଭଳି ଜମି ସ୍ୱତ୍ୱ ବା ମାଲିକାନାର ପରିବର୍ତ୍ତନ ହେବ। ରାଜ୍ୟରେ ରାଜସ୍ୱ ଆଇନରେ ୩୦୦୦ ସ୍ୱତ୍ୱ ବା ମାଲିକାନାକୁ ପରିବର୍ତ୍ତନ କରାଯାଇ ଏହାକୁ ଦୁଇ ଅଙ୍କରେ ସୀମିତ ରଖିବାକୁ ଯୋଜନା କରିଛି ରାଜସ୍ୱ ବିଭାଗ। ଜମି ମାଲିକାନା ହେଉ ଅବା ଜମି ସଂକୁଚିତ କରିବା ପାଇଁ ବ୍ୟବସ୍ଥା। ରାଜସ୍ୱ ବିଭାଗ ସମସ୍ତ କ୍ଷେତ୍ରରେ ନୂଆ ସଂସ୍କାର ଆଣୁଛନ୍ତି। ଅଭିଜ୍ଞ ଲୋକ, ବିଧାୟକ, ସାଂସଦ, ଜମି ମାଲିକ, ବିଶେଷଜ୍ଞଙ୍କ ସହିତ ବିଚାର ବିମର୍ଶ କରାଯାଇ ନିଷ୍ପତି ନେଉଛନ୍ତି ସରକାର। ଏହାସହ ଯେଉଁ ଆଇନର ଆବଶ୍ୟକତା ନାହିଁ ତାକୁ ଉଚ୍ଛେଦ କରାଯିବ ଓ ଆଇନରେ ସଂଶୋଧନ ଅଣାଯିବ।

## କାକଟପୁର ଗ୍ରାମାଞ୍ଚଳରେ ଯୁବତୀ ଚାଲାଣ ରାକେଟ ସକ୍ରିୟ

# କୋଲକାତାରୁ ନାବାଳିକା ଉଦ୍ଧାର, ମାଷ୍ଟରମାଇଣ୍ଡ ଗିରଫ



**କାକଟପୁର/ଅସ୍ତରଙ୍ଗ, ୧୭।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ଥାନା ଅଞ୍ଚଳରେ ଯୁବତୀ ଚାଲାଣ ରାକେଟ ସକ୍ରିୟ ଥିବା ଜଣାପଡିଛି। କାକଟପୁର ଥାନା ଅଂଚଳର ଜଣେ ନାବାଳିକାକୁ ଜଣେ ଯୁବତୀ ମିଥ୍ୟା କଥା କହି ପ୍ରଲୋଭିତ କରି ଗତ ୫ତାରିଖରେ ନେଇ ଫେରାର ହୋଇଯାଇଥିଲେ। ନାବାଳିକା ଜଣକ ଘରେ କାହାକୁ କିଛି ନକହି ସେହି ଗାଁର ୨୬ବର୍ଷୀୟ ଯୁବତୀଙ୍କ ସହ କୋଲକାତା ଚାଲିଯାଇଥିଲେ। ଅପର ପକ୍ଷେ ନାବାଳିକାଙ୍କ ନିଖୋଜ ନେଇ ପରିବାର ଲୋକେ କାକଟପୁର ଥାନାରେ ଅଭିଯୋଗ କରାଯାଇଥିଲା।

ପୁରୀ ଏସ୍ପିଙ୍କ ନିର୍ଦ୍ଦେଶ କ୍ରମେ କାକଟପୁର ଥାନା ଉପନିରୀକ୍ଷକ ଗୌରୀ ଶଙ୍କର ସେଠୀ, ଥାନା କର୍ମଚାରୀ ବବୁଲ ମହାନ୍ତି, ସାବିତ୍ରୀ ତୀର୍କୀ କୋଲକାତା ଅଞ୍ଚଳର ବର୍ଦ୍ଧମାନ ଜିଲ୍ଲା ବୃନ୍ଦାବନ ଥାନା ଅନ୍ତର୍ଗତ ଖାକେରାଗଡ଼ ଅଞ୍ଚଳରୁ ନିଖୋଜ ନାବାଳିକାକୁ ଉଦ୍ଧାର କରିବା ସହ ଅପହୃତା ଯୁବତୀକୁ କାବୁ କରିଥିଲେ। ଏ ନେଇ କାକଟପୁର ଥାନାରେ କେଶ ନମ୍ବର ୧୩୯/୨୫ରେ ମାମଲା ରୁଜୁ କରି ଯୁବତୀ ଜେ. ବାରିକିକୁ ମଙ୍ଗଳବାର ଅପରାହ୍ନରେ ଅଦାଲତ ଚାଲାଣ କରାଯାଇଛି। ଏ ଘଟଣା ସହ ଆଉ କିଏ ସମ୍ପୃକ୍ତ ତାହା ତଦନ୍ତ ପରିସର ଭୁକ୍ତ ହେବା ଜରୁରୀ ବୋଲି ଦାବୀ ହେଉଥିବା ବେଳେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। କାକଟପୁର ପୁଲିସର ଏଭଳି ସଫଳତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ହଟିଲା ବିପଦସଂକୁଳ ବିଦ୍ୟୁତ ଖୁଣ୍ଟ

## ଟ୍ରାଫିକ ସମସ୍ୟାରେ ବାଧକ ସାଜିଥିଲା

**ବୋରିଗୁମ୍ମା, ୧୭।୬ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସ୍ଥିତ ମୁଖ୍ୟ ଜାତୀୟ ରାଜପଥ ଟ୍ରାଫିକ ଛକ ପାର୍ଶ୍ୱରେ ବିଦ୍ୟୁତ ସଂଯୋଗ ବିହୀନ ଏକ ବିଦ୍ୟୁତ୍ ଖୁଣ୍ଟ ରହିଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟିବାର ଆଶଙ୍କା ଲାଗି ରହୁଥିଲା। ତାକୁ ହଟେଇବାକୁ ବହୁଦିନ ଧରି ଦାବି ହୋଇଥିଲେ ମଧ ବିଳମ୍ବରେ ହେଉ ପ୍ରଶାସନର ନିଦ ଭାଙ୍ଗିଛି।

ବୋରିଗୁମ୍ମା ସଦର ମୋହକୁମା ସ୍ଥିତ ମୁଖ୍ୟ ଟ୍ରାଫିକ ଛକରେ ଗୋଟିଏ ରାଜ୍ୟ ରାଜପଥ ଓ ୩ଟି ଜାତୀୟ ରାଜପଥ ସଂଯୋଗ ହୋଇଥିବା ଯୋଗୁଁ ଏହା ଏକ ବ୍ୟସ୍ତ ବହୁଳ ଛକ ପାଲଟିଛି । ପ୍ରତିଦିନ ଏହି ଛକ ଦେଇ ଶହ ଶହ ଯାନବାହାନ, ରାତ୍ରକାଳୀନ ଯାତ୍ରୀବାହୀ ବସ ଛତିଶଗଡ, ଆନ୍ଧ୍ରପ୍ରଦେଶକୁ ଚଳାଚଳ କରୁଛି। ହେଲେ ଏହି ବିଦ୍ୟୁତ ଖୁଣ୍ଟଟି ବିପଦ ସଂକୁଳ ଅବସ୍ଥାରେ ରାସ୍ତା ମଝିରେ ରହି ଯାତାୟାତରେ ବାଧା ସୃଷ୍ଟି କରୁଥିଲା। ଏନେଇ ଆମେ ବାରମ୍ବାର ଦୈନିକ ଖବର କାଗଜ 'ସଂଚାର'ରେ ଖବର ପ୍ରକାଶ ପାଇ ଆସୁଥିଲା।




ଯାହାକୁ ଗୁରୁତର ସହ ନେଇ ବିଦ୍ୟୁତ ବିଭାଗ ପକ୍ଷରୁ ସମ୍ପ୍ରତି ବିପଦ ସଂକୁଳ ବିଦ୍ୟୁତ ଖୁଣ୍ଟକୁ ଛକ ପାର୍ଶ୍ୱରୁ ହଟାଯାଇଛି। ଯାହାଫଳରେ ଏହି ବ୍ୟସ୍ତ ବହୁଳ ଛକରେ ଟ୍ରାଫିକ ସମସ୍ୟା ଦୂର ହେବାର ଯଥେଷ୍ଟ ସମ୍ଭାବନା ରହିଛି।




## ନୂତନ କେନ୍ଦ୍ରୀୟ ବିଦ୍ୟାଳୟରେ ୨୦୦ ସିଟ୍ ପାଇଁ ୧୦୦୯ ଆବେଦନପତ୍ର

**ବୋରିଗୁମ୍ମା/ଜୟପୁର, ୧୭।୬ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଜୟପୁର ଠାରେ ଚଳିତ ବର୍ଷ ନୂତନ ଭାବେ ସ୍ଥାପନ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ୨୦୦ ସିଟ୍ ପାଇଁ ୧୦୦୯ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି । ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅସ୍ଥାୟୀ ଭବନଠାରେ ଗତ ୨ ତାରିଠାରୁ ଫର୍ମ ପ୍ରଦାନ କାର୍ଯ୍ୟ ଆରମ୍ଭ ହେବା ସହ ଆଜି ଅପରାହ୍ନ ୫ଟା ପର୍ଯ୍ୟନ୍ତ ଆବେଦନର ଅନ୍ତିମ ଦିବସ ରହିଥିଲା । ଚଳିତ ବର୍ଷ ନୂତନ ପାଠ୍ୟକ୍ରମ ନିମନ୍ତେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ପାଇଁ ପ୍ରଥମ ଶ୍ରେଣୀରେ ୨୬୧, ୨ୟ ଶ୍ରେଣୀରେ ୨୨୩, ୩ୟ ଶ୍ରେଣୀରେ ୨୧୬, ୪ର୍ଥ ଶ୍ରେଣୀରେ ୧୨୯ ଏବଂ ୫ମ ଶ୍ରେଣୀ ପାଇଁ ୧୮୦ ଜଣ ଆବେଦନ କରିବା ସହ ପଞ୍ଜିକୃତ କରିଛନ୍ତି। ଆସନ୍ତା ୨୧ ତାରିଖ ସୁଦ୍ଧା ସମସ୍ତ ଫର୍ମ ଗୁଡିକ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ଏବଂ ଜୁନ ୨୨ ଓ ୨୩ ତାରିଖ ଠାରୁ ଛାତ୍ରଛାତ୍ରୀଙ୍କ ପ୍ରବେଶ ପ୍ରକ୍ରିୟା ଆରମ୍ଭ କରାଯାଇ ଜୁଲାଇ ପହିଲାରୁ ପାଠ୍ୟକ୍ରମ ଆରମ୍ଭ କରାଯିବ ବୋଲି ଜୟପୁର ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ଭାରାପ୍ରାପ୍ତ ଅଧକ୍ଷ ହରିହର ପଣ୍ଡା ସୂଚନା ଦେଇଛନ୍ତି ।

## ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଲେ ବିଜେପି ସ୍ୱତନ୍ତ୍ର ଟିମ୍



**କାକଟପୁର/ଅସ୍ତରଙ୍ଗ, ୧୭।୬ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଝାଡାବାନ୍ତି ଆକ୍ରାନ୍ତ ବୃଦ୍ଧି ପାଉଥିବା ବେଳେ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଜିଲ୍ଲା ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତି ମହାପାତ୍ରଙ୍କ ତତ୍ତ୍ୱବଧାନରେ ଏକ ଟିମ୍ ମଙ୍ଗଳବାର ଅପରାହ୍ନରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ରୋଗୀ ଙ୍କ ସହ ଆଲୋଚନା କରିବା ସହ ବିଜେପି ଟିମ୍, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ଉପସ୍ଥିତ ରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ରେ ପ୍ରଭାବିତ ଅଂଚଳରେ ଜଳ ଉତ୍ସ କୂଅ, ନଳକୂପ, ପାଇପି ୱାଟର ସପ୍ଲାଏ ଓଭର ହେଡ଼ ଟାଙ୍କି ଗୁଡିକୁ କ୍ଲୋରିନେସନ କରିବା, ବ୍ଲିଚି ପାଉଡର ପକାଇବା ସମ୍ପର୍କ ଆଲୋଚନା ହୋଇଥିଲା। ପରିମଳ ଯନ୍ତ୍ରୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଜଳ ଉତ୍ସ ଗୁଡିକୁ ପ୍ରତି ସଂକ୍ରମଣ କରାଯିବ। ପାଣି ଫୁଟାଇ ଛାଣି ପିଆଯିବ। ଆଶା, ଅଙ୍ଗନବାଡି କର୍ମୀ, ଏଏନଏମ ଘରକୁ ଘର ଯାଇ ସଚେତନ କରାଇବେ। ଏହି ସ୍ୱତନ୍ତ୍ର ବୈଠକରେ ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିଦିନ ଦିବାକର ଛାଟୋଇ, ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସାଂସଦଙ୍କ ପ୍ରତିନିଧି ରାକେଶ କୁମାର ବିଶ୍ୱାଳ, ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସମ୍ପାଦକ ରଂଜିତା ପାଢ଼ୀ, ତୃପ୍ତିମୟୀ ବରାଳ, ବରିଷ୍ଠ ବିଜେପି ନେତା ଈଶ୍ୱର ବେହେରା ପ୍ରମୁଖ ବୈଠକ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିକାଶ ମେଳାରେ ଆଦିବାସୀ ସମାବେଶ ଅନୁଷ୍ଠିତ




**ନବରଙ୍ଗପୁର, ୧୭।୬ (ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ ବିକାଶ ମେଳା ଆଜି ଚତୁର୍ଥ ଦିବସ ପାଳନ ଅବସରରେ ସ୍ୱମନ୍ନିତ ଜନଜାତି ଉନ୍ନୟନ ସଂସ୍ଥା ନବରଙ୍ଗପୁର ତରଫରୁ ଆଦିବାସୀ ସମାବେଶର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମୁଖ୍ୟ ଉନ୍ନୟନ ଅଧିକାରୀ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ୍ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଏହି କାର୍ଯ୍ୟକ୍ରମରେ ଅନେକ ଆଦିବାସୀ ଲାଭାନ୍ୱିତଙ୍କ ସହ ଆଲୋଚନା କରିଥିଲେ। ଯେଉଁମାନେ କି ଏ ଏହି ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନାରେ ସହାୟତା ଲାଭ କରିଛନ୍ତି। ଆଇ ଟି ଡି ଏ,ପ୍ରକଳ୍ପ ପ୍ରଶାସକ ରାଜୀବ ସାହୁ ସମାବେଶରେ ଧରତି ଆବା ଜନ ଜାତୀୟ ଉତ୍କର୍ଷ ଗ୍ରାମୀଣ ଅଭିଯାନ କ୍ୟାମ୍ପେନ୍, ଜଙ୍ଗଲ ଅଧିକାର ନିୟମ ଶିରୋନାମା ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ବିଷୟରେ ବିସ୍ତୃତ ଭାବେ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପ୍ରକଳ୍ପ ଉପରେ ଏକ ପାୱାର ପଏଣ୍ଟ ପ୍ରସ୍ତୁତିକୁ ସମସ୍ତେ ଦେଖିଥିଲେ। ଏହି ଅବସରରେ ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଶିକ୍ଷା ସଂପର୍କିତ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଥିଲା ଝରିଗାଁ ବ୍ଲକର ୨୨୩ ଜଣ ବ୍ୟକ୍ତିଗତ ଲାଭାନ୍ୱିତଙ୍କୁ ଏଫଆରଏ ଟାଇଟେଲ୍ ବଣ୍ଟନ କରାଯିବା, ଯାହା ଆଦିବାସୀ ଲୋକଙ୍କ ଜମି ଅଧିକାର ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ।

## ଉତ୍କଳ ଭାରତୀ କଳା ବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବ

# କଳା ଓ ସଂସ୍କୃତିର ବିକାଶରେ ସମାଜ ସମୃଦ୍ଧ ହୁଏ



**ନାଉଗାଁ, ୧୭।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡ଼ାସ୍ଥିତ ମା' ଜାଗୁଳାଇ ମନ୍ଦିର ପରିସରରେ ଉତ୍କଳ ଭାରତୀ କଳା ବିକାଶ କେନ୍ଦ୍ରର ୭ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଭାବରେ ଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ଯୋଗ ଦେଇ ଉଦଘାଟନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଙ୍କ ସହିତ ମୁଖ୍ୟବକ୍ତା ଭାବେ ସମାଜସେବୀ ବିଚିତ୍ର କୁମାର ପଣ୍ଡା, ବିଶିଷ୍ଟ ଅତିଥି ଭାବେ ସାଂସଦ ପ୍ରତିନିଧି ଉପସ୍ଥିତ ଥିଲେ। ବିଶିଷ୍ଟ ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ଲଲାଟେନ୍ଦୁ ପରିଡ଼ା ଯୋଗ ଦେଇଥିଲେ । ଏହି ଅବସରରେ କୁନିକୁନି ପିଲାମାନଙ୍କ ଦ୍ୱାରା ଚିତ୍ର ପ୍ରଦର୍ଶନୀ କରାଯାଇଥିଲା।

ସେହିପରି ସମ୍ପାଦକ ସୁକାନ୍ତ କୁମାର ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇ, ବିଶିଷ୍ଟ ଅତିଥି ଭାବରେ ଲୋକପ୍ରିୟ ସିନେ ତାରକା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବରିଷ୍ଠ ସିନେ କଳାକାର ନମ୍ରତା ଦାସ, ମୁଖ୍ୟବକ୍ତା ଭାବରେ ଜଗତସିଂହପୁର ଜିଲ୍ଲା ଭାଜପା ସଭାପତି ପ୍ରତାପ କୁମାର ମିଶ୍ର ଯୋଗ ଦେଇ କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିଲେ ସମାଜ ବିକଶିତ ହେବ ବୋଲି କହିଥିଲେ । ତାଙ୍କ ସହିତ ସମ୍ମାନିତ ଅତିଥି ଭାବରେ ଜଗତସିଂହପୁର ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସମାଜସେବୀ ଦୀପକ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟା ମମତା ପରିଡ଼ା, ଧାରାବାହିକ ନିର୍ଦ୍ଦେଶକ ଆଲୋକ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁ ରାମଚନ୍ଦ୍ର ମୁଦୁଲି, ଗୁରୁ ସରୋଜ କୁମାର ମହାନ୍ତି, ଗୁରୁ ସୁଧୀର କୁମାର ବେହେରା ଓ ଗୁରୁ କେଶବ ଚନ୍ଦ୍ର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା ।



## ଡାକ୍ତରଙ୍କ ଗିରଫ ଦାବିରେ ବିକାଶ ମଞ୍ଚର ଗଣବିକ୍ଷୋଭ

**ନୟାଗଡ଼, ୧୭।୬ (ସଂଚାର ବ୍ୟୁରୋ):** ଚିକିତ୍ସା ଅବହେଳାରୁ ମା ଓ ଗର୍ଭସ୍ଥ ଶିଶୁ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଡାକ୍ତର ଓ କାର୍ଯ୍ୟରତ ନର୍ସଙ୍କୁ ବହିଷ୍କାର ଓ ଡାକ୍ତରଙ୍କୁ ଗିରଫ ଦାବିରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରି ଗଣବିକ୍ଷୋଭ ହୋଇଛି। ନୟାଗଡ଼ ବିକାଶ ମଞ୍ଚ ଆବାହନ କ୍ରମେ ଶହ ଶହ ଲୋକ ଡାକ୍ତରଙ୍କ ଗିରଫ ଦାବି କରିଛନ୍ତି। ନୟାଗଡ଼ ପଠାଣି ସାମନ୍ତ ପ୍ରେକ୍ଷାଳୟଠାରୁ ଏକ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ସେଠାରେ ଜୋରଦାର ବିକ୍ଷୋଭ ପଦର୍ଶନ ସହ ଡାକ୍ତରଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ହୋଇଥିଲା। ବାଲୁଗାଁର ଯୁବନେତା ସଞ୍ଜୟ କୁମାର ନାୟକଙ୍କ ପତ୍ନୀ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟଣାରେ ଏହି ଗଣବିକ୍ଷୋଭ ଅନୁଷ୍ଠିତ ହୋଇଛି । ଏହା ସହିତ ଜିଲ୍ଲାରେ କାର୍ଯ୍ୟରତ ଡାକ୍ତରଙ୍କ ନର୍ସିଂହୋମ ଯିବା ଉପରେ ରୋକ ଲଗାଇବା, ୟୁନିଫର୍ମରେ ସମସ୍ତ ଡାକ୍ତର କାର୍ଯ୍ୟ କରିବା, ରୋଗୀଙ୍କୁ ଦୁର୍ବ୍ୟବହାର ନକରିବା, ଅନୁପସ୍ଥିତ ରହୁଥିବା ଡାକ୍ତରଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ଏନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଦାବିପତ୍ର ଗ୍ରହଣ କରିଛନ୍ତି ।



● ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଇଓଡବ୍ଲ୍ୟୁ

## ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ, ସଂପାଦକଙ୍କୁ ଜେରା

**ନୟାଗଡ଼, ୧୭।୬ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖାର ବରିଷ୍ଠ ଅଧିକାରୀ ଆଜି ଦିନତମାମ ଛାନଭିନ୍ କରିଛନ୍ତି।

ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ବ୍ୟାପକ ପରିମାଣର ଅର୍ଥ ହେରଫେର ଏବଂ ଇନକମ ଟ୍ୟାକ୍ସ ଫାଙ୍କିବାରୁ ଏକାଧିକ ପ୍ୟାନକାର୍ଡ଼ ବ୍ୟବହାର କରାଯାଇଛି । ଯାହାକୁ ନେଇ ଇନକମ ଟ୍ୟାକ୍ସ ବିଭାଗ ୩ ଶହ ୬୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିଗତ ଦିନରେ ଜରିମାନା କରିଥିଲେ। ଏହି ଜରିମାନା ଏବଂ ଇନକମ୍ ଟାକ୍ସ ଫାଙ୍କିବା ପାଇଁ ହୋଇଥିବା ପ୍ୟାନ କାର୍ଡ଼ ଜାଲିଆତିରୁ ବ୍ୟାଙ୍କକୁ ରକ୍ଷା କରିବା ପାଇଁ ପରିଚାଳନା ପରିଷଦ ଏକ ଏଜେନ୍ସିକୁ ଦାୟିତ୍ୱ ଦେଇଥିଲେ। ଉକ୍ତ ଏଜେନ୍ସିକୁ ପାରିଶ୍ରମିକ ବାବଦ ୨ କୋଟି ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଯାହା ବେଆଇନ ବୋଲି ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ବିଗତ ଦିନରେ ଅଭିଯୋଗ କରିଥିଲେ। ଉକ୍ତ ୨ କୋଟି ୧୦ ଲକ୍ଷ ଟଙ୍କା ଦେଣନେଣକୁ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖାର ଜଣେ ଇନ୍ସପେକ୍ଟର ଆଜି ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଆସି ଯାଞ୍ଚ କରିଛନ୍ତି। ବ୍ୟାଙ୍କର ବିଭିନ୍ନ ପ୍ରକାର କାଗଜପତ୍ରକୁ ତନଖି କରିବା ସହ କର୍ମଚାରୀଙ୍କୁ ଏନେଇ ପଚରାଉଚରା କରାଯାଇଥିବା ସୂଚନା ମିଳିଛି ।

ଇଓଡବ୍ଲ୍ୟୁ ପକ୍ଷରୁ ହୋଇଥିବା ତଦନ୍ତକୁ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ସ୍ୱୀକାର କରିଛନ୍ତି । ଆଜି ତଦନ୍ତ ସମୟରେ ଯାହା କାଗଜପତ୍ର ଇଓଡବ୍ଲ୍ୟୁ ଅଧିକାରୀ ମାଗିଥିଲେ, ତାହା ପ୍ରଦାନ କରାଯାଇଥିବା ବ୍ୟାଙ୍କ ସମ୍ପାଦକ କହିଛନ୍ତି ।

## ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ମହୋତ୍ସବ ପାଳିତ

# ରଜର ରାଣୀ ହେଲେ ପ୍ରତିମା ଭୋଇ

**ବାଲିଅନ୍ତା, ୧୭।୬ (ସଂଚାର ବ୍ୟୁରୋ):** ଅଗ୍ରଣୀ ସାମାଜିକ ପରିବେଶ, କଳା ସଂସ୍କୃତି ଭିତ୍ତିକ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ରଜ ମହୋତ୍ସବ -୨୦୨୫ ମହାଡମ୍ବରରେ ପ୍ରସିଦ୍ଧ ତନ୍ତ୍ର ପୀଠ ମହାମାୟା ଚଉଷଠି ଯୋଗିନୀ ସଂସ୍କୃତି ମଞ୍ଚ ହୀରାପୁର ଠାରେ ଅନୁଷ୍ଠିତ ହୋଇଯାଇଛି ।



ଅନୁଷ୍ଠାନର ଅଧକ୍ଷ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମୁକାବିଲା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ ଅରବିନ୍ଦ ଢ଼ାଲି, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ହୋମିଓପାଥି ଚିକିତ୍ସକ ଡ ନେତ୍ରାନନ୍ଦ ଭୋଇ, ଶିକ୍ଷାବିତ୍ ବିଧୁଭୂଷନ ପଟ୍ଟନାୟକ, ସମାଜସେବୀ ସୁଚିସ୍ମିତା ପୃଷ୍ଟି, ସମାଜସେବୀ ସୁବ୍ରତ ମହାନ୍ତି, ସରପଞ୍ଚ ରମାଲତା ନାୟକ, ସମିତିସଭ୍ୟ ତଥା ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ଯୋଗଦାନ କରି ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଦୁଇଦିନ ଧରି ଅନୁଷ୍ଠିତ ଖେଳ କୁଦ ପ୍ରତିଯୋଗିତାରେ ଶ୍ରେଷ୍ଠ ବିଜେତା ପ୍ରତିମା ଭୋଇଙ୍କୁ ରଜର ରାଣୀ ଘୋଷଣା ସହିତ ପୁରସ୍କାର ବାବଦକୁ ପାଞ୍ଚ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରିଥିଲେ । ଓଡ଼ିଶାର କୃଷି ଓ ସଂସ୍କୃତି ଭାଇଚାରାର ପର୍ବକୁ ସମଗ୍ର ମାନବ ସମାଜରେ ଉଜ୍ଜୀବିତ ରଖିବା ନେଇ ପ୍ରୟସକୁ ଅତିଥିମାନେ ପ୍ରଶଂସା କରିଥିଲେ । ଏହି ଅବସରରେ ୨୨ ଜଣଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସୁଦର୍ଶନ ଦେବ ରଥଯାତ୍ରା ପାଇଁ ପୂର୍ବ ପ୍ରସ୍ତୁତି ବୈଠକ

**ବାଲିଅନ୍ତା, ୧୭।୬ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ଗଡ଼ କଣ୍ଟୁଣିଆ ସ୍ଥିତ ସୁଦର୍ଶନ ଦେବଙ୍କ ରଥଯାତ୍ରା ନେଇ ଆଜି ଅପରାହ୍ନରେ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁଦର୍ଶନ ଦେବଙ୍କ ରଥ ପୁରୁଣା ଜଗନ୍ନାଥ ରାସ୍ତା ପୂର୍ତ୍ତ ବିଭାଗ ରାସ୍ତାର ଗଣ୍ଟ କଣ୍ଟୁଣିଆ ଠାରୁ ରଥିଜେମା ମାଉସୀମା ମନ୍ଦିର ଭଗବତୀ ମନ୍ଦିର ପର୍ଯ୍ୟନ୍ତ ଟଣାଯାଇଥାଏ। ରଥଯାତ୍ରାଙ୍କୁ ଅଧିକ ସରସ ଓ ସୁନ୍ଦର କରିବା ନେଇ ଉଭୟ ଭଗବତୀ ମନ୍ଦିର କମିଟି ଓ ସୁଦର୍ଶନ ଦେବ ଟ୍ରଷ୍ଟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଆଲୋଚନା ହୋଇଥିଲା। ଠାକୁରଙ୍କର ୯ ଦିନ ବ୍ୟାପି ରଥଯାତ୍ରା କାର୍ଯ୍ୟ ସଂପାଦନ ପାଇଁ ଆବଶ୍ୟକ ପାଣ୍ଠି ଯୋଗାନ କରାଯିବା ଓ ନୀତିକାନ୍ତି ସଂପାଦନ କିଭଳି ହେବ ସେନେଇ ମଧ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଟ୍ରଷ୍ଟି ଅଶୋକ କୁମାର ସାହୁ, ଚକ୍ରଧର ନାୟକଙ୍କ ସମେତ ସମ୍ପାଦକ ସନ୍ତୋଷ ସାହୁ ଏବଂ ଅନ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଝାଡ଼ାବାନ୍ତି ବ୍ୟାପୁଛି, ବାସୀଖାଦ୍ୟର ଯାଞ୍ଚ ହେଉନି

## ଫୁଡ ଇନ୍ସପେକ୍ଟର ଦପ୍ତର ଥାଇ ନଥିବା ଭଳି

## ଖୋଲାରେ ବିକ୍ରି ଖାଦ୍ୟ ନ ଖାଇବାକୁ ପରାମର୍ଶ

**କାକଟପୁର/ଅସ୍ତରଙ୍ଗ, ୧୭।୬ (ସଂଚାର ବ୍ୟୁରୋ):** ହଇଜା ଭୁତାଣୁ ରାଜ୍ୟରୁ ଚିହ୍ନଟ ହୋଇ ସାରିଲେଣି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବୃଦ୍ଧି ପାଇ ଚାଲିଛି ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା। ତେବେ ଆଗାମୀ ଦିନରେ ହଇଜା କିମ୍ବା ଝାଡାବାନ୍ତି ମାଡିଯିବାର ଦିଗକୁ ଏଡାଇ ଦିଆଯାଇ ନପାରେ। କାରଣ ଜିଲ୍ଲା ଫୁଡ ଇନିସ୍ପେକ୍ଟର ବା ଖାଦ୍ୟ ନିରୀକ୍ଷକଙ୍କ ଦପ୍ତର ପକ୍ଷରୁ ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଅପମିଶ୍ରିତ ବାସି ଖାଦ୍ୟ ଉପରେ ଧରପଗଡ କରାଯାଉନି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ ଅବା ଗ୍ରାମାଞ୍ଚଳରେ ଉଠା ଜଳଖିଆ ଦୋକାନରେ ବିକ୍ରି ହେଉଥିବା ଖାଦ୍ୟରେ ସ୍ୱଚ୍ଛତା ରହୁନାହିଁ। ଏହା ସହ ହୋଟେଲ, ଫାଷ୍ଟଫୁଡ, ଗୁପଚୁପ, ଚାଟ ଦୋକାନରେ ସ୍ୱଚ୍ଛତା ରହୁନାହିଁ। ନିୟମିତ ଭାବେ ନ ହେଲେ ସୁଦ୍ଧା ଏହି ସମୟରେ ଏ ସବୁ ବ୍ୟବସାୟୀକ ଅନୁଷ୍ଠାନରେ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟର ମାନକୁ ଫୁଡ ଇନିସ୍ପେକ୍ଟର ପକ୍ଷରୁ ଯାଞ୍ଚ କରାଯିବା କଥା, ଯାହା ନାହିଁ କହିଲେ ଚଳେ। ଦିନକୁ ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ କଳେବର ବଢୁଛି। ସେହି ତୁଳନାରେ ଜନ ସଂଖ୍ୟା ବୃଦ୍ଧି ହେଉଛି। ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଅସ୍ତରଙ୍ଗ ଅଂଚଳରେ ଛତୁ ଫୁଟିବା ଭଳି ହୋଟେଲ, ରେଷ୍ଟୁରାଣ୍ଟ ଗଢି ଉଠୁଛି। ସେଠାରେ ଗ୍ରାହକଙ୍କ ଭିଡ଼ ବି ଜମୁଛି। ଖାଦ୍ୟ ଆଳରେ କିନ୍ତୁ ସେମାନଙ୍କୁ ଜହର ପରଷା ଯାଉଛି। ପ୍ରତିଦିନ ଗ୍ରାହକଙ୍କ ବିଶ୍ୱାସ ସହ ହୋଟେଲ ଓ ରେଷ୍ଟୁରାଣ୍ଟ କର୍ତ୍ତୃପକ୍ଷ ଖେଳୁଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗ ନିଘୋଡ଼ ନିଦରେ ଶୋଇ ରହିବା ସମସ୍ତଙ୍କୁ ଚକିତ କରିଛି। ଏଥିସହିତ ବାହାରେ ଖୋଲାରେ ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥ ନ ଖାଇବାକୁ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।



## ଝାଜେଶ୍ୱର ଖାଡଙ୍ଗା ଦେବୋତ୍ତର କମିଟି ସଭାପତି

**ନବରଙ୍ଗପୁର, ୧୭।୬ (ସଂଚାର ବ୍ୟୁରୋ):** ଦୀର୍ଘ ଦିନ ବ୍ୟବଧାନରେ ନବରଙ୍ଗପୁର ଦେବୋତ୍ତରର ପୂର୍ଣାଙ୍ଗ କମିଟି ଗଠିତ ହୋଇଛି । ଏହି କମିଟିର ସଭାପତି ରୂପେ ବରିଷ୍ଠ ଆଇନଜୀବୀ ଝାଡେଶ୍ୱର ଖାଡଙ୍ଗୀ ଦ୍ୱିତୀୟ ଥର ପାଇଁ ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି । ୧୯ ଜଣ ସଦସ୍ୟଙ୍କୁ ନେଇ ଗଠିତ ଏହି କମିଟିରେ ବିଭାଗୀୟ ଅଧିକାରୀଙ୍କ ସଂଖ୍ୟା ୬ ରହିଥିବା ବେଳେ ବିଭିନ୍ନ ମନ୍ଦିରର କର୍ମକର୍ତ୍ତାଙ୍କ ସଂଖ୍ୟା ୧୩ ରହିଛି । ଏଭଳି ମୋଟ ୧୯ ଜଣିଆ କମିଟି ଗଠନ କରାଯାଇଛି । ଏହି କମିଟିରେ ସଦସ୍ୟ ଭାବରେ ନବରଙ୍ଗପୁର ପୌର ନିର୍ବାହୀ ଅଧିକାରୀ, ନବରଙ୍ଗପୁର ଥାନା ଅଧିକାରୀ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଗୃହ ଓ ରାସ୍ତା ନିର୍ମାଣ ବିଭାଗ, ବନ ରେଞ୍ଜ ଅଧିକାରୀ, ଜିଲ୍ଲା କୋଷାଗାର ଅଧିକାରୀ ଓ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀଙ୍କ ସମେତ ଝାଡେଶ୍ୱର ଖାଡାଙ୍ଗା, ସୁବାଷ ଚନ୍ଦ୍ର ସୁର, ପୂର୍ବତନ ଓକିଲ ସଂଘ ସଭାପତି ନରିସିଂହ ନାଥ ତ୍ରିପାଠୀ, ଜଗନ୍ନାଥ ଚୌଧୁରୀ, ରାଜେନ୍ଦ୍ର ତ୍ରିପାଠୀ, ନରେଶ କୁମାର ତ୍ରିପାଠୀ, ତାପସ ତ୍ରିପାଠୀ, ଟି ଶ୍ରୀପତି, ଗୌରାଙ୍ଗ ପାତ୍ର, ସୈଳାଶ ଚନ୍ଦ୍ର ଦାଶ, ସରୋଜ ପାତ୍ର, ପରେଶ ମିଶ୍ର, ଭବାନୀ ଶଙ୍କର ଶତପଥି ରହିଛନ୍ତି।

# ୨୦ରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ, ରାଜଧାନୀରେ ବ୍ୟାପକ ପ୍ରସ୍ତୁତି

## ଅପରାହ୍ନ ୩.୪୦ରେ ପହଞ୍ଚିବେ, ୫.୫୦ରେ ପ୍ରତ୍ୟାବର୍ତ୍ତନ



ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସୁଥିବା ବେଳେ ଏଥିସକାଶେ ବିଭିନ୍ନ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ପ୍ରଶାସନିକ ସ୍ତରରେ ଆଜି ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ହୋଇଥିବା ଆଲୋଚନା ଅନୁସାରେ, ଆସନ୍ତା ୨୦ ତାରିଖ ଅପରାହ୍ନ ୨ଟା ୫ ମିନିଟ୍ ସମୟରେ ପ୍ରଧାନମନ୍ତ୍ରୀ ଉତ୍ତରପ୍ରଦେଶର କୁଶୀନଗର ବିମାନବନ୍ଦରରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ବାହାରି ଭୁବନେଶ୍ୱର ବିମାନବନ୍ଦରରେ ଅପରାହ୍ନ ୩ଟା ୪୦ ମିନିଟ୍‌ରେ ପହଞ୍ଚିବେ। ୩ଟା ୪୫ ମିନିଟ୍‌ରୁ ବିମାନବନ୍ଦରରୁ ପ୍ରଧାନମନ୍ତ୍ରୀ ଏକ ରୋଡ ଶୋ'ରେ ଯାଇ ଅପରାହ୍ନ ୪ଟା ୧୫ ମିନିଟ୍ ସମୟରେ ଜନତା ମୈଦାନଠାରେ ପହଞ୍ଚିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବେ। ସେଠାରୁ ପ୍ରଧାନମନ୍ତ୍ରୀ ଅପରାହ୍ନ ୫ଟା ୩୫ ମିନିଟ୍‌ରେ ପ୍ରତ୍ୟାବର୍ତ୍ତନ କରି ୫ଟା ୫୦ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ସେଠାରୁ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସୁରକ୍ଷାଠାରୁ ଆରମ୍ଭ କରି ପ୍ରତି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ସମ୍ପାଦନ କରିବାକୁ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ରାଜ୍ୟ ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀ, ଖୋର୍ଦ୍ଧା ଜିଲ୍ଲାପାଳ ଯୋଗ ଦେଇଥିଲେ। ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଭୁବନେଶ୍ୱରରେ ପହଞ୍ଚିବା କ୍ଷଣି ସ୍ୱାଗତ, ପ୍ରତ୍ୟାବର୍ତ୍ତନ ସମୟରେ ସମ୍ବର୍ଦ୍ଧନା, ଗସ୍ତ ପରିପ୍ରେକ୍ଷୀରେ ଆବଶ୍ୟକସ୍ଥଳେ ସାମୟିକ ରହଣି ପାଇଁ ରାଜଭବନରେ ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସକାଶେ ଆଜି ବିମାନବନ୍ଦରର ନିର୍ଦ୍ଦେଶକଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କମିଶନରେଟ୍ ପୁଲିସ୍ ଓ ଅଗ୍ନିଶମ ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକ ପରେ ଜନତା ମଇଦାନରେ ପହଞ୍ଚି ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ସ୍ଥିତିର ସମୀକ୍ଷା କରିଛନ୍ତି। ଶିଳ୍ପ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ରାଜସ୍ୱ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମଧ୍ୟ ଜନତା ମୈଦାନରେ ପ୍ରସ୍ତୁତି ପରଖିଛନ୍ତି।

# ତିନି ରଥର ଭୂଇଁରେ ପଡ଼ିଲା କଇଞ୍ଚି ଓ ଅନ୍ଧାରୀ ତାଗ



ପୁରୀ,୧୭।୬(ସଂଚାର ବ୍ୟୁରୋ): ଆସନ୍ତା ୨୭ ତାରିଖରେ ଚଳିତ ବର୍ଷର ରଥଯାତ୍ରା ଆୟୋଜିତ ହେବାକୁ ଥିବା ବେଳେ ଏଥିସକାଶେ ଚଳଚଞ୍ଚଳ ହୋଇଉଠିଛି ରଥଖଳା। ଏହି କ୍ରମରେ ଆଜି ତିନି ରଥର ଭୂଇଁରେ ପଡ଼ିଛି କଇଞ୍ଚି ଓ ଅନ୍ଧାରୀ ତାଗ। ସାମଗ୍ରିକ ଭାବେ ତିନି ରଥର ନିର୍ମାଣ କାର୍ଯ୍ୟ ବେଶ୍ ଦ୍ରୁତ ଗତିରେ ଆଗେଇ ଚାଲିଛି। ମହାରଣା ସେବକ ଓ ଭୋଇ ସେବକଙ୍କ ମିଳିତ ସହଯୋଗରେ ତିନି ରଥର ପ୍ରଥମ ଭୂଇଁ ଉଭୟ ପଟରେ କଇଞ୍ଚି ପଡ଼ିବା ସହ ଦ୍ୱିତୀୟ ଭୂଇଁ ଉଭୟ ପାର୍ଶ୍ୱରେ ଅନ୍ଧାରୀ ତାଗ ବାଡ଼ିଆ ଯାଇ ଅଗ ଭୂଇଁ ବା ତୃତୀୟ ଭୂଇଁରେ କଇଞ୍ଚି ସହ ଅନ୍ଧାରୀ ତାଗ ବାଡ଼ିଆ ଶେଷ ହୋଇଥିବା ଜଣାପଡ଼ିଛି। ଏଥିସହ ଆଜି ତିନି ରଥର ଚାରି କୋଣଗୁଡ଼ିକୁ ଛାଡି ରଥ ଉପର ତାଗ ବାଡ଼ିଆ ଶେଷ ହୋଇଛି। ତିନି ରଥର ତୃତୀୟ ଭୂଇଁ ଉପରେ ସେଟିଂ ହୋଇଥିବା ଏକ ନମ୍ବର ପୋଟଳ ବା ବଡ଼ଥଳ ପୋଟଳକୁ ଟେକି ଧରି ରଖିବା ପାଇଁ ତୃତୀୟ ଭୂଇଁ ଉପରେ ୪ଟି ଲେଖାଏଁ ପୋଟଳ ଖମ୍ବ ଓ ଦୁଇଟି ଲେଖାଏଁ ଶେଣି ସେଟିଂ କରାଯାଇଛି। ଆହୁରି ତିନି ରଥର ପୋଟଳ ସମେତ ପାରା ଭାଡ଼ି ଏବଂ ଖପୁରୀର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଆଜି ଭୋଇ ସେବକମାନେ ତିନି ରଥର ୧୩ ପରସ୍ତ ପୋଟ, ପାରା ଭାଡ଼ି ଏବଂ ଖପୁରି ଉଠାଇ ଷଷ୍ଠ ନମ୍ବର ହରିବୋଲ ପକାଇଛନ୍ତି।

# କ୍ଷମା ମାଗିଲେ ସଞ୍ଜୟ, ହଟିଲା ବ୍ୟାନ୍



ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ଶେଷରେ ଯାତ୍ରା ଜଗତର ପ୍ରଖ୍ୟାତ ଖଳନାୟକ ସଞ୍ଜୟ ଭୋଳ ଭୁଲ୍ ମାଗିଛନ୍ତି। କ୍ଷମା ପ୍ରାର୍ଥନା ପରେ ତାଙ୍କ ଉପରେ ଲାଗିଥିବା ବ୍ୟାନ୍ ମଧ୍ୟ ପ୍ରତ୍ୟାହୃତ ହୋଇଛି। ଅପେରା ମାଷ୍ଟର ଆସୋସିଏସନ୍ ନିକଟରେ ଆଜି ସଞ୍ଜୟ କ୍ଷମା ପ୍ରାର୍ଥନା କରିଛନ୍ତି। ତାଙ୍କ ନକାରାତ୍ମକ ଟିପ୍ପଣୀକୁ ନେଇ ଭୁବନେଶ୍ୱରରେ ଅପେରା ମାଷ୍ଟର୍ସ ଆସୋସିଏସନ୍‌ର ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବ୍ୟକ୍ତିଗତ ଭାବେ ହାଜର ହୋଇ ସଞ୍ଜୟ କ୍ଷମା ପ୍ରାର୍ଥନା କରିଥିବା ଜଣାପଡ଼ିଛି। ଗତ ମାସରେ ଏକ ଗଣମାଧ୍ୟମରେ ସାକ୍ଷାତକାର ଦେବା ଅବସରରେ ସଞ୍ଜୟ ଲେଖକ ଓ ନିର୍ଦ୍ଦେଶକଙ୍କୁ ସମାଲୋଚନା କରିଥିଲେ। ଏହା ଉପରେ ମାଷ୍ଟର୍ସ ଆସୋସିଏସନ୍‌ର ସଦସ୍ୟମାନେ କ୍ଷୋଭ ପ୍ରକାଶ କରିବା ସହ ତୁରନ୍ତ ସଞ୍ଜୟଙ୍କୁ ବ୍ୟାନ୍ କରିଥିଲେ। କିନ୍ତୁ ଆଜି ସଞ୍ଜୟ ନିଜର ଭୁଲ୍ ସ୍ୱୀକାର କରିବା ଫରେ ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

# ପୁଣି ଅନଲାଇନ୍ ଗେମ୍ ନେଲା ଜୀବନ

ପାରାଦୀପ,୧୭।୬(ସଂଚାର ବ୍ୟୁରୋ): ପୁଣିଥରେ ଅନଲାଇନ୍ ଗେମ୍ ନେଇଛି ଜଣଙ୍କ ଜୀବନ। ମୋବାଇଲ୍‌ରେ ଅନଲାଇନ ଗେମ୍ ଖେଳୁଥିବା ସମୟରେ ଉକ୍ତ ଯୁବକ ଜଣଙ୍କ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଘଟଣାଟି କୁଜଙ୍ଗ ଥାନା ଅନ୍ତର୍ଗତ ସନ୍ତରା ଗ୍ରାମରେ ଘଟିଛି। ମୃତକ ଜଣଙ୍କ ହେଲେ ଉକ୍ତ ଗ୍ରାମର ବାବୁଲା ପରିଡାଙ୍କ ପୁଅ ଦୁର୍ଗାଦତ୍ତ। ସେ ଅଧିକାଂଶ ସମୟରେ ମୋବାଇଲ୍‌ରେ ଅନଲାଇନ୍ ଗେମ୍ ଖେଳିଆସୁଥିଲେ। ସବୁଦିନ ପରି ଆଜି ମଧ୍ୟ ସେ ମୋବାଇଲରେ ଗେମ୍ ଖେଳୁଥିଲେ। ନିକଟରେ ଛାତ ପଡ଼ିଥିବା ଏକ ନୂଆ ଘରେ ସେ ଏହି ଗେମ ଖେଳୁଥିବା ସ୍ଥାନୀୟ ଅଞ୍ଚଳର କେତେକ ଲୋକ ତାଙ୍କୁ ଦେଖିଥିଲେ କିଛି ସ୍ଥାନୀୟ ଲୋକେ। କିଛି ସମୟ ପରେ ଏକ ରଶିରେ ତାଙ୍କର ଝୁଲନ୍ତା ମୃତଦେହ ଦେଖି ଗାଁଲୋକେ ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ଦୁର୍ଗାଦତ୍ତଙ୍କୁ ଉଦ୍ଧାର କରି କୁଜଙ୍ଗ ଥାନାକୁ ଜଣାଇଥିଲେ। ଘଟଣାସ୍ଥଳରେ କୁଜଙ୍ଗ ଥାନା ପୁଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।



# ବଙ୍ଗୋପ ସାଗରରେ ଡବଲ୍ ଲଘୁଚାପ

## ୨୪ ଘଣ୍ଟାରେ ଭୀଷଣ ବର୍ଷା ଆକଳନ



ଭୁବନେଶ୍ୱର,୧୭।୬ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଡବଲ୍ ଲଘୁଚାପ। ଏକକାଳୀନ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ନେଇ ଆଜି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଏହା ଆଗାମୀ ୨୪ ଘଣ୍ଟାରେ ଘନୀଭୂତ ହୋଇ ଅବପାତରେ ପରିଣତ ହେବା ନେଇ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସୂଚନାନୁସାରେ, ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତନଠାରୁ ବାୟୁମଣ୍ଡଳର ୩.୧ କିମିରୁ ୭.୬ କିମି ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ସମେତ ବିଦର୍ଭ ଓ ଛତିଶଗଡ଼ର କେତେକ ଅଞ୍ଚଳକୁ ମୌସୁମୀ ଅଗ୍ରସର ହେବା ସକାଶେ ପାଗ ଅନୁକୂଳ ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି ରହିଛି। ଏହି କ୍ରମରେ ଗତକାଲି ଚାନ୍ଦବାଲିରେ ସର୍ବାଧିକ ୪୭.୪ ମିମି ବର୍ଷା ହୋଇଥିବାବେଳେ ରାଉରକେଲାରେ ୩୫.୮ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହାଛଡ଼ା ଝାରସୁଗୁଡ଼ାରେ ୨୮.୬ ମିମି, ଭଦ୍ରକରେ ୧୯.୧ ମିମି, କେନ୍ଦୁଝରରେ ୧୫.୬ ମିମି, ବରଗଡ଼ରେ ୧୩.୭ ମିମି, ଯାଜପୁରରେ ୮.୫ ମିମି, ବାଲେଶ୍ୱରରେ ୮.୨ ମିମି ଏବଂ ଦାରିଙ୍ଗିବାଡିରେ ୨.୦ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଆଜି କଳାହାଣ୍ଡି, କଟକ ଓ ଜଗତସିଂହପୁର ଜିଲ୍ଲାରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ପ୍ରକଟ କରାଯାଇଛି। ଆହୁରି ବିଜୁଳି, ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ମଧ୍ୟ ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିପାଇଁ ଏସବୁ ଜିଲ୍ଲାକୁ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ତା'ଛଡ଼ା ପ୍ରବଳ ବର୍ଷା ନେଇ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ଏହିସବୁ ଜିଲ୍ଲା ମଧ୍ୟରେ କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ନୟାଗଡ଼, ନବରଙ୍ଗପୁର, ନୂଆପଡ଼ା, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ, ଗଞ୍ଜାମ, ଗଜପତି, କୋରାପୁଟ ଓ ମାଲକାନଗିରି ଆଦି ପ୍ରମୁଖ। ଆହୁରି ମଧ୍ୟ ରାଜ୍ୟର ୨୭ଟି ଜିଲ୍ଲାରେ ବଜ୍ରପାତ ଆଶଙ୍କା ଥିବାରୁ ଏଥିସକାଶେ ସେହିସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଥିବା ଜଣାପଡ଼ିଛି।

# କଲେଜ ଛାତ୍ରୀଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର

କେନ୍ଦୁଝର,୧୭।୬(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ପଣ୍ଡାପଡ଼ା ଥାନା ଅଧୀନସ୍ଥ ହରିଚନ୍ଦନପୁର ବ୍ଲକ୍ ତେନ୍ତୁଳାପଶି ଗ୍ରାମରେ ଆଜି ସ୍ଥାନୀୟ ପୁଲିସ ଜନୈକା କଲେଜ ଛାତ୍ରୀଙ୍କ ରକ୍ତାକ୍ତ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରିଛି। ତେବେ ଏହା ଆତ୍ମହତ୍ୟା ନା ହତ୍ୟା, ତା' ଜାଣିବା ସକାଶେ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଚଳାଇଛି। ତେବେ ଉକ୍ତ ଛାତ୍ରୀଙ୍କୁ କେହି ହତ୍ୟା କରି ଘର ପଛ ପଟରେ ଥିବା ଏକ ଗଛରେ ଟାଙ୍ଗି ଦିଆଯାଇଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ଅନୁମାନ କରାଯାଉଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଘଟଣାସ୍ଥଳରୁ କେତେକ ପୋଷାକ ମିଳିଥିବାରୁ କେତେକ ଦୁର୍ବୃତ୍ତ ଉକ୍ତ ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା କରି ଝୁଲାଇ ଦେଇଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି ଏନେଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷରେ ଉକ୍ତ ଯୁବତୀଙ୍କ ସହ ଜନୈକ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ଏଣୁ ଏହାକୁ ନେଇ ଏଭଳି ଏକ ଅଘଟଣ ଘଟିଥାଇପାରେ ବୋଲି ପୁଲିସ ସନ୍ଦେହ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡ଼ିବ ବୋଲି କେନ୍ଦୁଝର ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ କହିଛନ୍ତି।

# ରଥଯାତ୍ରା ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କଲେ ମୁଖ୍ୟ ପ୍ରଶାସକ




ଭୁବନେଶ୍ୱର,୧୭।୬(ସଂଚାର ବ୍ୟୁରୋ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଯୋଗ ଦେବା ପାଇଁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ନିମନ୍ତ୍ରଣ କରିଛନ୍ତି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ। ଆଜି ଶ୍ରୀ ପାଢ଼ୀ ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ଏହି ନିମନ୍ତ୍ରଣ କରିଛନ୍ତି। ଏହି ଅବସରରେ ଶ୍ରୀ ପାଢ଼ୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସୁଗମ ଏବଂ ନିରାପଦ ପରିଚାଳନା ପାଇଁ ଚାଲିଥିବା ବିସ୍ତୃତ ପ୍ରସ୍ତୁତି ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ଦେଶବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆଗମନ ଦୃଷ୍ଟିରୁ ଏହାର ଯଥାଯଥ ପରିଚାଳନା କରିବା ପାଇଁ ଗ୍ରହଣ କରାଯାଉଥିବା ବ୍ୟାପକ ବ୍ୟବସ୍ଥା ଉପରେ ଶ୍ରୀ ପାଢ଼ୀ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ଏ ଦିଗରେ ଶ୍ରୀମନ୍ଦିର ପ୍ରଶାସନର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିବା ସହ ରଥଯାତ୍ରାର ସଫଳ ଆୟୋଜନ ଓ ଶାନ୍ତିପୂର୍ଣ୍ଣ ପାଳନ ପାଇଁ ଶୁଭକାମନା ଦେଇଛନ୍ତି।

# ବଳାତ୍କାର ମାମଲାରେ ପ୍ରେମିକ ଗିରଫ

ତିହିଡ଼ି,୧୭।୬(ସଂଚାର ବ୍ୟୁରୋ): ବିବାହର ପ୍ରତିଶ୍ରୁତି ଦେଇ ପ୍ରେମିକାକୁ ବଳାତ୍କାର କରିଥିବା ଅଭିଯୋଗରେ ଆଜି ପ୍ରେମିକ ଜଣଙ୍କ ଗିରଫ ହୋଇଛି। ତିହିଡ଼ି ବ୍ଲକ ପୀରହାଟ ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଞ୍ଚଳର ଉକ୍ତ ପ୍ରେମିକାଙ୍କ ବାପା ଥାନାରେ ଅଭିଯୋଗ କରିଥିବା ବେଳେ ଏହାକୁ ଭିତ୍ତି କରି ପୁଲିସ୍ ୧୫୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଆଜି ପୁଲିସ୍‌କୁ ଏହି ମାମଲାରେ ସଫଳତା ମିଳିଥିବା ବେଳେ ଗିରଫ ପ୍ରେମିକ ଜଣଙ୍କ ରଶ୍ମିରଞ୍ଜନ ମଲିକ ଓ ତାଙ୍କ ଘର ଧୁଷୁରୀ ଥାନା ଅଧୀନସ୍ଥ ଦୋହରାପାଟଣା ଗ୍ରାମରେ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ରଶ୍ମିରଞ୍ଜନ ପ୍ରାୟ ବର୍ଷେ ହେଲା ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଆସୁଥିଲେ। ଏପରିକି ଉକ୍ତ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସେ ଏକାଧିକ ବାର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ପ୍ରତିଶ୍ରୁତିରୁ ଓହରିଯାଇ ପ୍ରେମିକାଙ୍କୁ ବିବାହ କରିବା ସକାଶେ ମନା କରିଦେଇଥିଲେ। ଏନେଇ ପ୍ରେମିକା ଜଣଙ୍କ ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଇବା ପରେ ତାଙ୍କ ବାପା ଗତକାଲି ଥାନାର ଦ୍ୱାରସ୍ଥ ହେବା ସହ ରଶ୍ମିରଞ୍ଜନଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭତ୍ତି କରି ପୁଲିସ ତଦନ୍ତ ପରେ ରଶ୍ମିରଞ୍ଜନଙ୍କୁ ଗିରଫ କରିଛି। ଏଥିସହ ପୁଲିସ୍ ପ୍ରେମିକାଙ୍କ ଡାକ୍ତରୀ ମାଇନା କରିଥିବା ଜଣାପଡ଼ିଛି।

# ସାରଥୀ ରିଟର୍ଣ୍ଣସ, କପ୍ତିପଦାରେ ବୁଲିଲା ରଥ



କପ୍ତିପଦା,୧୭।୬(ସଂଚାର ବ୍ୟୁରୋ): ଦୋଳ ପୂର୍ଣ୍ଣିମାରେ ଯେପରି ରାଧାକୃଷ୍ଣଙ୍କୁ ବିମାନରେ ପରିକ୍ରମା କରାଯାଏ, ଠିକ୍ ସେହିପରି ଏଠାରେ ଏକ ଦୃଶ୍ୟ ଦେଖିବାକୁ ମିଳିଛି। ତେବେ ଫରକ ଯେ ଏହି ପରିକ୍ରମାରେ କୌଣସି ଦେବଦେବୀଙ୍କୁ ସ୍ଥାନ ଦିଆଯାଇନଥିଲା, ବରଂ ଆତ୍ମଘୋଷିତ ବାବା ତଥା ନିଜକୁ ନରରୂପୀ ଭଗବାନ ବୋଲାଉଥିବା ସନ୍ତୋଷ ରାଉଳ ଓରଫ ସାରଥୀଙ୍କ ଫଟୋ ଓ ପାଦୁକା ରହିଥିଲା। ସାରଥୀଙ୍କ ପୂଜାର୍ଚ୍ଚନାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ସାରଥୀ ବାବା ଜାମିନ୍ ପାଇବା ସମୟରେ ସେ କୌଣସି ପ୍ରବଚନ ଦେଇପାରିବେ ନାହିଁ କି ସତସଙ୍ଗ କରିପାରିବେ ନାହିଁ ବୋଲି କୋର୍ଟ ସର୍ତ୍ତ ରଖିଥିଲେ। ଏହାକୁ ଦୃଷ୍ଟିରେ ରଖି ସାରଥୀଙ୍କ ଭକ୍ତମାନେ ଭିନ୍ନ ତରିକାରେ ପ୍ରଚାର ପ୍ରସାର ଚଳାଇଛନ୍ତି। ଗତ ୧୨ ତାରିଖରେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍ ଅନ୍ତର୍ଗତ ପଦ୍ମପୋଖରୀ ଗାଁରେ ସନ୍ତୋଷ ରାଉଳଙ୍କ ଫଟୋ ଓ ପାଦୁକାକୁ ରଥରେ ରଖି ଭକ୍ତମାନେ ଶୋଭାଯାତ୍ରା କରିଥିଲେ। ଏଥିରେ ଶତାଧିକ ଲୋକ ସାମିଲ ହୋଇଥିଲେ। ଏପରିକି ସତସଙ୍ଗ କରାଯିବା ସହ ଖାଦ୍ୟପାନୀୟର ବ୍ୟବସ୍ଥା ବି ହୋଇଥିଲା। ତେବେ ଏନେଇ ସନ୍ତୋଷ ରାଉଳ କି ଏହି କାର୍ଯ୍ୟକ୍ରମ ଆୟୋଜକଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। କିନ୍ତୁ ଅନୁଗାମୀଙ୍କ ସଂଖ୍ୟା ବଢ଼ାଇବାକୁ ଭିତିରି ଯୋଜନା ଚାଲିଥିବା ଅଭିଯୋଗ ହେଉଛି। ସାରଥୀ ବାବାଙ୍କର ଏକ ଚରଣ ପାଦୁକା ଆସିଥିଲା। ଶୋଭାଯାତ୍ରା କରି ସେହି ଚରଣ ପାଦୁକାକୁ ଗାଁ ସାରା ବୁଲାଯାଇଥିଲା। ଏକ ଗାଡ଼ିକୁ ଫୁଲରେ ସୁସଜ୍ଜିତ କରାଯାଇ ଗାଁ ସାରା ବୁଲାଯାଇଥିଲା। ଜିଲ୍ଲାର ବିଭିନ୍ନ ଗ୍ରାମରୁ ପୁରୁଷ ଓ ମହିଳା ଭକ୍ତମାନେ ଏଥିରେ ଯୋଗଦେଇଥିଲେ। ତେବେ ସାରଥୀଙ୍କ ଭକ୍ତମାନେ ଫଟୋ ଓ ପାଦୁକା ରଖି ଏପରି ଶୋଭାଯାତ୍ରା କରିବାକୁ ନେଇ ସଂସ୍କୃତି ଗବେଷକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ଏହା ଉପରେ ପୁନର୍ବିଚାର କରିବା ସକାଶେ ମୟୂରଭଞ୍ଜ ଶାଖାର ଓଡ଼ିଆ ଜାଗରଣ ମଞ୍ଚ କୋର୍ଟଙ୍କୁ ନିବେଦନ କରିଛନ୍ତି।

# ମୋବାଇଲ ଦୋକାନରୁ କରିଥିଲେ ଲୁଟ୍, ୧୩ ମୋବାଇଲ ସହ ଯୁବକଙ୍କୁ ବାନ୍ଧିଲା ପୁଲିସ

ଦାରିଙ୍ଗବାଡି,୧୭।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ତିନି ଛକ ସ୍ଥିତ ଲକ୍ଷ୍ମୀ ବଜାରର ଏକ ମୋବାଇଲ ଦୋକାନରୁ ଚୋରି ଘଟଣା। ଜଣେ ଅଭିଯୁକ୍ତକୁ ଗିରଫ କଲା ଦାରିଙ୍ଗବାଡି ପୁଲିସ। ଅଭିଯୁକ୍ତ ନିକଟରୁ ୧୩ ମୋବାଇଲ ସହ ଗୋଟିଏ ବ୍ୟାଗ ଜବତ କରାଯାଇଛି। ଏଥିସହିତ ଚୋରିରେ ବ୍ୟବହାର ହୋଇଥିବା ଯନ୍ତ୍ରାଂଶ ଜବତ କରିଥିବା ଥାନା ଅଧିକାରୀ କନକ ମାଝୀ ସୂଚନା ଦେଇଛନ୍ତି। ଗିରଫ ଯୁବକ ହେଲେ ପ୍ଲିହେରି ଗ୍ରାମର କାଶୀନାଥ ପ୍ରଧାନଙ୍କ ପୁଅ ସୁରିଆ ପ୍ରଧାନ (୧୯)। ପୁଲିସ ସୂଚନା ଅନୁଯାୟୀ, ସୁରିଆ ପ୍ରଧାନ କିଛି ବର୍ଷ ପୂର୍ବେ ଅଜିତ ସାହୁଙ୍କ ମୋବାଇଲ ଦୋକାନରୁ ଏକ ମୋବାଇଲ ଫାଇନାନ୍ସ ଜରିଆରେ ଋଣ କରି ନେଇ ଥିଲେ। ଋଣ ଟଙ୍କା ଶୁଝିବା ପରେ ବି ଋଣ କିସ୍ତି ବାନ୍ଧିବା ନେଇ ସୁରିଆ ମୋବାଇଲକୁ ବାରମ୍ବାର ମେସେଜ ଆସିଥିଲା। ଏନେଇ ସୁରିଆ ଅଜିତଙ୍କ ମୋବାଇଲ ଦୋକାନକୁ ଯାଇ ଅଭିଯୋଗ କରିଥିଲେ। ହେଲେ ଏହାର କୌଣସି ସମାଧାନ ନକରି ମୋବାଇଲରେ ଥିବା ପାଠ୍ୟ ସମ୍ପର୍କିତ ତଥ୍ୟ ଡିଲିଟ ମାରି ଦେଇଥିଲେ।

# ଚୋରା ମଦ ବିକ୍ରିକୁ ବିରୋଧ, ଧାରଣାରେ ବସିଛନ୍ତି ୧୨ଖଣ୍ଡ ଗାଁର ଗ୍ରାମବାସୀ



ବାଲିପାଟଣା ,୧୭।୬ (ସଂଚାର ବ୍ୟୁରୋ): ଚୋରା ମଦ ବିକ୍ରିକୁ ବିରୋଧ। ଏକାଠି ହେଲେ ୧୨ଖଣ୍ଡ ଗ୍ରାମର ଗ୍ରାମବାସୀ। ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଗାଁରେ ମହିଳା, ପୁରୁଷ, ଯୁବକ-ଯୁବତୀ ଧାରଣାରେ ବସିଛନ୍ତି। ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ବନମାଳୀପୁର ଅଞ୍ଚଳରେ ସୋମବାର ରାତିରେ ୧୨ ଖଣ୍ଡ ଗ୍ରାମର ଗ୍ରାମବାସୀ ଏକାଠି ହୋଇ ଚୋରା ମଦ ବିକ୍ରି ବନ୍ଦ କରିବାକୁ ଶପଥ ନେଇଛନ୍ତି। ବାଲିପାଟଣା ଥାନା ବନମାଳୀପୁର ଅଞ୍ଚଳରେ ଦୀର୍ଘ ଦିନ ଧରି ଚୋରା ମଦ ବିକ୍ରି ଚାଲିଛି। ନିଶାଡିଙ୍କ ପାର୍ଦୁଭାବରେ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇ ଆଇନର ଆଶ୍ରୟ ନେଇଛନ୍ତି। ଏହାକୁ ନେଇ ମଦ ବେପାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଉତ୍ତେଜନା ବୃଦ୍ଧି ପାଇବା ପରେ ରବିବାର ଦିନ ସ୍ଥାନୀୟ ଲୋକେ ଥାନା ଘେରିଥିଲେ। ପୋଲିସ ସେମାନଙ୍କୁ ବୁଝାସୁଝା କରି ଛାଡିଥିଲା। ହେଲେ ପୋଲିସ ତରଫରୁ ସେଭଳି କିଛି ଆଖି ଦୃଷ୍ଟିଆ ପଦକ୍ଷେପ ନେଉ ନଥିବା ଦାବି ହୋଇଛି। ତେବେ ୧୨ ଖଣ୍ଡ ଗ୍ରାମର ଗ୍ରାମବାସୀ ଗାଁରେ ଧାରଣା ଦେଇଛନ୍ତି। ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହାସହ ବରିଷ୍ଠ ଅଧିକାରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ବୈଠକରେ ନିଷ୍ପତି ହୋଇଥିବା ଜଣାପଡିଛି।

# 'କଳ୍ପନାରୁ ଦକ୍ଷତାକୁ ଯାତ୍ରା' ଆରମ୍ଭ




- ଏସ୍‌ଆଇସି କାର୍ଯ୍ୟକାରୀ ପାଇଁ ଦୁଇଦିନିଆ କର୍ମଶାଳା
- ଯୋଗଦେଲେ ୧୬୪ ଶିକ୍ଷକ ଓ ଶିକ୍ଷାର୍ଥୀ

ଭୁବନେଶ୍ୱର,୧୭।୬ (ସଂଚାର ବ୍ୟୁରୋ): ରାଜ୍ୟରେ ଉଚ୍ଚ ମାଧ୍ୟମିକ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା ଓ ଦକ୍ଷତାକୁ ଏକ ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଆଜି କୃଷି ଭବନସ୍ଥିତ ଅଡିଟୋରିୟମଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନସ୍ଥ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏକ ଦୁଇଦିନିଆ କର୍ମଶାଳା ଆୟୋଜିତ ହୋଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ନବସୃଜନ ସେଲ୍ (ଏମ୍‌ଆଇସି) ଓ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ) ସହଯୋଗରେ ବିଦ୍ୟାଳୟ ନବସୃଜନ ପରିଷଦ (ଏସ୍‌ଆଇସି-ସ୍କୁଲ୍ ଇନୋଭେସନ୍ କାଉନ୍‌ସିଲ୍) କୁ କାର୍ଯ୍ୟକାରୀ କରିବା ନେଇ 'କଳ୍ପନାରୁ ଦକ୍ଷତାକୁ ଯାତ୍ରା' ଶୀର୍ଷକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ ଯୋଗଦେଇ ବିକଶିତ ଓଡ଼ିଶା ଗଠନରେ ଏହି କର୍ମଶାଳା ସହାୟକ ହେବ ବୋଲି ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଉଦ୍ଭାବନ କ୍ଷେତ୍ରରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ। ଓଡ଼ିଶାରେ ନବସୃଜନ ଓ ଦକ୍ଷତା କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି ଦୁଇଦିନିଆ କର୍ମଶାଳାରେ ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀ ଉଦ୍ଭାବନ କ୍ଷେତ୍ରରେ ଉଚିତ୍ ମାର୍ଗଦର୍ଶନ ପାଇବେ ବୋଲି ଶ୍ରୀମତୀ ନନ୍ଦ ମତ ବ୍ୟକ୍ତ କରିଛନ୍ତି। ଏହି କର୍ମଶାଳାରେ ୧୬୪ ଜଣ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ପିଏମ-ଶ୍ରୀ ବିଦ୍ୟାଳୟର ୫୯ ଜଣ ଅଧ୍ୟକ୍ଷ, ବିଭିନ୍ନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୦ ଜଣ ସ୍ନାତକୋତ୍ତର ଶିକ୍ଷକ ବା ପିଜିଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩୦ ଜଣ ସ୍ନାତକୋତ୍ତର ଶିକ୍ଷକ ବା ପିଜିଟି ରହିଥିବା ବେଳେ ଓଡ଼ିଆପ୍ରେନ୍ୟୁର ୧.୦ ଏବଂ ୨.୦ ରେ କୃତିତ୍ୱ ହାସିଲ କରିଥିବା ୧୫ ଜଣ ଛାତ୍ରଛାତ୍ରୀ ସ୍ଥାନ ପାଇଛନ୍ତି। କର୍ମଶାଳାର ଉଦଘାଟନୀ ଅଧିବେଶନରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ, କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ନବସୃଜନ ସେଲ୍‌ର ଆସିଷ୍ଟାଣ୍ଟ ଇନୋଭେସନ୍ ନିର୍ଦ୍ଦେଶକ ଡ. ଏଲାନଗୋଭନ୍ କାରିଆପ୍ପାନ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅଧିକାରୀ ଡ. ଜ୍ୟୋତି ପ୍ରକାଶ ରଥ ଉପସ୍ଥିତ ଥିଲେ। ଏଥିରେ ଶ୍ରୀ ଆୟର୍ ଓଡ଼ିଶା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅପାର ସମ୍ଭାବନା ସମ୍ପର୍କରେ ସୂଚନା ଦେଇ ଓଡ଼ିଆ ପ୍ରେନ୍ୟୁର ୧.୦ ଏବଂ ୨.୦ର ସଫଳତା ବିଷୟରେ ସୂଚିତ କରିଥିଲେ। ସେହିପରି ଶ୍ରୀମତୀ ରାଉତ କର୍ମଶାଳା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଶିକ୍ଷକମାନେ ଉପଯୁକ୍ତ ମାଧ୍ୟମ ହୋଇଥିବା ବେଳେ ସେମାନଙ୍କ ଜରିଆରେ ଛାତ୍ରଛାତ୍ରୀମାନେ ନିଜର ନୂତନ ଚିନ୍ତାଧାରାକୁ ପ୍ରକାଶ କରିଥାନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ପ୍ରଥମ ଥର ପାଇଁ ୧,୦୯ ଲକ୍ଷ ଛୁଇଁଲା ରୂପା



**ମୁମ୍ବାଇ, ୧୭।୬:** ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମସିଏକ୍ସ)ରେ ରୂପାର ମୂଲ୍ୟ ପ୍ରଥମ ଥର ପାଇଁ କିଲୋଗ୍ରାମ ପିଛା ୧,୦୯ ଲକ୍ଷ ଟଙ୍କା ଅତିକ୍ରମ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ଜୁଲାଇ ଫ୍ୟୁଚର କଣ୍ଟ୍ରାକ୍ଟ ମୂଲ୍ୟ ୧,୦୯,୦୦୦ ଏବଂ ଅଗଷ୍ଟ ଓ ସେପ୍ଟେମ୍ବର କଣ୍ଟ୍ରାକ୍ଟ ଯଥାକ୍ରମେ ୧,୦୯,୨୫୦ ଟଙ୍କା ଓ ୧,୧୦,୪୨୦ ପର୍ଯ୍ୟନ୍ତ ପହଞ୍ଚିଛି। ଏହି ଉଚ୍ଚତା ଦେଶୀୟ ବଜାରରେ ୧.୧୦ ଲକ୍ଷ ପ୍ରତି କିଲୋଗ୍ରାମ ହାରାହାରି ମୂଲ୍ୟକୁ ଛୁଇଁଛି। ରୂପାର ମୂଲ୍ୟ ବୃଦ୍ଧି ପଛରେ ଅନେକ କାରଣ ରହିଛି। ବିଶେଷଜ୍ଞଙ୍କ ମତରେ, ଇସ୍ରାଏଲ-ଇରାନ ମଧ୍ୟରେ ଚାଲିଥିବା ଭୂ-ରାଜନୈତିକ ଉତ୍ତେଜନା, ମାର୍କିନ ଫେଡେରାଲ ରିଜର୍ଭର ସମ୍ଭାବ୍ୟ ସୁଧ ହାର ହ୍ରାସ ଆଶା, ଏବଂ ଇଲେକ୍ଟ୍ରିକ ଯାନ (ଇଭି) ଓ ସୌର ଶକ୍ତି କ୍ଷେତ୍ରରେ ରୂପାର ବଢ଼ୁଥିବା ଚାହିଦା ଏହି ଉଛାଳର ମୁଖ୍ୟ ଚାଳକ। ଏହା ସହିତ, ମାର୍କିନ ଡଲାରର ଦୁର୍ବଳତା ଓ ବିଶ୍ୱବ୍ୟାପୀ ଅନିଶ୍ଚିତତା ମଧ୍ୟ ରୂପାକୁ ଏକ ସୁରକ୍ଷିତ ନିବେଶ ଭାବେ ପରିଗଣିତ କରିଛି।

ଗତ ସପ୍ତାହରେ ରୂପାର ମୂଲ୍ୟ ୧.୦୭ ଲକ୍ଷ ପ୍ରତି କିଲୋଗ୍ରାମ ଅତିକ୍ରମ କରିଥିଲା, ଯାହା ଜୁନ୍ ୯, ୨୦୨୫ରେ ୧,୦୮,୧୦୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଥିଲା। ଆନ୍ତର୍ଜାତୀୟ ବଜାରରେ ସ୍ପଟ ରୂପାର ମୂଲ୍ୟ ୦.୯% ବୃଦ୍ଧି ପାଇ $୩୬.୩୦ ପ୍ରତି ଆଉନ୍ସ ହୋଇଛି। ଏହି ବୃଦ୍ଧି ଗତ ଦୁଇ ବର୍ଷରେ ରୂପାର ମୂଲ୍ୟରେ ୬୦% ବୃଦ୍ଧିକୁ ପ୍ରତିଫଳିତ କରୁଛି, ଯାହା ୨୦୨୦ ପରେ ଏକ ଗୁରୁତ୍ୱପୂର୍ଣ୍ଣ ଗଠନମୂଳକ ପରିବର୍ତ୍ତନର ସଙ୍କେତ ଦେଉଛି।

ରୂପାର ଚାହିଦା ଭାରତ ଓ ଚାଇନା ଭଳି ଦେଶରେ ବଢ଼ୁଛି, ଯେଉଁଥିରେ ଶିଳ୍ପ ବ୍ୟବହାର ଓ ନିବେଶ ଚାହିଦା ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ସୌର ପ୍ୟାନେଲ, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପରେ ରୂପାର ବ୍ୟବହାର ଏହାର ମୂଲ୍ୟକୁ ଆହୁରି ବଢ଼ାଇଛି। ଏହା ସହିତ, ରୂପା ଉତ୍ପାଦନ ଅପେକ୍ଷା ଚାହିଦା ଅଧିକ ହେବା ଯୋଗୁଁ ବଜାରରେ ଏକ ଅଭାବ ସୃଷ୍ଟି ହୋଇଛି। ଏମସିଏକ୍ସରେ ରୂପାର ମୂଲ୍ୟ ୧.୦୯ ଲକ୍ଷ ଅତିକ୍ରମ କରିବା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ବିଶ୍ୱବ୍ୟାପୀ ଅନିଶ୍ଚିତତା, ଶିଳ୍ପ ଚାହିଦା ଓ ସୁରକ୍ଷିତ ନିବେଶ ଭାବେ ରୂପାର ଆକର୍ଷଣ ଏହାର ମୂଲ୍ୟକୁ ଆଗକୁ ମଧ୍ୟ ବଢ଼ାଇବ।ବିଶେଷଜ୍ଞମାନେ ଏହାର ମୂଲ୍ୟ ୧.୨୦ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ଦେଖୁଛନ୍ତି, ଯାହା ନିବେଶକମାନଙ୍କ ପାଇଁ ଏକ ଲାଭଜନକ ସୁଯୋଗ ସୃଷ୍ଟି କରିପାରେ।

# ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ପାଲଟିଲେ ଲାରି ଏଲିସନ



**ନୂଆଦିଲ୍ଲୀ,୧୭।୬:** ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ସ୍ଥାନ ହରାଇଛନ୍ତି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ। ଓରାକଲର ଲାରି ଏଲିସନ ବେଜୋସଙ୍କୁ ଟପି ବିଶ୍ୱର ଦ୍ୱିତୀୟ ସବୁଠୁ ବଡ଼ ଧନୀ ବ୍ୟକ୍ତି ଭାବେ ବିବେଚିତ ହୋଇଛନ୍ତି। ଫୋର୍ବସ ୱାର୍ଲଡ ବିଲିୟନେୟାର ତାଲିକା ମୁତାବକ, ଏଲିସନଙ୍କ ନେଟୱର୍ଥ ୨୬ ବିଲିୟନ ବୃଦ୍ଧି ହେବା ଯୋଗୁ ଏହା ୨୪୩ ବିଲିୟନ

## ପଛରେ ପଡିଲେ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ

ଡଲାର ଛୁଇଁଛି। କୌଣସି ଅରବପତିଙ୍କ ଗୋଟିଏ ଦିନରେ ଏହା ସର୍ବାଧିକ ସମ୍ପତ୍ତି ବୃଦ୍ଧି। ଏହି ବୃଦ୍ଧି ଯୋଗୁ ଏଲିସନ ଜେଫ୍ ବେଜୋସ (୨୨୬ ବିଲିୟନ ଡଲାର) ଏବଂ ମେଟା ସିଇଓ ମାର୍କ ଜୁକରବର୍ଗ (୨୩୯ ବିଲିୟନ ଡଲାର)ଙ୍କୁ ପଛରେ ପକାଇ ଦେଇଛନ୍ତି। ଏହି ତାଲିକାର ପ୍ରଥମ ସ୍ଥାନରେ ଟେସଲା ସିଇଓ ଏଲନ ମସ୍କ ରହିଛନ୍ତି। ତାଙ୍କ ନିକଟରେ ୪୦୭.୩ ବିଲିୟନ ଡଲାରର ସମ୍ପତ୍ତି ରହିଛି। ଓରାକଲର ଲାଭରେ ଆଖିଦୃଶିଆ ବୃଦ୍ଧି ଯୋଗୁ ଏଲିସନଙ୍କ ସମ୍ପତ୍ତି ଏଭଳି ବୃଦ୍ଧି ହୋଇଛି। କମ୍ପାନିର ଷ୍ଟକ ମୂଲ୍ୟ ପ୍ରଥମ ଥର ଲାଗି ୨୦୦ ଡଲାର ଟପିଛି।

# ଆଣ୍ଡାମାନରେ ବୃହତ୍ ତୈଳ ଭଣ୍ଡାର ଠାବ

## ୨ ଲକ୍ଷ କୋଟି ଲିଟର ତେଲ ବାହାରିବ

**ନୂଆଦିଲ୍ଲୀ, ୧୭।୬:** ଆଣ୍ଡାମାନ ନିକଟ ସମୁଦ୍ରରେ ଏକ ବୃହତ୍ ତୈଳ ଭଣ୍ଡାର ଠାବ କରାଯାଇଛି। ତୈଳ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏହି ସୂଚନା ଦେଇଛନ୍ତି। ସେଥିରେ ୨ ଲକ୍ଷ କୋଟି ଲିଟର ତେଲ ଥିବା ଆକଳନ କରାଯାଇଛି। ସେଥିରୁ ଉତ୍ତୋଳନ ସମ୍ଭବ ହେଲେ ତାହା ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ୫ ଗୁଣା ବଢ଼ାଇବାର ସମ୍ଭାବନା ରହିଛି। ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି ଯେ ଆଣ୍ଡାମାନରେ ଅଶୋଧିତ ତୈଳ ଓ ଗ୍ୟାସ୍ ଭଣ୍ଡାର ଠାବ ହୋଇଛି। ତାହା ଉତ୍ତୋଳନ କରିବା ଲାଗି ସରକାର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଭଣ୍ଡାର ଦେଶର ତୈଳ ଆବଶ୍ୟକତାକୁ ପୂରଣ କରିପାରିବ ବୋଲି କୁହାଯାଉଛି। ନିକଟରେ ଗୁୟାନାରେ ଠାବ ହୋଇଥିବା ୧୧.୬ ବିଲିୟନ ବ୍ୟାରେଲ୍‌ର ତୈଳ ଭଣ୍ଡାର ଆକାରର ଭଣ୍ଡାର ଆଣ୍ଡାମାନରେ ଠାବ ହୋଇଛି। ଯଦି ଅନୁସନ୍ଧାନରେ କରାଯାଇଥିବା ପୂର୍ବାନୁମାନ ଠିକ୍ ରହିବ, ତେବେ ତାହା ଦେଶର ଜିଡିପିକୁ ୨୦ ଲକ୍ଷ କୋଟି ଡଲାରକୁ ବୃଦ୍ଧି କରିବ, ଯାହା ବର୍ତ୍ତମାନ ୪ ଲକ୍ଷ କୋଟି ଡଲାର ପାଖାପାଖି ରହିଛି। ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ଅଶୋଧିତ ତୈଳ ଉତ୍ପାଦନ କରିବା କାମ ଜାରି ରହିଛି। ଅଏଲ୍ ଇଣ୍ଡିଆ ଓ ଓଏନ୍‌ଜିସି ଭଳି କମ୍ପାନି ସେଥିରେ ନିୟୋଜିତ ହୋଇଛନ୍ତି।




# ପାକ୍‌ରେ ୩୦୦ ଛୁଇଁବ ପେଟ୍ରୋଲ ଏବଂ ଡିଜେଲ ଦର



**ପାକିସ୍ତାନ, ୧୭।୬:** ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଆକାଶ ଛୁଆଁ। ଯାହାକୁ ନେଇ କଲବଲ ସାଧାରଣ ଜନତା। ହଁ ଦର୍ଶକବନ୍ଧୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ ବଡ଼ ବୃଦ୍ଧି ଘୋଷଣା କରିଛନ୍ତି ପାକିସ୍ତାନ ସରକାର। ଯାହା ଜୁନ୍ ୧୬ ସୋମବାର ଠାରୁ ଆଗାମୀ ୧୫ ଦିନ ପାଇଁ କାର୍ଯ୍ୟକାରୀ ହେବ। ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, ପେଟ୍ରୋଲ ମୂଲ୍ୟ ଲିଟର ପିଛା ୪.୮୦ ଟଙ୍କା ବୃଦ୍ଧି କରାଯାଇଥିବାବେଳେ ହାଇ-ସ୍ପିଡ୍ ଡିଜେଲର ମୂଲ୍ୟ ଲିଟର ପିଛା ୭.୯୫ଟଙ୍କା ବୃଦ୍ଧି ପାଇଛି। ଏହି ନୂତନ ବୃଦ୍ଧି ପରେ, ହାଇ-ସ୍ପିଡ୍ ଡିଜେଲର ମୂଲ୍ୟ ପ୍ରତି ଲିଟର ୨୬୨.୫୯ ଟଙ୍କାକୁ ବୃଦ୍ଧି ପାଇଛି ଏବଂ ପେଟ୍ରୋଲ ର ମୂଲ୍ୟ ଏବେ ଲିଟର ପିଛା ୨୫୮.୪୩ ଟଙ୍କାରେ ପହଁଚିଛି। ଅର୍ଥ ମନ୍ତ୍ରଣାଳୟ ପେଟ୍ରୋଲିୟମ ଉତ୍ପାଦର ସଂଶୋଧିତ ମୂଲ୍ୟ ସମ୍ପର୍କରେ ଏକ ସରକାରୀ ବିଜ୍ଞପ୍ତି ଜାରି କରିଛି। ପୂର୍ବରୁ ମେ ୩୧ ତାରିଖରେ ପାକିସ୍ତାନ ସରକାର ପେଟ୍ରୋଲର ମୂଲ୍ୟ ପ୍ରତି ଲିଟର ୧ ଟଙ୍କା ବୃଦ୍ଧି କରିଥିଲେ। ସେତେବେଳେ ପେଟ୍ରୋଲର ମୂଲ୍ୟ ପ୍ରତି ଲିଟର ୨୫୩.୬୩ ଟଙ୍କା ସ୍ଥିର କରାଯାଇଥିଲା। ଏବେ, ଭବିଷ୍ୟତ ପାଇଁ ନୂତନ ମୂଲ୍ୟ କାର୍ଯ୍ୟକାରୀ ହେବ, ଯାହା ସାଧାରଣ ଜନତା ଏବଂ ଶିଳ୍ପ ଉପରେ ଖର୍ଚ୍ଚ ବୃଦ୍ଧି କରିପାରେ। ପେଟ୍ରୋଲ ଏବଂ ଡିଜେଲ ର ଏହି ବୃଦ୍ଧି ପରିବହନ, କୃଷି ଏବଂ ଶିଳ୍ପ କ୍ଷେତ୍ର ଉପରେ ସିଧାସଳଖ ପ୍ରଭାବ ପକାଇବ। କାରଣ ଇନ୍ଧନ ମୂଲ୍ୟ ବୃଦ୍ଧି ଅନ୍ୟାନ୍ୟ ସାମଗ୍ରୀ ଏବଂ ସେବାର ମୂଲ୍ୟ ମଧ ବୃଦ୍ଧି କରିଥାଏ। ତେବେ ଅର୍ଥନୈତିକ ଚାପ ଏବଂ ଅନ୍ତର୍ଜାତୀୟ ତୈଳ ମୂଲ୍ୟ ବୃଦ୍ଧି ହେତୁ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଏହି ପଦକ୍ଷେପ ନିଆଯାଇଛି। ଗତ ମାସରେ ଆତଙ୍କବାଦୀମାନେ ପହଲଗାମରେ ଆକ୍ରମଣ କରିଥିଲେ। ସେବେଠାରୁ ଦୁଇ ଦେଶ ମଧରେ ସମ୍ପର୍କ ଆହୁରି ଖରାପ ହୋଇଛି। ପରିସ୍ଥିତି ଏତେ ଖରାପ ହୋଇଛି ଯେ ଦୁଇ ଦେଶ ମଧରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପାକିସ୍ତାନ ଭାରତ ବିରୁଦ୍ଧରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ଥିଲା, କିନ୍ତୁ ଏହାର ନିଜସ୍ୱ ସ୍ଥିତି ଦୋହଲି ଯାଇଛି। ପାକିସ୍ତାନର ଅର୍ଥନୀତିର ଅବସ୍ଥା ଏତେ ଖରାପ ଯେ ଏହାର ବଜେଟ୍ ଭାରତୀୟ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ରାଜସ୍ୱଠାରୁ ବହୁତ କମ୍।

# ଏବେ ଔଷଧ ଉପରେ ଟାରିଫ୍ ଲଗାଇବେ ଟ୍ରମ୍ପ



**ନୂଆଦିଲ୍ଲୀ, ୧୭।୬:** ଚିନ୍ତା ବଢ଼ାଇଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଉ ଏକ ନିଷ୍ପତ୍ତି । ଟ୍ରମ୍ପ କହିଛନ୍ତି ଆଗକୁ ଆମେରିକାକୁ ଆମଦାନୀ ହେଉଥିବା ଔଷଧ ଉପରେ ବି ଲାଗିବ ଟାରିଫ। ଯାହାକୁ ନେଇ ଏବେ ଚିନ୍ତାରେ ଭାରତୀୟ ଫାର୍ମା କମ୍ପାନି। ବଡ଼ କଥା ହେଲା ଟ୍ରମ୍ପଙ୍କ ଏହି ଘୋଷଣା ପରେ ମଙ୍ଗଳବାର ଅନେକ ଭାରତୀୟ ଫାର୍ମା କମ୍ପାନିଙ୍କ ଶେୟାର ୪% ପର୍ଯ୍ୟନ୍ତ ହ୍ରାସ ପାଇଛି। ଟ୍ରମ୍ପଙ୍କ କହିଛନ୍ତି ବିଦେଶରୁ ଆମଦାନୀ ହେଉଥିବା ଔଷଧ କାରଣରୁ ଆମେରିକାର ଔଷଧ ଇଣ୍ଡଷ୍ଟ୍ରି ଦୁର୍ବଳ ହେଉଛି। ଖାସକରି ଭାରତ ଏବଂ ଚୀନରୁ ଆସୁଥିବା ଶସ୍ତା ଔଷଧ କାରଣରୁ ଏଭଳି ସ୍ଥିତି ଦେଖିବାକୁ ମିଳୁଛି । ତେଣୁ ଆମଦାନୀ ହେଉଥିବା ଔଷଧ ଉପରେ ଟାରିଫ ଲଗାଇବା ଦ୍ୱାରା ବିଦେଶୀ କମ୍ପାନିମାନେ ଆମେରିକାରେ ଫ୍ୟାକ୍ଟ୍ରି ଲଗାଇବାକୁ ବାଧ ହେବେ। ଏହାଦ୍ୱାରା ନିଯୁକ୍ତି ବଢ଼ିବ ଏବଂ ଆମେରିକା ଔଷଧ ଉତ୍ପାଦନରେ ଆତ୍ମନିର୍ଭର ହେବ। ତେବେ ଟ୍ରମ୍ପ କେତେ ଟାରିଫ୍ ଲଗାଇବେ ତାହା ସ୍ପଷ୍ଟ ହୋଇନଥିବାବେଳେ, ଗଣମାଧ୍ୟମ ରିପୋର୍ଟ ଅନୁସାରେ ୧୦ରୁ ୨୫% ଟାରିଫ୍ ଲଗାଯାଇପାରେ। ପୂର୍ବରୁ ଏପ୍ରିଲ ମାସରେ ମଧ ଟ୍ରମ୍ପ ଫାର୍ମା ଟାରିଫ୍ କଥା କହିଥିଲେ। ଅବଶ୍ୟ ପରେ ଏହାକୁ ୯୦ ଦିନ ପାଇଁ ସ୍ଥଗିତ କରିଥିଲେ। ହେଲେ ଏବେ ପୁଣିଥରେ ଔଷଧ ଉପରେ ଟାରିଫ ଲଗାଇବାକୁ ନେଇ ଟ୍ରମ୍ପଙ୍କ ବୟାନ ବଜାରରେ ଅନିଶ୍ଚିତତା ବଢ଼ାଇଛି। ବିଶେଷଜ୍ଞଙ୍କ କହିବା ଅନୁସାରେ, ଯଦି ଟାରିଫ ଲାଗୁଛି ତେବେ ଭାରତୀୟ ଫାର୍ମା କମପାନିଙ୍କ ଆୟ ଉପରେ ବଡ଼ ପ୍ରଭାବ ପଡ଼ିପାରେ। କାରଣ ସେମାନଙ୍କ ଆୟର ବଡ଼ ଅଂଶ ଆମେରିକାରୁ ଆସୁଛି। ଭାରତ ଆମେରିକାର ବଡ଼ ସପ୍ଲାୟର।


# ମାରୁତି ସୁଜୁକୀ ଗ୍ରାଣ୍ଡ୍ ଭିଟାରା ସିଏନଜି ଲଞ୍ଚ

**ନୂଆଦିଲ୍ଲୀ, ୧୭।୬:** ଲୋକପ୍ରିୟ ଏସୟୁଭି ଗ୍ରାଣ୍ଡ୍ ଭିଟାରାର ସିଏନଜି ଭାରିଆଣ୍ଟ ଲଞ୍ଚ କରିଛି ମାରୁତି ସୁଜୁକୀ। ପୂର୍ବରୁ ଦୁଇ ମାସ ତଳେ କମ୍ପାନି ଗ୍ରାଣ୍ଡ ଭିଟାରାର ୨୦୨୫ ଅପଡେଟ ମଡେଲ ଲଞ୍ଚ କରିଥିଲା। ଯେଉଁଥିରେ ଅଲ୍ ହ୍ୱିଲ ଡ୍ରାଇଭ ସେଟଅପ ସହ ୬-ସ୍ପିଡ ଅଟୋମେଟିକ ଗିୟରବକ୍ସ ଦିଆଯାଇଛି। ଏମିତିରେ ଏସବୁ ଫିଚର୍ସ ସହ ଲଞ୍ଚ ହୋଇଛି ସିଏନଜି ଭାରିଆଣ୍ଟ। ଏହାକୁ ବାଦ୍ ଦେଲେ କାରର ପରଫରମାନ୍ସରେ କୌଣସି ପରିବର୍ତ୍ତନ ହୋଇନାହିଁ। କମ୍ପାନିର ସୂଚନା ଅନୁସାରେ ଗ୍ରାଣ୍ଡ ଭିଟାରାର ସିଏନଜି ଭାରିଆଣ୍ଟର ବେସ୍ ମଡେଲରେ ପ୍ରତିକେଜି ସଏନିଜରେ ୨୬.୬ କିଲୋମିଟରର ମାଇଲେଜ ଏବଂ ହାଇବ୍ରିଡ ଇଞ୍ଜିନ ଅପ୍ସନରେ ୨୭.୯୭ କିଲୋମିଟରର ମାଇଲେଜ ମିଳିବ। କାରରେ ୧୭ ଇଞ୍ଚର ନୂଆ ଡୁଆଲ ଟୋନ ଆଲଏ ହ୍ୱିଲ୍, ପାଓ୍ୱାର୍ଡ ଡ୍ରାଇଭର ସିଟ ଏବଂ ୬ ଏୟାରବ୍ୟାଗ ଷ୍ଟାଣ୍ଡାର୍ଡ, ୮ ପ୍ରକାରର ଇଲେକ୍ଟ୍ରିକ ଆଡଜଷ୍ଟେବୁଲ ଡ୍ରାଇଭର ସିଠ୍, ଡିଜିଟାଲ ଡିସପ୍ଲେ, ଏୟାର ପ୍ୟୁରିଫାୟାର, ରିୟର ୱିଣ୍ଡୋ ସନସେଡ ଏବଂ ଏଲଇଡି କ୍ୟାବିନ ଲାଇଟ ଦିଆଯାଇଛି। ପୂର୍ବ ଭଳି କାରରେ ୯ ଇଞ୍ଚର ଟଚ୍‌ସ୍କ୍ରିନ, ଡିଜିଟାଲ ଡ୍ରାଇଭର ଡିସପ୍ଲେ, ଭେଣ୍ଟିଲେଣ୍ଟେଡ ଫ୍ରଣ୍ଟ ସିଟ, ହେଡସ ଅପ୍ ଡିସପ୍ଲେ, ଓ୍ୱାୟାରଲେସ ଫୋନ ଚାର୍ଜର ଏବଂ ପାନାରୋମି ସନରୁଫ ରହିଛି। ସେଫ୍ଟି ପାଇଁ କାରରେ ୬ ଏୟାରବ୍ୟାଗ ଷ୍ଟାଣ୍ଡାର୍ଡ ଏବଂ ଇଲେକ୍ଟ୍ରିକ ପାର୍କିଂ ବ୍ରେକ୍ (ଅଟୋମେଟିକ ଭାରିଆଣ୍ଟ ସହ) ଦିଆଯାଇଛି । କମ୍ପାକ୍ଟ ଏସୟୁଭି କାରରେ ପୂର୍ବ ଭଳି ୩୬୦ ଡିଗ୍ରୀ କ୍ୟାମେରା, ହିଲ ହୋଲ୍ଡ ଆସିଷ୍ଟ ଏବଂ ସବୁ ଚକରେ ଡିସ୍କ ବ୍ରେକ ଭଳି ସେଫ୍ଟି ଫିଚର ମଧ ରହିଛି। ସିଏନଜି ଭାରିଆଣ୍ଟ ଡେଲଟା ଏବଂ ଜେଟା ଅପ୍ସନରେ ଲଞ୍ଚ ହୋଇଥିବାବେଳେ ଏହାର ଏକ୍ସ ଶୋ-ରୁମ୍ ଦାମ ଯଥାକ୍ରମେ ୧୩.୪୮ ଲକ୍ଷ ଟଙ୍କା ଏବଂ ୧୫.୬୨ ଲକ୍ଷ ଟଙ୍କା ରହିଛି।




# ରଥଯାତ୍ରା ବ୍ରାଣ୍ଡ୍ ଭାଲ୍ୟୁ ୨୦୦ କୋଟି ଟପିବ

- କମ୍ପାନି ବ୍ୟୟ କରିବେ ୫୦ କୋଟି
- ୫୦୦୦ କୋଟିର କାରବାର ଆଶା



**ଭୁବନେଶ୍ୱରଃ** ବିଶ୍ୱ ପ୍ରସିଦ୍ଧ ପୁରୀରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାକୁ ଦେଖିବା ଲାଗି ସାରା ବିଶ୍ୱରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆସିଥାନ୍ତି। ସେହି ବିପୁଳ ଜନସମାଗମର ସୁଯୋଗ ନେଇ ନିଜ ବ୍ରାଣ୍ଡ୍‌କୁ ଲୋକଙ୍କ ନିକଟତର କରିବାକୁ କମ୍ପାନିଗୁଡ଼ିକ ଜୋରଦାର ଉଦ୍ୟମ କରୁଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷ ବ୍ରାଣ୍ଡ୍‌ଗୁଡ଼ିକ ନିଜର ପ୍ରଚାର ବ୍ୟୟ ୩୦-୪୦ ପ୍ରତିଶତ ବଢ଼ାଇବେ ବୋଲି ବଜାର ବିଶେଷଜ୍ଞ ଆକଳନ କରିଛନ୍ତି।

ବିଭିନ୍ନ ସଂସ୍ଥାର ଲୋକପ୍ରିୟ ବ୍ରାଣ୍ଡ୍‌ଗୁଡ଼ିକ ଏହି ସମୟରେ ପୁରୀରେ ବିଲ୍‌ବୋର୍ଡ ଓ ବ୍ୟାନର୍ ଲଗାଇବା ସହ ପ୍ରଚାର କରିଥାନ୍ତି। ଏହା ସହିତ ବିଭିନ୍ନ ପ୍ରକାର ଜନ ସମ୍ପର୍କ କାର୍ଯ୍ୟକଳାପରେ ନିୟୋଜିତ ହୋଇଥାନ୍ତି। ରଥଯାତ୍ରାଠାରୁ ବାହୁଡ଼ା ପର୍ଯ୍ୟନ୍ତ ସେମାନେ ନିଜର ଅଭିଯାନକୁ ଜୋରଦାର କରିଥାନ୍ତି। ରଥଯାତ୍ରାର ବ୍ରାଣ୍ଡ୍ ଭାଲ୍ୟୁ ଖୁବ୍‌ଶୀଘ୍ର ୨୦୦ କୋଟି ଟଙ୍କା ଟପିବା ଆକଳନ କରାଯାଉଛି। ଚଳିତ ବର୍ଷ ରଥଯାତ୍ରାରେ କମ୍ପାନିଗୁଡ଼ିକ ପ୍ରାୟ ୫୦ କୋଟି ଟଙ୍କା ବ୍ୟୟ କରିବେ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବ୍ରାଣ୍ଡ୍ ପିଛା ୨୦-୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। 'ଇ୪ଏମ୍'ର ଏକ ରିପୋର୍ଟ ଅନୁସାରେ ବ୍ରାଣ୍ଡ୍‌ଗୁଡ଼ିକ ଭକ୍ତମାନଙ୍କ ଲାଗି ପାନୀୟ ଜଳ ଷ୍ଟଲ୍, ବିଶ୍ରାମାଗାର, ଭୋଜନ ସ୍ଥଳ, ବହୁଭାଷୀ ହେଲ୍‌ପଡେକ୍ସ ଓ ଡିଜିଟାଲ୍ ସୂଚନା ଷ୍ଟଲ୍ ଆଦି ସ୍ଥାନରେ ବ୍ୟୟ କରିବା ଉପରେ ଧ୍ୟାନ ଦେଉଛନ୍ତି। ଚାଏପାନି ତରଫରୁ ପୁରୀ ଜିଲ୍ଲା ପ୍ରଶାସନ ସହ ସହଯୋଗିତା ସ୍ଥାପନ କରାଯାଇଛି। ରଥଯାତ୍ରା ସମୟରେ ୫୦୦୦ କୋଟି ଟଙ୍କାର କାରବାର ହେବା ଆଶା କରାଯାଉଛି। ଚଳିତ ବର୍ଷ ରଥଯାତ୍ରା ସମୟରେ ପୁରୀରେ ଏଫ୍‌ଏମ୍‌ସିଜି, ଡିଜିଟାଲ୍ ପେମେଣ୍ଟ, ବୀମା, ଲଜିଷ୍ଟିକ୍ସ ଓ ପାନୀୟ ବ୍ରାଣ୍ଡ୍‌ଗୁଡ଼ିକ ଅଂଶଗ୍ରହଣ କରୁଛନ୍ତି। ସ୍ୱାସ୍ଥ୍ୟସେବା ଓ ୱେଲ୍‌ନେସ୍ ବ୍ରାଣ୍ଡ୍‌ଗୁଡ଼ିକ ପ୍ରଚାରରେ ଆଗରେ ଥିବା ବେଳେ ତା' ପଛକୁ ରହିବେ ଏଫ୍‌ଏମ୍‌ସିଜି ଓ ପାନୀୟ ବ୍ରାଣ୍ଡ୍। ନିଜ ବ୍ରାଣ୍ଡ୍‌କୁ ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି କମ୍ପାନିଗୁଡ଼ିକ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି। ସେମାନେ ମେଳା ଅଞ୍ଚଳରେ ହୋର୍ଡିଂ ଲଗାଇବା, ବେଳାଭୂମିରେ ବ୍ରାଣ୍ଡିଂ କରିବା, ରିକ୍ସାରେ ବ୍ରାଣ୍ଡିଂ, ତାର ଖୁଣ୍ଟଗୁଡ଼ିକରେ ବ୍ରାଣ୍ଡିଂ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଚ୍ଛଦ ପରଦାରେ ବ୍ରାଣ୍ଡିଂ, ମଞ୍ଚରେ ବ୍ରାଣ୍ଡିଂ, ବ୍ୟାନର ଲଗାଇବା ଓ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକର ପ୍ରାୟୋଜକ ହେବା ଭଳି ପଦକ୍ଷେପ ନେଇଛନ୍ତି। ଏକ ଆକଳନ ଅନୁସାରେ ରଥଯାତ୍ରାରେ ୧୫ ଲକ୍ଷରୁ ଅଧିକ ଭକ୍ତଙ୍କ ସମାଗମ ହେବା ଆଶା କରାଯାଉଛି। ସେଥିରୁ ୫୭ ପ୍ରତିଶତ ଗ୍ରାମାଞ୍ଚଳ ବାସିନ୍ଦା ହୋଇଥିବା ବେଳେ ୩୩ ପ୍ରତିଶତ ବ୍ୟବସାୟ ପ୍ରଫେସନାଲ୍, ୫ ପ୍ରତିଶତ ପ୍ରବାସୀ ଭାରତୀୟ ଓ ୫ ପ୍ରତିଶତ ଅନ୍ୟାନ୍ୟ ପ୍ରକାରର ଲୋକ ରହିଥାନ୍ତି। ଗ୍ରାମୀଣ ଗ୍ରାହକମାନଙ୍କ ସହ ସମ୍ପର୍କକୁ ଦୃଢ଼ କରିବା ଲାଗି ଏହି ଯାତ୍ରା ବ୍ରାଣ୍ଡ୍‌ଗୁଡ଼ିକୁ ଅନନ୍ୟ ସୁଯୋଗ ପ୍ରଦାନ କରୁଛି। ଦେଶରେ ଧାର୍ମିକ କାର୍ଯ୍ୟକ୍ରମଗୁଡ଼ିକ ବ୍ରାଣ୍ଡ୍ ପ୍ରଚାରର ଏକ ପ୍ରମୁଖ ମାଧ୍ୟମ ଭାବେ ଉଭା ହୋଇଛି। ଉତ୍ତରପ୍ରଦେଶରେ ଅନୁଷ୍ଠିତ କୁମ୍ଭମେଳାର ବ୍ରାଣ୍ଡ୍ ଭାଲ୍ୟୁ ୨୦୦୦ କୋଟି ଟଙ୍କା ଆକଳନ କରାଯାଇଛି। ତାହା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ବ୍ରାଣ୍ଡ୍ ମୂଲ୍ୟ ପାଖାପାଖି। କୁମ୍ଭମେଳାକୁ ପରିଦର୍ଶନ କରିଥିବା ଲୋକଙ୍କ ସଂଖ୍ୟା ୟୁଟ୍ୟୁବ୍ ଇଣ୍ଡିଆର ଦର୍ଶକ ସଂଖ୍ୟା ସହ ପ୍ରାୟ ସମାନ ଥିଲା। କୁମ୍ଭମେଳା ତୁଳନାରେ ରଥଯାତ୍ରାରେ ସାମିଲ ହେଉଥିବା ଲୋକ ସଂଖ୍ୟା କମ୍ ଥିଲେ ମଧ ଏହାର ବ୍ରାଣ୍ଡ୍ ଭାଲ୍ୟୁ ଦ୍ରୁତ ଗତିରେ ବଢ଼ୁଛି।

## ଆଜିର ସୁନା, ରୁପା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୦, ୩୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ହଜାର ୦୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦, ୩୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୦, ୩୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୦୧, ୦୦,୫୨୦ ଟଙ୍କା ଓ ୨୨ କ୍ୟାରେଟ୍ ୯୨,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦, ୩୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୦, ୩୭୦ ଓ ୯୨, ୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୦ , ୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ବ୍ୟାପୁଛି ଡାଇରିଆ: ତଥାପି ଲୋକେ ପିଉଛନ୍ତି ଝରଣା ପାଣି



**ଗୋଟିଏ ଦୁଠରୁ ପାଣି ପିଉଛନ୍ତି ଗାଈ, ଛେଳି, କୁକୁର ଓ ମଣିଷ**

**କଳିଙ୍ଗନଗର,୧୭।୬ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳ ମାନଙ୍କରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। କଲ୍ୟାଣରେ ଲାଗୁନାହଁ ଗାଁ କଲ୍ୟାଣ ସମିତି। ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ପାଚେରୀ ପାଖକୁ ଲାଗିକି ଥିବା ଏକ ସାହି ହେଲା ରଣାଗୁଣ୍ଡିର ତଳସାହି। ଏହି ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ସାଧାରଣ ପିଇବା ପାଣି ମୁନ୍ଦେ ଠିକରେ ପାଇ ପାରୁନାହାନ୍ତି। ବର୍ତ୍ତମାନ ଛଅ ଦିନ ହେଲା ଦାନଗଦି ବ୍ଲକରେ ଝାଡା ବାନ୍ତି ହୋଇ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଶହରୁ ଅଧିକ ଆକ୍ରାନ୍ତ ହେଲେଣି, କିନ୍ତୁ ଗ୍ରାମାଞ୍ଚଳରେ ଲୋକଙ୍କୁ ଏବେବି ସଚେତନତା କରି ନାହାନ୍ତି କେହି।

ଆଶା ଓ ଅଙ୍ଗନବାଡି କର୍ମୀ ସମସ୍ତେ ରଜ ମଉଜରେ ବ୍ୟସ୍ତ। ଗାଁ ମାନଙ୍କରେ ହାଲୋଜେନ ବଟିକା ବଣ୍ଟନ ହେଉ ନାହିଁ। ଦାନଗଦୀ ବ୍ଲକ ରଣାଗୁଣ୍ଡି ପଞ୍ଚାୟତର ପାଞ୍ଚ ନମ୍ବର ୱାର୍ଡରେ ରହିଛି ଦଳିତ ତଳସାହି। ଏହି ସାହିର ୩୦ଟି ପରିବାର ଏପର୍ଯ୍ୟନ୍ତ ସରକାରୀ ସୁବିଧାରୁ ବଞ୍ଚିତ ଅଛନ୍ତି। ଚାରିପାଖରେ ଚାଷ ଜମି ମଝିରେ ଏହି ପୁରୁଣା ସାହିଟି କାହିଁ କେଉଁ ଅମଳରୁ ଅଛି। ଏହି ସାହିର ଲୋକମାନେ ଦିନ ମଜୁରିଆ ଭାବେ ନିଜର ପରିବାର ପ୍ରତିପୋଷଣ କରନ୍ତି। ଏହି ସାହି ବାସିନ୍ଦା ପାନୀୟ ଜଳ ଭାବେ ବିଲ ମଝିରେ ଥିବା ଝରଣା ଉପରେ ନିର୍ଭର କରନ୍ତି। ସେଇ ଝରଣାରେ ଗାଧୁଆ ପାଧୁଆ ସହ ପିଇବା ପାଇଁ ପାଣି ମଧ ନିଅନ୍ତି। ମହିଳା ଓ ଝିଅମାନେ ଗରା, ବାଲିଟି ଧରି ସକାଳ ଓ ସନ୍ଧ୍ୟା ସମୟରେ ଏହି ଖୋଲା ଜଳଉତ୍ସରୁ ପାଣି ପାଇଁ ଭିଡ଼ ଲଗାନ୍ତି। ବଡ଼ ଆଶ୍ଚର୍ଯ୍ୟର କଥା ସେଇ ଗୋଟିଏ ଝରଣା ଦୁଠରେ ଛେଳି, ଗାଈ, ଗୋରୁ, କୁକୁର ମଣିଷ ପାଣି ପିଉଛନ୍ତି ଓ ଗାଧୁଆପାଧୁଆ କରୁଛନ୍ତି। ଏହି ତଳସାହି ରେ ଯେଉଁ ଗୋଟିଏ ନଳକୂଅ ଅଛି ସେଥିରେ ଲୌହ ମିଶା ପାଣି ବାହାରୁ ଥିବାରୁ ଲୋକେ ସେ ପାଣିକୁ ବ୍ୟବହାର କରୁନାହାନ୍ତି। ତେଣୁ ବ୍ଲକରେ ଏବେ ହଇଜା ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଏ ତଳ ସାହି ବାସିନ୍ଦାମାନଙ୍କୁ ବିଲ ମଝିରେ ଥିବା ଖୋଲା ପାଣି ବ୍ୟବହାର ନ କରିବା ପାଇଁ ସଚେତନ କରିବ କିଏ? ତେଣୁ ଏଥିପ୍ରତି ସ୍ୱାସ୍ଥ୍ୟ ଓ ପାନୀୟ ଜଳ ବିଭାଗ ଦୃଷ୍ଟି ଦେବା ସହ ଜଳ ଉତ୍ସ ଗୁଡିକୁ ବିଶୋଧନ କରିବା ଦରକାର ବୋଲି ସାଧାରଣ ରେ ଆଲୋଚନା ହେଉଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ



**କଳାହାଣ୍ଡି,୧୭।୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ଓରିଆନ ହୋଟେଲ ଟ୍ରାଫିକ ଛକରେ ଟ୍ରକ୍ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଜାତୀୟ ରାଜପଥ ନଂ ୨୬ରେ ଟ୍ରକ୍ ନଂ'ଓଆର୨୩ଇ-୮୭୭୬ ଜୁନାଗଡ଼ରୁ ଭବାନୀପାଟଣା ପଟକୁ ଟ୍ରାଫିକ୍ ସିଗନାଲ୍ ନମାନି ଦ୍ରୁତ ଗତିରେ ନେଇ ସାମ୍ନା ପଟେ ଛିଡା ହୋଇଥିବା ଅଟୋ ସହ ଓଡି୨୬ଡି-୪୮୩୦ ଓ ୨ ବାଇକ୍‌କୁ ଧକ୍କା ଦେବା ଫଳରେ ଜଣେ ବାଇକ୍ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ବାଇକ୍ ଆରୋହୀ ଜୁନାଗଡ଼ ଥାନା ଅନ୍ତର୍ଗତ ଏକନାଗୁଡା ଗ୍ରାମର ଜଗଦୀଶ ଧଙ୍ଗଡ଼ାମାଝୀ (୪୦) ହୋଇଥିବା ଜଣାପଡ଼ିଛି। ଅନ୍ୟଜଣେ ବାଇକ୍ ଆରୋହୀ ଜୁନାଗଡ଼ ଥାନା ଅନ୍ତର୍ଗତ ବଳଦିଆମାଳ ଗ୍ରାମର ରାଜକୁମାର ମେହେରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଫଳରେ ତାଙ୍କୁ ଜୁନାଗଡ଼ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଟ୍ରକ୍ ଡ୍ରାଇଭର ଫେରାର ଥିବା ବେଳେ ପୁଲିସ ଟ୍ରକ୍‌କୁ ଜବତ କରିଛି। ଟ୍ରକ୍ ଜୁନାଗଡ଼ର ହୋଇଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ପରେ ଜୁନାଗଡ଼ ପୁଲିସ ପରିବାରବର୍ଗଙ୍କୁ ଶବ ହସ୍ତାନ୍ତର କରିବା ପରେ ପରିବାର ଲୋକେ ଶବକୁ ଧରି ଜୁନାଗଡ଼ ଥାନା ସମ୍ମୁଖରେ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥରେ ରାସ୍ତାରୋକ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ସହ ସହ ଗାଡି ଅଟକି ଥିବା ଯୋଗୁଁ ଅନେକ ଯାତ୍ରୀ ହଇରାଣ ହେଇଥିବା ଦେଖିବାକୁ ମିଳିଥିଲା । ଘଟଣାସ୍ଥଳରେ ପୁଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କଲାପରେ କ୍ଷତି ପୂରଣ ହେଲା ପରେ ରାସ୍ତା ରୋକ ହଟିଥିଲା।

## ବିଜୁଳି ବିଲ ରଫାଦଫା କରିବା ନାଁରେ ଅର୍ଥ ହରିଲୁଟ

**ତିର୍ତ୍ତୋଲ,୧୭।୬ (ସଂଚାର ବ୍ୟୁରୋ):** ତିର୍ତ୍ତୋଲ ବ୍ଲକ ଅଧିନସ୍ତ ଜଗନ୍ନାଥପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ଗରାମ ପଞ୍ଚାୟତ ର ଦୁରୁଖା ଗ୍ରାମ ର ବିଭିନ୍ନ ଲୋକଙ୍କ ଠାରୁ ନୂଆ ବିଜୁଳି କନେକ୍ସନ ଓ ପୁରୁଣା ବିଲ ଥିବା ଉପଭୋକ୍ତାଙ୍କ ବକେୟା ରାଶିକୁ 'ଶୁନ' କରିବାକୁ କହି ପ୍ରାୟ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରିଛନ୍ତି ଜଣେ ସ୍ଥାନୀୟ ବିଦ୍ୟୁତ ବିଭାଗ କର୍ମଚାରୀ। ଏହାକୁ ନେଇ ସବୁ ଗ୍ରାମର ଉପଭୋକ୍ତା ଓ ପୁରୁଣା ଉପଭୋକ୍ତା ଏବେ ମେଳି ବାନ୍ଧିଥିବା ଦେଖିବାକୁ ମିଳିଛି । ନିକଟରେ ସ୍ଥାନୀୟ ଏରସମା ର ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଙ୍କୁ ଏକ ଲିଖିତ ଆକାରରେ ଦରଖାସ୍ତ ଦେବାକୁ ଯାଇଥିବା ବେଳେ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବାବଦରେ ଖୁବଶୀଘ୍ର ଉପଭୋକ୍ତା ତିର୍ତ୍ତୋଲ ସ୍ଥିତ ସହକାରୀ ଯନ୍ତ୍ରୀ ଙ୍କୁ ଭେଟିବା ନେଇ ସ୍ଥିର କରିଛନ୍ତି । କେବଳ ସେତିକି ନୁହେଁ ଏହି କର୍ମଚାରୀ ଜଣକ ଘରେ ରହି ମନଇଚ୍ଛା କାମ କରୁଥିବା ନଜର କୁ ଆସିଛି । ସେପଟେ ବର୍ଷା ଦିନ ଆସୁଥିବାରୁ ଏହି ସବୁ ଏରିଆରେ ଗଛ ଲାଗି ବହୁବାର ଲାଇନ କଟୁଥିବା ବେଳେ ସାଧାରଣ ରେ ଅସନ୍ତୋଷ ଦେଖା ଦେଇଛି ।

## ୧୫ ତୋଳା ସୁନା ଓ ରୁପା ଲୁଟିନେଲେ ଦୁର୍ବୃତ୍ତ



**ହିଞ୍ଜିଳିକାଟୁ,୧୭।୬ (ସଂଚାର ବ୍ୟୁରୋ):** ଲୋକଙ୍କ ଘରୁ ଚୋରି ହେବା କଥା ସମସ୍ତେ ଶୁଣିଥିବେ। କିନ୍ତୁ ଥାନା ସମ୍ମୁଖରେ ଥିବା ଦୋକାନ କିମ୍ବା ଘରରୁ ଚୋରି ହୋଇଯିବା ଘଟଣା ଟିକେ ଆପଣଙ୍କୁ ହଜମ ହୋଇ ନପାରେ। କିନ୍ତୁ ଏହି ଘଟଣା ଦେଖିବାକୁ ମିଳିଛି ହିଞ୍ଜିଳିକାଟୁ ସହରରେ । ଥାନା ସମ୍ମୁଖରେ ଥିବା ଅନ୍ତର୍ଯ୍ୟାମୀ ପାତ୍ରଙ୍କ ଘରୁ ବିଳମ୍ବିତ ରାତ୍ରୀରେ ଦୁର୍ବୃତ୍ତ ମାନେ ଘର ଛାତ ଗ୍ରିଲ ଭାଙ୍ଗି ଘରେ ପଶି କଳାକନା ବୁଲାଇଛନ୍ତି। ଏହା ଏବେ ପୋଲିସ୍ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସୋମବାର ରାତିରେ ଖାଇ ସାରି ଶୋଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କ ବାଡ଼ି ପଟେ ଥିବା ଛାତ ଗ୍ରିଲ ଭାଙ୍ଗି ଘରେ ଭିତରେ ପଶି ଆଲମାରୀରେ ଥିବା ୧୫ତୁଳାର ସୁନା ଓ ୩୦୦ ଗ୍ରାମ ରୁପା , ନଗଦ ଟଙ୍କା ଓ ୩ଟି ମୋବାଇଲ ଲୁଟି ନେଇ ଯାଇଥିଲେ। ଭୋର ୪ଟା ସମୟରେ ପରିବାର ଲୋକେ ନିଦରୁ ଉଠି ଦେଖିଲା ବେଳେ ଜିନିଷ ପତ୍ର ଅସଜଡ଼ା ପଡିଛି। ସଙ୍ଗେ ସଙ୍ଗେ ଘରର ସବୁ ଆଡେ ଦେଖା ଦେଖି ସାରିବା ପରେ ଜାଣିବାକୁ ପାଇଥିଲେ ଦୁର୍ବୃତ୍ତ ମାନେ ଘରେ ପଶି ଚୋରି କରିଛନ୍ତି । ପରେ ମଙ୍ଗଳବାର ସକାଳେ ଥାନାରେ ଅନ୍ତର୍ଯ୍ୟାମୀ ପାତ୍ର ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ହେବା ପରେ ପୋଲିସ୍ ଛାନଭିନ୍ ଆରମ୍ଭ କରିଥିଲା । ଏନେଇ ଥାନାରେ ୪୮୪/୨୫ରେ ଏକ ମାମଲା ରୁଜୁ ହୋଇ ପୋଲିସ ତଦନ୍ତ ଚଳାଇଛି।

## କୁଲଡ଼ିହା ଅଭୟାରଣ୍ୟରେ ଗଳିତ ମାଈ ହାତୀର ମୃତଦେହ ଉଦ୍ଧାର

**ନୀଳଗିରି,୧୭।୬ (ସଂଚାର ବ୍ୟୁରୋ):** ଲଗାତର କିଛି ବର୍ଷ ଧରି କୁଲଡ଼ିହା ଅଭୟାରଣ୍ୟରେ ଅନେକ ହାତୀଙ୍କ ଜୀବନ ଯାଉଥିବା ବେଳେ ପୁଣି ଏକ ମାଈ ହାତୀର ଗଳିତ ମୃତ ଦେହକୁ ବନବିଭାଗ ଠାବ କରିଛି। କୁଲଡ଼ିହା ବନବିଭାଗ ପାଇଁ ହାତୀ ମଡ଼କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ୪/୫ଦିନ ପୂର୍ବରୁ ଏକ ମାଈ ହାତୀର ମୃତ ଶରୀର କୁଲଡ଼ିହା ଅଭୟାରଣ୍ୟ ପାଦ ଦେଶର ପୁଟିବନ୍ଧ ଉପରଭାଗରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଛେଳି ଚରେଇବାକୁ ଯାଇଥିବା ବେଳେ ମୃତହାତୀର ଦୁର୍ଗନ୍ଧ ବାରିଥିଲେ। ପରେ ଏକହାତୀର ମୃତ ଦେହ ବୋଲି ଜାଣିବାକୁ ପାଇଥିଲେ। ଘଟଣା ପ୍ରଘଟ ହେଲା ପରେ ନିଳଗିରି କୁଲଡିହା ବନବିଭାଗ ପ୍ରଥମେ ଘଟଣା ସ୍ଥଳକୁ ଯାଇଥିଲେ। ପରେ ଘଟଣା ବାବଦରେ କୁଲଡିହା ରେଞ୍ଜର ସୁବ୍ରତ ବେହେରା ବାଲେଶ୍ୱର ଭାରାପ୍ରାପ୍ତ ଡିଏଫ୍‌ଓଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲା ପରେ ସମସ୍ତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କଲାପରେ ମୃତ ହାତୀର ପ୍ରାଣୀଚିକିତ୍ସକଙ୍କ ଦ୍ୱାରା ଶବ ବ୍ୟବଚ୍ଛେଦ କରାଯାଇଛି। ମୃତ୍ୟୁର କାରଣ ଜଣାପଡିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ରହସ୍ୟ ଜଣାପଡ଼ିବ ବୋଲି ଡି ଏଫ୍ ଓ ସୂଚନା ଦେଇଛନ୍ତି।

**କନ୍ଧମାଳରେ ଜନନୀ ଯନ୍ତ୍ରଣା**

## ୪କିମି ଖଟିଆରେ ବୁହାହେଲେ ଗର୍ଭବତୀ



**ଫୁଲବାଣୀ,୧୭।୬ (ସଂଚାର ବ୍ୟୁରୋ):** ରାସ୍ତା ଏବଂ ଯୋଗାଯୋଗର ଅଭାବ ଯୋଗୁଁ ଦୁର୍ଗମ ଅଞ୍ଚଳର ଲୋକେ ଦୁଃଖ କଷ୍ଟରେ ଜୀବନ ବିତାଉଛନ୍ତି। ଅନେକ ଉପାନ୍ତ ଗାଁକୁ ଆଜି ଯାଏ ରାସ୍ତା ନାହିଁ। ଫଳରେ ଜରୁରୀ ସମୟରେ ଗାଁରେ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ି ପହଞ୍ଚି ପାରୁନି । ଫଳରେ ଖଟିଆରେ ବୁହା ହୋଇଛନ୍ତି ଗର୍ଭବତୀ । ଫିରିଙ୍ଗିଆ ବ୍ଲକ୍ ନୂଆପଦର ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ।

ସୂଚନା ମୁତାବକ, ନୂଆପଦର ପଞ୍ଚାୟତର ଗୁନ୍ଦାଦଣୀ ଗାଁକୁ ଯିବା ପାଇଁ ପକ୍କା ରାସ୍ତା ଖଣ୍ଡେ ନାହିଁ। ଫଳରେ ପାଦଚଲା ରାସ୍ତାରେ ଚାଲି ଚାଲି ଯିବାକୁ ପଡୁଛି। ଗୁରୁବାର ସକାଳ ପ୍ରାୟ ୧୦ଟା ବେଳେ ଗାଁର ଜିତେନ୍ଦ୍ର ଦୀପଙ୍କ ସ୍ତ୍ରୀ ରଶ୍ମିତାଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଗାଁକୁ କୌଣସି ଗାଡ଼ି ଆସିବା ପାଇଁ ସୁବିଧା ନଥିବାରୁ ପରିବାର ଲୋକେ ଆଶା ଦିଦି କମଳା କହଁରଙ୍କ ସହଯୋଗରେ ଗର୍ଭବତୀ ରଶ୍ମିତାଙ୍କୁ ଏକ ଖଟିଆରେ ପ୍ରାୟ ୪ କିଲୋମିଟର ଦୂର କାଳିପଙ୍ଗାକୁ ବୋହି ଆଣିଥିଲେ। ସେଠାରୁ ଜନନୀ ଏକ୍ସପ୍ରେସ ଯୋଗେ ତାଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା। ତେବେ ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ନିବେଦନ କରିଥିଲେ ମଧ କୌଣସି ଫଳ ମିଳୁନାହିଁ।




## ବିଡିଓଙ୍କ ଉପରୁ ଆସ୍ଥା ହରାଇ ଇସ୍ତଫା ଦେଲେ ପଞ୍ଚାୟତର ଲୋକପ୍ରତିନିଧି

**ବୈଶିଙ୍ଗା,୧୭।୬ (ସଂଚାର ବ୍ୟୁରୋ):** ଚବିଶ ବର୍ଷର ଶାସନ ଅବଧି ମଧରେ ପୂର୍ବ ସରକାରର ଭ୍ରଷ୍ଟାଚାର ଚରମ ସୀମାରେ ପହଞ୍ଚିଥିବା ଅଭିଯୋଗରେ ସାଧାରଣ ଲୋକେ ଅତିଷ୍ଠ ହୋଇ ସରକାରର ପରିବର୍ତ୍ତନ କରିଥିଲେ। ସତ୍ତା ପରିବର୍ତ୍ତନ ହେଲା ଏବଂ ମୋହନ ମାଝୀଙ୍କ ନେତୃତ୍ୱରେ ନୂଆ ସରକାର ଗଠନ ହେଲା। ସରକାର ଏକ ବର୍ଷ ପୂରଣ କରିଥିବା ଖୁସିରେ ସରକାରୀ ଅର୍ଥ ଖର୍ଚ୍ଚରେ ମୟୂରଭଞ୍ଜ ଜିଲାର ବେତନଟୀ ବ୍ଲକର ୨୪ ଟି ପଞ୍ଚାୟତରେ ବିକାଶ ବାହାନ ରଥ ପରିକ୍ରମା ସପ୍ତାହ ବ୍ୟାପି ଖୁବ୍ ଜାକଜମକରେ ପାଳନ ହେଲା। ତେବେ ଏଭଳି ଉତ୍ସବ ପାଳନ ଚାଲିଥିବା ବେଳେ ଏହାର ବାସ୍ତବତା ଯେ ସମ୍ପୂର୍ଣ୍ଣ ଭିନ୍ନ ଏହା ପ୍ରମାଣିତ ହୋଇଛି ଏହି ବ୍ଲକର ହାତୀଝୁରୀ ପଞ୍ଚାୟତରେ। ମୋଟ ୧୧ ଟି ୱାର୍ଡ ମଧରୁ ୮ ଟି ୱାର୍ଡର ୱାର୍ଡସଭ୍ୟ ସଭ୍ୟାମାନେ ପଞ୍ଚାୟତରେ ବିକାଶର ନାମ ଗନ୍ଧ ନଥାଇ ସରକାରୀ ଅନୁଦାନ ଅର୍ଥ ବାଟମାରଣା ସାଙ୍ଗକୁ ପ୍ରକଳ୍ପ ଗୁଡିକ ସେମାନଙ୍କ ଅଗୋଚରରେ ପଞ୍ଚାୟତର ପିଇଓ, ବ୍ଲକ ସହକାରୀ ଯନ୍ତ୍ରୀ, ଜିଆରଏସ, ସରପଞ୍ଚ ଓ ଶାସକ ଦଳର କୁଜି ନେତାମାନେ ମିଳିମିଶି ଚଳୁ କରୁଥିବା ଏବଂ ୨୦୨୨ ମସିହାଠାରୁ ଉନ୍ନୟନ ମୂଳକ ପ୍ରକଳ୍ପ ନିମନ୍ତେ ଆସିଥିବା କୋଟିକୋଟି ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ କରିଥିଲେ। ଏହି ଆଠ ଜଣ ୱାର୍ଡ ସଦସ୍ୟ ମାନେ ହେଲେ ୧ ନଂ ୱାର୍ଡ ମେମ୍ବର ବସନ୍ତ ରଣା , ୩ ନଂ ଦେବେନ୍ଦ୍ର ଦେହୁରୀ , ୬ ନଂ ବାସୁଦେବ ମାଣ୍ଡି , ୭ ନଂ ବୁଦ୍ଧିଆ ସିଂ ,୮ ନଂ ପୂର୍ଣ୍ଣଚନ୍ଦ୍ର ରଣା , ୯ ନଂ ଚୁମୁକି ପାତ୍ର , ୧୦ ନଂ ଝୁନୁ ଦେହୁରୀ ,୧୧ ନଂ ଧୂମା ହେମ୍ବ୍ରମ ସୋମବାର ବେତନଟୀ ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ସୁଶାନ୍ତ କୁମାର ସୁତାରଙ୍କ ଠାରେ ଭିଜିଲାନ୍ସ ତଦନ୍ତ ଦାବି କରି ସମୂହ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଏହି ପଞ୍ଚାୟତର ୱାର୍ଡ ସଭ୍ୟସଭ୍ୟାମାନେ କୌଣସି ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଜାଣିବାକୁ ପାଉନଥିବା ଗଣମାଧମକୁ ସିଧାସଳଖ ଅଭିଯୋଗ କରିଛନ୍ତି।

## ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ



**ଜଗତସିଂହପୁର,୧୭।୬ (ସଂଚାର ବ୍ୟୁରୋ):** ଆଜିଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ପୌର ପରିଷଦର ମିଳିତ ଆନୁକୁଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଗୋପବନ୍ଧୁ ନଗର ଉଦ୍ୟାନରେ ଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଜେ. ସୋନାଲ ପୁଷ୍ପ ମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହି ଅବସରରେ ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହ , ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୌର ପରିଷଦର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ।



● ଡାଇରିଆ ସ୍ଥିତିର ସମୀକ୍ଷା କଲେ ଜିଲ୍ଲାପାଳ

## ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱାରୋପ

**ସୁବର୍ଣ୍ଣପୁର,୧୭।୬ (ସଂଚାର ବ୍ୟୁରୋ):** ବର୍ତ୍ତମାନ ଡାଇରିଆ ସଂକ୍ରମଣ ଅବସ୍ଥାକୁ ଗୁରୁତର ଭାବେ ଗ୍ରହଣ କରାଯାଇ ଜିଲ୍ଲା ଓ ବ୍ଲକ ସ୍ତରର ବିଭିନ୍ନ ପଦାଧିକରୀ ଯଥା ସ୍ୱାସ୍ଥ୍ୟ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ଶିକ୍ଷା ଓ ମହିଳା ଶିଶୁ ବିକାଶ ପ୍ରମୁଖଙ୍କୁ ନେଇ ଡାଇରିଆର ସ୍ଥିତି ତଥା ପ୍ରତିକାର ଉପରେ ଏକ ଜିଲ୍ଲା ସ୍ଥରୀୟ ସମୀକ୍ଷା ବୈଠକ ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ବିଭିନ୍ନ ବିଭାଗର ଦାୟିତ୍ୱକୁ ନେଇ ସମୀକ୍ଷା କରିଥିବାବେଳେ ଜିଲ୍ଲାରେ ଜ଼ିରୋ ଡାଇରିଆ ମୃତ୍ୟୁ ଉପରେ ଗୁରୁତ୍ୱାରୋପ କରି ସମସ୍ତ ବିଭାଗ ମିଳିତ ଭାବେ ସମନ୍ୱୟ ପୂର୍ବକ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗକୁ ଓଆରଏସ ତଥା ଜିଙ୍କ ବଣ୍ଟନ ତ୍ୱରାନ୍ୱିତ ସହିତ ଆରଡବ୍ଲୁଏସଏସ ଯନ୍ତ୍ରୀଙ୍କୁ ସ୍ୱଚ୍ଛ ପିଇବା ପାଣି ଯୋଗାଣର ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀ, ବିଡ଼ିଓ, ଡିଏସଡବ୍ଲୁଓ, ଡିଡବ୍ଲୁଓ, ଆରଡବ୍ଲୁଏସଏସ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମିଳିତ ଭାବେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରର ସ୍ୱଚ୍ଛତା ଓ ପାନୀୟ ଜଳ ଯୋଗାଣ ଉପରେ ବିଶେଷ ଧାନ ଦେବାପାଇଁ ପରାମର୍ଶ ଦେଇଛନ୍ତି। ଉକ୍ତ ବୈଠକରେ ସ୍ୱାସ୍ଥ୍ୟ ବିଭାଗର ଆର.ଏମ.ଏନ.ସି.ଏଚ, ଟୀକାକରଣ,ଏନକ୍ୱାସ ଉପରେ ମଧ ବିଭାଗୀୟ ସମୀକ୍ଷା କରାଯାଇଥିଲା। ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଅଦ୍ୱିକା କିଶୋରୀ ସୁଭଦ୍ରା ଓ ରଜ ରଙ୍ଗ ଦିବସ ପାଳିତ




**ସୁବର୍ଣ୍ଣପୁର,୧୭।୬ (ସଂଚାର ବ୍ୟୁରୋ):** ସୋନପୁର ବ୍ଲକ ମିଶନ ଶକ୍ତି ସଭା ଗୃହ ଠାରେ ସବ୍ ଡିଭିଜନ ସ୍ତରୀୟ ଅଦ୍ୱିକା କିଶୋରୀ ଶୁଭଦ୍ରା ଦିବସ ତଥା ରଜ ରଙ୍ଗ ଦିବସ ପାଳିତ ହୋଇ ଯାଇଛି। ସୋନପୁର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସାଗରିକା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପ୍ରକଳ୍ପ ପ୍ରୋଗ୍ରାମ ଅଫିସର ଅନିତା ଗୁରୁ, ସମ୍ମାନିତ ଅତିଥି ଭାବରେ ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା ଯୋଗଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୋନପୁର ବ୍ଲକ୍ ଉନ୍ନୟନ ଅଧିକାରୀ ପ୍ରତୀକ କୁମାର କର ଯୋଗ ଦେଇ ରଜ ପର୍ବର ମହତ୍ତ୍ୱ ଉପରେ ବୁଝାଇ କିଶୋରୀ ବାଳିକାଙ୍କୁ ଉତ୍ସାହିତ ଓ ପୁରସ୍କୃତ କରିଥିଲେ। ପ୍ରୋଗ୍ରାମ ଅଫିସର ସୁଦେଷ୍ଣା ମେହେର, ବାସନ୍ତୀ ଭୋଇ, ପୋଷଣ ଜିଲ୍ଲା ସଂଯୋଜକ ସଞ୍ଜୀବ ମିଶ୍ର ମଧ ଯୋଗ ଦେଇ କିଶୋରୀ ବାଳିକାଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ସମସ୍ତ ସୁପର ଭାଇଜର, ପିଏ, ମମତା, ପୋଷଣ ବ୍ଲକ ସଂଯୋଜକ, ଅଙ୍ଗନୱାଡ଼ି କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଅଙ୍ଗନ ୱାଡ଼ି କର୍ମୀ ଓ କିଶୋରୀ ବାଳିକା ମାନଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। କିଶୋରୀମାନଙ୍କ ଦ୍ୱାରା ପୁଚି ଖେଳ, ପାରମ୍ପରିକ ଓଡିଆ ନାଚ ଓ ରାମ୍ପ ସୋ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କିଶୋରୀ ବାଳିକା ମାନେ ରଜ ମୁକୁଟ ପରିଧାନ କରି ସେଲ୍ଫି ଷ୍ଟାଣ୍ଡରେ ଫଟୋ ନେଇ ରଜ ଦୋଳି ଖେଳି ରଜ ରଙ୍ଗ ପର୍ବ ରଖୁବ ମଜା ନେଇଥିଲେ।

## ଆମପାଣି ମଣ୍ଡଳସ୍ତରୀୟ ବିକଶିତ ଭାରତ, ବିକଶିତ ଓଡ଼ିଶା ସଂକଳ୍ପ ସଭା କାର୍ଯ୍ୟକ୍ରମ



**ଭବାନୀପାଟଣା,୧୭।୬ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଭାରତୀୟ ଜନତା ଦଳ ପକ୍ଷରୁ ଆମପାଣି ମଣ୍ଡଳ ସ୍ତରୀୟ ବିକଶିତ ଓଡିଶା ସଂକଳ୍ପ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମପାଣି ଧାନ ମଣ୍ଡିରେ ଆୟୋଜିତ ସଂକଳ୍ପ ସଭା କାର୍ଯ୍ୟକ୍ରମରେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ରଙ୍କ ସଭାପତିତ୍ୱରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉପ ସଭାପତି ଲକ୍ଷ୍ମୀକାନ୍ତ ବାଗ, ବରିଷ୍ଠ ନେତା ଗୋପିଚନ ନାଏକ, ଅପ୍ରେସ ସ୍ୱାଇଁ, ହିମାଂଶୁ ପଣ୍ଡା, ତ୍ରିନାଥ ଶବର, ଘନଶ୍ୟାମ ନାଏକ, ଅର୍ଜୁନ ଭାଟି, ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ, ବରାଡ଼ଙ୍ଗା ସରପଞ୍ଚ ନିରୁପମା ସେଠି ଜେତେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତିକୁ ଲୋକଙ୍କ ସରକାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱରେ ଆଜି ବିକଶିତ ଓଡିଶା ର ସ୍ୱପ୍ନ କୁ ବାସ୍ତବିକତା ରୂପ ନେଇଛି। ନିର୍ବାଚନ ପୂର୍ବରୁ ବିଜେପି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ପୂରଣ କରିଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ସମସ୍ତ କର୍ମକର୍ତ୍ତା ଲୋକଙ୍କ ସମସ୍ୟା ପ୍ରତି ଯତ୍ନବାନ ହେବାକୁ କର୍ମି ଙ୍କୁ ପରାମର୍ଶ ଦେଇଥିଲେ। ଏହି ସଂକଳ୍ପ ସଭାରେ ବିଜେଡି ଓ କଂଗ୍ରେସ ଦଳର କିଛି କର୍ମି ବିଜେପି ଦଳରେ ବିଧାୟକ ଙ୍କ ନେତୃତ୍ୱରେ ସାମିଲ ହୋଇଥିଲେ।

## ମା' ସୁରାଦେଈ ଫ୍ରେଣ୍ଡ୍ କ୍ଲବ ପକ୍ଷରୁ ଅଜିତ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି

**କନ୍ଧମାଳ,୧୭।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ସଦରମହକୁମା ସ୍ଥିତି ସେଚ୍ଛା ସେବୀ ସଂଗଠନ ମାଁ ସୁରା ଦେଇ ଫ୍ରେଣ୍ଡ୍ କ୍ଲବ ପକ୍ଷରୁ କ୍ଲବର ସଦସ୍ୟ ସ୍ୱର୍ଗତ ଅଜିତ୍ ନାୟକଙ୍କ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା କାର୍ଯ୍ୟଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ତାଙ୍କର ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଗୁଣ ଗାନ କରାଯାଇଥିଲା। କ୍ଲବର ଉପସଭାପତି ସୁଧାଂଶୁ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଆଲୋକ ପ୍ରଧାନ, ଜଗନ୍ନାଥ ଜାନୀ, ଶୁଶିଲ ବେହେରା, ରବିନ୍ଦ୍ର ବେହେରା, ହରିଶ୍ଚନ୍ଦ୍ର ବେହେରା ଓ ସ୍ୱର୍ଗତ ନାୟକଙ୍କ ପତ୍ନୀ ସବିତା ନାୟକ ଉପସ୍ଥିତ ଥିଲେ ।



## ପଟ୍ଟାମୁଣ୍ଡାଇ ପୌର ପରିଷଦରେ ବିକାଶ ରଥ ଉଦଘାଟିତ

**ପଟ୍ଟାମୁଣ୍ଡାଇ,୧୭।୬ (ସଂଚାର ବ୍ୟୁରୋ):** ରାଜ୍ୟ ବିଜେପି ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ସାରା ରାଜ୍ୟରେ ପରିକ୍ରମା କରିଥିବା ବିକାଶ ରଥ ପଟ୍ଟାମୁଣ୍ଡାଇ ବ୍ଲକ ପରେ ଆଜି ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଉଦଘାଟିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ପତାକା ଦେଖାଇ ରଥ କୁ ଉଦଘାଟନ କରି ସରକାରଙ୍କ ବିଭିନ୍ନ ବିକାଶ ଯୋଜନାକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ । ଏହି ଉଦଘାଟନ ଉତ୍ସବରେ ପୌର ପରିଷଦ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, କାଉନସିଲର ଗୋପୀବଲ୍ଲଭ ନାୟକ, ପ୍ରଶାନ୍ତ ବାରିକ, ବିଦ୍ୟାଧର ସେଠୀ, ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ସୁଶୀଲ ବେହେରା, ସି ଡି ପି ଓ ଲକ୍ଷ୍ମୀମଣି ସିଂହ, ପୌରପରିଷଦ ଯୋଗାଣ ନିରୀକ୍ଷକ ପ୍ରିୟଙ୍କା ସାହୁ,ପଟ୍ଟାମୁଣ୍ଡାଇ ହସ୍ପିଟାଲର ଚିତ୍ତ ରଞ୍ଜନ ଚାନ୍ଦ, ନୋଡାଲ ଅଫିସର ମନୋରଞ୍ଜନ ଦାଶ, ସରୋଜ ପଣ୍ଡା, ତପସ୍ୱିନୀ ଦାଶ ପ୍ରମୁଖ ପ୍ରଶାସନିକ ଅଧିକାରୀ, ଲୋକପ୍ରତିନିଧି, ଆଶା, ଅଙ୍ଗନବାଡି କର୍ମୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ ଦାଶ, ହୃଷିକେଶ ନାଥ, ଗଙ୍ଗାଧର ନାୟକ ଓ ଗଣେଶ ପାତ୍ର ପରିଚାଳନା କରିଥିଲେ । ଏହା ପରେ ଏହି ରଥ ପଟ୍ଟାମୁଣ୍ଡାଇ ପୌର ପରିଷଦର ୧ନଂ ୱାର୍ଡରେ ପହଁଚିଲା ପରେ କାଉନ ସିଲର ଲକ୍ଷ୍ମୀପ୍ରିୟା ସାହୁଙ୍କ ମାନ୍ୟଗଣ୍ୟବ୍ୟକ୍ତି ଓ ମହିଳାମାନେ ହୁଳହୁଳି ଦେଇ ସ୍ୱାଗତ କରିଥିଲେ । ଏହାପରେ ଏକ ସଚେତନତା ସଭା କରାଯାଇ ରାସନ, ଭତ୍ତା, ଓ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା । ସେହିପରି ବିକାଶ ରଥ ୨ନଂ ୱାର୍ଡରେ ପ୍ରବେଶ କରିବା ମାତ୍ରେ କାଉନସିଲର ସନ୍ତୋଷ ଦାସ, ମାନ୍ୟଗଣ୍ୟ ବ୍ୟକ୍ତି ଓ ମହିଳାମାନେ ରଥକୁ ସ୍ୱାଗତ କରିବା ପରେ ସଚେତନତା ସଭା କରାଯାଇ ରାସନ, ଭତ୍ତା, ଓ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା । ଏହାଛଡା ୩ନଂ ୱାର୍ଡରେ ବିକାଶ ରଥ ପ୍ରବେଶ କରିବା ମାତ୍ରେ ପୌର ଉପାଧକ୍ଷା ଅନୁପ୍ରିୟା ସାହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ମହିଳାମାନଙ୍କ ସହିତ ରଥକୁ ସ୍ୱାଗତ କରିବା ପରେ ସଚେତନତା ସଭା କରାଯାଇ ରାସନ, ଭତ୍ତା, ଓ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯାଇଥିଲା ।







## ହାଲ୍‌ଚାଲ୍



● 'ଲଭ୍ ପ୍ରମିଜ୍' ଓ 'ତୁ ମୋ କମ୍‌ଜୋରୀ' ଫେମ୍ ସନ୍ତୋଷ ବିଶ୍ୱାଳଙ୍କ ନିର୍ଦ୍ଦେଶିତ 'ଲାଡ୍ଡୋ'ର ସୁଟିଂ ଜୋର୍‌ସୋର୍‌ରେ ଚାଲିଛି। ଏଥିରେ ନବାଗତ ଶୁଭମ୍ ସାଗର, ଅର୍ଲିନ ଅଙ୍କିତା, ସ୍ମିତା ମହାନ୍ତି, ଅଶ୍ରୁମୋଚନ, କେ କେ, ସୋମୁ, ଚୌଧୁରୀ ବିକାଶ ଦାସ ଓ ଜୟପ୍ରକାଶ ଦାସ ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି। ଶୁଭମ୍ ସାଗର ଓ ସୁଶାନ୍ତ ନାୟକ ଏହାର କାହାଣୀ ଓ ଚିତ୍ରନାଟ୍ୟ ଲେଖିଥିବା ବେଳେ ବିଜୟ ରାଉଳ ଏହାର ସଂଳାପ ରଚନା କରିଛନ୍ତି।

● ଲଗ୍ନା ସ୍ୱାଇଁ ଓ ସମ୍ବିତ୍ ବାରିକଙ୍କ ପ୍ରଯୋଜିତ ଓଡ଼ିଆ



ଛବି 'ସ୍କୁଲ୍ ଡାଏରି'ର ସମସ୍ତ ସୁଟିଂ ଶେଷହୋଇଛି। ଏଥିରେ ପ୍ରେମ, ଅକ୍ଷିତା, ଚୌଧୁରୀ ଜୟପ୍ରକାଶ ଦାସ, ଦିବ୍ୟା, ସସ୍ମିତା ପ୍ରଧାନ ଓ ରବି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ସମ୍ବିତ୍ ବାରିକ ଏହାର ନିର୍ଦ୍ଦେଶକ। ଡକ୍ଟର ରଜନୀରଞ୍ଜନ ଏହାର ଚିତ୍ରନାଟ୍ୟ ଓ ସଂଳାପ ଲେଖିଥିବା ବେଳେ ପ୍ରଶାନ୍ତ ପାଢ଼ୀ ଏହାର ସ୍ୱର ସଂଯୋଜକ। ଡକ୍ଟର ନିର୍ମଳ ନାୟକ ଓ ଅରୁଣ ମନ୍ତ୍ରୀ ଗୀତିକାର।



● ସୁଶାନ୍ତ ମଣି ତାଙ୍କର ନୂଆ ସିନେମା 'ଛିରେ ନନୀ ଛି'ର ନିର୍ଦ୍ଦେଶନା ଦେବାସହ ଏହାର ଚିତ୍ରନାଟ୍ୟ ଓ ସଂଳାପ ବି ଲେଖିଛନ୍ତି। ହରେନ୍ କୁମାରଙ୍କ ସହ ମିଶି ସିନେମାର ସଂଳାପ ରଚନା କରିବା ସହିତ ଏହାର ନୃତ୍ୟ ନିର୍ଦ୍ଦେଶନା ବି ଦେଇଛନ୍ତି। ସୀତାରାମ ଅଗ୍ରୱାଲ୍ ଓ ନମିତା ଅଗ୍ରୱାଲ୍ ଏହାର ପ୍ରଯୋଜକ।

# ରଜରୁ ରାଜ୍

**ଗଣପର୍ବ ରଜରେ ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରିବା ଧାରା ବେଶ୍ ପୁରୁଣା। ପାର୍ବଣ ମାହୋଲ୍‌ରେ ଦର୍ଶକ ହଲ୍‌କୁ ଆସି ଚଳଚ୍ଚିତ୍ର ଦେଖି ମଉଜ କରିବାକୁ ପସନ୍ଦ କରିଥାଆନ୍ତି। ଆଉ ଦର୍ଶକଙ୍କ ମିଜାଜକୁ ମାପି ପ୍ରଯୋଜକ-ନିର୍ଦ୍ଦେଶକ ରଜରେ ଭଲ ଭଲ ଚଳଚ୍ଚିତ୍ର ରିଲିଜ୍ କରିଥାଆନ୍ତି। ସଂଯୋଗକ୍ରମେ ବର୍ତ୍ତମାନ ଓଲିଉଡ୍‌ରେ ଲୋକପ୍ରିୟତା ସାଉଁଟିଥିବା ତିନି ଆଗଧାଡ଼ିର ନାୟକ ରଜ ସିନେମାରୁ ହିଁ କ୍ୟାରିୟର୍ ଆରମ୍ଭ କରି ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି।**

**ଅରିନ୍ଦମ:** ୨୦୦୬ ରଜରେ ମୁକ୍ତିଲାଭ କରିଥିଲା ବ୍ରଜରାଜ ମୁଭିଜ୍‌ର 'ପ୍ରେମରତୁ ଆସିଲାରେ'। ଏହି ସିନେମାରୁ ନାୟକ ଭାବେ କ୍ୟାରିୟର୍ ଆରମ୍ଭ କରିଥିଲେ ଅରିନ୍ଦମ। ଏଥିରେ ତାଙ୍କ ବିପକ୍ଷରେ ନାୟିକା ଥିଲେ ନମ୍ରତା ଥାପ୍ପା। ପ୍ରଥମ ସିନେମାରେ ହିଁ ସେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲେ। ବିନୟ କୁମାର ନାୟକଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଇଥିଲେ ସୁଧାଂଶୁମୋହନ ସାହୁ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାନ୍ତ ଓ ଅନୁ ଚୌଧୁରୀ ବି ଅଭିନୟ କରିଥିଲେ। ବ୍ୟାବସାୟିକ ସଫଳତା ହାସଲ କରିଥିବା 'ପ୍ରେମରତୁ ଆସିଲାରେ' ପରେ ଅରିନ୍ଦମ ଆଉ ପଛକୁ ଫେରି ଚାହିଁନାହାନ୍ତି। ଇତିମଧ୍ୟରେ ସେ ୩୫ରୁ ଅଧିକ ଓଡ଼ିଆ ଓ ବଙ୍ଗଳା ସିନେମାରେ ନାୟକ ଭାବେ ଅଭିନୟ କରିସାରିଲେଣି।

**ସବ୍ୟସାଚୀ:** ଓଲିଉଡ୍‌ର ସୋବର୍ ବୟ ସବ୍ୟସାଚୀଙ୍କ ପ୍ରଥମ ସିନେମା 'ପାଗଳପ୍ରେମୀ' ୨୦୦୭ ରଜରେ ମୁକ୍ତିଲାଭ କରିଥିଲା। ଏଥିରେ ଉଚ୍ଚକୋଟୀର ଅଭିନୟ କରି ଶ୍ରେଷ୍ଠ ଅଭିନେତା ଭାବେ ସବ୍ୟସାଚୀ ପାଇଥିଲେ ତାଙ୍କ ଜୀବନର ପ୍ରଥମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର। ଏ ରମେଶ ପ୍ରସାଦଙ୍କ ପ୍ରଯୋଜିତ ତଥା ହର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ପାଗଳପ୍ରେମୀ'ରେ ପ୍ରଦ୍ୟୁମ୍ନ ଲେଙ୍କା, ଦେବଯାନୀ ଓ ସରୋଜ ଦାସ ପ୍ରମୁଖ ଅଭିନୟ କରିଥିଲେ। ଯଦିଓ 'ପାଗଳପ୍ରେମୀ'କୁ ଆଶାନୁରୂପ ବ୍ୟାବସାୟିକ ସଫଳତା ମିଳି ନଥିଲା, କିନ୍ତୁ ସବ୍ୟସାଚୀ ପରେ ଆଗଧାଡ଼ିର ନାୟକ ଭାବେ ପରିଗଣିତ ହୋଇଥିଲେ। ଏଯାଏ ସେ ୩୫ରୁ ଅଧିକ ଓଡ଼ିଆ, ତେଲୁଗୁ, ତାମିଲ ଓ ବଙ୍ଗଳା ଛବିରେ ନଜର ଆସିଛନ୍ତି। ଏଥର ରଜରେ ସବ୍ୟସାଚୀଙ୍କ ଅଭିନୀତ 'ଅନନ୍ତା' ରିଲିଜ୍ ହୋଇଛି।



**ବାବୁସାନ୍:** ଅରିନ୍ଦମ ଓ ସବ୍ୟସାଚୀଙ୍କ ପରେ ସେଇ ରଜ ରିଲିଜ୍‌ରୁ ହିଁ ଓଲିଉଡ୍ ସୁପରଷ୍ଟାର୍ ବାବୁସାନ୍ କ୍ୟାରିୟର୍ ଆରମ୍ଭ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା 'ରୋମିଓ ଦ ଲଭର୍ ବୟ' ୨୦୦୯ ରଜରେ ମୁକ୍ତିଲାଭ କରିଥିଲା। ସଞ୍ଜୟ ନାୟକ(ଟୁଟୁ)ଙ୍କ ପ୍ରଯୋଜିତ ଏହି ଓଡ଼ିଆ ଛବିର ନିର୍ଦ୍ଦେଶନା ଦେଇଥିଲେ ହର ପଟ୍ଟନାୟକ। ଏହି ସିନେମାରେ ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ଅପରାଜିତା, ଅରିନ୍ଦମ ଓ ପ୍ରୀତିରାଜ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିଥିଲେ। 'ରୋମିଓ ଦ ଲଭର୍ ବୟ'କୁ ଅବଶ୍ୟ ଆଶାନୁରୂପ ସଫଳତା ମିଳି ନଥିଲେ ହେଁ ପରବର୍ତ୍ତୀ ସମୟରେ ଅନେକ ହିଟ୍ ଓ ସୁପରହିଟ୍ ସିନେମା ଦେଇ ଦର୍ଶକଙ୍କ ଆଖିର ତାରା ବନିଯାଇଥିଲେ ବାବୁସାନ୍। ଇତିମଧ୍ୟରେ ସେ ୪୦ରୁ ଅଧିକ ଓଡ଼ିଆ, ବଙ୍ଗଳା ଓ ଭୋଜପୁରୀ ସିନେମାରେ କାମ କରିସାରିଛନ୍ତି। ଏଥର ରଜରେ ବାବୁସାନ୍‌ଙ୍କ ଅଭିନୀତ 'ବୋଉ ବୁଟୁ ଭୂତ' ମୁକ୍ତିଲାଭ କରିଛି।

## ନ୍ୟୁଜ୍ ରିଲ୍

### ରାତି ସାଢ଼େନଅ ସୁଦ୍ଧା ଘର ଅନ୍ଧାର କରିଦିଅନ୍ତି ବେବୋ


ଅଭିନୟ ଦକ୍ଷତାକୁ ବାଦ୍ ଦେଲେ ନିଜର ଦୈନନ୍ଦିନ ଜୀବନଧାରା ଓ ଫିଟ୍‌ନେସ୍ ପାଇଁ କରୀନା କପୁର ବଲିଉଡ୍‌ରେ ବେଶ୍ ଜଣାଶୁଣା। ନିଜର ମପାଚୁପା ଜୀବନଶୈଳୀ ପାଇଁ ସେ ନିଜକୁ ଆଜି ମଧ୍ୟ ପୂର୍ବ ପରି ଯୁବା କରି ରଖି ପାରିଛନ୍ତି। ଆପଣ ହୁଏତ ଜାଣି ନଥିବେ ଯେ ବେବୋ ଅଭିନୟ ଓ ମଡେଲିଂ ଭଳି ବୃତ୍ତିରେ ଥିଲେ ବି ଖୁବ୍ ଶୃଙ୍ଖଳିତ ଜୀବନ ବିତାନ୍ତି। ନିକଟରେ ସେ ତାଙ୍କ ନିତିଦିନିଆ ଜୀବନକୁ ନେଇ କିଛି ଅଳ୍ପଜଣା କଥା ପ୍ରକାଶ କରିଛନ୍ତି। ସେଥିମଧ୍ୟରୁ ଗୋଟାଏ ହେଉଛି ତାଙ୍କ ଖାଦ୍ୟଶୈଳୀ। କରୀନା ତାଙ୍କ ନିତିଦିନିଆ ଖାଦ୍ୟ ତାଲିକାରେ ସୁସ୍ଥକର ଭାରତୀୟ ଖାଦ୍ୟକୁ ହିଁ ରଖିଛନ୍ତି। ଏହାଛଡ଼ା ନିଜକୁ ସୁସ୍ଥ ଓ ଫିଟ୍ ରଖିବା ପାଇଁ ସେ ନିଦକୁ ପୂରା କରିବାକୁ ଯଥେଷ୍ଟ ଗୁରୁତ୍ୱ ଦିଅନ୍ତି। ୪୪ ବର୍ଷ ବୟସରେ କରୀନା ଆଶ୍ରମରେ ରହୁଥିବା ଜଣେ ଶିଶୁ ପରି ଜୀବନଯାପନ କରନ୍ତି। ବେବୋ ଏକ ସାକ୍ଷାତ୍‌କାରରେ ଖୁଲାସା କରିଛନ୍ତି ଯେ ସେ ସଂଧ୍ୟା ୬ଟା ସୁଦ୍ଧା ରାତ୍ରଭୋଜନ କରିଦିଅନ୍ତି। ସବୁ କାମସାରି କୌଣସି ବି ପ୍ରକାରେ ସେ ରାତି ୯.୩୦ ସୁଦ୍ଧା ତାଙ୍କ ଘରର ସବୁ ଲାଇଟ୍ ବନ୍ଦ କରି ଶୋଇବାକୁ ଯାଆନ୍ତି। ଶରୀର ଯେତିକି ନିଦ ଦରକାର କରେ ଆରାମରେ ସେତିକି ସମୟ ଶୋଇବାକୁ ସେ ବେଶ୍ ଗୁରୁତ୍ୱ ଦିଅନ୍ତି। ତାଙ୍କ କହିବା କଥା ହେଉଛି, ''ଯଦି ଆପଣ ନିଜ ଶରୀରକୁ ଉଚିତ ଖାଦ୍ୟ ଓ ନିଦ୍ରା ଦେବେ ତ ସେ ଆପଣଙ୍କ ସାଥ୍ କେବେ ବି ଛାଡ଼ିବ ନାହିଁ।''



# ପରଦାରେ ଜାଇଫୁଲ ଯୋଡ଼ି



ଏକଦା ମ୍ୟୁଜିକ୍ ଆଲ୍‌ବମ୍ 'ଜାଇଫୁଲ' ଜରିଆରେ ଓଡ଼ିଶାର ଘରେ ଘରେ ପରିଚିତି ହାସଲ କରିଥିବା ଅଭିନେତ୍ରୀ ଲିପି ପରବର୍ତ୍ତୀ ସମୟରେ ଆଲ୍‌ବମ୍ କୁଇନ୍ ଆଖ୍ୟା ପାଇଥିଲେ। ଏହି ଗୀତରେ ଲିପିଙ୍କ ନାୟକ ସାଜିଥିବା ଅଭିନେତା ପୁପିନ୍ଦରଙ୍କୁ ମଧ୍ୟ ଦର୍ଶକ ପ୍ରଶଂସା ଅଜାଡ଼ି ଦେଇଥିଲେ। ଫଳରେ ଲିପି-ପୁପିନ୍ଦର ଯୋଡ଼ି ବେଶ୍ ଲୋକପ୍ରିୟ ହୋଇଥିଲା। ଏଇ ଯୋଡ଼ି ଦର୍ଶକଙ୍କ ନିକଟକୁ ପୁଣି ଫେରୁଛନ୍ତି। ଜୀ ସାର୍ଥକ ଓ ଆଦିଲକ୍ଷ୍ମୀ ଏଣ୍ଟର୍‌ଟେନ୍‌ମେଣ୍ଟ ବ୍ୟାନର୍‌ରେ ପ୍ରସ୍ତୁତ 'ଚ୍ୟାଲେଞ୍ଜ୍'ରେ ଲିପି ଓ ପୁପିନ୍ଦରଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ। କାହାଣୀ ଅନୁଯାୟୀ, ଲିପି ସିନେମାର ନାୟକ ଅର୍ଦ୍ଧେନ୍ଦୁଙ୍କ ଭଉଣୀ ଭୂମିକାରେ ନଜର ଆସିଥିବା ବେଳେ ଏଥିରେ ତାଙ୍କ ବିପକ୍ଷରେ ନଜର ଆସିବେ ପୁପିନ୍ଦର। 'ଚ୍ୟାଲେଞ୍ଜ୍'ରେ ନିଜର ଭୂମିକାକୁ ନେଇ ଲିପି ବେଶ୍ ଉତ୍ସାହିତ ଥିବା ବେଳେ ପୁପିନ୍ଦର-ଲିପିଙ୍କ ଯୋଡ଼ି ପ୍ରଥମଥର ବଡ଼ ପରଦାରେ ଆସୁଛନ୍ତି। ଇତିମଧ୍ୟରେ ସାଇ ମଙ୍ଗରାଜ ନିର୍ଦ୍ଦେଶିତ 'ଚାଲେଞ୍ଜ୍'ର ପ୍ରଥମ ପର୍ଯ୍ୟାୟ ସୁଟିଂ ରାମୋଜି ଫିଲ୍ମସିଟିରେ ଶେଷ ହୋଇଛି।





# ଶ୍ରୀତମ ଏବେ ମୁକୁନ୍ଦ ଦେବ

ସବ୍ୟସାଚୀ ମହାପାତ୍ରଙ୍କ ବହୁଭାଷୀ ଚଳଚ୍ଚିତ୍ର 'ଜୟ ଜଗନ୍ନାଥ'ରେ ଶ୍ରୀଜଗନ୍ନାଥଙ୍କ ଭୂମିକା ନିଭାଇଥିବା ଅଭିନେତା ଶ୍ରୀତମ ଦାସଙ୍କୁ ଦର୍ଶକ ନୂଆ ଓଡ଼ିଆ ଛବି 'ଶ୍ରୀଜଗନ୍ନାଥଙ୍କ ନବକଳେବର'ରେ ଗଜପତି ମୁକୁନ୍ଦ ଦେବ ଚରିତ୍ରରେ ଦେଖିବାକୁ ପାଇବେ। ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଏହି ସିନେମାରେ ତାଙ୍କ ଭୂମିକାଟିରେ ନିଆରାପଣ ରହିଛି ଏବଂ ଏଥିଲାଗି ତାଙ୍କୁ ଖୁବ୍ ପରିଶ୍ରମ କରିବାକୁ ପଡ଼ିଛି ବୋଲି ଶ୍ରୀତମ କହିଛନ୍ତି। ଏଥିରେ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କୁ ମୁକୁନ୍ଦ ଦେବଙ୍କ ମହାରାଣୀ ଭୂମିକାରେ ଦେଖିବାକୁ ମିଳିବ। 'ଶ୍ରୀଜଗନ୍ନାଥଙ୍କ ନବକଳେବର'ରେ ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାନ୍ତ, ଶିବାନୀ, ସୂର୍ଯ୍ୟମୟୀ, ଜ୍ୟୋତି, ଅଂଶୁମାନ, ଦେବୁ ପଟ୍ଟନାୟକ ଓ କୁନା ତ୍ରିପାଠୀ ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି। ଶଙ୍କର ତ୍ରିପାଠୀଙ୍କ ରଚିତ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ନାଟକ ସଫଳ ହେବା ପରେ ପ୍ରଯୋଜିକା-ନିର୍ଦ୍ଦେଶିକା ବିନି ସାମଲ ଏହାକୁ ଫିଲ୍ମ ରୂପ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, 'ସାବିତ୍ରୀ'(୧୯୯୭) ସିନେମାରୁ ନାୟକ ଭାବେ କ୍ୟାରିୟର୍ ଆରମ୍ଭ କରିଥିବା ଶ୍ରୀତମ ଆଉ ପଛକୁ ଫେରି ଚାହିଁନାହାନ୍ତି। ଦୀର୍ଘ ୨୮ ବର୍ଷର କ୍ୟାରିୟର୍ ଭିତରେ ଦର୍ଶକ ତାଙ୍କୁ କେତେବେଳେ ନାୟକ ତ କେବେ ଖଳନାୟକ, ପୁଣି କେତେବେଳେ ଚରିତ୍ର ଅଭିନେତା ଭାବେ ଦେଖିବାକୁ ପାଇଛନ୍ତି।



# ଆଗରୁ ବାଇକ୍ ଚଢ଼ି ହେଉ ନଥିଲା, ଏବେ କୋରିଓଗ୍ରାଫର୍ କାର୍ ଚଢ଼ୁଛନ୍ତି

ଜଣେ ଉତ୍ତମ ସିନେକଳାକାର ହେବା ପାଇଁ ସୁଅଭିନୟ ସହ ନୃତ୍ୟରେ ବି ଦକ୍ଷତା ଥିବା ଆବଶ୍ୟକ। ସାଧାରଣତଃ ଚଳଚ୍ଚିତ୍ରର ନାୟକନାୟିକାଙ୍କ ଠାରୁ ଦର୍ଶକ ଜୀବନ୍ତ ଅଭିନୟ ସହ ମନଛୁଆଁ ନାଚକୁ ଅପେକ୍ଷା ରଖିଥାଆନ୍ତି। ଅଭିନେତାଅଭିନେତ୍ରୀଙ୍କ ନାଚ ଦେଖି ଦର୍ଶକ ଭାବି ଥାଆନ୍ତି ସେମାନେ ନୃତ୍ୟକଳାରେ ନିପୁଣ! ପ୍ରକୃତ କଥା ହେଲା, ସେମାନେ କିଭଳି ଶୈଳୀରେ ନାଚିଲେ ଦର୍ଶକଙ୍କ ମନକୁ ପାଇବ, ତାହା ସଂଯୋଜନା କରିଥାଆନ୍ତି କୋରିଓଗ୍ରାଫର୍ ବା ନୃତ୍ୟ ନିର୍ଦ୍ଦେଶକ। ସେମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ଶୈଳୀକୁ ଅନୁକରଣ କରି ନାୟକନାୟିକାମାନେ କ୍ୟାମେରା ସାମ୍ନାରେ ଚମତ୍କାର ନୃତ୍ୟ ପ୍ରଦର୍ଶନ କରନ୍ତି। ପରଦା ପଛରେ ରହି ଦର୍ଶକଙ୍କ ମନୋରଞ୍ଜନ କରୁଥିବା ନେପଥ୍ୟ ନାୟକ ହେଉଛନ୍ତି କୋରିଓଗ୍ରାଫର୍। ଓଲିଉଡ୍‌ର ଜଣେ ସଫଳ କୋରିଓଗ୍ରାଫର୍ ଭାବେ ଖ୍ୟାତି ଅର୍ଜନ କରିଛନ୍ତି ବବି ଇସ୍‌ଲାମ୍। ଚଳଚ୍ଚିତ୍ରରେ ନୃତ୍ୟ ନିର୍ଦ୍ଦେଶନାକୁ ନେଇ ବବି କହନ୍ତି,''ସାଧାରଣ ଧାରଣା ହେଉଛି, କୋରିଓଗ୍ରାଫି ମାନେ କେବଳ ନୃତ୍ୟ ପାଇଁ ଷ୍ଟେପ୍‌ସ୍ ଶିଖାଇବା। ମାତ୍ର କୋରିଓଗ୍ରାଫିର ପ୍ରକୃତ ଅର୍ଥ ତାହା ନୁହେଁ। କୋରିଓଗ୍ରାଫି ବିଭିନ୍ନ ପ୍ରକାରର। ବେଳେ ବେଳେ ନାଟକୀୟ ପରିବେଷଣ ବେଳେ ବି କୋରିଓଗ୍ରାଫି କରିବାକୁ ପଡ଼େ, ବ୍ୟଙ୍ଗାତ୍ମକ ଦୃଶ୍ୟରେ ବି କୋରିଓଗ୍ରାଫର୍‌ଙ୍କ ଆବଶ୍ୟକତା ପଡ଼େ ଏବଂ ଫାଇଟ୍ ସିନ୍‌ର ବି କୋରିଓଗ୍ରାଫି କରାଯାଏ।'' କୋରିଓଗ୍ରାଫର୍ ବୃତ୍ତିକୁ ଆସିବାକୁ କେବେ ଓ କାହିଁକି ଭାବିଲେ ବୋଲି ପଚାରିବାରୁ ସେ କହନ୍ତି, ''ମୋର ଏହି ବୃତ୍ତିରେ ୩୨ ବର୍ଷ ହୋଇଗଲାଣି। ସତ କହିଲେ, ମୁଁ କେବେ ଏହି ବୃତ୍ତିକୁ ଭାବିବୁଝି ଆସିନି। ବିଧିବଦ୍ଧ ନୃତ୍ୟଶିକ୍ଷା ନକରି ମଧ୍ୟ ନାଚୁ ନାଚୁ କୋରିଓଗ୍ରାଫର୍ ହୋଇଯାଇଛି। ହିନ୍ଦୀ ସିନେମା 'ଭିଗି ପଲକେଁ'ରେ ମୁଁ ଶିଶୁ କଳାକାର ଭାବେ ଅଭିନୟ କରିଥିଲି। ଜଣାଶୁଣା ପ୍ରଯୋଜକ ସ୍ୱର୍ଗତଃ ଦେବବ୍ରତ କର ଆମ ପଡ଼ୋଶୀ ଥିଲେ। ମୁଁ ଭଲ ନାଚୁଥିବାରୁ ୧୯୮୮ ମସିହାରେ ସେ 'ପାପପୁଣ୍ୟ' ସିନେମାରେ ମୋତେ ସୁଯୋଗ ଦେଇଥିଲେ। ମୁଁ ଆସିଷ୍ଟାଣ୍ଟ କୋରିଓଗ୍ରାଫର୍ ଭାବେ କାମକଲି। ତା'ର ଅନେକ ବର୍ଷ ପରେ ମୁଁ କୋରିଓଗ୍ରାଫର୍ ହେଲି। ଏବେ ସୁଦ୍ଧା ହିନ୍ଦୀ ସମେତ ପ୍ରାୟ ୧୦ଟି ଭାଷାର ଫିଲ୍ମରେ ମୁଁ କୋରିଓଗ୍ରାଫି କରିସାରିଲିଣି। ଏବେ ମୋର 'ଶ୍ରୀଜଗନ୍ନାଥଙ୍କ ନବକଳେବର', 'ବବି ଓ ବେବି', 'ମାୟା ମରିଚିକା' ଓ 'ମିଡ୍‌ନାଇଟ୍' ଆଦି ଚଳଚ୍ଚିତ୍ର ଆସିବାକୁ ଯାଉଛି। 'ବବି ଓ ବେବି' ଏବଂ 'ମାୟା ମରିଚିକା'ରେ ମୁଁ ଉଭୟ ନିର୍ଦ୍ଦେଶକ ଓ କୋରିଓଗ୍ରାଫର୍‌ର ଦାୟିତ୍ୱ ତୁଲାଉଛି।'' ଓଡ଼ିଶାରେ ଜଣେ କେବଳ କୋରିଓଗ୍ରାଫି କରି ଭଲ ରୋଜଗାର ସହ ଉତ୍ତମ ଜୀବନଯାପନ କରିପାରିବ? ଜଣେ ପ୍ରଶିକ୍ଷିତ କୋରିଓଗ୍ରାଫର୍ ହେବା ପାଇଁ ଏଠାରେ କ'ଣ ସବୁ ସୁବିଧା ରହିଛି ବୋଲି ପ୍ରଶ୍ନରେ ବବି କହନ୍ତି,''ଆମ ବେଳେ କୋରିଓଗ୍ରାଫି କରି ଆମେ ବାଇକ୍ ଚଳାଇବା କଷ୍ଟ ହୋଇ ପଡୁଥିଲା। ମାତ୍ର ଏବେ କୋରିଓଗ୍ରାଫର୍ କାର୍ ଚଳାଉଛନ୍ତି। ଏ ବୃତ୍ତିରେ ରୋଜଗାର ବହୁତ ଭଲ। ମାତ୍ର କାମ ଭଲଭାବେ ଶିଖି ବୃତ୍ତିକୁ ଆସିବା ଉଚିତ। ଓଡ଼ିଶାରେ କୋରିଓଗ୍ରାଫି ଲାଗି ସେପରି କୌଣସି ନିର୍ଦ୍ଦିଷ୍ଟ କୋର୍ସ ଏ ପର୍ଯ୍ୟନ୍ତ ନାହିଁ। ପ୍ରଥମତଃ ଜଣେ ଭଲ ନାଚୁଥିବା ଦରକାର। ପରେ କାମ କରୁ କରୁ ଅନେକ ଜିନିଷ ଶିଖି ହୋଇଯାଏ। ଇଏ ତ ହେଲା ଆଣ୍ଡ୍ରଏଡ୍ ଜମାନା। ୟୁଟ୍ୟୁବ୍ ଦେଖି ଅନେକ କଥା ଶିଖିହେଉଛି। ଏତିକି କହିବି, ଯଦି କେହି ନୃତ୍ୟ ପ୍ରଶିକ୍ଷଣ ସହ ଏ ବୃତ୍ତିକୁ ଆସୁଛନ୍ତି ତ ବହୁତ ଭଲ ରୋଜଗାର କରିପାରିବେ। କେବଳ ଚଳଚ୍ଚିତ୍ର ନୁହେଁ, ଟିଭି ସିରିଅଲ୍, ୱେବ୍ ସିରିଜ୍ ଓ ମ୍ୟୁଜିକ୍ ଭିଡିଓରେ କୋରିଓଗ୍ରାଫି ହେଉଛି।'' ''କୋରିଓଗ୍ରାଫି ବେଳେ କେବଳ ଗୀତକୁ ଦୃଷ୍ଟିରେ ରଖିଲେ ହେବନି। ସିନେମାର କାହାଣୀ ଓ ଚରିତ୍ରକୁ ବି ଦେଖିବାକୁ ହେବ। ଧରାଯାଉ ନାୟକ ହୁଣ୍ଡାଳିଆ ସ୍ୱଭାବର, ତେଣୁ ତାଙ୍କୁ ଦେଖି କୋରିଓଗ୍ରାଫି କରାଯାଏ। ଯେମିତି 'ଅନନ୍ତା' ଚଳଚ୍ଚିତ୍ରରେ କରାଯାଇଛି।''



## ବିଜେପିର ମଣ୍ଡଳସ୍ତରୀୟ କର୍ମୀ ସମ୍ମିଳନୀ



**ହିଞ୍ଜିଳିକାଟୁ,୧୭।୬ (ସଂଚାର ବ୍ୟୁରୋ):** ଭାରତୀୟ ଜନତା ପାର୍ଟି ହିଞ୍ଜିଳିକାଟୁ ନଗର ମଣ୍ଡଳ ତରଫରୁ ନୂଆବୁରୁପଡ଼ା ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହିଞ୍ଜିଳି ମଣ୍ଡଳ ସଭାପତି ସୁଧାଂଶୁ ଶେଖର ସାବତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଘୁମୁସର (ଆସିକା) ସାଂଗଠନିକ ଜିଲ୍ଲା ବିଜେପି ସଭାପତି ବିଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଜନତା ପାର୍ଟିର ଗଠନ, ଲକ୍ଷ ଓ ଐତିହ୍ୟ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ବିସ୍ତୃତ ବିବରଣୀ ରଖିଥିଲେ। ପୂର୍ବତନ ମଣ୍ଡଳ ସଭାପତି ସନ୍ତୋଷ ଓ ରାକେଶ ରଥ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ହିଞ୍ଜିଳି ମଣ୍ଡଳର ସମସ୍ତ ପଦାଧିକାରୀ, ମୋର୍ଚ୍ଚା ସଭାପତି, ଶକ୍ତି କେନ୍ଦ୍ର ପ୍ରମୁଖ, ବୁଥ ସଭାପତି ଓ ସକ୍ରିୟ ସଦସ୍ୟ ଉପସ୍ଥିତ ଥିଲେ।

# ଜଳ ଅବଶୋଷଣ ଖାତ ନିର୍ମାଣରେ ଦୁର୍ନୀତି



**ଗୋଛାପଡ଼ା,୧୭।୬ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ନୂଆଗାଁ ବ୍ଲକ କଞ୍ଚାମେଣ୍ଡି ପଂଚାୟତରେ ଏମଜି ଏନ ଆର ଜିଏ ଯୋଜନାରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ଦୁର୍ନୀତି ହୋଇଥିବାର ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ପାହାଡିଆ ଅଞ୍ଚଳରୁ ବହିଯାଉଥିବା ବର୍ଷା ପାଣି କୁ ସଂରକ୍ଷଣ କରିବା ପାଇଁ ଡଗାପାଙ୍ଗ ଠାରୁ କୁଟିକିଆ ଗାଁ ରେ ଆର୍ଥିକ ବର୍ଷ ୨୦୨୨ ଓ ୨୦୨୩ ମସିହାରେ ଏମଜି ଏନ ଆର ଜିଏ ଯୋଜନାରେ ୭ଲକ୍ଷ୍ୟ ଟଙ୍କା ମଞ୍ଜୁରୀ ହୋଇ ଥିଲା । ସରକାରଙ୍କ ନିୟମ ଅନୁଯାଇ ଦୁଇ ହଜାର ଟି ଜଳ ଅବଶୋଷଣ ଖାତ ନିର୍ମାଣ କରିବାର ନିୟମ ରହିଥିବା ବେଳେ ଗାଁ ସାଥି ଜୟ କୃଷ୍ଣ ପ୍ରଧାନ ଚଞ୍ଚ କତା କରି ୨୦୦ଟି ଜଳ ଅବଶୋଷଣ ଖାତ ଖୋଳି ୬ଲକ୍ଷ୍ୟ ୭୫ ହଜାର ୭ସହ ୨୧ ଟଙ୍କା ଉଠାଇ ଛନ୍ତି। ଯେଉଁ ଯୋଗ୍ୟ ଶ୍ରମିକ ମାନେ କାମ କରିଥିଲେ। ସେମାନେ ମଜୁରୀ ଟଙ୍କା ପାଇନଥିବା ବେଳେ ଯେଉ ମାନେ କାମ କରି ନାହାଁନ୍ତି ତାଙ୍କ ବ୍ୟାଙ୍କ ଖାତାକୁ ଗାଁ ସାଥି ଜଣଙ୍କ ଟଙ୍କା ପଠାଇ ସରକାରୀ ଟଙ୍କା ଆତ୍ମ ସାତ କରି ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧି କାରି କେଶବ ଚନ୍ଦ୍ର କାଁହ୍ମୋ ଙ୍କୁ ପଚାରିବାରୁ ସେ ସନ୍ତସ ଜନକ ଉତ୍ତର ଦେଇ ପାରି ନାହାଁନ୍ତି । ଏବଂ ଉକ୍ତ ଏମ ଜି ଏନ ଆର ଜିଏ କାର୍ଯ୍ୟ ଆରମ୍ଭ କରିବାର ଏମ ଭି ବୁକ ଏବଂ ମଷ୍ଟ୍ରଲ ବାହାର କରିବା ସମୟରେ ନିୟଜିତ ଶ୍ରମିକ ଙ୍କ ଫୋଟ ନଥିବା ଉକ୍ତ କାମର କୌଣସି ରେକଡ଼ ନଥିବା ଯୋଗୁଁ ଭିଜଲାନ୍ସ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଅଞ୍ଚଳ ବାସି ଦାବି କରିଛନ୍ତି ।

## ବସୁମତି ସ୍ନାନ: ମହଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ ତାରାତାରିଣୀ

**ପୁରୁଷୋତ୍ତମପୁର,୧୭।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲାର ପ୍ରଶିଦ୍ଧ ଇଷ୍ଟଦେବୀ ମା'ତାରାତାରିଣୀଙ୍କ ପୀଠରେ ପବିତ୍ର ବସୁମତି ସ୍ନାନ ଅବସରରେ ସ୍ୱତନ୍ତ୍ର ପୂଜାପାଠ ଅନୁଷ୍ଠିତ ହୋଇଛି।

ଏହି ଅବସରରେ ସେବାୟତମାନେ ମା' ତାରାତାରିଣୀଙ୍କୁ ବସୁମତି ସ୍ନାନ କରାଇଥିଲେ। ଏହାପରେ ରିତିନିତି ପ୍ରକାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ କରାଯାଇ ମହାଲକ୍ଷ୍ମୀ ବେଷରେ ସଜିତ କରାଯାଇଥିଲା। ଏହି ମହାଲକ୍ଷ୍ମୀ ବେଷରେ ତାରାତାରିଣୀ ଦୁଇଭଉଣୀ ଭକ୍ତଙ୍କୁ ଦର୍ଶନଦେବାରେ ଲାଗିଛନ୍ତି।



## ସ୍ତ୍ରୀର ଟାଙ୍ଗିଆ ଚୋଟରେ ସ୍ୱାମୀ ମୃତ



**ଫୁଲବାଣୀ,୧୭।୬ (ସଂଚାର ବ୍ୟୁରୋ):** ଖଜୁରୀପଡ଼ା ଥାନା ଅଧୀନରେ ଥିବା ଝାଞ୍ଜି ଗ୍ରାମରେ ସ୍ତ୍ରୀର ଟାଙ୍ଗିଆ ଚୋଟରେ ସ୍ୱାମୀ ମୃତ ହୋଇଥିବା ସୂଚନା ମିଳିଛି।ସୂଚନା ମୁତାବକ ଉକ୍ତ ଗାଁର ପ୍ରଶାନ୍ତ କହଁର ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଆସି ସ୍ତ୍ରୀକୁ ମାଡ଼ ମାରିବା ସହିତ ନିର୍ଯାତନା ଦେଇ ଆସୁଥିଲା ।ଯାହା ଫଳରେ ଛଅ ଗୋଟି ପୁତ୍ର ସନ୍ତାନ କୁ ଧରି ସ୍ତ୍ରୀ ଅହଲ୍ୟା କହଁର ଦୁଃଖଦ ଜୀବନ ଯିଉଁ ଥିଲା। ସ୍ୱାମୀ ନିଶାସକ୍ତ ରହିବା ସହିତ ପରକ୍ରୀୟା ପ୍ରୀତିରେ ଯୋଡିତ ରହୁଥିଲା । ତେଣୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୁଏ।ପରିବାରରେ ଅଶାନ୍ତି ଲାଗି ରହିଥିଲା ।ଯାହା ଫଳରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡ଼ା ହେବାରୁ ସ୍ୱାମୀ ପ୍ରଶାନ୍ତ ନିଶାସକ୍ତ ଅବସ୍ଥାରେ ଟାଙ୍ଗିଆ ଧରି ସ୍ତ୍ରୀ ଅହଲ୍ୟା ହାଣିବା ପାଇଁ ଗୋଡାଇବା ବେଳେ ସ୍ୱାମୀ ହାତରୁ ସ୍ତ୍ରୀ ଟାଙ୍ଗିଆ ଛଡେଇ ସ୍ୱାମୀ କୁ ଫେସା ପିଟି ଦେଇଛି। ଏ ନେଇ ଥାନାରେ ୧୩୮/୨୫ ମାମଲା ରୁଜୁ କରାଯାଇଛି।ମୃତ ଅବସ୍ଥାରେ ପୋଲିସ ଭ୍ୟାନ୍ରେ ପ୍ରଶାନ୍ତକୁ ଉଦ୍ଧାର କରି ଖଜୁରୀପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ଫୁଲବାଣୀ ମେଡ଼ିକାଲକୁ ମୃତ କରାଯାଇଛି ବୋଲି ଥାନା ଅଧିକାରୀ ଚାପ ଧାରୀ ପ୍ରଧାନ ସୂଚନା ଦେଇଛନ୍ତି।

## କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ




**ନର୍ଲା,୧୭।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ନର୍ଲା ଠାରେ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ନର୍ଲା ଚାରିଛକରୁ ବାହାରି ନଗର ପରିକ୍ରମା କରିବାସହ ଏକ ସମାବେଶ ଆୟୋଜିତ ହୋଇଥିଲା। ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମର ମଞ୍ଚ ସଂଚାଳନ କରିଥିଲେ ନର୍ଲାର ବରିଷ୍ଠ କଂଗ୍ରେସ ନେତା ଚୁଳମଣି ଗୌଡିଆ। ସମାବେଶରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା ଯୋଗଦେଇ ସମ୍ବିଧାନ ବଞ୍ଚାଅ ସମାବେଶର ଉଦ୍ଦେଶ୍ୟ ସଂପର୍କରେ ବିଷଦ ଭାବେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ସାଖା ସୁଜିତ, ସହ ପ୍ରଭାରୀ ସୁଜିତ ବାବୁ, ଜିଲ୍ଲା ଉପସଭାପତି ଉତ୍ସବ ସାହୁ, କଳାହାଣ୍ଡି କଂଗ୍ରେସ ସାଂସଦ ପ୍ରାର୍ଥୀନୀ ଦ୍ରୋପଦୀ ମାଝୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାଏବ, ନର୍ଲା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ନିରଜ ଶର୍ମା, ନର୍ଲା ବ୍ଲକ ଯୁବ କଂଗ୍ରେସ ସଭାପତି ଦିପୁ ପାତ୍ର, ନର୍ଲା ନିର୍ବାଚନ ମଣ୍ଡଳୀ ସମ୍ବିଧାନ ବଞ୍ଚାଅ ଅଧ୍ୟକ୍ଷ ରାଜୁ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ରଜନୀ କୁମାର, ଅନି ବିଶ୍ୱାଳ, ଚିତ୍ତରଞ୍ଜନ ବାଗ, ନିର୍ମଳ ନାଏକ, ରୁଦ୍ର ପ୍ରତାପ ସିଂ, ସୁରେଶ ଚୌଧୁରୀ, ରାଜକୁମାର ଜୈନ, ଜ୍ୟୋତ୍ସ୍ନା ବରର୍ତ୍ତୀ, କାଳିଆ ଚୌଧୁରୀ, ସିଧାର୍ଥ ନାଏକ, ଜଳନ୍ଧର ନାଏକ, ଯୋଶୋଦା ନାଗ, ରାଜକୁମାରୀ ସରାଫ, ଇନ୍ଦ୍ରଜିତ ମହାକୁଡଙ୍କ ସମେତ ଅନେକ ମାନ୍ୟଗଣ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଆଜିର ଏହି ସମାବେଶରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଛନ୍ତି କଂଗ୍ରେସ ନେତୃବୃନ୍ଦ।

# ପଞ୍ଚାୟତ ପରିସରରେ ବିକାଶ ମେଳା ଅନୁଷ୍ଠିତ



**ସୁନ୍ଦରଗଡ,୧୭।୬(ସଂଚାର ବ୍ୟୁରୋ):** ରାଜ୍ୟରେ ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ ସାରା ରାଜ୍ୟରେ ଚାଲିଛି ବିକାଶ ମେଳା। ଏହି ପରିପେକ୍ଷୀରେ ମଙ୍ଗଳବାର ଟାଙ୍ଗରପାଲି ବ୍ଲକ ଟାଙ୍ଗରପାଲି ଗ୍ରାମ ପଞ୍ଚାୟତ ପରିସରରେ ଟାଙ୍ଗରପାଲି ବିଡିଓ ବିରସେନ ବେହେରାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିକାଶ ମେଳା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ବିକାଶ ମେଳାର ରଥକୁ ସ୍ୱାଗତ ଜଣାଇ ପୂଜାର୍ଚ୍ଚନା କରିଥିଲେ । ତାପରେ ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ବିକାଶ ମେଳାକୁ ଉଦଘାଟନ କରିଥିଲେ । ବିକାଶ ମେଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟିକା କୁସୁମ ଟେଟେ, ମଙ୍ଗସପୁର ଚିକିତ୍ସାଳୟ ଅଧିକାରୀ ଡ.ନୂତନ କୁଜୁର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସରୋଜିନୀ ମିଶ୍ର, ତହସିଲଦାର ପୁଷ୍ପାଞ୍ଜଳି ଚୌଧୁରୀ ଉପସ୍ଥିତ ରହି ନିଜ ନିଜ ବିଭାଗରେ ସରକାରଙ୍କ ଯୋଜନା ସମ୍ପର୍କରେ ଜନ ସାଧାରଣଙ୍କୁ ଅବଗତ କରାଇ ଥିଲେ । ପ୍ରତ୍ୟେକ ବିଭାଗର ଅଧିକାରୀ ମାନେ ନିଜ ନିଜ ବିଭାଗର ସରକାରଙ୍କ ଯୋଜନା ସମ୍ପର୍କରେ ଜନ ସାଧାରଣଙ୍କୁ ଅବଗତ କରିଥିଲେ । ରାଜ୍ୟ ସରକାର ଦାୟିତ୍ୱ ଗ୍ରହଣ କରିବା ସମୟରେ ଲୋକଙ୍କୁ ଦେଇଥିବା ୨୧ ଟି ସଂକଳ୍ପ ମଧ୍ୟରୁ ବର୍ତ୍ତମାନ ଯାଏ ୧୧ ଟି ପୁରଣ ହୋଇସାରିଛି । ଆଗାମୀ ଦିନରେ ବାକି ରହିଥିବା ସଂକଳ୍ପକୁ ସମ୍ପୂର୍ଣ୍ଣ କରିବା ସହ ଲୋକଙ୍କ ନିକଟତର ହେବା ପାଇଁ ଅଧିକାରୀ ମାନେ ବକ୍ତବ୍ୟ ରଖିଥିଲେ । ବିକାଶ ମେଳାରେ ପାରମ୍ପାରିକ ଖାଦ୍ୟ ମେଳା ସହ ବିଭିନ୍ନ ବିଭାଗର କର୍ମଚାରୀ ମାନେ ଷ୍ଟଲ ଖୋଲି ଜନ ସାଧାରଣଙ୍କୁ ବୁଝାଇ ଥିଲେ । ବ୍ଲକ ସମ୍ପ୍ରସାରଣ ଅଧିକାରୀ କାଳିଦାସ ମାରାଣ୍ଡି ମଞ୍ଚ ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ ସାମାଜିକ ମଙ୍ଗଳ ଅଧିକାରୀ ପୁଲିନ ମଗର ଧନ୍ୟବାଦ ଅର୍ପଣ କରିଥିଲେ ।

## ସରପଞ୍ଚଙ୍କ ମାତୃ ବିୟୋଗ



**ତିର୍ତ୍ତୋଲ,୧୭।୬(ସଂଚାର ବ୍ୟୁରୋ):** ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ସରପଞ୍ଚ ସୁଶାନ୍ତ ନାୟକ ଙ୍କ ମାତୃ ବିଦୁଲତା ନାୟକ ଙ୍କର ଗତ ଶନିବାର ମଧ୍ୟ ରାତିରେ ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା । ଶ୍ରୀମତୀ ନାୟକ ଜଣେ ମିଷ୍ଟଭାଷୀ ପରୋପକାରୀ ଲୋକ ଥିଲେ । ମୃତ୍ୟୁ ବେଳକୁ ତାଙ୍କ ପାଖରେ ବଡ ପୁଅ ତଥା ପୂର୍ବତନ ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ନାୟକ ଙ୍କ ସମେତ ୫ ପୁଅ ଓ ଝିଅ ଉପସ୍ଥିତ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଦୁଲତା ଙ୍କ ପାର୍ଥିବ ଶରୀର କୁ ଶେଷ ଦର୍ଶନ କରିଥିଲେ। ବିଦୁଲତା ଙ୍କ ପରଲୋକ ରେ ସମଗ୍ର ପଞ୍ଚାୟତ ରେ ଶୋକର ଲହରୀ ଖେଳିଯାଇଛି ।

## ଛେଳି ଓ ମେଣ୍ଢା ପଲ ଉପରେ ମାଡିଗଲା ଟ୍ରକ୍

**ଖଲ୍ଲିକୋଟ,୧୭।୬(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ବଡ଼ ଘାଟି ରାସ୍ତାରେ ମଙ୍ଗଳବାର ଅପରାହ୍ନରେରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଛେଳି ପଲ ରାସ୍ତାରେ ଯାଉଥିବା ବେଳେ ଏକ ଟ୍ରକ ମାଡି ଯିବାରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛେଳିଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ଧାମିୟା ପାତ୍ର ସକାଳୁ ଛେଳି ଓ ମେଣ୍ଢା ପଲ ଧରି ବଡ଼ ଘାଟି ଉପରକୁ ଚରାଇବାକୁ ନେଇଥିଲେ। ସେଠାରୁ ଦିନ ଦୁଇଟାରେ ଛେଳି ଓ ମେଣ୍ଢା ପଲ ଧରି ଗାଁକୁ ଫେରୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ପଲ ଉପରେ ମାଡି ଚାଲି ଯାଇଥିଲା। ପଲରେ ୨୦୦ ଛେଳି ଓ ମେଣ୍ଢା ରହିଥିବା ବେଳେ ଟ୍ରକ ଚାପାରେ ପ୍ରାୟ ୫୦ ଛେଳି ଓ ମେଣ୍ଢା ଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ସ୍ଥଳର ଦୃଶ୍ୟ ଏତେ ଭୟଙ୍କର ଥିଲା ଯେ ଛେଳି ଓ ମେଣ୍ଢାଙ୍କ ଗୋଡ଼, ମୁଣ୍ଡ, ରକ୍ତ, ମାଂସ ରାସ୍ତା ସାରା ବିଛାଡି ହୋଇ ପଡିଥିଲା। ସେହି ରାସ୍ତା ଦେଇ ଯାଉଥିବା ପଥଚାରୀ ଓ ଯାତ୍ରୀମାନେ ଏଭଳି ଦୃଶ୍ୟ ଦେଖି ଶିହରୀ ଉଠୁଥିଲେ। ଖବର ପାଇ ଖଲ୍ଲିକୋଟ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଛେଳି ଚରାଳିଙ୍କୁ ପଚାରି ବୁଝିଥିଲେ। ଏହା ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ବି.ମୋଚି ପାତ୍ରଏବଂ ବି.ରାମପାତ୍ର ଛେଳି ଓ ମେଣ୍ଢା ଗୋଠ ବୋଲି ଜଣାପଡିଛି।



# ୱେବ୍‌ସିରିଜ୍ 'ଗୁଦନୀ'ର ଶୁଭ ମହୁରତ




**ସୁବର୍ଣ୍ଣପୁର,୧୭।୬(ସଂଚାର ବ୍ୟୁରୋ):** ପଶ୍ଚିମ ଓଡିଶାର ଲୁକ୍କାୟିତ କଳା ଓ କଳାକାରଙ୍କୁ ପ୍ରୋତ୍ସାହନ ଦେବା ପାଇଁ ପଶ୍ଚିମ ମିଡିଆ ନେଟୱାର୍କ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ନିର୍ମାଣ ହେବାକୁ ଥିବା ପ୍ରଥମ ୱେବ୍‌ସିରିଜ୍ 'ଗୁଦନି'ର ଶୁଭ ମହୁରତ ସୁରେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ଅଧ୍ୟକ୍ଷ ଶୁଭାଶିଷ ରଥଙ୍କ ସହ କମ୍ପାନୀ ନିର୍ଦ୍ଦେଶକ ଶିବରାମ ମହାପାତ୍ର, ଧରଣୀଧର ମିଶ୍ର ଓ ଗଣପତି ବାଘ ଉପସ୍ଥିତ ରହି 'ପଶ୍ଚିମ' ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ତେବେ ପଶ୍ଚିମ ରାଜ୍ୟର ପ୍ରଥମ ଏବଂ ଏକମାତ୍ର ଓଟିଟି ପ୍ଲାଟଫର୍ମ ଯେଉଁଥିରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ନ୍ୟୁଜ ମଧ୍ୟ ପ୍ରସାରଣ ହେବ ବୋଲି ଶୁଭାଶିଷ ସୂଚନା ଦେଇଥିଲେ। ୱେବ୍‌ସିରିଜ 'ଗୁଦନି'ର ନିର୍ଦ୍ଦେଶକ ଅଛନ୍ତି ନାଟ୍ୟଶ୍ରୀ ଗଦାଧର ବାରିକ । 'ଗୁଦନି' ଜନଜାତିଙ୍କ ଲୁକ୍କାୟିତ କଳା ଓ ଜୀବନଦର୍ଶନ ଉପରେ ଆଧାରିତ ବୋଲି ନିର୍ଦ୍ଦେଶକ କହିଥିଲେ । ପଶ୍ଚିମ ଓଡିଶାର ୫୦ ଜଣ କଳାକାର ଏଥିରେ ଅଭିନୟ କରୁଛନ୍ତି ବୋଲି ସେ ସୂଚନା ଦେଇଥିଲେ। 'ଗୁଦନି'ର ମୁଖ୍ୟ ଆକର୍ଷଣ ହେଉଛନ୍ତି ବଲିଉଡ ଅଭିନେତା ଜଗନ୍ନାଥ ସେଠ । ପଶ୍ଚିମ ଓଡିଶାର ଗାଁ ଗହଳିର କଳାକାରଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିବାରୁ ସେ ପଶ୍ଚିମ ମିଡିଆ ନେଟୱାର୍କ ପ୍ରାଇଭେଟ ଲିମିଟେଡର ଉଦ୍ୟମକୁ ଖୁବ୍ ପ୍ରଶଂସା କରିଥିଲେ । ସକାରାତ୍ମକ ମନରେ କାମ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ଶିକ୍ଷାବିତ୍ ଗତିକୃଷ୍ଣ ମିଶ୍ର ତାଙ୍କ ଅଭିଭାଷଣରେ କହିଥିଲେ । ଏହି ୱେବସିରିଜର ସଂଳାପ ବବଲୁ ବାଘ ଲେଖିଥିବା ବେଳେ ଡିଓପି ଗୋପାଳ ପ୍ରଧାନ ରହିଛନ୍ତି । ସଂଗୀତ ନିର୍ଦ୍ଦେଶକ ପଙ୍କଜ ଜାଲଙ୍କ ନିର୍ଦ୍ଦେଶନାରେ ଗୀତ ଗୁଡିକ ଖୁବ୍ ମନଛୁଆଁ ହୋଇଛି। ଏକ ପ୍ରମୁଖ ଭୂମିକାରେ କଂସ ମହାରାଜ ସୁଶୀଳ ମେହେର ମଧ୍ୟ ଅଭିନୟ କରୁଛନ୍ତି । ପଶ୍ଚିମ ଓଡିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରୁ ସୁଟିଂ ଆରମ୍ଭ ହୋଇଛି । ତେବେ ଆଉ ଏକ ମେଗା ୱେବସିରିଜ, ସର୍ଟ ଫିଲ୍ମ, ଡକ୍ୟୁମେଣ୍ଟାରୀ ଏବଂ ରିଅଲିଟି ସୋ'ର ନିର୍ମାଣ ଆରମ୍ଭ ହୋଇଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।

● ପ୍ରଥମ ଥର ରଜ କୁଇନ ସିଜିନ ୱାନ ଅଡ଼ିସନ ଅନୁଷ୍ଠିତ

## ରଜ କୁଇନ ହେଲେ ଦିବ୍ୟାଂଶୀ ଓ ସାନଭି




**ଯାଜପୁର ରୋଡ଼, ୧୭।୬(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଂଚଳ ସହରରେ ଥିବା ଚନ୍ଦନ ଜୁଏଲାର୍ସ ତରଫରୁ ବିଭିନ୍ନ ଜିଲ୍ଲା କୁନି କୁନି ପିଲାମାନଙ୍କୁ ନେଇ ଆୟୋଜିତ ହୋଇଥିବା ରଜ କୁଇନର ସିଜିନ ୱାନ ମେଗା ଅଡିସନ ଆଜି ବ୍ୟାସନଗର ସ୍ଥିତ ସଂସ୍କୃତି ଭବନ ପରିସର ରେ ଅନୁଷ୍ଠିତ ହୋଇଯାଇଅଛି। ଏହି ରଜକୁଇନ ସିଜିନ ଓ୍ୱାନରେ ମୋଟ ୮୫ ଜଣ ଅଂଶଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣ ପ୍ରତିଯୋଗି ମାନଙ୍କୁ ନେଇ ମେଗା ଅଡିସନରେ ସୁଯୋଗ ଦିଆଯାଇଥିଲା ।ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ଯାଜପୁର ରୋଡର ଦିବ୍ୟାନ୍ସୀ ବିଶ୍ୱାଳ ପ୍ରଥମ ହୋଇଥିବା ବେଳେ ଭଦ୍ରକ ଅଂଚଳର ସାନଭି ମହାନ୍ତି ଦ୍ୱିତୀୟ ସ୍ଥାନ ଅର୍ଜନ କରିଥିବା ଚନ୍ଦନ ଜୁଏଲାର୍ସର ପ୍ରୋପାଇଟର ଚନ୍ଦନ କୁମାର କର୍ମେକାର ସୂଚନା ଦେଇଛନ୍ତି। ଏଥି ସହିତ ମେଗା ଅଡିସନରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀ ମାନଙ୍କୁ ଚନ୍ଦନ ଜୁଏଲାର୍ସ ତରଫରୁ ସାର୍ଟିଫିକେଟ ଓ ଟ୍ରଫି ସହ ୫ ହଜାର ଟଙ୍କାର ପରଚେଜ କୁପନ ପ୍ରଦାନ କରିବା ସହିତ ରଜ କୁଇନ ହୋଇଥିବା ପ୍ରଥମ ଓ ଦ୍ୱିତୀୟ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ତରଫରୁ ଆର୍ଥିକ ରାଶି ୫ ହଜାର ୩ ଶହ ଓ ୩ ହଜାର ୩ ଶହ ଟଙ୍କା ପ୍ରଦାନ କରାଯିବା ସହ ୧୫ ହଜାର ଓ ୧୦ ହଜାର ଟଙ୍କାର ପରଚେଜ କୁପନ ଦିଆଯାଇଥିବା ରଞ୍ଜନ କୁମାର କର୍ମେକାର କହିଥିଲେ। କୁନି କୁନି ପିଲାମାନଙ୍କ ଭିତରେ ରହିଥିବା ଲୁକାୟିତ ପ୍ରତିଭା କୁ ଲୋକଲୋଚନକୁ ଆଣିବା ପାଇଁ ଚନ୍ଦନ ଜୁଏଲାର୍ସର ଏଭଳି ଏକ ଭିନ୍ନପ୍ରୟାସକୁ ସହରବାସୀ ପ୍ରଶଂସା କରିଛନ୍ତି।

## ଶ୍ରୀହୀନ ହେବାକୁ ବସିଲାଣି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର

### ରାଜନେତାଙ୍କ ଦୃଷ୍ଟି ଆଢୁଆଳରେ




**ବୈଶିଙ୍ଗା,୧୭।୬(ସଂଚାର ବ୍ୟୁରୋ):** ଶହେବର୍ଷ ତଳେ ତତ୍କାଳୀନ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା କଦଳିଆ ପ୍ରଗଣା ଅଧିନ ୫୦ଖଣ୍ଡ ରାଜସ୍ୱ ଗ୍ରାମ ର ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଏହାର କେନ୍ଦ୍ରସ୍ଥଳ ଭାବେ ବୈଶିଙ୍ଗା ଠାରେ ଏକ ଆଞ୍ଚଳିକ ଡାକ୍ତରଖାନା ସ୍ଥାପନା କରିଥିଲେ।ଶହେ ବର୍ଷ ପରେ ମଧ୍ୟ ଆଜି ବି ସେହି ଆଞ୍ଚଳିକ ଡାକ୍ତରଖାନା ଭାବେ ପରିଗଣିତ ହେଉଛି। ଆବଶ୍ୟକୀୟ ଅଭିଜ୍ଞ ଡାକ୍ତର, ନର୍ସ, ଫାର୍ମାଶିଷ୍ଟ, ଡ୍ରେସର, ସ୍ୱିପର ନଥିବା ଆସୁଥିବା ରୋଗୀମାନେ ପ୍ରକାଶ କରିଛନ୍ତି। ଦୈନିକ ୨୫୦ ରୁ ୩୦୦ ରୋଗୀ ଆସୁଥିବା ବେଳେ ଖରା ବର୍ଷାରେ ଘଣ୍ଟା ଘଣ୍ଟାଧରି ସେମାନଙ୍କୁ ବାହାରେ ଠିଆ ହୋଇ ରହିବାକୁ ପଡୁଛି । ଡାକ୍ତର ଙ୍କର ସିଫ୍ଟ ଟାଇମ ନ ହେଲେ ଡ୍ୟୁଟିରେ ଆସନ୍ତି ନାହିଁ। ଆଉଟଡୋର ରେ ସିକ୍ୟୁରିଟି ରୋଗୀ ଙ୍କ ନାମ ସିରିୟାଲ କରୁ ଥିବାର ରୋଗୀମାନେ ପ୍ରକାଶ କରିଛନ୍ତି । ସେହିଭଳି ମେଡିସିନ ଦେବାପାଇଁ ଦୁଇ ଜଣ ଫାର୍ମାସିଷ୍ଟ କାର୍ଯ୍ୟ ଚଳାଇଥିବା ବେଳେ ୪/୫ ଦିନ ତଳେ ଜଣେ ଫାର୍ମାସିଷ୍ଟ ପ୍ରଶାନ୍ତ କୁମାର ଜେନାଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଥିବା ଜଣାଯାଇଛି । ଫଳରେ ଜଣେ ଫାର୍ମାସିଷ୍ଟ ମନୋରଞ୍ଜନ ମିଶ୍ର ଙ୍କୁ ଏକୁଟିଆ ମେଡିସିନ ଡିଷ୍ଟ୍ରିବ୍ୟୁଟ କରିବା ପାଇଁ ହଇରାଣ ହେବାକୁ ପଡୁଛି । ଏଥିସହିତ କୁକୁର କାମୁଡା ରୋଗୀ ମଧ୍ୟ ଅଧିକ ସଂଖ୍ୟାରେ ଆସୁଥିବା କାରଣରୁ ଜଣେ ଫାର୍ମାସିଷ୍ଟ କୁ ନାକେଦମ ହେବାକୁ ପଡୁଛି। ସେହିଭଳି ଅଭିଜ୍ଞ ଡାକ୍ତର ବିନା ରୋଗୀମାନଙ୍କୁ ବାହାରକୁ ବଡ ଡାକ୍ତରଖାନା ଯିବାକୁ ପଡୁଛି।ନୂଆ ସରକାର ଙ୍କର ସ୍ୱାସ୍ଥ୍ୟମନ୍ତ୍ରୀ ଡାଃ ମୁକେଶ ମହାଲିଙ୍ଗ ଙ୍କ ବୈଶିଙ୍ଗା ଡାକ୍ତରଖାନା ଗସ୍ତ ସମୟରେ ସମସ୍ତ ବିଷୟ ଅବରତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କିଛି ପଦକ୍ଷେପ ନିଆ ଯାଇ ନ ଥିବା ଜଣାଯାଇଛି । ସ୍ୱାସ୍ଥ୍ୟ ସେବା ପ୍ରତି ଅଧିକ ଧ୍ୟାନ ଦେବାକୁ ସାଧାରଣରେ ଦାବୀ ହେଉଛି ।

## ରଜପର୍ବ ଉପଲକ୍ଷେ ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟ



**କନ୍ଧମାଳ, ୧୭।୬ (ସଂଚାର ବ୍ୟୁରୋ):** ରଜପର୍ବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଉତ୍ସବ ଉପଲକ୍ଷେ ରଜ ଦୋଳି ସାଙ୍ଗକୁ ବିଭିନ୍ନ ଖେଳ, କୁଇଜ୍ ପ୍ରତିଯୋଗିତା କରାଯାଇଥିବା ବେଳେ କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଅରାପାଜୁ ପଞ୍ଚାୟତ ପେନାବାଲି ଲୋକକଳା ଗ୍ରାମରେ ବୀରପ୍ରତାପ ଯୁବକ ସଂଘ ସହଯୋଗରେ ଭଲିବଲ କମିଟି ତରଫରୁ ଏକ ଦିନିକିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡା ବିଧାୟକ ସ୍ୱାସ୍ଥ୍ୟ ପ୍ରତିନିଧି ରାଈକିଶୋର ପ୍ରଧାନ ଉଦଘାଟନ କରିଥିବାବେଳେ ଯୁବନେତା ବିକ୍ରମସେନ ଦେହୁରୀ ଯୋଗଦେଇ ଥିଲେ। ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୬ଟି ଟିମ୍ ଭାଗନେଇ ଥିଲେ । ଫାଇନାଲ କୁ ସୁତ୍ରୁକୁମ୍ପା ଓ ପେନାବାଲି ପ୍ରବେଶ କରିଥିଲା । ଫାଇନାଲ ମ୍ୟାଚରେ ସୁତ୍ରୁକୁମ୍ପା ଟିମ୍ କୁ ପରାସ୍ତ କରି ପେନାବାଲି ବିଜୟୀ ଲାଭ କରିଥିଲା। ଉଦ୍ ଯାପନି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡା ଜିଲ୍ଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ, ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ, ବିଜେପି ମଣ୍ଡଳ ସଭାପତି ରଞ୍ଜନ କୁମାର କହଁର ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରି ଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ




**ସୁବର୍ଣ୍ଣପୁର,୧୭।୬(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ଥାନୀୟ ସରକାରୀ ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ର ସୁବର୍ଣ୍ଣପୁର ତାଲିମ ଗୃହ ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ପରିବେଶ ଦିବସ ଅଧୀକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ଼ା ଦୁର୍ଗା ଦତ୍ତ ଦାଶ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇ ଯାଇଛି କ୍ଷ ଉକ୍ତ ସଭା ରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ରୋଗ ନିୟନ୍ତ୍ରଣ ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ ଓ ଅଧୀକ୍ଷକ ସ୍ମିତା। ଶ୍ରୀ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଆମେ ସମସ୍ତେ ଏକତ୍ରିତ ହୋଇ ଏକ ଉତ୍ତମ ସୁନ୍ଦର ପରିବେଶ ସୃଷ୍ଟି କରି ଏହାର ସୁରକ୍ଷା ପାଇଁ ସମସ୍ତେ ମିଶି ପ୍ରଥମେ ନିଜେ ବୃକ୍ଷ ରୋପଣ କରି ଅନ୍ୟ ମାନଙ୍କୁ ପ୍ରୋତ୍ସାହିତ କରି ବୃକ୍ଷ ର ବଂଶ ବୃଦ୍ଧି କରି ଆମ ପରିବେଶ କୁ ପ୍ରଦୂଷଣ ମୁକ୍ତ କରିପାରିବା ଏବଂ ଜନ ସଂଖ୍ୟା ବୃଦ୍ଧି କୁ ନିୟନ୍ତ୍ରଣ କରିବା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଅଲଲୋଚନା କରିଥିଲେ ଓ ସମ୍ମିଳିତ ପ୍ରୟାସ ଉପରେ ବିଷଦ ଭାବରେ ଆଲୋଚନା କରି ଆମେ ସମସ୍ତେ ସନ୍ତୁଳିତ ଖାଦ୍ୟ, ଉତ୍ତମ ଜୀବନ ଶୈଳୀ, ନିଶା ଯୁକ୍ତ ଖାଦ୍ୟ ରୁ ବିରତ ହୋଇ ଶାରୀରିକ ପରିଶ୍ରମ କରିବା , ଧୂମପାନ ରୁ ସମ୍ପୂର୍ଣ୍ଣ ମାତ୍ରା ରେ ମୁକ୍ତ ରହିବା, ଯୋଗ ଓ ଧ୍ୟାନ ଅଭ୍ୟାସ କରିବା ଉପରେ ସମସ୍ତ ଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସଚେତନତା ବାର୍ତ୍ତା ପ୍ରଦାନ କରି ସୁସ୍ଥ ସୁନ୍ଦର ସମାଜ ଗଠନ ସମ୍ଭବ ହୋଇ ପାରିବା ଉପରେ ବୁଝାଇ ଥିଲେ। ଉକ୍ତ ସଭାରେ ବିଭିନ୍ନ ସାମାଜିକ ତଥା ସ୍ୱେଚ୍ଛାସେବୀ ସଂଗଠନ ର ମୁଖ୍ୟ କର୍ମକର୍ତ୍ତା ବୃନ୍ଦ, ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ର ଛାତ୍ରୀ , ନର୍ସିଂ ଅଫିସର ,ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ଶିହେଲି ହଳଦାର ଓ ମଧୁସ୍ମିତା କର ସହଯୋଗ କରିଥିଲେକ୍ଷ ଶେଷ ରେ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।